# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ମାର୍ଚ୍ଚ ୨୩/୨୦୨୧ (୧୬ ପୃଷ୍ଠା) | Berhampur, Tuesday, March 23/2021 | ★★★

୧୭ଶ ଭାଗ ୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଏମିତି ପ୍ରେମରେ ପଡ଼ିଥିଲେ ଶିଳ୍ପା**

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ଏକ ଫିଲ୍ମର ଶୁଟିଂ ବେଳେ ଲଣ୍ଡନ୍‌ରେ ରାଜ୍‌ଙ୍କୁ ଭେଟିଥିଲେ ବୋଲି ଏକ ସଙ୍ଗୀତ ରିୟାଲିଟି ଶୋ'ରେ କହିଛନ୍ତି। ୧୪

୧୬ **ମନୁ ଭାକରଙ୍କୁ ସ୍ୱର୍ଣ୍ଣ**

ଶୁଟିଂ ବିଶ୍ୱକପ୍‌ରେ ମନୁ ଭାକର ଓ ତାଙ୍କ ପାର୍ଟନର ସୌରଭ ଚୌଧୁରୀ ୧୦ମିଟର ଏୟାର ପିସ୍ତଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ଫେରିଲା ନାଇଟ୍ କର୍ଫ୍ୟୁ

## ଆଜିଠୁ ମାଲକାନଗିରି ଜିଲାରେ ୩୧ ମଧ୍ୟରାତ୍ରି ପର୍ଯ୍ୟନ୍ତ ଲାଗୁ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

**ମାଡ଼ିଲାଣି ସଂକ୍ରମଣ, ଲଢ଼େଇ ପାଇଁ ସଜବାଜ**

- ୨୪ ଘଣ୍ଟାରେ ୧୪୬ ପଜିଟିଭ୍ ଚିହ୍ନଟ
- ଆଜି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ
- ପୁଣି ନିୟୋଜିତ ହେବେ ସରପଞ୍ଚ, ୱାର୍ଡ ମେମ୍ବର, ଆଶା

ରାଜ୍ୟରେ ପୁଣି ସକ୍ରିୟ ହୋଇଛି କରୋନା ଭୂତାଣୁ। କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଜିଲାରେ କାୟା ମେଲିବାରେ ଲାଗିଛି। ଦେଶରେ ଦ୍ୱିତୀୟ ଲହର ମାଡ଼ି ଚାଲିଥିବାବେଳେ ଏବେ ଓଡ଼ିଶାରେ ସଂକ୍ରମଣ ବୃଦ୍ଧି ଚିନ୍ତା ବଢ଼ାଇଛି। ଶେଷ ୨୪ ଘଣ୍ଟାରେ ୧୪୬ ପଜିଟିଭ୍ ଚିହ୍ନଟ ହେବା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ ନାଇଟ୍ କର୍ଫ୍ୟୁ ଫେରିଥିବାବେଳେ ବିଭିନ୍ନ ସହର ଓ ଜିଲାରେ କଟକଣା ଲାଗୁ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମାଲକାନଗିରିରେ ସଂକ୍ରମଣ ବଢ଼ିବା ପରେ ନାଇଟ୍ କର୍ଫ୍ୟୁ ଘୋଷଣା କରିଛି ଜିଲା ପ୍ରଶାସନ। ୨୩ ତାରିଖରୁ ୩୧ ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ଏହି କର୍ଫ୍ୟୁ ବଳବତ୍ତର ରହିବ। ରାତି ୯ଟାରୁ ସକାଳ ୬ଟା ଯାଏ କର୍ଫ୍ୟୁ ଲାଗୁ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ସୋମବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବସିଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବିଭାଗର ସଚିବ, ଜିଲାପାଳ ଓ ଏସ୍‌ପିମାନଙ୍କ ସହ କରୋନା ସ୍ଥିତିର ସମୀକ୍ଷା କରିବେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ପ୍ରଦୀପ ଜେନା ସୂଚନା ଦେଇଛନ୍ତି।

ଗତବର୍ଷ ଠିକ୍ ଏହି ସମୟରେ କରୋନା ଓଡ଼ିଶାରେ ପ୍ରବେଶ କରିଥିଲା। ଆଉ ଧୀରେ ଧୀରେ ସବୁ ଜିଲାକୁ ମାଡ଼ିଯାଇଥିଲା। ☞ପୃଷ୍ଠା-୪

## ଏକ୍ସଆଇଏମ୍‌ବିରୁ ୪୫ ପଜିଟିଭ୍

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

- କ୍ୟାମ୍ପସ ସିଲ୍, ପ୍ରବେଶ ଉପରେ କଟକଣା
- ବିଏମ୍‌ସି ଯୋଗାଇବ ଅତ୍ୟାବଶ୍ୟକ ସାମଗ୍ରୀ
- ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକଙ୍କର ଟେଷ୍ଟ ହେବ

କଟକ ପରେ ଏବେ ଭୁବନେଶ୍ୱରରେ ସଂକ୍ରମଣ ଉପରମୁହାଁ ହୋଇଛି। ଭୁବନେଶ୍ୱରସ୍ଥିତ ଜାଭିଅର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଏକ୍ସଆଇଏମ୍‌ବି) କ୍ୟାମ୍ପସ୍‌ରୁ ୪୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଛାତ୍ରୀଛାତ୍ର ଓ କର୍ମଚାରୀ ରହିଛନ୍ତି। ଏ ନେଇ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା ସ୍ପଷ୍ଟ କରିଛନ୍ତି। ସମସ୍ତ ସଂକ୍ରମିତଙ୍କର ଟ୍ରାଭେଲ ହିଷ୍ଟ୍ରି ଜଣାପଡ଼ିଥିବା ଏସ୍‌ଆର୍‌ସି କହିଛନ୍ତି। ଅନ୍ୟପକ୍ଷରେ ଏତେ ସଂଖ୍ୟକ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଏହି ଶିକ୍ଷାନୁଷ୍ଠାନକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସିଲ୍ ☞ପୃଷ୍ଠା-୪

# ଗୃହରେ ମାହାଙ୍ଗା ଝଡ଼

ଭୁବନେଶ୍ୱର,୨୨।୩(ବ୍ୟୁରୋ)



- ମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବିକୁ ନେଇ ବିଧାନସଭାରେ ହଟ୍ଟଗୋଳ
- ଗୃହ ମୁଲତବୀ
- ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ

ମାହାଙ୍ଗା ଡବଲମର୍ଡର ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ରହିଛି। ମାମଲା ୧୩ ନମ୍ବର ଅଭିଯୁକ୍ତ ଭାବେ ତାଙ୍କ ନାମ ଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ଦିଗରେ ଚୁପ୍ ହୋଇରହିଛନ୍ତି। ବିରୋଧୀ ଦଳ ବିଧାୟକଙ୍କୁ ମିଥ୍ୟା କେସ୍‌ରେ ଫସାଇ ଥାନାରେ ବସାଯାଉଛି। ମାତ୍ର ଶାସକ ଦଳର ନେତାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆଇନ ମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଉ ବୋଲି ଦାବି କରି ଭାଜପା ସଦସ୍ୟମାନେ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଏଥିଯୋଗୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ମଧ୍ୟ ଗୃହ ସ୍ୱାଭାବିକ ହୋଇ ନ ଥିଲା। ଅପରାହ୍ନରେ ବାଚସ୍ପତି ମଙ୍ଗଳବାର ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ବାଚସ୍ପତି ପୂର୍ବାହ୍ନ ୧୦ଟା ୩୦ ମିନିଟରେ ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କଲେ। ସଦସ୍ୟମାନେ ଛିଡ଼ା ହୋଇ ବାଚସ୍ପତିଙ୍କୁ ନମସ୍କାର ଜଣାଇଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ଭାଜପା ସଦସ୍ୟ ମୋହନ ଚରଣ ମାଝି, ଜୟନାରାୟଣ ମିଶ୍ର ଓ ଦଳର ଅନ୍ୟ ସଦସ୍ୟମାନେ ମାହାଙ୍ଗା ଡବଲ ମର୍ଡର କେସ୍‌ରେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବି କରି ହଟ୍ଟଗୋଳ କଲେ। ବାଚସ୍ପତି ଭାଜପା ସଦସ୍ୟମାନଙ୍କୁ ପ୍ରଶ୍ନକାଳରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ହେଲେ ସେମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆଗେଇ ନେବାକୁ ଚେଷ୍ଟା କଲେ। ଭାଜପା ☞ପୃଷ୍ଠା-୧୦

# 'ଛିଛୋରେ' ଶ୍ରେଷ୍ଠ ଫିଲ୍ମ

## କଳାକୁ ନୁହେଁ, ରାଜନୀତି: ସମୀକ୍ଷକ

ନୂଆଦିଲ୍ଲୀ, ୨୨।୩

**୬୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର**



କଙ୍ଗନା ରାଣାୱତ | ମନୋଜ ବାଜପେୟୀ | ଧନୁଷ

- 'ସଲାବୁଢ଼ାର ବଦଳା' ଓ 'କାଲିର ଅତୀତ' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର
- କଙ୍ଗନା ସର୍ବଶ୍ରେଷ୍ଠ ଅଭିନେତ୍ରୀ; ମନୋଜ ବାଜପେୟୀ, ଧନୁଷ ଶ୍ରେଷ୍ଠ ଅଭିନେତା

ପ୍ରାୟ ବର୍ଷେ ବିଳମ୍ବରେ ୬୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସୋମବାର ଘୋଷଣା କରାଯାଇଛି। ଏଥିରେ ୨୦୧୯ ବର୍ଷ ପାଇଁ ସମ୍ମାନିତ କରାଯିବାକୁ ଥିବା କଳାକାର ଓ ଚଳଚ୍ଚିତ୍ରଗୁଡ଼ିକର ତାଲିକା ପ୍ରକାଶିତ ହୋଇଛି। ବଲିଉଡ୍ ଅଭିନେତା ସ୍ୱର୍ଗତ ସୁଶାନ୍ତ ସିଂ ରାଜପୁତଙ୍କ ଅଭିନୀତ 'ଛିଛୋରେ' ଶ୍ରେଷ୍ଠ ଚଳଚ୍ଚିତ୍ର ଘୋଷିତ ହୋଇଛି। ଫିଲ୍ମ 'ମଣିକର୍ଣ୍ଣିକା: ଦି କୁଇନ ଅଫ୍ ଝାନ୍ସୀ'ର ନାୟିକା କଙ୍ଗନା ରାଣାୱତ୍‌ଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଘୋଷଣା କରାଯାଇଛି। ଏହି ଦୁଇ ଚଳଚ୍ଚିତ୍ରକୁ ଯେଭଳି ସମ୍ମାନ ମିଳିଛି ସେଥିରୁ କଳାକୁ ନୁହେଁ, ଭାଜପା ରାଜନୀତି ବାରି ହୋଇପଡୁଥିବା ଫିଲ୍ମ ସମୀକ୍ଷକମାନେ ମତ ଦେଉଛନ୍ତି।

'ଭୌଁସଲେ' ପାଇଁ ମନୋଜ ବାଜପେୟୀ ଏବଂ 'ଅସୁରନ୍' ପାଇଁ ଧନୁଷଙ୍କୁ ଯୁଗ୍ମ ଭାବେ ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇବାକୁ ମନୋନୀତ କରାଯାଇଛି। ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ପାଇଁ 'ମହର୍ଷି'କୁ ଚୟନ କରାଯାଇଛି। ଜାତୀୟ ଫିଲ୍ମ ପୁରସ୍କାର ତାଲିକାରେ ୩ ଓଡ଼ିଆ ଫିଲ୍ମ ମଧ୍ୟ ସ୍ଥାନିତ ହୋଇଛି। ନନ୍ ଫିଚର ଫିଲ୍ମ ବର୍ଗରେ 'ଶ୍ରୀକ୍ଷେତ୍ରରୁ ସାହିଜାତ' ଏବଂ ଫିଚର ଫିଲ୍ମ ☞ପୃଷ୍ଠା-୪

# କନ୍ଧମାଳ ଫେରିଲା ଜଗା

- ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହେଲା
- ଜିଲା ମୁଖ୍ୟ ଚିକିତ୍ସାଳୟରେ ଜାରି ରହିବ ଚିକିତ୍ସା



କଟକ ଅଫିସ/ଫୁଲବାଣୀ ଅଫିସ,୨୨।୩

କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା ଶେଷରେ ନିଜ ଜିଲାକୁ ଫେରିଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ କଟକ ଏସ୍‌ସିବି ମେଡିକାଲରୁ ୧୦୮ ଆମ୍ବୁଲାନ୍ସରେ ଜଗାକୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆଣ୍ଡାମାନ ଧ୍ୱଂସ ନୀତି**


# ବିଆର୍‌ପିଏଲ୍ ଏକ ସଙ୍ଗମ

ଯାଜପୁର ଅଫିସ,୨୨।୩

ଶିଳ୍ପାଞ୍ଚଳ ଦ୍ୱାରା ରାଜ୍ୟରେ ଆର୍ଥିକ ଅଭିବୃଦ୍ଧି ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରାଜ୍ୟ ସରକାର କହି ଆସୁଛନ୍ତି। ଏଭଳି ସମ୍ଭାବନାକୁ ଦୃଷ୍ଟିରେ ରଖି ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ନିକଟବର୍ତ୍ତୀ ବାସିନ୍ଦା ଶିଳ୍ପ ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣଜନିତ ବିଷକୁ ସହିଚାଲିଲେ ଏହି ଆଶାରେ ଯେ, ସେମାନଙ୍କୁ ନିଯୁକ୍ତି ମିଳିବ। ହେଲେ ରାଜନୈତିକ ଅଖଣ୍ଡ କ୍ଷମତା ବଳରେ ସ୍ଥାନୀୟ ନିଯୁକ୍ତିକୁ ଶିଳ୍ପସଂସ୍ଥାର ଅଣଦେଖା ସ୍ଥାନୀୟ ଲୋକଙ୍କୁ ହତାଶ କରିଥିବାବେଳେ ସରକାର ଓ ଜିଲା ପ୍ରଶାସନ ବେଖାତିର ମନୋଭାବ ପୋଷଣ କରୁଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ବ୍ରାହ୍ମଣୀ ରିଭର୍ସ ପେଲେଟ୍ ଲିମିଟେଡ(ବିଆର୍‌ପିଏଲ୍)କାରଖାନାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କାରଖାନାର ପ୍ରଦୂଷଣରେ ପ୍ରଭାବିତ ଖୁରୁଣ୍ଟି ଗ୍ରାମବାସୀ ବିସ୍ଥାପନ ଓ ନିଯୁକ୍ତି ଦେବାକୁ ପ୍ରାୟ ୩ ବର୍ଷ ହେଲା ଦାବି କରି ଆସୁଥିଲେ ☞ପୃଷ୍ଠା-୪



ବିଆର୍‌ପିଏଲ୍ କାରଖାନା ନିକଟ ଖୁରୁଣ୍ଟି ଗ୍ରାମର ଘନଶ୍ୟାମ ମଲ୍ଲିକଙ୍କ ଚାଳ କୁଡ଼ିଆ।

**କରୋନାରେ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମୃତ୍ୟୁ**

ରିପବ୍ଲିକ ଅଫ୍ କଙ୍ଗୋର ପ୍ରମୁଖ ରାଷ୍ଟ୍ରପତି ପ୍ରାର୍ଥୀ ଗେ ବ୍ରିସ୍ ପର୍ଫେଟ୍ କୋଲେଲାସ୍(୬୧)ଙ୍କ କରୋନାରେ ମୃତ୍ୟୁ ଘଟିଛି। ନିର୍ବାଚନ ଦିନ ସେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିଲେ। ସଂକ୍ରମଣଜନିତ ଜଟିଳତା ଯୋଗୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବିରୋଧୀ ଦଳର କୋଲେଲାସ୍ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ବୋଲି ଶନିବାର ଏକ ଭିଡିଓ ଜାରି କରି ତାଙ୍କ ସମର୍ଥକମାନଙ୍କୁ କହିଥିଲେ।



## ସଂକ୍ଷେପରେ

### ମତଦାନର ୭୨ ଘଣ୍ଟା ପୂର୍ବରୁ ବାଇକ୍ ରାଲି ବନ୍ଦ

ନୂଆଦିଲ୍ଲୀ,୨୨।୩ (ପି.ଟି.): ନିର୍ବାଚନ ହେବାକୁ ଥିବା ସମସ୍ତ ଆସନରେ ମତଦାନର ୭୨ ଘଣ୍ଟା ପୂର୍ବରୁ ବାଇକ୍ ରାଲିକୁ ନିର୍ବାଚନ କମିଶନ ନିଷିଦ୍ଧ କରିଛନ୍ତି ଅର୍ଥାତ୍ ଭୋଟଦାନ ଦିନ ଏବଂ ଏହାର ପୂର୍ବ ୩ ଦିନ କୌଣସି ବାଇକ୍ ରାଲି ଆୟୋଜନ କରାଯାଇପାରିବ ନାହିଁ। ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ଆସାମ ଓ ପୁଡୁଚେରୀର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଉକ୍ତ ପତ୍ରରେ ଏଭଳି ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ବାଚନ ଦିନ କିମ୍ବା ଏହା ପୂର୍ବରୁ ଅସାମାଜିକ ତତ୍ତ୍ୱମାନେ ଭୋଟରଙ୍କୁ ଭୟଭୀତ କରିବା ଲାଗି ବାଇକ ବ୍ୟବହାର କରୁଥିବା ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଆସିବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ଏ ସମ୍ପର୍କରେ ପ୍ରାର୍ଥୀ, ରାଜନୈତିକ ଦଳ ଏବଂ କମିଶନଙ୍କ ପର୍ଯ୍ୟବେକ୍ଷକମାନଙ୍କୁ ଜଣାଇ ଦେବା ସହ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି।

### ଦିଲ୍ଲୀରେ ମଦ ପିଇବା ବୟସ ୨୧କୁ ହ୍ରାସ

ନୂଆଦିଲ୍ଲୀ,୨୨।୩: ଜାତୀୟ ରାଜଧାନୀ ଦିଲ୍ଲୀରେ ମଦ ପିଇବାର ଆଇନଗତ ବୟସକୁ ୨୫ରୁ ୨୧ ବର୍ଷକୁ ହ୍ରାସ କରାଯାଇଛି। ଏ ସମ୍ପର୍କରେ ସୋମବାର ଦିଲ୍ଲୀ ସରକାର ଘୋଷଣା କରିଛନ୍ତି। ଦିଲ୍ଲୀର ସରକାର ଅବକାରୀ ନୀତିରେ ଅନେକ ପରିବର୍ତ୍ତନ ଆଣିଛନ୍ତି। ଦିଲ୍ଲୀ ସରକାର ଆଉ ସହରରେ ମଦ ଦୋକାନ ଚଳାଇବେ ନାହିଁ ଏବଂ ନୂଆ ଦୋକାନ ଖୋଲାଯିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଘୋଷଣା କରିଛନ୍ତି।

# ବଟି ଆଦାୟ ପ୍ରସଙ୍ଗରେ କମ୍ପିଲା ପାର୍ଲାମେଣ୍ଟ

### ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି

ନୂଆଦିଲ୍ଲୀ,୨୨।୩

ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ଦୁର୍ନୀତି ଅଭିଯୋଗକୁ ନେଇ ସୋମବାର ପାର୍ଲାମେଣ୍ଟର ଉଭୟ ଗୃହରେ ହଙ୍ଗାମା ହୋଇଥିଲା। ଅନିଲଙ୍କୁ ଘଣ୍ଟ ଘୋଡ଼ାଉଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ଇସ୍ତଫା ଦାବି ଜୋର୍ ଧରିଥିଲା। ଲୋକ ସଭା ଓ ରାଜ୍ୟ ସଭାର ଟ୍ରେଜେରି ବେଞ୍ଚ୍ ଦୁର୍ନୀତି ଅଭିଯୋଗର ସିବିଆଇ ତଦନ୍ତ ଦାବି କରିଥିଲେ। ଗୃହମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ନ ହେଲେ ତାଙ୍କୁ ମୁଖ୍ୟମନ୍ତ୍ରୀ ବିଦା କରନ୍ତୁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍ନବିସ ଦାବି କରିଛନ୍ତି।

ରାଜ୍ୟ ସଭାରେ ଏକାଧିକ ଭାଜପା ଏମ୍‌ପି ମହାରାଷ୍ଟ୍ର ସରକାରର ବରଖାସ୍ତ ଦାବି କରିଥିଲେ। ହଙ୍ଗାମା ଯୋଗୁ ଗୃହ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରହିଥିଲା। ସେହିପରି ଲୋକ ସଭାରେ ଭାଜପା ଏମ୍‌ପି ରାକେଶ ସିଂ ଅଭିଯୋଗ କରିଥିଲେ, ମହାରାଷ୍ଟ୍ର ଚେଞ୍ଚ ସରକାରରେ ତାଳମେଳ ନାହିଁ। ଯେଉଁଥିପାଇଁ ଗୃହମନ୍ତ୍ରୀଙ୍କୁ ସୁରକ୍ଷା ଦିଆଯାଉଛି। କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ସେ ଦାବି କରିବା ସହ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି କହିଥିଲେ। କେବଳ ମୁମ୍ବାଇରୁ ମାସକୁ ୧୦୦ କୋଟି ଟଙ୍କା ବଟି ସଂଗ୍ରହ କରାଯାଉଥିଲେ ଅନ୍ୟ ସହରଗୁଡ଼ିକରୁ କେତେ ଆଦାୟ ହେଉଥିବ ବୋଲି ମୁମ୍ବାଇ ଉତ୍ତରର ଏମ୍‌ପି ମନୋଜ କୋଟାକ ପ୍ରଶ୍ନ ଉଠାଇଥିଲେ। ଦୁର୍ନୀତି ଅଭିଯୋଗକୁ ଶିବସେନା ଖଣ୍ଡନ କରିବା ସହ ସବୁଠୁ ଦୁର୍ନୀତିଗ୍ରସ୍ତଙ୍କ ଦ୍ୱାରା ଏଭଳି ଅଭିଯୋଗ ଆଣାଯାଇଥିବା କହିଥିଲା। ବଟି ଆଦାୟ ଅଭିଯୋଗକୁ ଗୃହମନ୍ତ୍ରୀ ଦେଶମୁଖ ଖଣ୍ଡନ କରିବା ସହ ମୁମ୍ବାଇ ପୋଲିସର ପୂର୍ବତନ କମିଶନରଙ୍କ ବିରୋଧରେ ମାନହାନି ମାମଲା ଦାଏର କରିବେ ବୋଲି ଧମକ ଦେଇଛନ୍ତି।



### ଗୃହମନ୍ତ୍ରୀଙ୍କୁ ପାୱାରଙ୍କ କ୍ଲିନ୍ ଚିଟ୍

ନୂଆଦିଲ୍ଲୀ,୨୨।୩

ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ତାଙ୍କ ବିରୋଧରେ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ଆଣିଥିବା ଅଭିଯୋଗର କୌଣସି ଭିତ୍ତି ନାହିଁ। ସୋମବାର ଏକ ଖବରଦାତା ସମ୍ମିଳନୀରେ ଏନ୍‌ସିପି ମୁଖ୍ୟ କହିଥିଲେ, ଫେବୃଆରୀ ୫ରୁ ୧୫ ଦେଶମୁଖ କରୋନାରେ ପୀଡ଼ିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହା ପରେ ୧୨ ଦିନ ସେ ହୋମ କ୍ୱାରାଣ୍ଟାଇନରେ ରହିଥିଲେ। ପରମବୀରଙ୍କ ଚିଠିରେ ଦେଶମୁଖ ଫେବୃଆରୀ ମଧ୍ୟଭାଗରେ ନିର୍ଦ୍ଦିଷ୍ଟ କେତେକ ଅଫିସରଙ୍କୁ ବଟି ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିବା କଥା ସମ୍ପୂର୍ଣ୍ଣ ଅବାସ୍ତବ। ଅଭିଯୋଗ ସମୟରେ ଦେଶମୁଖ ହସ୍ପିଟାଲରେ ଥିବାରୁ ତାଙ୍କ ଇସ୍ତଫାର ପ୍ରଶ୍ନ ଉଠୁନି ବୋଲି ପାୱାର କହିଛନ୍ତି। ପରମବୀରଙ୍କ ଅଭିଯୋଗର କୌଣସି ପ୍ରମାଣ ନାହିଁ। ଆଣ୍ଟାଲିଆ ଘଟଣାରେ ତଦନ୍ତର ଦିଗ ବଦଳାଇବା ପାଇଁ ଏଭଳି ଅଭିଯୋଗ ଆଣାଯାଇଥିବା ପାୱାର କହିଥିଲେ।



ଅନିଲ ଦେଶମୁଖ

## ସୁପ୍ରିମକୋର୍ଟ ଗଲେ ପରମବୀର

ନୂଆଦିଲ୍ଲୀ,୨୨।୩




ପରମବୀର ସିଂ

ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ ବେଆଇନ ଚାନ୍ଦା ସଂଗ୍ରହ କରିବା ସହ ବିଭିନ୍ନ ଦୁର୍ନୀତି ମାମଲାରେ ଜଡ଼ିତ ଥିବା ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ଅଭିଯୋଗ କରିବା ସହ ସିବିଆଇ ଦ୍ୱାରା ଏହାର ନିରପେକ୍ଷ ତଦନ୍ତ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟାଲିଆ ବାହାରେ ବିସ୍ଫୋରକ ଭର୍ତ୍ତି ଏସ୍‌ୟୁଭି ଘଟଣାରେ ମହାରାଷ୍ଟ୍ର ସରକାର ହୋମଗାର୍ଡ଼ମାନଙ୍କୁ ବଦଳି କରିବା ଘଟଣାକୁ ମଧ୍ୟ ପରମବୀର ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛନ୍ତି। ଗୃହମନ୍ତ୍ରୀ ଦୁର୍ନୀତିରେ ଜଡ଼ିତ ଥିବାନେଇ ସେ ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ପତ୍ର ଲେଖି ଜଣାଇଥିଲେ। ଆଣ୍ଟାଲିଆ ବିସ୍ଫୋରକ ମାମଲାରେ ଗିରଫ ହୋଇଥିବା ମୁମ୍ବାଇ ପୋଲିସ ଅଫିସର ସଚିନ ୱାଜେଙ୍କ ସମେତ ଅନ୍ୟ କେତେକଣ ଅଫିସରଙ୍କୁ ଗୃହମନ୍ତ୍ରୀ ବଟି ଆଦାୟରେ ନିୟୋଜିତ କରିଥିଲେ। ପବ୍ ଏବଂ ରେଷ୍ଟୁରାଣ୍ଟଗୁଡ଼ିକରୁ ମାସକୁ ୧୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବିଭିନ୍ନ ମାମଲାର ତଦନ୍ତରେ ମଧ୍ୟ ଗୃହମନ୍ତ୍ରୀ ହସ୍ତକ୍ଷେପ କରୁଥିଲେ। ଦେଶମୁଖ ତାଙ୍କ ରାଜନୈତିକ କାର୍ଯ୍ୟସୂଚୀ ଅନୁଯାୟୀ ତଦନ୍ତ କରିବାକୁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ ବୋଲି ପରମବୀର ତାଙ୍କ ପତ୍ରରେ ଦର୍ଶାଇଥିଲେ। ଏବେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ତାଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

**ସିବିଆଇ ତଦନ୍ତ ଦାବି**

- ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ ମୁମ୍ବାଇ ପୋଲିସର ପୂର୍ବତନ କମିଶନର
- ମାସକୁ ୧୦୦ କୋଟି ବଟି ସଂଗ୍ରହ ଲାଗି ପୋଲିସ ଅଫିସରଙ୍କୁ ନିୟୋଜିତ କରାଯାଇଥିଲା

## ଶେଖ୍ ମୁଜିବୁର ରହମାନ, ସୁଲତାନ କାବୁସ୍ ପାଇବେ ଗାନ୍ଧୀ ଶାନ୍ତି ପୁରସ୍କାର



ଶେଖ୍ ମୁଜିବୁର ରହମାନ



କାବୁସ୍ ବିନ୍ ସୈଦ୍ ଅଲ୍ ସଏଦ

ନୂଆଦିଲ୍ଲୀ,୨୨।୩

ବାଂଲାଦେଶର ରାଷ୍ଟ୍ରପିତା କୁହାଯାଉଥିବା ଶେଖ୍ ମୁଜିବୁର ରହମାନଙ୍କୁ ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ କରାଯିବ। କରୋନା ମହାମାରୀ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ପ୍ରଥମ ବିଦେଶ ଗସ୍ତରେ ବାଂଲାଦେଶ ଯିବାକୁ ଥିବାବେଳେ ଏହା ପୂର୍ବରୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ଓମାନକୁ ଦୀର୍ଘବର୍ଷ ଧରି ଶାସନ କରିଥିବା ସୁଲତାନ କାବୁସ୍‌ଙ୍କୁ ମଧ୍ୟ ଏହି ପୁରସ୍କାର ନିମନ୍ତେ ମନୋନୀତ କରାଯାଇଥିବା ଏକ ସରକାରୀ ବିବୃତିରେ କୁହାଯାଇଛି। ପ୍ରଥମ ଥର ପାଇଁ ୨୦୧୯ ଓ ୨୦୨୦ ବର୍ଷ ନିମନ୍ତେ ଗାନ୍ଧୀ ଶାନ୍ତି ପୁରସ୍କାର ମରଣୋତ୍ତର ଭାବେ ପ୍ରଦାନ କରାଯିବ। ଓମାନ ସୁଲତାନ କାବୁସ୍ ବିନ୍ ସୈଦ୍ ଅଲ୍ ସଏଦ୍ ମଧ୍ୟପ୍ରାଚ୍ୟରେ ସର୍ବାଧିକ ସମୟ ଶାସନ କରିଛନ୍ତି। ପାରସ୍ୟ ଉପସାଗର ଅଞ୍ଚଳରେ କୂଟନୈତିକ ସନ୍ତୁଳନ ରକ୍ଷା କରିବାରେ ତାଙ୍କର ଅନ୍ତର୍ଜାତୀୟ ଖ୍ୟାତି ରହିଛି। ପାରସ୍ୟ ଉପସାଗର ଅଞ୍ଚଳରୁ ଭାରତର ଇନ୍ଧନ ସୁରକ୍ଷା ଆବଶ୍ୟକତା ପୂରଣ କରିବାରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ପୁରସ୍କାର ବାବଦରେ ୧ କୋଟି ଟଙ୍କା, ପ୍ରଶସ୍ତିପତ୍ର ମିଳିବ। ସେହିପରି ୨୦୨୦ ବର୍ଷ ପାଇଁ ମୁଜିବୁର ରହମାନଙ୍କୁ ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ବାଂଲାଦେଶ ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତି ପାଳନ କରିବା ସହ ମୁଜିବୁର ରହମାନଙ୍କ ଜନ୍ମ ଶତବାର୍ଷିକୀ ପାଳନ କରୁଛି। ଏହି କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ମୋଦି ୨୬ ତାରିଖରେ ବାଂଲାଦେଶ ଯିବେ।

## ଡ୍ରମ୍‌ରେ ଫସି ୫ ଶିଶୁଙ୍କ ଜୀବନ ଗଲା

ଜୟପୁର,୨୨।୩

ଖାଦ୍ୟଶସ୍ୟ ଗଚ୍ଛିତ ରଖିବା ପାଇଁ ଥିବା ଏକ ଡ୍ରମ୍‌ରେ ଫସି ୫ ଶିଶୁଙ୍କ ଜୀବନ ଯାଇଛି। ରାଜସ୍ଥାନର ବିକାନେର ଜିଲ୍ଲା ଅନ୍ତର୍ଗତ ହିମ୍ମତସର ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକଙ୍କ ମଧ୍ୟରୁ ୪ ଜଣ ଭାଇଭଉଣୀ ଓ ସେମାନଙ୍କ ବୟସ ୪ରୁ ୮ ବର୍ଷ ମଧ୍ୟରେ। ପିଲାମାନେ ରବିବାର ଲୁଚକାଳି ଖେଳୁଥିବାବେଳେ ଉକ୍ତ ଡ୍ରମ୍‌ରେ ଲୁଚିଥିଲେ। ଦୁର୍ଭାଗ୍ୟବଶତଃ ଡ୍ରମ୍‌ର ଘୋଡ଼ଣିଟି ଆପେ ବନ୍ଦ ହୋଇଯାଇଥିଲା। ଅପରାହ୍ଣରେ ମାଆ ପିଲାମାନଙ୍କୁ ଖୋଜିବାରୁ ଏହି ଦୁଃଖଦ ଘଟଣା ସାମ୍ନାକୁ ଆସିଥିଲା। ପଡୋଶୀଙ୍କ ସହାୟତାରେ ପିଲାମାନଙ୍କୁ ଡ୍ରମ୍ ବାହାରକୁ ଆଣିବା ପରେ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ୫ ପିଲାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଦୁଃଖପ୍ରକାଶ କରିଛନ୍ତି। ଏହାର ଦିନକ ପୂର୍ବରୁ ଝୁନ୍ଝୁନୁ ଜିଲାର ଗୋଡପୁରା ଗ୍ରାମରେ ୩ ଜଣ ପିଲା ଭଲିରେ ସୁଙ୍ଗ ଖୋଳି ସେଥିରେ ଖେଳୁଥିବାବେଳେ ତାହା ଭୁଶୁଡ଼ି ପଡ଼ିବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା।

## ନାଇଜର ସୀମାରେ ଆକ୍ରମଣ, ୪୦ ମୃତ

ନିଆମେ,୨୨।୩: ନାଇଜରର ତାହୋଆ ଅଞ୍ଚଳରେ ଏକ ସଶସ୍ତ୍ର ଆକ୍ରମଣ ଯୋଗୁ ୪୦ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ସେନା ଓ ଆକ୍ରମଣକାରୀ ମୁହାଁମୁହିଁ ହୋଇଥିଲେ। ସମ୍ପ୍ରତି ରାଷ୍ଟ୍ରପତି ନିର୍ବାଚନ ପରେ ନାଇଜରରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ମହମ୍ମଦ ବେଜୋମ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଏହାକୁ ପୂର୍ବତନ ରାଷ୍ଟ୍ରପତି ମହାମାନେ ଓସ୍‌ମାନେ ବିରୋଧ କରିଥିଲେ। ନିର୍ବାଚନରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିବା ସହ ପ୍ରକୃତରେ ସେ ବିଜେତା ବୋଲି ଓସ୍‌ମାନେ ଦାବି କରିଥିଲେ।

# ଜନତା କର୍ଫ୍ୟୁକୁ ବର୍ଷେ: ସ୍ଥିତି ସେଦିନ ଓ ଆଜି

ନୂଆଦିଲ୍ଲୀ,୨୨।୩

- ୨୦୨୦ ମାର୍ଚ୍ଚ ୨୨ ସୁଦ୍ଧା ୩୬୦ ସଂକ୍ରମିତ, ୭ ମୃତ
- ୨୦୨୧ ମାର୍ଚ୍ଚ ୨୨ ସୁଦ୍ଧା ୧,୧୫,୯୯,୧୩୦ ସଂକ୍ରମିତ, ୧,୫୯,୭୫୫ ମୃତ

ଆଜିକୁ ଠିକ୍ ବର୍ଷେ ପୂର୍ବରୁ ୨୦୨୦ ମାର୍ଚ୍ଚ ୨୨ରେ ଭାରତରେ ଜନତା କର୍ଫ୍ୟୁ ଜାରି ହୋଇଥିଲା। କରୋନା ସଂକ୍ରମଣ ରୋକିବା ଲାଗି ଏହା ପରେ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଦେଶବ୍ୟାପୀ ଲକ୍‌ଡାଉନ୍ କରାଯାଇଥିଲା। ଗତବର୍ଷ ମାର୍ଚ୍ଚ ୨୨ରେ ଜନତା କର୍ଫ୍ୟୁ ପାଳନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରୋଧ କରିବା ପରେ ଏହାକୁ ଅଭୂତପୂର୍ବ ସମର୍ଥନ ମିଳିଥିଲା ଏବଂ ଦେଶବ୍ୟାପୀ କୋଟି କୋଟି ଲୋକ ଘରେ ରହିଥିଲେ ଏବଂ ଅପରାହ୍ଣ ୫ଟାରେ ଘର ବାହାରେ ଘଣ୍ଟ ଘଣ୍ଟା ବଜାଇ ଓ ତାଳିମାରି ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ଜରୁରୀ ସେବା ପ୍ରଦାନକାରୀମାନଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ସେଦିନ ସାରା ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୬୦ ଥିବାବେଳେ ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଥିଲା। ପ୍ରଥମ ସଂକ୍ରମଣ ଗତବର୍ଷ ଜାନୁୟାରୀ ୩୦ରେ କେରଳରେ ହୋଇଥିବାବେଳେ ପ୍ରଥମ ମୃତ୍ୟୁ ମାର୍ଚ୍ଚ ୧୦ରେ କର୍ଣ୍ଣାଟକରେ ହୋଇଥିଲା। ମାର୍ଚ୍ଚ ୨୫ରୁ ମେ ୩୧ ପର୍ଯ୍ୟନ୍ତ ସାରା ଦେଶକୁ ତାଲାବନ୍ଦ ରଖାଯାଇଥିଲା। ଫଳରେ ଦେଶର ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଥିଲା। ସଂକ୍ରମଣ ବୃଦ୍ଧି ପାଇଁ ସେପ୍ଟେମ୍ବର ବେଳକୁ ଭାରତ ବିଶ୍ୱର ଦ୍ୱିତୀୟ ସର୍ବାଧିକ ସଂକ୍ରମିତ ଦେଶ ହୋଇଥିଲା। ସେପ୍ଟେମ୍ବର ୧୭ରେ ଦୈନିକ ସଂକ୍ରମଣ ସର୍ବାଧିକ ୯୭,୮୯୪ ଥିଲା। ଏହା ପରେ ଧୀରେ ଧୀରେ କରୋନା ପଜିଟିଭ୍ ସଂଖ୍ୟା କମିବା ଆରମ୍ଭ ହୋଇଥିଲା। ଡିସେମ୍ବର ୧୪ ପରେ ଦୈନିକ ସଂକ୍ରମଣ ୩୦ ହଜାର ତଳକୁ ଖସିଥିଲା। ଗତ ଫେବୃଆରୀ ୨ରେ ସର୍ବନିମ୍ନ ୮,୬୩୫ ରହିଥିଲା। ଏହା ପରେ ପୁଣିଥରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସହ ମାର୍ଚ୍ଚରେ ପୁଣି ଥରେ କାୟା ମେଲାଇଥିଲା। ମାର୍ଚ୍ଚ ୧୮ ପରେ ଦୈନିକ ସଂକ୍ରମଣ ୩୦ ହଜାର ଉପରେ ରହିଥିବାବେଳେ ସୋମବାର ୪୬,୯୫୧ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୧୫,୯୯,୧୩୦ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ କରୋନାରେ ୨୧୨ ଜଣଙ୍କ ଜୀବନ ଯାଇଛି। ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୪.୫ କୋଟିରୁ ଊର୍ଦ୍ଧ୍ୱ ଟିକା ଦିଆଯାଇଛି। ଏହା ସତ୍ତ୍ୱେ ଦେଶରେ ସଂକ୍ରମଣର ଦ୍ୱିତୀୟ ଲହର ସମସ୍ତଙ୍କୁ ଚିନ୍ତାରେ ପକାଇଛି। ବିଭିନ୍ନ ରାଜ୍ୟ ଅଧିକ ସଂକ୍ରମିତ ଅଞ୍ଚଳରେ ସାମୟିକ ଲକ୍‌ଡାଉନ, ନାଇଟ୍ କର୍ଫ୍ୟୁ ଆଦି କଟକଣା ପୁଣି ଥରେ ଲଗାଇବା ଆରମ୍ଭ କରିଛନ୍ତି।



୨୦୨୦ ମାର୍ଚ୍ଚ ୨୨ ଜନତା କର୍ଫ୍ୟୁ ପରେ ଅପରାହ୍ଣରେ ଲୋକେ ଘର ବାହାରେ ତାଳି ଓ ଥାଳି ବଜାଉଛନ୍ତି।

| ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ | ଆକ୍ରାନ୍ତଙ୍କ ସଂଖ୍ୟା | | ସୁସ୍ଥଙ୍କ ସଂଖ୍ୟା | | ମୃତ | |
|---|---|---|---|---|---|---|
| | ୨୦୨୦ | ୨୦୨୧ | ୨୦୨୦ | ୨୦୨୧ | ୨୦୨୦ | ୨୦୨୧ |
| ଆଣ୍ଡାମାନ ନିକୋବର | ୦ | ୫,୦୩୮ | ୦ | ୪,୯୬୯ | ୦ | ୬୨ |
| ଆନ୍ଧ୍ରପ୍ରଦେଶ | ୫ | ୮୯୩,୩୬୬ | ୦ | ୮୮୪,୦୯୪ | ୦ | ୭,୧୮୯ |
| ଅରୁଣାଚଳ ପ୍ରଦେଶ | ୦ | ୧୬,୮୪୨ | ୦ | ୧୬,୭୮୩ | ୦ | ୫୬ |
| ଆସାମ | ୦ | ୨୧୭,୯୫୧ | ୦ | ୨୧୫,୨୦୧ | ୦ | ୧,୧୦୦ |
| ବିହାର | ୨ | ୨୬୩,୪୪୩ | ୦ | ୨୬୧,୪୧୩ | ୧ | ୧,୫୫୭ |
| ଚଣ୍ଡିଗଡ | ୫ | ୨୪,୨୨୦ | ୦ | ୨୨,୧୪୨ | ୦ | ୩୬୧ |
| ଛତିଶଗଡ଼ | ୧ | ୩୨୩,୧୫୩ | ୦ | ୩୧୧,୫୨୦ | ୦ | ୩,୯୪୦ |
| ଦାଦ୍ରା ନଗର ହାଭେଳି ଓ ଡାମନ ଡିଉ | ୦ | ୩,୪୭୧ | ୦ | ୩,୪୨୫ | ୦ | ୨ |
| ଦିଲ୍ଲୀ | ୨୯ | ୬୪୭, ୧୬୧ | ୫ | ୬୩୨,୭୯୭ | ୧ | ୧୦,୯୫୫ |
| ଗୋଆ | ୦ | ୫୬,୫୨୫ | ୦ | ୫୪,୭୧୩ | ୦ | ୮୧୫ |
| ଗୁଜରାଟ | ୧୮ | ୨୮୫,୪୨୯ | ୦ | ୨୭୪,୨୪୯ | ୧ | ୪,୪୪୩ |
| ହରିୟାଣା | ୨୧ | ୨୭୮,୯୬୧ | ୦ | ୨୬୧,୦୩୮ | ୦ | ୩,୦୯୩ |
| ହିମାଚଳପ୍ରଦେଶ | ୨ | ୬୦,୫୩୭ | ୦ | ୫୮,୩୨୧ | ୦ | ୧,୦୧୭ |
| ଜମ୍ମୁ-କଶ୍ମୀର | ୪ | ୧୨୮,୩୮୯ | ୦ | ୧୨୫,୨୧୮ | ୦ | ୧,୯୮୦ |
| ଝାରଖଣ୍ଡ | ୦ | ୧୨୧,୧୭୮ | ୦ | ୧୧୯,୩୬୧ | ୦ | ୧,୦୯୫ |
| କର୍ଣ୍ଣାଟକ | ୨୬ | ୯୬୮,୪୮୭ | ୨ | ୯୪୩,୨୦୮ | ୧ | ୧୨,୪୩୨ |
| କେରଳ | ୫୨ | ୧,୧୦୨,୩୫୩ | ୩ | ୧,୦୭୨,୫୫୪ | ୦ | ୪,୪୮୨ |
| ଲଦାଖ | ୧୩ | ୯,୯୦୬ | ୦ | ୯,୭୦୩ | ୦ | ୧୩୦ |
| ଲାକ୍ଷାଦ୍ୱୀପ | ୦ | ୬୪୮ | ୦ | ୫୧୧ | ୦ | ୧ |
| ମଧ୍ୟପ୍ରଦେଶ | ୪ | ୨୭୪,୪୦୫ | ୦ | ୨୬୩,୧୫୮ | ୦ | ୩,୯୦୩ |
| ମହାରାଷ୍ଟ୍ର | ୬୭ | ୨,୪୪୯,୧୪୭ | ୦ | ୨,୨୦୩,୫୫୩ | ୨ | ୫୩,୩୦୦ |
| ମଣିପୁର | ୦ | ୨୯,୩୩୨ | ୦ | ୨୮,୯୩୧ | ୦ | ୩୭୩ |
| ମେଘାଳୟ | ୦ | ୧୪,୦୧୨ | ୦ | ୧୩,୮୩୫ | ୦ | ୧୪୯ |
| ମିଜୋରାମ | ୦ | ୪,୪୪୭ | ୦ | ୪,୪୨୧ | ୦ | ୧୧ |
| ନାଗାଲାଣ୍ଡ | ୦ | ୧୨,୨୨୫ | ୦ | ୧୨,୧୩୨ | ୦ | ୯୧ |
| ଓଡ଼ିଶା | ୨ | ୩୩୮,୭୧୯ | ୦ | ୩୩୬,୦୬୬ | ୦ | ୧,୯୧୯ |
| ପୁଡୁଚେରୀ | ୧ | ୪୦,୩୨୨ | ୦ | ୩୯,୫୨୧ | ୦ | ୬୭୪ |
| ପଞ୍ଜାବ | ୨୧ | ୨୧୦,୪୬୬ | ୦ | ୧୮୭,୧୯୮ | ୧ | ୬,୨୮୦ |
| ରାଜସ୍ଥାନ | ୨୪ | ୩୨୪,୯୪୮ | ୩ | ୩୧୮,୮୪୨ | ୦ | ୨,୭୯୬ |
| ସିକିମ୍ | ୦ | ୬,୨୦୪ | ୦ | ୬,୦୧୬ | ୦ | ୧୩୫ |
| ତାମିଲନାଡୁ | ୭ | ୮୬୫,୬୯୩ | ୧ | ୮୪୫,୮୧୨ | ୦ | ୧୨,୫୯୦ |
| ତେଲଙ୍ଗାନା | ୨୨ | ୩୦୩,୧୧୮ | ୧ | ୨୯୮,୬୪୫ | ୦ | ୧,୬୬୯ |
| ତ୍ରିପୁରା | ୦ | ୩୩,୪୬୪ | ୦ | ୩୩,୦୪୩ | ୦ | ୩୯୧ |
| ଉତ୍ତରପ୍ରଦେଶ | ୨୭ | ୬୦୭,୦୫୦ | ୯ | ୫୯୫,୫୧୮ | ୦ | ୮,୭୫୮ |
| ଉତ୍ତରାଖଣ୍ଡ | ୩ | ୯୮,୩୧୧ | ୦ | ୯୫,୮୫୧ | ୦ | ୧,୭୦୪ |
| ପଶ୍ଚିମବଙ୍ଗ | ୪ | ୫୮୦,୨୦୯ | ୦ | ୫୬୬,୫୨୬ | ୦ | ୧୦,୩୦୩ |
| ମୋଟ | ୩୬୦ | ୧୧,୫୯୯,୧୩୦ | ୨୪ | ୧୧,୧୩୦,୨୮୮ | ୭ | ୧,୫୯,୭୫୫ |

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୪୦,୪୯,୯୯୫ | ୨୭,୩୦,୧୯୩ | ୯,୯୯,୬୨,୭୭୬ |
| ଭାରତ | ୧,୧୬,୮୨,୪୪୦ | ୧,୬୦,୮୧୧ | ୧,୧୧,୭୬,୮୫୪ |
| ଓଡ଼ିଶା | ୩,୩୮,୯୬୩ | ୧୯୧୯(+୫୩) | ୩,୩୬,୨୦୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ଶଳା ବୁଢ଼ାର ବଦଳା, କାଲିର ଅତୀତ ଚଳଚ୍ଚିତ୍ରକୁ ମିଳିଲା ଜାତୀୟ ପୁରସ୍କାର।




# ବିଚାରପତିଙ୍କ ସନ୍ଦିଗ୍ଧ ଚରିତ୍ର ବିପଜ୍ଜନକ

**କଟକ ଅଫିସ,୨୨।୩**



ଜଣେ ବିଚାରପତିଙ୍କ ଆଇନଗତ ଜ୍ଞାନ ଯଥେଷ୍ଟ ରହିଥିଲେ ସୁଦ୍ଧା ଯଦି ତାଙ୍କଠାରେ ସଚ୍ଚୋଟତା ବା ସାଧୁତାର ଅଭାବ ରହିବ ଏବଂ ତାଙ୍କ ଚରିତ୍ର ସନ୍ଦେହଜନକ ରହିବ ତେବେ ଏହା ନ୍ୟାୟ ବ୍ୟବସ୍ଥାର ସୁପରିଚାଳନା ପ୍ରତି ବିପଦ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଉଲ୍ଲେଖ କରିଛନ୍ତି। ତଳ କୋର୍ଟର ଜଣେ ବିଚାରପତିଙ୍କୁ ବାଧ୍ୟତାମୂଳକ ଅବସର ଘୋଷଣାକୁ ଖାରଜ କରିବା ନେଇ ହାଇକୋର୍ଟରେ ହୋଇଥିବା ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ବି.ପି. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇବା ସହ ଆବେଦନକୁ ଖାରଜ କରିଦେଇଛନ୍ତି।

ରାମଚନ୍ଦ୍ର ମହାନ୍ତି କୋରାପୁଟ ସିଭିଲ୍ ଜଜ୍(ସିନିୟର ଡିଭିଜନ) ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କ ବିରୋଧରେ ବହୁ ଅନିୟମିତତା ଅଭିଯୋଗ ଆସିଥିଲା। ଏହାର ପ୍ରମାଣ ମିଳିବା ପରେ ୨୦୧୦ ମାର୍ଚ୍ଚ ୨୨ରେ ଆଇନ ବିଭାଗ ପକ୍ଷରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା। ତାଙ୍କ କାର୍ଯ୍ୟକାଳ ସମୟରେ ୨ଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ତାଙ୍କ ବିରୋଧରେ ଆରମ୍ଭ ହୋଇଥିଲା। ୨୦୦୩ରେ ସରକାରୀ କ୍ୱାର୍ଟର୍ସକୁ ବେଆଇନଭାବେ ନିଜ ଅଧୀନରେ ରଖିବା ଏବଂ ବଲାଙ୍ଗୀର ଜଜ୍‌ଶିପ୍ ପାଇଁ ଲ' ଜର୍ନାଲ କିଣାରେ ଜାଣିଶୁଣି ଟଙ୍କା ପ୍ରଦାନ କରିବାରେ ବିଳମ୍ବ କରିବା ଅଭିଯୋଗ ହୋଇଥିଲା, ଯାହାକି ଓଡ଼ିଶା ଗଭର୍ନମେଣ୍ଟ ସର୍ଭାଣ୍ଟ କଣ୍ଡକ୍ଟ ରୁଲ୍ସ-୧୯୫୯ର ରୁଲ ୩ ଏବଂ ୪ର ବିରୁଦ୍ଧାଚରଣ। ଏପରି କି ସେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଗୋଚରରେ ତାଙ୍କ ନାମରେ ଏକ ଋଣ ଉଠାଇ ନେଇଥିଲେ। ପରବର୍ତ୍ତୀ ସମୟରେ ଏନେଇ ଜଣାପଡ଼ିବା ପରେ ଅଭିଯୋଗ ହେବା ପର୍ଯ୍ୟନ୍ତ ମଧ୍ୟ ଋଣ ପଇଠ କରି ନ ଥିଲେ। ସମ୍ବିଧାନର ଧାରା ୨୩୫ ଅନୁଯାୟୀ ରାଜ୍ୟରେ ଥିବା ତଳ କୋର୍ଟର ବିଚାରପତିମାନେ ହାଇକୋର୍ଟଙ୍କ ପ୍ରଶାସନିକ ବ୍ୟବସ୍ଥା ଅଧୀନରେ କାର୍ଯ୍ୟ କରନ୍ତି। ସେମାନେ ଅନ୍ୟ ସରକାରୀ ଅଧିକାରୀଙ୍କ ଠାରୁ ଭିନ୍ନ। ଅନ୍ୟ ସେବାରେ ଥିବା ଅଧିକାରୀଙ୍କ ବିରୋଧରେ କୌଣସି ଅଭିଯୋଗ ଆସିଲେ ସେମାନଙ୍କ ସର୍ଭିସ ରେକର୍ଡରେ ନାଲି ଦାଗ ରହିଯାଉଛି। ତେଣୁ ଜଣେ ବିଚାରବିଭାଗୀୟ ଅଧିକାରୀ ସବୁବେଳେ ନିଜ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରିବା ଆବଶ୍ୟକ। ଅସାଧୁତା, ଦୁର୍ନୀତି ହଟାଇବା ଉଦ୍ଦେଶ୍ୟରେ ମହାନ୍ତିଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା। ଯଦି କୌଣସି ସଚ୍ଚୋଟ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଏ, ତେବେ ଅନ୍ୟ ସହଯୋଗୀଙ୍କ ମନୋବଳକୁ ହ୍ରାସ କରିବ। ଅପରପକ୍ଷରେ ଜଣେ ବିଚାରପତିଙ୍କ ଉତ୍ତମ ଆଇନ ଜ୍ଞାନ ରହିଥିଲେ ସୁଦ୍ଧା ଯଦି ସେ ଅସାଧୁ ଉପାୟ ଅବଲମ୍ବନ କରିବେ, ତେବେ ଏହା ବିଚାରପ୍ରକ୍ରିୟା ପ୍ରତି ବିପଦ ବୋଲି ଦର୍ଶାଇ ଖଣ୍ଡପୀଠ ମହାନ୍ତିଙ୍କ ଆବଦେନକୁ ଖାରଜ କରିଦେଇଛନ୍ତି।

## ୩ ଜିଲାର ଶିଳ୍ପ ଅଭିବୃଦ୍ଧି ଉପରେ ଆଲୋଚନା ଆଜି

**ଭୁବନେଶ୍ୱର,୨୨।୩(ବ୍ୟୁରୋ):** ବାଲେଶ୍ୱରସ୍ଥିତ ନୋସି ବିଜ୍‌ନେସ୍ ପାର୍କଠାରେ ମଙ୍ଗଳବାର ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ୩ଟି ଜିଲାର ଶିଳ୍ପ ଅଭିବୃଦ୍ଧି, ସମସ୍ୟା ଏବଂ ତା'ର ପ୍ରତିକାର ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଏହି ବୈଠକରେ ୩ ଜିଲାର ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ବୈଠକରେ ଶିଳ୍ପକୁ ନେଇ ଦେଖାଦେଇଥିବା ସମସ୍ୟା, ଭିତ୍ତିଭୂମି ବିକାଶ, ବୃହତ୍ ଶିଳ୍ପ ପ୍ରତିଷ୍ଠାନ, ବାଲେଶ୍ୱରଠାରେ ଅର୍ଥନୈତିକ କାର୍ଯ୍ୟକ୍ରମ, ବ୍ୟାଙ୍କ ଲିଙ୍କେଜ୍, କ୍ଲଷ୍ଟର ଆଭିମୁଖ୍ୟ ନେଇ ଶିଳ୍ପପୁଞ୍ଜର ବିକାଶ, ଶିଳ୍ପାଞ୍ଚଳରେ ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ, ଯୋଗାଯୋଗ ସୁବିଧା ଆଦି ଉପରେ ଆଲୋଚନା ହେବ। ବାଲେଶ୍ୱରଠାରେ ଇଡ୍‌କୋ ଏବଂ ବାଲେଶ୍ୱର ଆଲଏଜ୍ ମଧ୍ୟରେ ରହିଥିବା ଜମି ବିବାଦର ସମାଧାନ ଏବଂ ଇପିକଲର ଇଥାନଲ ପ୍ରକଳ୍ପ ପ୍ରତିଷ୍ଠା ନେଇ ଆଲୋଚନା ହେବ।

## ନାବାଳିକାଙ୍କୁ ଲକ୍ଷେ ଟଙ୍କାରେ ବିକ୍ରି ଅଭିଯୋଗ

**ଉମରକୋଟ,୨୨।୩(ସ୍ୱ.ପ୍ର.)**

**୪ ମହିଳାଙ୍କ ସମେତ ୬ ଗିରଫ**

କାମ କରାଇବାକୁ କହି ଜଣେ ନାବାଳିକାଙ୍କୁ ବିକ୍ରି ଅଭିଯୋଗରେ ଉମରକୋଟ ପୋଲିସ ୪ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉମରକୋଟ ଥାନା ଅଞ୍ଚଳର ମଙ୍ଗଳ ସିଂ ହରିଜନ, ମନିତା କମାର, ଝରିଗାଁ ବ୍ଲକ ବାଗଡିଆଁ ଗାଁର ପର୍ଶୁ ସାନ୍ତା, ନବରଙ୍ଗପୁର ତଟାସାହିର ନିର୍ମଳା ସୁନା, ବାସନ୍ତୀ ସୁନା ଓ ଯମୁନା ନାଗ।

ସୂଚନା ଅନୁଯାୟୀ, କାମ ଯୋଗାଇବା ବାହାନାରେ ଅଗଷ୍ଟ ୮ତାରିଖରେ ମଙ୍ଗଳ ଓ ମନିତା ନାବାଳିକାଙ୍କୁ ତାଙ୍କ ଘରୁ ଡାକିନେଇଥିଲେ। ଘରଠାରୁ କିଛି ଦୂର ନେବାପରେ ପର୍ଶୁ ସାନ୍ତା ନିଜ କାର୍‌ରେ ମନିତାଙ୍କ ସହ ନାବାଳିକାଙ୍କୁ ନବରଙ୍ଗପୁର ଯାଏ ନେଇଥିଲେ। ସେମାନେ ସେଠାରେ ନାବାଳିକାଙ୍କୁ ନିର୍ମଳା, ବାସନ୍ତୀ ଓ ଯମୁନାଙ୍କୁ ଦେଇଥିଲେ। ସେମାନଙ୍କ ଘରେ ନାବାଳିକା ଜଣଙ୍କ ୩ମାସ କାମ କରିଥିଲେ। ଏହି ସମୟରେ ନାବାଳିକାଙ୍କୁ ଘର ଲୋକଙ୍କ ସହ କୌଣସି ସମ୍ପର୍କ ରଖିବାକୁ ଦିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ସେମାନେ ନାବାଳିକାଙ୍କୁ ଦିଲ୍ଲୀ ନେଇଯାଇ ସେଠାରେ ଜଣେ ଅଜଣା ବ୍ୟକ୍ତିଙ୍କ ସହ ବିବାହ କରାଇ ତାଙ୍କଠାରୁ ଲକ୍ଷେ ଟଙ୍କା ଆଣି ନବରଙ୍ଗପୁର ଫେରି ଆସିଥିଲେ। ନାବାଳିକା ଜଣଙ୍କ କିଛିଦିନ ରହିବା ପରେ କୌଶଳକ୍ରମେ ସେଠାରୁ ବାହାରି ୧୪ ତାରିଖରେ ଘରକୁ ଫେରିଥିଲେ। ଖବର ପାଇ ନିର୍ମଳା ଓ ତାଙ୍କ ସହଯୋଗୀ ନାବାଳିକାଙ୍କୁ ଫେରାଇ ନେବାକୁ ତାଙ୍କ ଗାଁକୁ ୨୧ତାରିଖରେ ଯାଇଥିଲେ। ନାବାଳିକାଙ୍କୁ ଲକ୍ଷେ ଟଙ୍କାରେ ବିକ୍ରି କରାଯାଇଛି। ତାଙ୍କୁ ଫେରାଇନେବାକୁ ଜିଦ୍ ଧରି ସେମାନେ ବସିଥିଲେ। ନାବାଳିକାଙ୍କ ପରିବାର ଲୋକେ ଉମରକୋଟ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେମାନଙ୍କୁ ଥାନାକୁ ନେଇ ଯାଇଥିଲା। ଏହାପରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ପୋଲିସ ୧୨୦/୨୧ରେ ମାମଲା ରୁଜୁକରି ଅନ୍ୟ ଅଭିଯୁକ୍ତଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି।

## ମେ' ୨୩ରେ ଓସିଏସ୍ ପ୍ରିଲିମ୍

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍(ଓସିଏସ୍) ପ୍ରିଲିମ୍ ପରୀକ୍ଷା ତାରିଖ ଘୋଷଣା ହୋଇଛି। ଆସନ୍ତା ମେ' ୨୩ରେ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ସମ୍ବଲପୁର ଆଦି ୫ଟି ଜୋନ୍‌ରେଏହି ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ସୋମବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜେନେରାଲ ଷ୍ଟଡିଜ୍ ପେପର-୧ ପରୀକ୍ଷା ସକାଳ ୧୦ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଅପରାହ୍ନ ସାଢ଼େ ୧ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ଜେନେରାଲ ଷ୍ଟଡିଜ୍ ପେପର-୨ ପରୀକ୍ଷା ହେବ। ତେବେ ସମସ୍ତ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କୁ ପ୍ରତି ସିଟିଂରେ ଅଧିକ ୪୦ ମିନିଟ୍ ସମୟ ଦିଆଯିବ। ଅର୍ଥାତ୍ ପ୍ରଥମ ସିଟିଂ ପାଇଁ ୧୦ଟାରୁ ୧୨ଟା ୪୦ ଏବଂ ଦ୍ୱିତୀୟ ସିଟିଂ ପାଇଁ ସାଢ଼େ ୧ଟାରୁ ୪ଟା ୧୦ ପର୍ଯ୍ୟନ୍ତ ସମୟ ଦିଆଯିବ। ଅଧିକ ତଥ୍ୟ ପାଇଁ ପରୀକ୍ଷାର୍ଥୀମାନେ ଓପିଏସ୍‌ସିର ୱେବ୍‌ସାଇଟ୍ opsc.gov.inକୁ ନିୟମିତ ଦେଖିବା ପାଇଁ ଓପିଏସ୍‌ସି ପକ୍ଷରୁ କୁହାଯାଇଛି।

## ଚନ୍ଦ୍ରପ୍ରଭା ଦେବୀଙ୍କ ପରଲୋକ



**ଭୁବନେଶ୍ୱର, ୨୨/୩:** ବିଶିଷ୍ଟ ରାଜନୀତିଜ୍ଞ ତଥା ସତ୍ୟବାଦୀର ପୂର୍ବତନ ବିଧାୟକ, ଶିଳ୍ପପତି, ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ସ୍ୱର୍ଗତ ଚନ୍ଦ୍ରମାଧବ ମିଶ୍ରଙ୍କ ପତ୍ନୀ ଚନ୍ଦ୍ରପ୍ରଭା ଦେବୀଙ୍କର ଗତକାଲି ରାତିରେ ପରଲୋକ ହୋଇଯାଇଛି । ତାଙ୍କୁ ୯୨ ବର୍ଷ ହୋଇଥିଲା । ଆଜି ସକାଳେ ତାଙ୍କ ମରଶରୀରକୁ ଭୁବନେଶ୍ୱରର ନୀଳକଣ୍ଠ ନଗରସ୍ଥିତ ବାସଭବନରୁ ସାକ୍ଷୀଗୋପାଳସ୍ଥିତ ଘରକୁ ନିଆଯାଇଥିଲା । ସେଠାରେ ଆତ୍ମୀୟସ୍ୱଜନ ଶେଷ ଦର୍ଶନ କଲାପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସାନପୁଅ ତଥା ଜଣାଶୁଣା ଶିଳ୍ପପତି, ସମାଜସେବୀ ନିଶିକାନ୍ତ ମିଶ୍ର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ବଡ଼ ପୁଅ ସୀତାକାନ୍ତ ମିଶ୍ର ଓ ଶ୍ରୀକାନ୍ତ ମିଶ୍ର, ଝିଅ ମନ୍ଦାକିନୀ ମହାପାତ୍ର, ବିନୋଦିନୀ ମହାପାତ୍ର ଓ ବିଜୟିନୀ ରଥଙ୍କ ସମେତ ନାତିନାତୁଣୀ, ଭଣଜା, ଭାଣିଜୀମାନେ ଉପସ୍ଥିତ ଥିଲେ । ସ୍ୱର୍ଗତା ଚନ୍ଦ୍ରପ୍ରଭା ଦେବୀ ହେଉଛନ୍ତି ପ୍ରାକ୍-ସ୍ୱାଧୀନତା ସମୟରେ ପୁରୀର ପ୍ରସିଦ୍ଧ କବିରାଜ ବୈଦ୍ୟରତ୍ନ ପୂର୍ଣ୍ଣଚନ୍ଦ୍ର ରଥଙ୍କର ଏକମାତ୍ର କନ୍ୟା । ଆଜି ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ବିଜେଡିର ଭୁବନେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ମହାସୂପକାର, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ ଓ ଦେବାଶିଷ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାସ, ଅଭିନେତ୍ରୀ ପିଙ୍କି ପ୍ରଧାନ ଓ ସମାଜସେବୀ ଲୋରା ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ଟିମ୍ ଆଡ୍‌ମାର୍କ, ଡ୍ରିମ୍ ଟିମ୍ ସାହାରା, ଟିମ୍ ଓଡ଼ିଆ, ଟିମ୍ ଯାଯାବରର ନିର୍ଦ୍ଦେଶକ, ବରିଷ୍ଠ କର୍ମଚାରୀମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଟ୍ରକ୍‌କୁ ଧକ୍କା ଦେଲା ଆମ୍ବୁଲାନ୍ସ, ୨ମୃତ

**ରସୁଲପୁର,୨୨।୩(ଡି.ଏନ.ଏ.):** ଯାଜପୁର ଜିଲା ରସୁଲପୁର ବ୍ଲକ ୧୬ନଂ.ଜାତୀୟ ରାଜପଥର କୁଆଖିଆ ବଜାର ଓଭର ବ୍ରିଜ୍ ଉପରେ ସୋମବାର ଏକ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ଘଟିଛି। ସାଇଶିବମ୍ ନାମକ ଏକ ଆମ୍ବୁଲାନ୍ସ(ନଂ.ଓଡି-୧୪ଏ-୫୫୮୮) ଭାରସାମ୍ୟ ହରାଇ ଏକ ଲୁହାପଥର ବୋଝେଇ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଏଥିରେ ଆମ୍ବୁଲାନ୍ସ ଚାଳକ ଭୁବନେଶ୍ୱର ୟୁନିଟ୍-୬ର ମାନସ ରଞ୍ଜନ ସିଂ(୨୮) ଓ ତାଙ୍କ ସହଯୋଗୀ ଜଗନ ନାୟକ(୧୮)ଙ୍କ ମୃତ୍ୟୁ ଘଟିଛି। ଆମ୍ବୁଲାନ୍ସଟି ରୋଗୀ ଛାଡି ଭୁବନେଶ୍ୱରରୁ ବାଲେଶ୍ୱର ଯାଉଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି।

## କଳହରୁ ବାପାଙ୍କୁ ହାଣିଲେ ପୁଅ

**ଛେଣ୍ଡିପଦା,୨୨।୩(ସ୍ୱ.ପ୍ର.)**

- ଟାଙ୍ଗିଆ ଚୋଟରେ ମା' ଗୁରୁତର
- ଫେରାର ବେଳେ ଅଭିଯୁକ୍ତ ଗିରଫ

ପାରିବାରିକ କଳହରୁ ବାପାଙ୍କୁ ହାଣି ହତ୍ୟା କରିଛନ୍ତି ପୁଅ। ଟାଙ୍ଗିଆ ଚୋଟରେ ମା' ମଧ୍ୟ ଗୁରୁତର ହୋଇଛନ୍ତି। ସୋମବାର ଏପରି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ଜରପଡା ଥାନା ଦୁର୍ଗାପୁର ଗ୍ରାମ କୁଡାସାହିରେ। ଖବରପାଇ ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିବା ସହ ନଂ. ୭୩/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ଆଇଆଇସି ପ୍ରଦୀପ କୁମାର ପ୍ରଧାନ କହିଛନ୍ତି, କୁଡାସାହିର ବାଳକୃଷ୍ଣ ବେହେରାଙ୍କ ବଡ଼ପୁଅ ହେଉଛନ୍ତି ତ୍ରିନାଥ ବେହେରା। ଗାଡ଼ି ଚାଳକ ଭାବେ ବାହାରେ କାମ କରୁଥିବା ତ୍ରିନାଥ ରବିବାର ଘରକୁ ଆସିଥିଲେ। ସୋମବାର ସକାଳେ ପାରିବାରିକ ଘଟଣାକୁ ନେଇ ବାପା ବାଳକୃଷ୍ଣଙ୍କ ସହ ପୁଅ ତ୍ରିନାଥଙ୍କ କଳହ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ତ୍ରିନାଥ ଏକ ଟାଙ୍ଗିଆରେ ବାପାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ମା' ରୁକ୍ମିଣୀ ବେହେରା ପୁଅକୁ ବାରଣ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ବାଳକୃଷ୍ଣଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ରୁକ୍ମିଣୀ ଗୁରୁତର ହୋଇଥିଲେ। ବାପାଙ୍କ ମୃତ୍ୟୁ ହୋଇଯିବା ଦେଖି ପୁଅ ତ୍ରିନାଥ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ସମ୍ପର୍କୀୟମାନେ ୧୦୮ ଆମ୍ବୁଲାନ୍ସରେ ଗୁରୁତର ରୁକ୍ମିଣୀଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ପୁଅ ତ୍ରିନାଥଙ୍କୁ ଗିରଫ କରିଥିବା ଆଇଆଇସି ପ୍ରକାଶ କରିଛନ୍ତି।




# ଜୀବିକା ପାଇଁ ଜୀବନ ବିପଦ



ମହାନଦୀରୁ ବିପଦପୂର୍ଣ୍ଣ ଭାବେ ଡଙ୍ଗାରେ ଶ୍ରମିକମାନେ ବାଲି ଭର୍ତ୍ତି କରି କୂଳକୁ ଆଣୁଛନ୍ତି।

**ମହାକାଳପଡ଼ା,୨୨।୩ (ଡି.ଏନ.ଏ.)**

**ନଦୀଗର୍ଭରୁ ଡଙ୍ଗାରେ ଚାଲିଛି ବାଲି ପରିବହନ**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମହାନଦୀ, ଲୁଣା, ପାଇକା, ଗୋବରୀ ଆଦି ନଦୀ ରହିଛି। ଗଭୀର ନଦୀରେ ବୁଡି ଶ୍ରମିକମାନେ ପେଟ ପାଟଣା ପାଇଁ ନିଜ ଜୀବନକୁ ବାଜି ଲଗାଇ ବାଲି ସଂଗ୍ରହ କରୁଛନ୍ତି। ସେମାନେ ପାଳି କରି ବାଲ୍‌ଟି ସାହାଯ୍ୟରେ ବାଲି ଉଠାଇ ଡଙ୍ଗାରେ ଭରିଥାନ୍ତି। ଏମିତି ୩ରୁ ୪ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରିବା ପରେ ଡଙ୍ଗାରେ ବାଲି ଭର୍ତ୍ତି ହୋଇଥାଏ। ଏଭଳି ଦୈନିକ ୧୦ରୁ ୨୦ ଡଙ୍ଗା ବାଲି ନେଇ ଯାତାୟାତ କରିଥାଏ। ଅଭାବୀ ଶ୍ରମିକମାନେ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବାକୁ ଏହି ବିପଦପୂର୍ଣ୍ଣ କାମକୁ ଆପଣେଇଥାନ୍ତି। ସେହି ବାଲି ବିକ୍ରିରୁ ଯେଉଁ ଅର୍ଥ ମିଳେ ସେଥିରୁ ଡଙ୍ଗା ଭଡ଼ା ଦିଆଯାଏ। ଅବଶିଷ୍ଟ ଟଙ୍କାକୁ ୫ରୁ ୭ ଜଣ ଶ୍ରମିକ ବାଣ୍ଟି ନେଇଥାନ୍ତି।

ଗୋଟିଏ ଡଙ୍ଗାରେ ଯେତିକି ପରିମାଣରେ ବାଲି ଭର୍ତ୍ତି ହୁଏ ତାହା ଦେଢ଼ ଟ୍ରିପ ହାଇୱା ବୋଝେଇ ସହ ସମାନ ବୋଲି ଜଣେ ଶ୍ରମିକ କହିଛନ୍ତି। ଡଙ୍ଗାରେ ଭର୍ତ୍ତି ହୋଇଥିବା ବାଲିର ମୂଲ୍ୟ ସ୍ଥାନୀୟ ବଜାରରେ ୧୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ। ପ୍ରଶାସନ ପକ୍ଷରୁ ବାଲି ସଇରାତଗୁଡ଼ିକ ବନ୍ଦ କରାଯାଇଛି। ସେଥିପାଇଁ ଜଳପଥରେ ଏପରି ବାଲି ଚାଲାଣ ଚାଲିଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଡଙ୍ଗା ବାଲି ଲୋକମାନଙ୍କର ଏବେ ଭରସା ସାଜିଛି। ସେହି ବାଲି ବ୍ଲକର ଉପାନ୍ତ ଅଞ୍ଚଳର ଆବଶ୍ୟକତା ପୂରଣ କରୁଛି। ସରକାରୀ, ବେସରକାରୀ ଓ ଘରୋଇ ଆଦି ନିର୍ମାଣ କାମରେ ତାହା ବ୍ୟବହାର କରାଯାଉଛି। ଏ ସମ୍ପର୍କରେ ବାଲି ସଂଗ୍ରହ କରୁଥିବା ଜଣେ ଶ୍ରମିକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ନଦୀରୁ ବାଲି ଉଠାଇବାକୁ ବହୁ ସମୟ ଲାଗିଥାଏ। କିଛି ଟଙ୍କା ରୋଜଗାର ପାଇଁ ଏହି ବିପଦପୂର୍ଣ୍ଣ କାର୍ଯ୍ୟ କରିବାକୁ ପଡୁଛି। ପ୍ରଶାସନିକ ଅଧିକାରୀଙ୍କ ଭୟରେ ବେଳେବେଳେ ଲୁଚିଛପି ଡଙ୍ଗାରେ ବାଲି ଭର୍ତ୍ତି କରିଥାଉ। ବର୍ଷାଦିନେ ଏପରି ବାଲି ଉଠା କାମ ବନ୍ଦ ରହିଥାଏ। ବିଶେଷକରି ଜମ୍ବୁ, ବଟୀଘର, ବାହାକୁଦ, ଖରିନାଶୀ ଆଦି ଅଞ୍ଚଳକୁ ବାଲି ଚାଲାଣ କରିଥାଉ ବୋଲି ସେ କହିଛନ୍ତି ।

**ଆଜିର ମନ୍ତବ୍ୟ**

"ପୁରୁଷଙ୍କଠାରୁ ମହିଳାମାନେ ଅଧିକ ଶକ୍ତିଶାଳୀ। କିନ୍ତୁ ଏହି ଶକ୍ତି କେଉଁଠୁ ଆସେ ଓ କିପରି କାମ କରେ ତାହା ସେମାନେ ଜାଣିପାରି ନ ଥାନ୍ତି। ଏହା ହିଁ ନାରୀ ସଶକ୍ତୀକରଣର ମୂଳତତ୍ତ୍ୱ।

–ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ: ................................

ଜନ୍ମ ତାରିଖ: ................................



ନୁମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଫେରିଲା ନାଇଟ୍...

ସ୍ଥିତି ଏପରି ହୋଇଥିଲା ମାସ ମାସ ଧରି ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ କରାଯାଇ କରୋନା ସହ ଲଢ଼େଇ ଆରମ୍ଭ ହୋଇଥିଲା। ଗତ କିଛିମାସ ଧରି ସଂକ୍ରମଣ ନିୟନ୍ତ୍ରଣକୁ ଆସିଥିଲା। ସ୍ଥିତି କ୍ରମଶଃ ସ୍ୱାଭାବିକ ହେଉଥିବାବେଳେ ପୁଣି କରୋନା ଡରାଇଲାଣି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଆଗୁଆ ସତର୍କ ଓ ସଚେତନ ରହିଥିବାବେଳେ ଆଉଏକ ଲଢ଼େଇ ପାଇଁ ସଜବାଜ ଆରମ୍ଭ କରିଛନ୍ତି। ସୋମବାର କୋଭିଡ୍ ସ୍ଥିତି ନେଇ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଡିଏମ୍‌ଇଟି ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଭିଡିଓ କନଫରେନ୍ସରେ ଜିଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି। ଗାଁଗୁଡ଼ିକରେ କୋଭିଡ୍ ପରିଚାଳନା କମିଟିକୁ ପୁଣିଥରେ ସକ୍ରିୟ କରାଯିବ। ସରପଞ୍ଚ, ୱାର୍ଡ ମେମ୍ବରଙ୍କୁ ପୂର୍ବପରି କରୋନା ଲଢ଼େଇରେ ନିୟୋଜିତ କରାଯିବ। ସେମାନେ ଗାଁକୁ ଆସୁଥିବା ବାହାର ଲୋକଙ୍କ ଉପରେ ନଜର ରଖିବେ। ସେହିଭଳି ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ଗାଁ ଗାଁ ବୁଲି କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ ବୋଲି ଏସ୍‌ଆର୍‌ସି ଜେନା କହିଛନ୍ତି। ଏତଦ୍‌ବ୍ୟତୀତ କରୋନା କଟକଣାକୁ କଡ଼ାକଡ଼ି କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ମଲ୍, ବ୍ୟବସାୟିକ ପ୍ରତିଷ୍ଠାନ, ଭିଡ଼ ହେଉଥିବା ସ୍ଥାନରେ କରୋନା ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରାଯିବ। ଏଥିପାଇଁ ସମସ୍ତ ଏସ୍‌ପିଙ୍କୁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଏବେ ରାଜ୍ୟରେ ପ୍ରତିଦିନ ୨୬ ହଜାର ଟେଷ୍ଟିଂ ହେଉଛି। ତେବେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସଂକ୍ରମଣ କମ୍ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏପଟେ ରାଜ୍ୟବାସୀଙ୍କ ସତର୍କ କରାଇଛନ୍ତି ଡିଏମ୍‌ଇଟି ସିବିକେ ମହାନ୍ତି। ସେ କହିଛନ୍ତି, କୋଭିଡ୍ ନିୟମ ନ ମାନିବାର ଅର୍ଥ ହେଉଛି ଲକ୍‌ଡାଉନ୍‌କୁ ଆମନ୍ତ୍ରଣ କରିବା। ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ଆବଶ୍ୟକ ପଡ଼ିଲେ କଟକଣା ଲାଗୁ ହେବ। ରାଜ୍ୟ ସରକାର ଏବେ କୋଭିଡ୍ ସ୍ଥିତି ନେଇ ସମୀକ୍ଷା କରୁଛନ୍ତି। ଆବଶ୍ୟକ ପଡିଲେ ମେଡିକାଲ ବେଡ୍ ସଂଖ୍ୟା ମଧ୍ୟ ବୃଦ୍ଧି କରାଯିବ। ସୂଚନାଯୋଗ୍ୟ, ୨୪ ଘଣ୍ଟାରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୩୫ଜଣ ଥିବାବେଳେ କଟକରେ ୨୫ ଜଣ ରହିଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୩୩୬,୧୨୪କୁ ବୃଦ୍ଧି ପାଇଛି।

## ଏକ୍ସଆଇଏମ୍‌ବିରୁ ୪୫...

କରିବା ସହ କଟକଣା ଲଗାଇଛି। କ୍ୟାମ୍ପସ୍ ଭିତରୁ କେହି ବାହାରକୁ ଆସିପାରିବେନି କି ଭିତରକୁ ମଧ୍ୟ କେହି ବାହାର ଲୋକ ପ୍ରବେଶ କରିପାରିବେ ନାହିଁ ବୋଲି କୁହାଯାଇଛି। ଛାତ୍ରୀଛାତ୍ର ବା ସେମାନଙ୍କ ଅଭିଭାବକଙ୍କୁ ଶିକ୍ଷାନୁଷ୍ଠାନ ଭିତରକୁ ପ୍ରବେଶ ଲାଗି ବାରଣ କରାଯାଇଛି। କେବଳ ବିଏମ୍‌ସି କର୍ମଚାରୀମାନଙ୍କୁ ପ୍ରବେଶ ଅନୁମତି ଦିଆଯାଇଛି। ଭିତରେ ରହିଥିବା ଛାତ୍ରୀଛାତ୍ରଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ଔଷଧ ଯୋଗାଇଦେବ ବିଏମ୍‌ସି। ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କର କରୋନା ଟେଷ୍ଟ କରାଯିବ। ପଜିଟିଭ ଚିହ୍ନଟ ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ହଷ୍ଟେଲ ରୁମ୍‌ରେ ସଙ୍ଗରୋଧରେ ରଖାଯିବ। କୌଣସି ଜରୁରିକାଳୀନ ମେଡିକାଲ ସେବା ପାଇଁ ବିଏମ୍‌ସିର ହେଲ୍ପଲାଇନକୁ ଫୋନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ବିଏମ୍‌ସି ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କଟକର ଅରୁଣୋଦୟନଗରସ୍ଥିତ ଏକ ଘରୋଇ ସାଇନ୍ସ କଲେଜରେ ଦୁଇଦିନରେ ୨୫ଜଣ ଆକ୍ରାନ୍ତ ହୋଇଥିଲେ। ପ୍ରଥମେ ୧୨ଜଣ ଓ ପରେ ଆଉ ୧୩ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ସ୍ଥିତିକୁ ଦୃଷ୍ଟିରେ ରଖି ୧୦ଦିନ ପାଇଁ କଲେଜ ବନ୍ଦ ରଖାଯାଇଛି।

## 'ଛିଛୋରେ' ଶ୍ରେଷ୍ଠ...

ବର୍ଗରେ 'ଶଲା ବୁଢ଼ାର ବଦ୍‌ଲା' ଓ 'କାଲିର ଅତୀତ' ଯୁଗ୍ମ ଭାବେ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ ହୋଇଛି। ଚଳଚ୍ଚିତ୍ର ନିର୍ମାଣ ଅନୁକୂଳ ରାଜ୍ୟ ଭାବେ ସିକ୍କିମକୁ ଚୟନ କରାଯାଇଛି। ବହତ୍ତର ହୁରେନ୍ ଶ୍ରେଷ୍ଠ ଫିଲ୍ମ ନିର୍ଦ୍ଦେଶକ ଘୋଷିତ ହୋଇଛନ୍ତି। ଶ୍ରେଷ୍ଠ ଫିଲ୍ମ କ୍ରିଟିକ୍ ଭାବେ ସୋହିନି ଚଟ୍ଟୋପାଧ୍ୟାୟ, ଶ୍ରେଷ୍ଠ ସିନେମାଟୋଗ୍ରାଫି ଭାବେ ସୋନ୍‌ସି, ସବିତା ସିଂଙ୍କ ନାଁ ଘୋଷଣା କରାଯାଇଛି। 'କଷ୍ଟେଡି' ଶ୍ରେଷ୍ଠ ଶର୍ଟ ଫିକ୍ସନ ଫିଲ୍ମ, 'ରାଧା' ଶ୍ରେଷ୍ଠ ଆନିମେଶନ ଫିଲ୍ମ, 'ଦି ଶାୱାର' (ହିନ୍ଦୀ) ଶ୍ରେଷ୍ଠ ପ୍ରମୋସନାଲ ଫିଲ୍ମ ମନୋନୀତ ହୋଇଛି। 'ଆନ୍ ଇଞ୍ଜିନିୟରର୍ଡ ଡ୍ରିମ୍'(ହିନ୍ଦୀ) ଶ୍ରେଷ୍ଠ ନନ୍ ଫିଚର ଫିଲ୍ମ ପୁରସ୍କାର ପାଇବାକୁ ଘୋଷଣା କରାଯାଇଛି। ପୁରୁଷ ବର୍ଗରେ ହିନ୍ଦୀ ଗୀତ 'ତେରି ମିଟି' ପାଇଁ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ବି ପାରକ ଏବଂ ମହିଳା ବର୍ଗରେ ମରାଠୀ ସଙ୍ଗୀତ 'ବାର୍‌ଦୋ' ପାଇଁ ସବାନୀ ରବୀନ୍ଦ୍ର ଶ୍ରେଷ୍ଠ ପ୍ଲେ ବ୍ୟାକ୍ ସିଙ୍ଗର ମନୋନୀତ ହୋଇଛନ୍ତି। 'ଦି ତାସ୍‌କେଣ୍ଟ ଫାଇଲ୍' ପାଇଁ ପଲ୍ଲବୀ ଜୋଷୀ ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ଏବଂ 'ସୁପର ଡିଲକ୍ସ' ଫିଲ୍ମ ପାଇଁ ବିଜୟ ସେତୁପଥିଙ୍କୁ ଶ୍ରେଷ୍ଟ ସହାୟକ ଅଭିନେତା ଘୋଷଣା କରାଯାଇଛି। ଶିଶୁ ଚଳଚ୍ଚିତ୍ର ଭାବେ 'କସ୍ତୁରୀ'(ହିନ୍ଦୀ) ମନୋନୀତ ହୋଇଛି। ନିର୍ଦ୍ଦେଶକଙ୍କର ଶ୍ରେଷ୍ଠ ଡେବ୍ୟୁ ଫିଲ୍ମ 'ହେଲେନ'(ମାଲୟାଲମ) ଇନ୍ଦିରା ଗାନ୍ଧୀ ପୁରସ୍କାର ପାଇଁ ଚୟନ ହୋଇଛି। ଗତ ବର୍ଷ ମେ'ରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ କରୋନା ମହାମାରୀ କାରଣରୁ ସ୍ଥଗିତ ରଖାଯାଇଥିଲା। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଫିଲ୍ମ ମହୋତ୍ସବ ନିର୍ଦ୍ଦେଶାଳୟ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

## କନ୍ଧମାଳ ଫେରିଲା...

ଏଠାର ନବନିର୍ମିତ ମାତୃ ଶିଶୁ ସ୍ୱାସ୍ଥ୍ୟ ୟୁନିଟ(ଏମ୍‌ସିଏଚ୍)ରେ ଏକ ସ୍ୱତନ୍ତ୍ର ଗୃହରେ ମା' ଓ ବାପାଙ୍କ ସହ ଜଗା ରହିଛି। ଏହି କୋଠରୀରେ ୨୪ ଘଣ୍ଟିଆ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଜଗା ରହିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଜଗାକୁ ନିଜ ଜନ୍ମମାଟିକୁ ଫେରାଇ ନେବା ପାଇଁ କନ୍ଧମାଳ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୋମବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ କନ୍ଧମାଳର ୩ଜଣିଆ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପୂର୍ବାହ୍ନରେ ଏସ୍‌ସିବି ମେଡିକାଲରେ ପହଞ୍ଚିଥିଲା। ଉକ୍ତ ଟିମ୍‌ରେ ପ୍ଲାଷ୍ଟିକ ସର୍ଜରି ବିଭାଗର ଜଣେ ଡାକ୍ତର, ଜଣେ ଶିଶୁ ବିଶେଷଜ୍ଞ ଏବଂ ଜଣେ ଫାର୍ମାସିଷ୍ଟ ରହିଥିଲେ। ସେମାନେ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ ଓ ଜଗାକୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହିତ ଆଲୋଚନା କରିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିଥିଲେ। ଏହାପରେ କଟକ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଏନ୍‌ଏଚ୍‌ଏମ୍, ଡିସିପିଙ୍କୁ ଜଗାର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଅବଗତ କରାଇ ତାଙ୍କୁ କନ୍ଧମାଳ ନେଇଯାଇଥିଲେ।

ଏସ୍‌ସିବିରେ ଦୀର୍ଘଦିନ ଧରି ରହିବା ପରେ ଜଗାଙ୍କ ମା' ପୁଷ୍ପାଞ୍ଜଳି କହଁର ତାଙ୍କୁ ଫିରିଙ୍ଗିଆ ବ୍ଲକ ଡିମିରିଗୁଡ଼ା ପଞ୍ଚାୟତ ମିଲୁପଡାସ୍ଥିତ ଘରକୁ ନେବା ପାଇଁ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇଥିଲେ। ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ପରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୋମବାର ଉକ୍ତ ଡାକ୍ତରୀ ଟିମ୍‌କୁ ପଠାଇଥିଲେ। ଡାକ୍ତରୀ ଟିମ୍ ଜଗାକୁ ଫୁଲବାଣୀ ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଛନ୍ତି। ସେଠାରେ ପ୍ରତିଦିନ ଦୁଇଜଣ ଡାକ୍ତର ଜଗାର ଚିକିତ୍ସା କରିବେ। ଏଥିସହ ଏସ୍‌ସିବି ମେଡିକାଲର ଡା. ସୁଧାଂଶୁ ମିଶ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ସହିତ କନ୍ଧମାଳ ଡାକ୍ତରୀ ଟିମ୍ ଯୋଗାଯୋଗରେ ରହିବେ। ଯଦି ଜଗାର ସ୍ୱାସ୍ଥ୍ୟବସ୍ଥାକୁ ନେଇ ସମସ୍ୟା ଉପୁଜେ ତେବେ ଉକ୍ତ ଟିମ୍ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ଏସ୍‌ସିବି ମେଡ଼ିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି।

ସୂଚନାଯୋଗ୍ୟ, କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା ଓ କାଳିଆଙ୍କ ୨୦୧୭ରେ ଦିଲ୍ଲୀ ଏମ୍‌ସରେ ଅସ୍ତ୍ରୋପଚାର କରାଯାଇ ଯୋଡାମୁଣ୍ଡକୁ ଅଲଗା କରାଯାଇଥିଲା। ସେଠାରେ ପ୍ରାୟ ୨ ବର୍ଷ ରହିବା ପରେ ୨୦୧୯ ସେପ୍ଟେମ୍ବରରେ ଡିସ୍‌ଚାର୍ଜ କରାଯାଇ ଉଭୟଙ୍କୁ କଟକ ଏସ୍‌ସିବି ମେଡିକାଲକୁ ଅଣାଯାଇଥିଲା। ଏସ୍‌ସିବିରେ ସେମାନଙ୍କ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା। ସେଠାରେ ସେମାନଙ୍କ ଚିକିତ୍ସା ଜାରି ରହିଥିଲା। ହେଲେ କାଳିଆଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ନଭେମ୍ବର ୨୫ରେ ତାଙ୍କର ମୃତ୍ୟୁ ଘଟିଥିଲା।

ଜଗାର ବାପା ଭୂୟାଁ କହଁର କହିଛନ୍ତି, ପୁଅକୁ ନିଜ ଜିଲାକୁ ଆସିଥିବାରୁ ବହୁତ ଖୁସି ଲାଗୁଛି। ସେ ଏବେ ସୁସ୍ଥ ଅଛି। ଏଠାରେ ସେ ଡାକ୍ତରମାନଙ୍କ ନଜରରେ ରହିବ। ଆଗକୁ ପୁଣିଥରେ ତାକୁ ଚେକଅପ୍ ପାଇଁ ଦିଲ୍ଲୀ ନିଆଯିବ। ସେଠାରୁ ଫେରିବା ପରେ ଡାକ୍ତର ଅନୁମତି ଦେଲେ ଜଗାକୁ ଘରକୁ ନେବେ ବୋଲି ଭୂୟାଁ କହିଛନ୍ତି। ଏବେ ତାଙ୍କୁ ଫୁଲବାଣୀ ଡାକ୍ତରଖାନାରୁ ଘରକୁ ଯା'ଆସ କରିବାରେ କୌଣସି ଅସୁବିଧା ନାହିଁ ବୋଲି ଭୂୟାଁ କହିଛନ୍ତି। ଅନ୍ୟପକ୍ଷରେ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରାଜ୍ୟଶ୍ରୀ ପଟ୍ଟନାୟକ କହିଛନ୍ତି, ଜଗା ପାଇଁ ଏକ ସ୍ୱତନ୍ତ୍ର କ୍ୟାବିନ ଯୋଗାଇ ଦିଆଯାଇଛି। ବିଶେଷଜ୍ଞ ଡାକ୍ତରମାନେ ତା' ଉପରେ ନଜର ରଖିଛନ୍ତି। ସଂକ୍ରମଣ ଯେଭଳି ନ ହେବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ଜଣାଇଛନ୍ତି।

## ବିଆର୍‌ପିଏଲ୍ ଏକ...

ହେଁ ସେମାନଙ୍କ ସହ ଆଲୋଚନା କରିବାକୁ ଉଭୟ ଜିଲା ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷ ସମୟ ଗଡ଼ାଉଛନ୍ତି। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ୨୦୧୫ ସୁଦ୍ଧା ବିଆର୍‌ପିଏଲ୍‌ରେ ୧୨୫ ଜଣ ନିୟମିତ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହୋଇଥିଲେ। ଏହି ସଂଖ୍ୟା ୨୦୨୦ ମେ ସୁଦ୍ଧା ୧୧୯କୁ ହ୍ରାସ ପାଇଛି। ଏଥିରେ ଓଡ଼ିଆଙ୍କ ନିଯୁକ୍ତି ସଂଖ୍ୟା ୮୨.୩୫% ବୋଲି କମ୍ପାନୀ ପକ୍ଷରୁ ଦର୍ଶାଯାଇଛି। ହେଲେ ବାସ୍ତବରେ ଦର୍ଶିତ ସଂଖ୍ୟାଠାରୁ ବହୁଗୁଣରେ ଅଧିକ ଅଣଓଡ଼ିଆ କାର୍ଯ୍ୟ କରୁଛନ୍ତି ବୋଲି ଖୁରୁଣ୍ଟି ଗ୍ରାମବାସୀ କହିଛନ୍ତି। ଏହି କମ୍ପାନୀରେ ଓଡ଼ିଆ ଓ ଅଣଓଡ଼ିଆ କର୍ମଚାରୀ ସଂଖ୍ୟା ଉପରେ କେବେ ପ୍ରଶାସନିକ ତଦନ୍ତ ହୋଇନାହିଁ। କମ୍ପାନୀ ଯେଉଁ ତଥ୍ୟ ଦେଉଛି, ପ୍ରଶାସନିକ ଅଧିକାରୀମାନେ ତାକୁ ଆଖିବୁଜି ଗ୍ରହଣ କରିଦେଉଥିବାରୁ ସ୍ଥାନୀୟ ନିଯୁକ୍ତିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ୨୦୧୫ ସେପ୍ଟେମ୍ବର ୧୪ରେ ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ଥାନୀୟ ନିଯୁକ୍ତିକୁ ନେଇ ସୁକିନ୍ଦା ବନ୍ଦ ଡାକରା ଦିଆଯାଇଥିଲା। ତେବେ ତତ୍କାଳୀନ ଶିଳ୍ପମନ୍ତ୍ରୀ ଦେବୀପ୍ରସାଦ ମିଶ୍ରଙ୍କ ହସ୍ତକ୍ଷେପ ଯୋଗୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନର ଗୋଟିଏ ଦିନ ପୂର୍ବରୁ ହୋଇଥିବା ସମାଧାନ ବୈଠକରେ ବିଶେଷକରି ଓଡ଼ିଆ ଓ ଅଣଓଡ଼ିଆ ନିଯୁକ୍ତିକୁ ନେଇ ବହୁ ସମୟ ଧରି ଆଲୋଚନା ହୋଇଥିଲା। ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ଜିଲାପାଳ, ବିଧାୟକ ଏବଂ କମ୍ପାନୀ କର୍ତ୍ତୃପକ୍ଷ ସଭ୍ୟ ଭାବେ ରହିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସମାଧାନ ବୈଠକର ୧୫ ଦିନ ମଧ୍ୟରେ କମିଟି ନିଯୁକ୍ତି ସମ୍ପର୍କରେ ତଦାରଖ କରି ରିପୋର୍ଟ ଦେବାକୁ ତତ୍କାଳୀନ ଆର୍‌ଡିସି ବିକାଶ କୁମାର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ହେଁ ସ୍ଥାନୀୟ ନିଯୁକ୍ତି ସମ୍ପର୍କରେ କୌଣସି ତଦନ୍ତ ହୋଇ ପାରିନାହିଁ।

ଜିଲାର ସୁକିନ୍ଦା ବ୍ଲକ ସାରଙ୍ଗପୁର ପଞ୍ଚାୟତ ଖୁରୁଣ୍ଟି ଗ୍ରାମରେ ୨୫ ଗରିବ ପରିବାର ବସବାସ କରୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ବିଆର୍‌ପିଏଲ୍ କାରଖାନା ପାଇଁ ସେମାନଙ୍କ ଚାଷଜମି ଯାଇଛି। ଫଳରେ ସେମାନେ ଜୀବିକା ହରାଇ କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ଗ୍ରାମର ସମସ୍ତେ ଭଙ୍ଗାଦଦରା କୁଡ଼ିଆରେ ରୁହନ୍ତି। କାରଖାନାର ବାୟୁ ଓ ଜଳ ପ୍ରଦୂଷଣରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ କିଡ୍‌ନୀ ରୋଗରେ ଜୀବନ ଗଲାଣି। ଗତ ୩ ମାସରେ ପୁଣି ୪ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗ୍ରାମକୁ ଲାଗି ରହିଥିବା କାରଖାନା ରାସ୍ତାରେ ଦୈନିକ ଶତାଧିକ ମାଲ ବୋଝେଇ ଗାଡ଼ି ଚଳାଚଳ କରୁଛି। ଏହାର ଧୂଳି ଓ କାରଖାନାର ବିଷାକ୍ତ ଧୂଆଁରେ ସେମାନଙ୍କ ଜୀବନ ବିପନ୍ନ ହୋଇଛି। ଗୁଜବ ହେଉଛି ଯେ, ରାଜ୍ୟର ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀଙ୍କ ଅନେକ ଟ୍ରକ୍ ଏହି କାରଖାନାରେ ଲାଗିଥିବାରୁ ସରକାରୀ ସ୍ତରରେ ସ୍ଥାନୀୟ ଲୋକଙ୍କ ଅସନ୍ତୋଷକୁ ଜୋରଜବରଦସ୍ତି ଚାପି ଦିଆଯାଉଛି। ଏହି କାର୍ଯ୍ୟରେ ରାଜନେତାମାନେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବୁଡ଼ି ରହିଛନ୍ତି। କାରଣ କମ୍ପାନୀ ଏ ଦିଗରେ ଯଥେଷ୍ଟ ଅର୍ଥ ଖର୍ଚ୍ଚ କରି ସମସ୍ତଙ୍କୁ ସନ୍ତୁଷ୍ଟ କରିଆସୁଛି।

ବିଆର୍‌ପିଏଲ୍ କାରଖାନାକୁ ଜେଏସ୍‌ଡବ୍ଲ୍ୟୁ ଓ ତ୍ରିବେଣୀ ଭଳି ପ୍ରତିଷ୍ଠିତ କମ୍ପାନୀ ଅଧିଗ୍ରହଣ କରିବା ପରେ ଖୁରୁଣ୍ଟି ଗ୍ରାମବାସୀ ବିସ୍ଥାପନ ସହିତ କର୍ମନିଯୁକ୍ତି ପାଇବେ ବୋଲି ଆଶା କରିଥିଲେ। କିନ୍ତୁ ସବୁ ଆଶା ମଉଳି ଯାଇଛି। କେତେଜଣ ଗ୍ରାମବାସୀ ୨୪।୧୧।୨୦୨୦ରେ ବିଆର୍‌ପିଏଲ୍ ଏମ୍‌ଡି ତଥା ଭାଜପା ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବଙ୍କ ସହ ସାକ୍ଷାତ୍ କରି ନିଯୁକ୍ତି ଓ ବିସ୍ଥାପନ ସମ୍ପର୍କରେ ଆଲୋଚନା କରିବାକୁ ଲିଖିତ ଭାବେ ନିବେଦନ କରିଥିଲେ। ହେଲେ ନିବେଦନକୁ ପ୍ରତ୍ୟାଖ୍ୟାନ କରି ସ୍ଥାନ ଛାଡ଼ି ଚାଲିଯାଅ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହୁଥିବା ଗ୍ରାମର ଅରୁଣ କୁମାର ମଲିକ, ସୁଶାନ୍ତ ମଲିକ, କାର୍ତ୍ତିକ ମଲିକ, ସନ୍ତୋଷ ନାୟକ ପ୍ରମୁଖ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ମତାମତ ନେବାକୁ ବିଆର୍‌ପିଏଲ୍‌ର ଏମ୍‌ଡି ବୈଷ୍ଣବଙ୍କ ମୋବାଇଲ ନମ୍ବର ୯୯୭୧୧୩୩୦୭୦କୁ ୨୨।୩।୨୦୨୧ ଅପରାହ୍ନ ୫ଟା ୩୧ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମବାସୀଙ୍କ ସହ ଆଲୋଚନା କରିବାକୁ ବିଆର୍‌ପିଏଲ୍ ଏମ୍‌ଡିଙ୍କୁ ପରାମର୍ଶ ଦିଆଯିବ। ଏହାବାଦ୍ ଖୁରୁଣ୍ଟି ଗ୍ରାମକୁ ବିସ୍ଥାପନ କରିବାକୁ ପଦକ୍ଷେପ ନିଆଯିବ। ଏହିଭଳି ପ୍ରତିକ୍ରିୟାରୁ ସ୍ପଷ୍ଟ ଜଣାପଡୁଛି ଯେ, ବିଆର୍‌ପିଏଲ୍ ଏକ ସଙ୍ଗମସ୍ଥଳ ପାଲଟିଛି। ଏଠାରେ ତ୍ରିବେଣୀର ଅତ୍ୟଧିକ ଅର୍ଥ, କେନ୍ଦ୍ରରେ ଶାସନ କରୁଥିବା ଭାଜପାର ରାଜ୍ୟ ସଭା ସାଂସଦ ଏବଂ ବିଜେଡି ରାଜ୍ୟ ସରକାରଙ୍କ ଆଶୀର୍ବାଦରେ ଫୁଲୁଥିବା ସରକାରୀ କର୍ତ୍ତୃପକ୍ଷ ଲୋକଙ୍କ ଦୁଃଖ ଶୁଣିବା ପାଇଁ ରାଜି ନୁହନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜିର କଥା କାଲିକି
କାଲି କଥା ନଇ ବାଲିକି।**

ଯେଉଁମାନେ ଆଜି କାଲି କହି ଦିନ ଗଡ଼େଇ ଗଡ଼େଇ ଚାଲନ୍ତି, ସେମାନଙ୍କ କୌଣସି କଥା ବା କାର୍ଯ୍ୟ ବାସ୍ତବତାର ରୂପ ନେଇ ପାରି ନ ଥାଏ। ତାଙ୍କ ଉପରେ ଭରସା କଲେ ପଛକୁ ପସ୍ତେଇ ହେବାକୁ ପଡ଼ିଥାଏ। ଫାଙ୍କି ମାରି ଚାଲିଥିବା ବ୍ୟକ୍ତିର ରଙ୍ଗଢଙ୍ଗ ଏବଂ ପ୍ରକୃତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ଫଗୁଣ
ହେଉ ଫୁଲାଣ।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** – ଆଜି ଆପଣ କଳାନୁରାଗୀ, ସଙ୍ଗୀତପ୍ରିୟ, ସାହିତ୍ୟରସିକ ଓ ଚଳଚ୍ଚିତ୍ରପ୍ରେମୀ ଭାବରେ ସମୟ ଅତିବାହିତ କରିବାର ସୁଯୋଗ ପାଇବେ। କାମଗୁଡ଼ିକ ଯଥା ସମୟରେ ହେଉ ନ ଥିବାରୁ ବିରକ୍ତ ହେବେ। ଆବଶ୍ୟକତା ପୂରଣ ପାଇଁ ବଡ଼ କଷ୍ଟରେ ଟଙ୍କା ଯୋଗାଡ଼ କରିବେ। ଆଜି ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରୁହନ୍ତୁ।

**ବୃଷ** – ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମନୋରଞ୍ଜନ କାର୍ଯ୍ୟରେ ଖର୍ଚ୍ଚ କରି ଅନୁତାପ କରିବେ। କେତେକ ସମୟରେ ପାଖରେ କାମ କରୁଥିବା ଲୋକଟି ଉପରେ ନିର୍ଭରଶୀଳ ହେବାକୁ ବାଧ ହୋଇପାରନ୍ତି। ଯାହା କିଣିବା ପାଇଁ ମନ ବଳାଇଛନ୍ତି, ଆଜି ମନକୁ ନ ପାଇବା କାରଣରୁ ଫେରି ଆସିବାକୁ ପଡିବ। ରାଜନୀତି, ପ୍ରଶାସନ କ୍ଷେତ୍ରରେ ଫାଇଲ କାମ ବଢ଼ିଯିବ।

**ମିଥୁନ** – ଭୁଲ୍ ବୁଝାମଣାର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ ସହ ବିନା କାରଣରେ କଳହ ଲାଗିପାରେ। କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କରି ଅସଫଳ ହେବେ। କର୍ମକ୍ଷେତ୍ରରେ କହିଥିବା କଥାଟିକୁ ଅନ୍ୟମାନେ ବଡ଼ ଆକାରରେ କଦର୍ଥ କରି ଚିନ୍ତା କରିବେ।

**କର୍କଟ** – କେତେକ କ୍ଷେତ୍ରରେ ଯିଏ ଯାହା କହିଲେ ମଧ୍ୟ ତାହାକୁ ଭିନ୍ନ ଅର୍ଥରେ ଗ୍ରହଣ କରିବେ। ଖଳଲୋକମାନେ ଅପପ୍ରଚାର କରିପାରନ୍ତି, ତେଣେ ନିଜଲୋକଙ୍କଠାରୁ ମଧ୍ୟ ଆସ୍ଥା ହରାଇ ବସିବେ। ବନ୍ଧୁବାନ୍ଧବଙ୍କ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଖୋଜୁଥିବା ଜିନିଷର ସନ୍ଧାନ ସନ୍ଧ୍ୟାରେ ପାଇବେ।

**ସିଂହ** – ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବ୍ୟବସାୟ ଓ ରପ୍ତାନି ବାଣିଜ୍ୟରେ ଆଶାନୁରୂପ ଉନ୍ନତି ଘଟିବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ ଦୁର୍ବଳତା ଅନୁଭବ କରିବେ। ପରିସ୍ଥିତିରେ ପଡି ବହୁତ ଖର୍ଚ୍ଚ କରି ପରେ ମନସ୍ତାପ କରିବେ।

**କନ୍ୟା** – ଆଜି ପ୍ରତିଦ୍ୱନ୍ଦ୍ୱିତା କଲେ ବିଜୟର ଆଶା ନିରର୍ଥକ ହୋଇପାରେ। ବିବାଦରେ ମନସ୍ତାପ କରିବା ବ୍ୟତୀତ ଲାଭ କିଛି ହେବନି। ପାତର ଅନ୍ତର ନୀତିକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ହେବ ନାହିଁ। ଆୟ ଅପେକ୍ଷା ବ୍ୟୟ ଅଧିକ କରିବାକୁ ବାଧ ହେବେ।

**ତୁଳା** – ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଖୁସିରେ ଅତିବାହିତ ହେବ। କୌଣସି ମନଭୁଲାଣିଆ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ଫାଇଲ୍ କାମରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ ହେବେ।

**ବିଛା** – ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ସକାଶେ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ସ୍ୱାସ୍ଥ୍ୟ ସାମାନ୍ୟ ଗଡ଼ବଡ଼ ହୋଇପାରେ।

**ଧନୁ** – ବନ୍ଧୁମାନଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଯେକୌଣସି କ୍ଷେତ୍ର ହେଉ ଆପଣ କିଛି କରନ୍ତୁ, ଚୁପଚାପ ହୋଇ ବସିରହିଲେ ବହୁ କ୍ଷତି ସହିବାକୁ ପଡିବ। ଆଜି ଅପରାହ୍ନରେ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବାର ସମ୍ଭାବନା ରହିଛି।

**ମକର** – କିଛି ନ ବୁଝି କୌଣସି ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ଯଦି କହିବେ ତେବେ ଅଶାନ୍ତିକୁ ଆପଣେଇ ନେବା ଭଳି ହିଁ ପରିଣାମ ହୋଇପାରେ। ରାସ୍ତାରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବାରେ ପଛେଇ ଯିବେ।

**କୁମ୍ଭ** – ଆଜିର କର୍ମକ୍ଷେତ୍ରରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ଅଧ୍ୟୟନ ଓ ଆଧ୍ୟାତ୍ମିକତାରେ ଏକାଗ୍ରତା ଆଣିପାରିବେ। ଫେରିବା ବାଟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସାହିତ୍ୟ, କଳା, ସଙ୍ଗୀତ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ** – ଆଜି ଆପଣ ହସିକି କଥା କହିବେ ଓ ବିଭିନ୍ନ କାମ ହାତକୁ ନେଇ କଳ୍ପନା ରାଇଜରେ ଘୂରି ବୁଲିବେ। କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

ଆଜି ଫାଲଗୁନ ଶୁକ୍ଳ ନବମୀ ଯୁକ୍ତ ଦଶମୀ ମଙ୍ଗଳବାର, ମାର୍ଚ୍ଚ ୨୩ ତାରିଖ, ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ, ପବିତ୍ର ମସିହ ମଉଦ୍ ଦିବସ, ଭଗତ ସିଂହ, ସୁଖଦେବ ଓ ରାଜଗୁରୁଙ୍କ ଶହୀଦ ଦିବସ, ରାଶି ନକ୍ଷତ୍ର- ପୁନର୍ବସୁ/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୧୬ ଗତେ ଘ.୧୦।୪୧ ମଧ୍ୟେ, ଘ.୦୧।୦୫ ଗତେ ଘ.୦୨।୪୨ ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨।୫୪ ଗତେ ଘ.୦୪।୨୪ ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**SALE**

ସୁନ୍ଦରପଦା ଏବଂ ବାଲିଅନ୍ତାରେ developed gharabari boundary ଥାଇ ପ୍ଲଟ୍ କିଣନ୍ତୁ। 7008492511. D-69388

Plot for sale near Pipili Toll Gate, just 16 kms from Bhubaneswar, Kalpana Square. Contact: 9937446498. D-70562

ଭୁବନେଶ୍ୱର ଧଉଳି ଛକ ନିକଟରେ ଘରବାରି plot boundarywall, road, electricity ସହିତ NH ଠାରୁ 500' ଦୂରତାରେ ବିକ୍ରିହେବ। 9861428475. D-70814

Booking Open !! 40acres Plotting Township near SUMHospital. We providing facilities are 3feet Concrete Road,Park,Temple, Plantation, Electric Connection, Water Pipeline Connection. Contact:Shree Krishna Developer, 8337900880/8337900881 /8337900882. D- 70906

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926. D-20248

ଭୁବନେଶ୍ୱର ପଟିଆ ରେଲୱେଷ୍ଟେସନ 1.k.m. ଘର କରିବା ପାଇଁ plot 1200sqft. 6,60,000/- immediate possession/ registration. 8249384685, 8249005131, 9583328312. D-70813

Bhubaneswar AIIMS and Sum Hospital ନିକଟରେ ଘରବାରି plot sale. 7847882596. D-70815

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648. D-20177

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177




Tolet for 1BHK house Rajarani Colony, Bhubaneswar. Contact: 9437516391. D-63998

Rent for Office/ Shop/ Others 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar-751019. Contact: 9871816986. D-59984

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Ayurvedic full body massage by experienced (M/F) therapist. 9861193818, 8018656899. D-59985

Get good massage for your health the best therapy. 7749997224. D-70438

Swarna SPA newly open positively health benefits with expert therapist. 9556978408. D-70559

Zen SPA positively health benefits with experts therapeutic genuinely massage. 7205084157. D-70560

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ରୋଜଗାର ରୋଜଗାର:- AEPS & Mobile recharge portal ନିଅନ୍ତୁ। Daily 1000/- ରୁ 1500/- income କରନ୍ତୁ। Contact: 7852932323. D-20271

**AFFIDAVIT**

I, Deepanita Praharaj hereby change my name to Deepanita Mohapatra vide affidavit date 17-03-2021 sworn before Notary Nilamani Behera. D-20307

By affidavit before Executive Magistrate Digapahandi dated 22.03.2021, I, Nirmala Mohanty, Wife of Balaram Mohanty, Vill- Kamarkhandi, Sri Baladevjew, Kendrapara, Odisha and daughter of Brundaban Rout, formerly known as Nirmala Kumari Rout, have changed my name/ surname from Nirmala Kumari Rout to Nirmala Mohanty after marriage. Henceforth I shall be named and known as Nirmala Mohanty for all purposes. D-20310



ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ସମ୍ମୁଖରେ ରାଷ୍ଟ୍ରପତି, ତାଙ୍କ ସହଧର୍ମିଣୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।




ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ମହାପ୍ରଭୁଙ୍କ ନାଗାର୍ଜ୍ଜୁନ ବେଶର ପଟଚିତ୍ର ପ୍ରଦାନ କରୁଛନ୍ତି।




ଶ୍ରୀମନ୍ଦିର ପରିକ୍ରମା ଯୋଜନା ପାଇଁ ରାଷ୍ଟ୍ରପତି ଓ ତାଙ୍କ ସହଧର୍ମିଣୀ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



ରାଷ୍ଟ୍ରପତି ବ୍ୟାଟେରିଚାଳିତ ଗାଡ଼ିରେ ବସି କୋଣାର୍କ ସୂର୍ଯ୍ୟମନ୍ଦିର ପରିସର ବୁଲି ଦେଖୁଛନ୍ତି।



ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖୁଛନ୍ତି।



ସହଧର୍ମିଣୀ ସବିତା କୋବିନ୍ଦ ଓ ସମ୍ପର୍କୀୟଙ୍କ ସହ ରାଷ୍ଟ୍ରପତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି

**ପୁରୀ ଅଫିସ/ କୋଣାର୍କ (ଡି.ଏନ୍.ଏ), ୨୨।୩**

- ପରିକ୍ରମା ଯୋଜନା ପାଇଁ ଦରମାରୁ ୧ ଲକ୍ଷ ଟଙ୍କା ଦାନ ଦେଲେ
- ସୂର୍ଯ୍ୟମନ୍ଦିର ବୁଲିଲେ, ଐତିହ୍ୟ ଗାଥା ଶୁଣିଲେ

ରାଷ୍ଟ୍ରପତିରାମନାଥ କୋବିନ୍ଦ ସୋମବାର ପୁରୀ ଓ କୋଣାର୍କ ଗସ୍ତରେ ଆସି ଶ୍ରୀମନ୍ଦିର ଏବଂ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ରାଷ୍ଟ୍ରପତି ପ୍ରଥମେ ଶ୍ରୀମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ପରିକ୍ରମା ଯୋଜନା ପାଇଁ ରାଷ୍ଟ୍ରପତି ନିଜ ଦରମାରୁ ୧ ଲକ୍ଷ ଟଙ୍କା ଦାନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ନାଗାର୍ଜ୍ଜୁନ ବେଶର ଏକ ପଟଚିତ୍ର ପ୍ରଦାନ କରାଯାଇଥିବାବେଳେ ତାଙ୍କ କୌଳିକ ପଣ୍ଡା ନାରାୟଣ ଗୋଚ୍ଛିକାର ଉପହାର ସ୍ୱରୂପ ତାମ୍ରଫଳକ ପ୍ରଦାନ କରିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରିବାବେଳେ ରାଷ୍ଟ୍ରପତି ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ ବୋଲି ସେବାୟତମାନଙ୍କଠାରୁ ସୂଚନା ମିଳିଛି।

ପୂର୍ବାହ୍ନ ୮ଟା ୪୫ରେ ସ୍ୱତନ୍ତ୍ର ବାୟୁସେନା ହେଲିକପ୍ଟର ଯୋଗେ ରାଷ୍ଟ୍ରପତି କୋବିନ୍ଦ, ତାଙ୍କ ସହଧର୍ମିଣୀ ସବିତା କୋବିନ୍ଦ ଓ କେତେଜଣ ସମ୍ପର୍କୀୟ ଆସି ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କୁ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ ଏବଂ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ସ୍ୱାଗତ ଜଣାଇଥିଲେ। ସେଠାରୁ ରାଷ୍ଟ୍ରପତିଙ୍କୁ ସ୍ୱତନ୍ତ୍ର କାରକେଡ୍‌ରେ ଶ୍ରୀମନ୍ଦିରକୁ ପାଛୋଟି ଅଣାଯାଇଥିଲା। ଶ୍ରୀମନ୍ଦିର ନିକଟରେ ରାଷ୍ଟ୍ରପତିଙ୍କୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ସ୍ୱାଗତ କରିଥିଲେ। ପ୍ରଶାସନ ଦ୍ୱାରା ପ୍ରସ୍ତୁତ ଅସ୍ଥାୟୀ ବିଶ୍ରାମ ଗୃହରେ ରାଷ୍ଟ୍ରପତି ୫ ମିନିଟ୍ ବିଶ୍ରାମ ନେବା ପରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଏହି ସମୟରେ ତାଙ୍କ ସହ ସହଧର୍ମିଣୀ ଓ ସମ୍ପର୍କୀୟଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସେବାୟତ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ସେମାନଙ୍କୁ ପାଛୋଟି ନେଇଥିଲେ। ଶ୍ରୀମନ୍ଦିର ଭିତରକୁ ଯିବା ପୂର୍ବରୁ ରାଷ୍ଟ୍ରପତି ପ୍ରଥମେ ପତିତପାବନ ଓ ବାମପାର୍ଶ୍ୱରେ ଥିବା କାଶୀ ବିଶ୍ୱନାଥଙ୍କୁ ପ୍ରଣାମ କରିଥିଲେ। ଏହାପରେ ସେ ବାଇଶିପାହାଚ ଓ ସାତପାହାଚ ଦେଇ ଅରୁଣ ସ୍ତମ୍ଭ ପରିକ୍ରମା କରି ଗର୍ଭଗୃହ ଭିତରକୁ ଯାଇ ଅବକାଶ ବେଶରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ସେ ବେହରଣ ଦ୍ୱାର ଦେଇ ମୁକ୍ତିମଣ୍ଡପଠାରେ ପହଞ୍ଚିଥିଲେ। ସେଠାରେ ବ୍ରାହ୍ମଣ ଓ ପଣ୍ଡିତମାନେ ଉଚ୍ଚସ୍ୱରରେ ବେଦ ପାଠ କରିଥିଲେ। ରାଷ୍ଟ୍ରପତି ସେଠାରେ କିଛି କ୍ଷଣ ଅଟକି ବେଦ ପାଠ ଶୁଣିଥିଲେ। ପରେ ମା’ ବିମଳା ଓ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ମହାଲକ୍ଷ୍ମୀ ମନ୍ଦିର ପରିସରରେ କିଛି ସମୟ ବସିଥିଲେ। ଶ୍ରୀମନ୍ଦିର ହୁଣ୍ଡିକୁ ସେ ଦାନ କରିବା ସହ ଦର୍ଶନ ସାରି ବାହାରକୁ ଆସିଥିଲେ। ଏହାପରେ ରାଷ୍ଟ୍ରପତି କୋଣାର୍କ ଅଭିମୁଖେ ବିଦାୟ ନେଇଥିଲେ।

ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ରାଷ୍ଟ୍ରପତି କୋବିନ୍ଦ ସପରିବାର ଆସି କୋଣାର୍କ ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସ୍ୱତନ୍ତ୍ର ଗାଡ଼ି ଯୋଗେ ସୂର୍ଯ୍ୟମନ୍ଦିର ପରିସରରେ ପହଞ୍ଚିଥିଲେ। ସେମାନଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଏଏସ୍‌ଆଇ ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ, ବରିଷ୍ଠ ପୋଲିସ ଅଧିକାରୀ ବିନୟ କାଟେରିଆ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ଏବଂ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାଷ୍ଟ୍ରପତି, ତାଙ୍କ ସହଧର୍ମିଣୀ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ୩ଟି ବ୍ୟାଟେରିଚାଳିତ ଗାଡ଼ିରେ ବସି ସୂର୍ଯ୍ୟମନ୍ଦିର ପରିସର ବୁଲି ଭାସ୍କର୍ଯ୍ୟ କଳା ଦେଖିଥିଲେ। ରାଷ୍ଟ୍ରପତି କୋବିନ୍ଦ ସୂର୍ଯ୍ୟମନ୍ଦିର ନିର୍ମାଣ ଓ ଐତିହ୍ୟ ବିଷୟରେ ଏଏସ୍‌ଆଇ ଅଧିକାରୀଙ୍କଠାରୁ ଅବଗତ ହୋଇଥିଲେ। ପିଲାଦିନେ ପାଠ୍ୟପୁସ୍ତକରେ ପଢ଼ିଥିବା ସୂର୍ଯ୍ୟମନ୍ଦିରର ଐତିହ୍ୟ ଓ ପରମ୍ପରା, ଧର୍ମପଦଙ୍କ ଅମର ତ୍ୟାଗ, ବାରଶହ ବଢ଼େଇଙ୍କ ପରାକାଷ୍ଠା ପ୍ରଦର୍ଶନ ବିଷୟରେ ଜାଣିବା ସହ ପ୍ରଥମ ଥର ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ଆତ୍ମସନ୍ତୋଷ ଲାଭ କରିପାରିଛନ୍ତି ବୋଲି ରାଷ୍ଟ୍ରପତି ମତବ୍ୟକ୍ତ କରିଥିଲେ। ସୂର୍ଯ୍ୟମନ୍ଦିରର ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ଐତିହ୍ୟ ବିଶ୍ୱରେ ଅଦ୍ୱିତୀୟ ବୋଲି ସେ ପ୍ରକାଶ କରିବା ସହ ଭବିଷ୍ୟତ ପିଢି ପାଇଁ ଏହାର ଐତିହ୍ୟ ଓ ସଂସ୍କୃତିକୁ ସାଇତି ରଖିବାକୁ ପରାମର୍ଶ ଦେଇଥିଲେ। ପରେ ରାଷ୍ଟ୍ରପତି କୋବିନ୍ଦ ସହଧର୍ମିଣୀଙ୍କ ସହିତ ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ମନ୍ଦିର ନିର୍ମାଣର ଗାଥା, ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ କୀର୍ତ୍ତି ଓ ଇତିହାସ ସମ୍ବନ୍ଧରେ ପ୍ରସ୍ତୁତ ପ୍ରାମାଣିକ ଚିତ୍ରକୁ ଉପଭୋଗ କରିଥିଲେ। ଏହାପରେ ସ୍ୱତନ୍ତ୍ର ଗାଡ଼ି ଯୋଗେ କୋଣାର୍କ ଯାତ୍ରୀନିବାସକୁ ଫେରି ବିଶ୍ରାମ ନେବା ସହ ମଧ୍ୟାହ୍ନଭୋଜନ କରିଥିଲେ। ଅପରାହ୍ନ ୪ଟା ୩୦ ମିନିଟରେ ରାଷ୍ଟ୍ରପତି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।

## ତାମ୍ରଫଳକ ଭେଟିଦେଲେ ନାରାୟଣ

କୌଳିକ ସେବାୟତ ନାରାୟଣ ଗୋଚ୍ଛିକାର ଦୀର୍ଘବର୍ଷ ଧରି ସାଇତି ରଖିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପିତାଙ୍କ ଦସ୍ତଖତ ଓ ଲେଖାକୁ ଏକ ତାମ୍ରଫଳକରେ ଖୋଦେଇ କରି ରାଷ୍ଟ୍ରପତିଙ୍କୁ ଭେଟିଦେଇଥିଲେ। ଏହାକୁ ଦେଖି କୋବିନ୍ଦ ଖୁସି ହେବା ସହ ଘରେ ସାଇତି ରଖିବେ ବୋଲି କହିଥିଲେ। ନାରାୟଣ କହିଛନ୍ତି, ୧୯୪୭ ଅକ୍ଟୋବର ୧୦ରେ କୋବିନ୍ଦଙ୍କ ପିତା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ନାରାୟଣଙ୍କ ଜେଜେବାପା ବଳଭଦ୍ର ଗୋଚ୍ଛିକାର ତାଙ୍କୁ ଦର୍ଶନ କରାଇଥିବାବେଳେ ତାଙ୍କଠାରୁ ପୁସ୍ତିକାରେ ଦସ୍ତଖତ କରାଇଥିଲେ। ଏବେ ଏହାକୁ ଦେଖି ରାଷ୍ଟ୍ରପତି ଅତ୍ୟନ୍ତ ଆନନ୍ଦିତ ହୋଇଛନ୍ତି।

## ପୁସ୍ତିକାରେ ଦସ୍ତଖତ କଲେନି

କୌଳିକ ପଣ୍ଡାଙ୍କ ଦସ୍ତାବିଜରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦସ୍ତଖତ କରିନାହାନ୍ତି। କୌଳିକ ପଣ୍ଡା ନାରାୟଣ ଗୋଚ୍ଛିକାର ମହାଲକ୍ଷ୍ମୀ ମନ୍ଦିର ପାଖରେ ରାଷ୍ଟ୍ରପତିଙ୍କୁ ଦସ୍ତଖତ କରିବାକୁ କହିଥିଲେ ମଧ୍ୟ ସେ ମନା କରିଥିଲେ। କୋଭିଡ୍ କଟକଣା ଯୋଗୁ ରାଷ୍ଟ୍ରପତି ଦସ୍ତଖତ କରି ନ ଥିବା ନାରାୟଣ କହିଛନ୍ତି।

## ରାଷ୍ଟ୍ରପତିଙ୍କ ନାମରେ ନୀଳଚକ୍ରରେ ବନ୍ଧାହେଲା ବାନା

ସୋମବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନାମରେ ଶ୍ରୀମନ୍ଦିର ନୀଳଚକ୍ରରେ ୧୪ ହାତିଆ ବାନା ବନ୍ଧା ହୋଇଛି। ଏହାକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତାଙ୍କ କୌଳିକ ପଣ୍ଡା ନାରାୟଣ ଗୋଚ୍ଛିକାର ବାନ୍ଧିବା ସହ ରସିଦ କାଟିଥିଲେ।

# ‘ମାନବ ସମ୍ବଳ ହିଁ ଦେଶର ପ୍ରକୃତ ସମ୍ପଦ’

## ଜାତୀୟ ସେବା ଯୋଜନା ସେଲ୍‌ର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ଭାରତବର୍ଷର ବୃହତ୍ ଯୁବଶକ୍ତିକୁ ଦେଶ ଗଠନରେ ନିୟୋଜିତ କରିବାକୁ ହେଲେ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱବୋଧ, ଜାତୀୟତା ଭାବ ଓ ସମାଜସେବା ଆଦି ଗୁଣର ବିକାଶ କରିବାକୁ ପଡ଼ିବ । ସମାଜସେବା ମାଧ୍ୟମରେ ସମାଜରେ ପରିବର୍ତ୍ତନ ଓ ଉନ୍ନତି ଆଣିପାରିଲେ ଜାତୀୟ ସେବା ଯୋଜନା ଗଠନର ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି।

ଉଚ୍ଚଶିକ୍ଷା ବିଭାଗ ଅଧୀନ ରାଜ୍ୟ ଜାତୀୟ ସେବା ଯୋଜନା ସେଲ୍ ପକ୍ଷରୁ ସୋମବାର ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାହୁ କହିଛନ୍ତି, ମାନବ ସମ୍ବଳ ହିଁ ଦେଶର ପ୍ରକୃତ ସମ୍ପଦ ଓ ଏହାର ବିକାଶରେ ଦେଶର ବିକାଶ ହୋଇଥାଏ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଗାନ୍ଧିଜୀ ସ୍ୱେଚ୍ଛାକୃତ ସେବାର ଯେଉଁ ଉଦାହରଣ




ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ ଉଦ୍‌ବୋଧନ ଦେଉଛନ୍ତି।

ସୃଷ୍ଟି କରିଥିଲେ ତା’ର ପ୍ରାସଙ୍ଗିକତା ଏବେ ମଧ୍ୟ ରହିଛି। ମନ ଭିତରେ ଗୋଷ୍ଠୀଗତ ଭାବନା ଉଦ୍ରେକ ହୋଇପାରିଲେ ସମାଜରେ ଦେଖାଦେଉଥିବା ଅନେକ ଅସଙ୍ଗତି ଦୂରହୋଇପାରିବ। ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପାଳନ ଅବସରରେ ଏପରି ଉତ୍ସବ ଆୟୋଜନ ଅଧିକ ମହତ୍ତ୍ୱ ରଖେ ବୋଲି ସେ କହିଛନ୍ତି। ଯୁବକ ଅବସ୍ଥାରେ ମନ ମଧ୍ୟରେ ସମାଜସେବା ଭାବନା ସୃଷ୍ଟି କରାଯାଇପାରିଲେ ଭବିଷ୍ୟତରେ ସେମାନେ ଯେକୌଣସି ବୃତ୍ତିରେ ଥିଲେ ମଧ୍ୟ ସେମାନଙ୍କ କାର୍ଯ୍ୟ ସର୍ବଦା ସମାଜ କଲ୍ୟାଣ ଲାଗି ପ୍ରେରିତ ହେବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ସମ୍ପ୍ରତି କୋଭିଡ୍-୧୯ ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀମାନେ କୋଭିଡ୍ ସ୍ଥିତି ସମ୍ପର୍କରେ ସମସ୍ତଙ୍କୁ ସଚେତନକରି ଅଧିକ ସତର୍କତା ଅବଲମ୍ବନ କରିବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଉତ୍ସବରେ ୨୦୧୮-୧୯ ବର୍ଷ ନିମନ୍ତେ ୧୨ ଜଣ ସ୍ୱେଚ୍ଛାସେବୀ ଓ ୮ ଜଣ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ୨୦୧୯-୨୦ ବର୍ଷ ନିମନ୍ତେ ୧୨ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏବଂ ୧୦ ଜଣ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି।

DSPL-267



ଓଡ଼ିଶା ସରକାର

**ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ**

**ତା ୨୩.୦୩.୨୦୨୧ରିଖରେ ବିବିଧ କାର୍ଯ୍ୟକ୍ରମ**

ପୂର୍ବାହ୍ନ ୭.୦୦ ଘଟିକା : ବିଧାନସଭା ପରିସରରେ, ଭୁବନେଶ୍ୱରର ଅନ୍ୟାନ୍ୟ ସ୍ଥାନମାନଙ୍କରେ ଏବଂ ସମସ୍ତ ଜିଲ୍ଲାର ସଦର ମହକୁମାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।
ପୂର୍ବାହ୍ନ ୮.୦୦ ଘଟିକା : ଶୋଭାଯାତ୍ରା ଶୁଭାରମ୍ଭ-କଟକ ରେଳ ଷ୍ଟେସନରୁ ବାହାରି କଲେଜଛକ, ରାଣୀହାଟ, ମଙ୍ଗଳାବାଗ, ନୂଆପାଟଣା, ମାଛୁଆବଜାର, ହାଓଡାମୋଟର ଛକ, ମାସ୍ତାନ ଦରଘା, ମଣିସାହୁଛକ, କଦମ ରସୁଲ, ସିଟି ହସପିଟାଲ ଛକ, ଅମରେଶ୍ୱର ମନ୍ଦିର, ବକ୍ସିବଜାର, ବରପଥର, ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର, ନୟାସଡ଼କ, ବାଲୁବଜାର, ହାଇକୋର୍ଟଛକ ଦେଇ କାଠଯୋଡି ବେଲ୍‌ଭ୍ୟୁ ଛକ ।
ପୂର୍ବାହ୍ନ ୯.୩୦ ଘଟିକା : ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିସରରେ “ପ୍ରଣାମ ବାପୁ” କାର୍ଯ୍ୟକ୍ରମ ।
ପୂର୍ବାହ୍ନ ୧୦.୩୦ ଘଟିକା : ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗାନ୍ଧିଜୀଙ୍କ ଜୀବନୀ, ଆଦର୍ଶ ଏବଂ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ଅବଦାନ ସମ୍ପର୍କରେ ବିଧାନ ସଭା ସ୍ୱତନ୍ତ୍ର ଅଧିବେଶନରେ ଆଲୋଚନା ।
ପୂର୍ବାହ୍ନ ୧୧.୦୦ ଘଟିକା : ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଶିଳ୍ପୀ ଶିବିର ।
ଅପରାହ୍ନ ୪.୦୦ ଘଟିକା : କଟକର ସ୍ୱରାଜ ଆଶ୍ରମଠାରେ ନବନିର୍ମିତ ଗୃହର ଉଦ୍‌ଘାଟନ ।
ଅପରାହ୍ନ ୫.୪୫ ଘଟିକା: ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ କଟକ ତେଲେଙ୍ଗାପେଣ୍ଠଠାରେ ନାରୀ ସମାବେଶ ।
ଅପରାହ୍ନ ୬.୩୦ ଘଟିକା: ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ “ଗାନ୍ଧୀଙ୍କ ଓଡ଼ିଶା” ଶୀର୍ଷକ ନାଟକ ରବୀନ୍ଦ୍ର ମଣ୍ଡପ ଏବଂ ସମସ୍ତ ଜିଲ୍ଲା ସଦର ମହକୁମାଠାରେ ପରିବେଷଣ ।

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

OIPR-03001/13/0018/2021

“ଯେ ଅନ୍ୟଠାରୁ ପ୍ରେମ ପାଏ ଓ ତାକୁ ଭୋଗ କରେ– ସେହି ପ୍ରେମ ଦ୍ୱାରା ସେ ନିଜକୁ ଉଜ୍ଜ୍ୱଳ କରିପାରେନା କି ପରିପୂର୍ଣ୍ଣ କରିପାରେନା । କିନ୍ତୁ ଯେ ଅନ୍ୟକୁ ପ୍ରେମ ଦିଏ– ତା’ର ସେହି ପ୍ରେମ ହିଁ ତାକୁ ଉଜ୍ଜ୍ୱଳ ଓ ପରିପୂର୍ଣ୍ଣ କରିଦିଏ । –ଶ୍ରୀମା



# ଆଣ୍ଡାମାନ ଧ୍ୱଂସ ନୀତି

ଭାରତ ସରକାରଙ୍କୁ ବିଭିନ୍ନ କ୍ଷେତ୍ରରେ ବୁଦ୍ଧି ଦେଉଥିବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ ଆୟୋଗ ବା ‘ନୀତି ଆୟୋଗ’ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ମୁକ୍ତ ବାଣିଜ୍ୟ ଜୋନ୍ ତିଆରି କରିବା ଲାଗି ପ୍ରସ୍ତାବ ଦେଇଛି । ଏଭଳି ଚିନ୍ତାଧାରା ସୃଷ୍ଟି ହେବା ପଛରେ ଲକ୍ଷ୍ୟ ରହିଛି ‘ବିକାଶ’ । କେନ୍ଦ୍ର ସରକାରଙ୍କ ଅନ୍ୟତମ ସ୍ଲୋଗାନ ‘ସବ୍‌କା ସାଥ୍, ସବ୍‌କା ବିକାଶ’ ସମ୍ଭବତଃ ପ୍ରାକୃତିକ ସମ୍ପଦକୁ ଯେଭଳି ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା ଭଳି ପ୍ରତୀୟମାନ ହେଉଛି । ୨୦୨୦ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ ଯେ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ସାମୁଦ୍ରିକ ଓ ଷ୍ଟାର୍ଟ ଅପ୍ ହବ୍ ଭାବେ ବିକଶିତ କରାଯିବ । ଏଥିରେ ଗ୍ରୀନ୍‌ଫିଲ୍ଡ କୋଷ୍ଟାଲ ସିଟି ନିର୍ମାଣ ହେବ । ଫଳରେ ତାହା ଏକ ମୁକ୍ତ ବାଣିଜ୍ୟ ଜୋନ୍‌ରେ ପରିଣତ ହୋଇପାରିବ ଏବଂ ସିଙ୍ଗାପୁର ଓ ହଂକଂ ସହିତ ତାହା ପ୍ରତିଦ୍ୱନ୍ଦ୍ୱିତା କରିବ । କେନ୍ଦ୍ର ସରକାରଙ୍କ ଏଭଳି ବିକାଶ ଚିନ୍ତାଧାରା ପ୍ରକୃତି ଓ ପରିବେଶ ଉପରେ ଯେ କେତେ ପ୍ରଭାବ ପକାଇବ ତାହା ଭାବି ହେଉ ନାହିଁ ବୋଲି ପରିବେଶବିତ୍‌ମାନେ ମତ ରଖିଲେଣି ।

୨୦୧୧ ଜନଗଣନାକୁ ଦେଖିଲେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ୪୪ ଗ୍ରେଟ୍ ଆଣ୍ଡାମାନିଜ୍, ୩୮୦ ଜରୱା, ୧୦୧ ଓନ୍‌ଗି, ୨୨୯ ସୋମ୍‌ପେନ୍ ଏବଂ ୧୫ ସେଣ୍ଟିନିଲିଜ୍ ଅଛନ୍ତି । ଯେତେବେଳେ ସେଠାକାର ଜନଜାତିଙ୍କ ସଂଖ୍ୟା କମିଚାଲିଛି, ସେଥିପ୍ରତି ସରକାର ଦୃଷ୍ଟି ନ ଦେବା ଘୋର ଅନ୍ୟାୟ ହେଉଛି । ସରକାର ଲିଟିଲ୍ ଆଣ୍ଡାମାନରେ ନିରନ୍ତର ବିକାଶ ଲକ୍ଷ୍ୟରେ ଯେଉଁ ମେଗା ସିଟି ବିଷୟରେ ଚିନ୍ତା କରୁଛନ୍ତି, ତାହା ଦ୍ୱାରା ପର୍ଟିକୁଲାର ଭଲ୍‌ନେରେବଲ୍ ଟ୍ରାଇବାଲ ଗ୍ରୁପ୍‌ସ (ପିଭିଟିଜି) ବିପଦରେ ପଡ଼ିବେ । ଏଥିସହିତ ଜୈବବିବିଧତା, ପ୍ରାକୃତିକ ଜୈବମଣ୍ଡଳ ନଷ୍ଟ ହେବା ସହିତ ଲେଦରବ୍ୟାକ୍ କଇଁଛଙ୍କ ପାଇଁ ଭାରତର ସର୍ବାଧିକ ଚରାଭୂମି ଥିବା ଏହି ଅଞ୍ଚଳ ଧ୍ୱଂସ ପାଇଯିବ । କିଛି ବ୍ୟକ୍ତିଙ୍କ ଇପ୍ସିତ ଲକ୍ଷ୍ୟ ପୂରଣ ଲାଗି ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ପିଭିଟିଜିଙ୍କୁ ଅନ୍ୟତ୍ର ପୁନଃସ୍ଥାପନ ନେଇ ହେଉଥିବା ଯୋଜନା ମାରାତ୍ମକ ସାବ୍ୟସ୍ତ ହେବ । ସାଧାରଣରେ ସେଠାରେ ବାସ କରୁଥିବା ଲୋକ ପ୍ରକୃତି କୋଳରେ ବଢ଼ିଛନ୍ତି । ସେମାନଙ୍କୁ ପ୍ରକୃତି କୋଳରୁ ଛଡ଼ାଇ ନିଆଯିବା ମାନେ ବାସସ୍ଥାନକୁ ଛିନ୍ନଭିନ୍ନ କରିଦେବା । ଏହି ଆଧୁନିକତା ଯଦି କରାଯାଏ, ତେବେ ସେଠାକାର ଜଳବାୟୁ ମଧ୍ୟ ପ୍ରବଳ ମାତ୍ରାରେ ପ୍ରଦୂଷିତ ହେବ । ନୀତି ଆୟୋଗ ପକ୍ଷରୁ ଏଭଳି ପ୍ରକଳ୍ପକୁ ‘ହୋଲିଷ୍ଟିକ୍ ଆଣ୍ଡ୍ ସଷ୍ଟେନେବଲ୍’ ବା ‘ସାମଗ୍ରିକ ଓ ନିରନ୍ତର’ ଭିଜନ୍ ରଖାଯାଇ କରାଯାଉଛି ବୋଲି କୁହାଯାଉଛି । ନିରନ୍ତର ବିକାଶର ସଂଜ୍ଞା ଦେଖିଲେ କେହି ହଇରାଣ ହେବେ ନାହିଁ କି ପ୍ରକୃତି ବିଗିଡ଼ିବ ନାହିଁ ; ଅଥଚ ବିକାଶ ହୋଇଚାଲୁଥିବ । ସେଭଳି ଏକ ଅବସ୍ଥାକୁ ଭାରତୀୟ ବ୍ୟବସ୍ଥା ପହଞ୍ଚି ନ ଥିବା ବେଳେ ଏପରି ସ୍ଲୋଗାନ ଦେବା ଅବାସ୍ତବ ପ୍ରତୀୟମାନ ହେଉଛି । ଏକ ଛୋଟିଆ ଉଦାହରଣ ଦିଆଯାଇପାରେ । ସିଙ୍ଗାପୁରର ଭୂତଳ ଜଳ ମିଠା ନୁହେଁ । ସମୁଦ୍ରରୁ ପାଣି ନେଇ ତାକୁ ବିରାଟକାୟ ଆର୍‌ଓ ବ୍ୟବସ୍ଥାରେ ପାନୀୟଯୋଗ୍ୟ କରାଯାଏ । ସେଠାରେ ବଗିଚାରେ ଦିଆଯାଉଥିବା ପାଣିଠାରୁ ଆରମ୍ଭ କରି ଗାଡ଼ି ଧୋଇବା ଯାଏ ଆର୍‌ଓ ପାଣି ବ୍ୟବହାର କରାଯାଏ । ସେଭଳି ସ୍ତରକୁ ଭାରତ ପହଞ୍ଚିନାହିଁ କିମ୍ବା ସିଙ୍ଗାପୁର ଭଳିଆ ପ୍ରଦୂଷଣ ରୋକିବାର ଇଚ୍ଛା ମଧ୍ୟ ଭାରତୀୟଙ୍କର ନାହିଁ । ନୀତି ଆୟୋଗ ଭଲ ଭାବେ ଜାଣିଛି ଯେ, ଉକ୍ତ ପ୍ରକଳ୍ପ ଆଣ୍ଡାମାନର ଏକକ ଜୈବ ବିବିଧତାକୁ ନଷ୍ଟ କରିବ । ତାହା ସତ୍ତ୍ୱେ ସମାଲୋଚନାରୁ ରକ୍ଷା ପାଇବା ନିମନ୍ତେ ‘ନିରନ୍ତର ବିକାଶ’ ଭଳି ଜଟିଳ ଶବ୍ଦ ବ୍ୟବହାର କରୁଛି ।

ଯଦି ଆଣ୍ଡାମାନରେ ଉକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହୁଏ, ତେବେ ଅନେକ ହଜାର ଜଙ୍ଗଲ ଜମି ନଷ୍ଟ ହେବ । ଏଥିସହିତ ଅସଂଖ୍ୟ ଜୀବଜନ୍ତୁ ପ୍ରାଣ ହରାଇବେ । ସିଙ୍ଗାପୁର ଏବଂ ହଂକଂ ଭଳି ସହର ସହ ପ୍ରତିଦ୍ୱନ୍ଦ୍ୱିତା ଲକ୍ଷ୍ୟରେ କାର୍ଯ୍ୟ କରାଯାଇ ବିକାଶ କରାଗଲେ ବର୍ଜ୍ୟବସ୍ତୁରେ ଭରିଯିବ ଦ୍ୱୀପପୁଞ୍ଜ । ଅଳ୍ପ କେତେ ବର୍ଷ ପରେ ଆଣ୍ଡାମାନ ତା’ର ପ୍ରାକୃତିକ ସୌନ୍ଦର୍ଯ୍ୟ ହରାଇବା ସହିତ ଏକ ବୃହତ୍ ପ୍ରଦୂଷିତ ଅଞ୍ଚଳ ପାଲଟିଯିବା ଜଳଜଳ ଦେଖାଯାଉଛି । ଏବେ ଯେଉଁମାନେ ଆଣ୍ଡାମାନ ଯାଉଥିବେ ସେମାନେ ଜାଣୁଥିବେ କେଉଁଭଳି ଆବର୍ଜନା ସେଠାରେ ସୃଷ୍ଟି ହେଉଛି, ଯାହାର କୌଣସି ପ୍ରତିକାର କରାଯାଇନାହିଁ । ବ୍ରାଜିଲର ଏକଚ୍ଛତ୍ରବାଦୀ ନେତା ଜୈର ବୋଲସୋନାରୋଙ୍କ ଇଙ୍ଗିତରେ ଆମାଜନ ଜଙ୍ଗଲ ପୋଡ଼ି ବିକାଶ କରାଯିବ ବୋଲି ଯେମିତି କୁହାଯାଉଛି, ଆଣ୍ଡାମାନରେ ବିକାଶ କଥା ସେମିତି ମନେହେଉଛି । ଏଭଳି ଚିନ୍ତାଧାରା ରଖୁଥିବା ବ୍ୟକ୍ତିମାନେ କେବଳ ପ୍ରକୃତି ବିରୋଧୀ ନୁହନ୍ତି, ଭବିଷ୍ୟତରେ ଜନବିରୋଧୀ ସାବ୍ୟସ୍ତ ହେବେ । କାରଣ ମଣିଷକୁ ବଞ୍ଚିବାର ରାହା ଦେଇଥାଏ ପ୍ରକୃତି ।



# ଉତ୍ତାପ ବୃଦ୍ଧିରୁ ଭୟଙ୍କର ବିପର୍ଯ୍ୟୟ

ହାଡ଼ିବନ୍ଧୁ ଖଣ୍ଡୁଆଳ

ପ୍ରାକୃତିକ ବିପର୍ଯ୍ୟୟମାନ କାୟା ବିସ୍ତାର କରି ବିଶ୍ୱକୁ ମାଡ଼ି ଆସୁଛି । ଉତ୍ତାପ ବୃଦ୍ଧି, ବାତ୍ୟା, ମହାବାତ୍ୟା, ସ୍ୱଳ୍ପ ବୃଷ୍ଟି, ସ୍ୱଳ୍ପ ସମୟରେ ଅତ୍ୟଧିକ ବୃଷ୍ଟି, ବରଫ ପାହାଡ଼ ତରଳିବା ଧସିବା ଇତ୍ୟାଦି ଯେଉଁ ବିପର୍ଯ୍ୟୟ ସୃଷ୍ଟି ହେଉଛି, ତା’ର ମୂଳ କାରଣ ହେଉଛି ପାଣିପାଗରେ ପରିବର୍ତ୍ତନ । ପରିବର୍ତ୍ତିତ ପାଣିପାଗ ଉପରେ ବିଶ୍ୱରେ ସଚେତନତା ସୃଷ୍ଟି କରିବାକୁ ମାର୍ଚ୍ଚ ୨୩ ତାରିଖକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଏ ।

ୱାଶିଂଟନର ଏକ ଖବରକୁ ଭିତ୍ତିକରି ଗତ ୧।୩।୨୧ ଦିନ ଆମ ଗଣମାଧ୍ୟମରେ ଏକ ଖବର ପ୍ରକାଶ ପାଇଛି । ସେଥିରେ କୁହାଯାଉଛି ଆଣ୍ଟାର୍କଟିକାରେ ଏକ ବିରାଟ ହିମ ବରଫ ପାହାଡ଼ ଧସିପଡ଼ିଛି ବା ଭାଙ୍ଗିପଡ଼ିଛି । ଏ ପାହାଡ଼ର ଆକାର ୧,୨୭୦ ବର୍ଗ କିଲୋମିଟର, ଯାହା ଦିଲ୍ଲୀ ମହାନଗରୀ ଆକାର (୧୨୩୨ ବର୍ଗ କିଲୋମିଟର) ସହ ସମାନ । ଏ ବରଫ ଖଣ୍ଡର ମୋଟେଇ ୧୫୦ ମିଟର (୫୦୦ ଫୁଟ୍) ଅର୍ଥାତ୍ ଏ ବରଫ ଖଣ୍ଡ ତରଳି ଗଲେ ଏହାର ଜଳରେ ଦିଲ୍ଲୀ ମହାନଗରୀ ଉପରେ ୫୦୦ ଫୁଟ୍ ଉଚ୍ଚର ଜଳ ଠିଆ ହୋଇଯିବ । ବରଫ ପାହାଡ଼ ଭୁଶୁଡୁଛି ଉତ୍ତାପ ବୃଦ୍ଧିରୁ, ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ଯଦି ମେରୁ ଅଞ୍ଚଳର ସମସ୍ତ ବରଫ ତରଳି ସମୁଦ୍ରକୁ ମାଡ଼ି ଆସେ, ସମୁଦ୍ରର ଜଳସ୍ତର ୭୦ ମିଟର (୨୩୩ ଫୁଟ୍) ବଢ଼ିଯିବ । ପୃଥିବୀର ସ୍ଥଳଭାଗର ୩ ଗୁଣ ଜଳଭାଗ ହୋଇଥିବାରୁ ପୃଥିବୀରେ କି ପ୍ରକାର ବିପର୍ଯ୍ୟୟ ସୃଷ୍ଟି ହୋଇପାରିବ, ଥରେ ଚିନ୍ତା କରାଯାଉ ।

ବିଶ୍ୱ ବିପର୍ଯ୍ୟୟ ବିଷୟରେ ଜାତିସଂଘ ମହାସଚିବ ବିଶ୍ୱବାସୀଙ୍କୁ ଦେଇଥିବା ଏକ ସତର୍କ ବାର୍ତ୍ତା ୨୩।୪।୨୦ରେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ମହାସଚିବ ଆଣ୍ଟୋନିଓ ଗୁଟେରସ କହିଛନ୍ତି, ଆର୍ଣ୍ଟାର୍କଟିକାରେ ଥିବା ବରଫ ପାହାଡ଼ ତରଳି ସମୁଦ୍ରକୂଳ ଲଂଘିବା ଦ୍ୱାରା କରୋନାଠାରୁ ଅଧିକ ଭୟଙ୍କର ବିପର୍ଯ୍ୟୟ ପୃଥିବୀକୁ ମାଡ଼ି ଆସିବ । ଏସୀୟ ଉନ୍ନୟନ ବ୍ୟାଙ୍କ ଅନୁଧ୍ୟାନ କରି ପ୍ରକାଶ କରିଥିଲେ ଯେ, ବରଫ ତରଳି ଯଦି ସମୁଦ୍ର ଜଳପତ୍ତନ ଏକ ମିଟର ବୃଦ୍ଧି ପାଏ, ଭାରତର ୫, ୭୬, ୪୦୦ ହେକ୍ଟର ସମୁଦ୍ର ତଟାଞ୍ଚଳ ଜଳମଗ୍ନ ହେବ । ଏଥିରେ ଅନ୍ୟାନ୍ୟ କ୍ଷତି ସାଙ୍ଗକୁ ୭୧ ଲକ୍ଷ ଲୋକ ବାସଚ୍ୟୁତ ହେବେ । ବରଫ ପାହାଡ଼ ତରଳୁଛି ଭୂମଣ୍ଡଳୀୟ ଉତ୍ତାପ ବୃଦ୍ଧି କାରଣରୁ, ଭୂମଣ୍ଡଳୀୟ ଉତ୍ତାପ ବର୍ଷକୁ ବର୍ଷ ବଢ଼ି ବିପର୍ଯ୍ୟୟ ସୃଷ୍ଟି କରି ଚାଲିଛି ଓ ଆଗକୁ ବଡ଼ ବିପର୍ଯ୍ୟୟ ଘଟାଇବ ।

ଉତ୍ତାପ ବୃଦ୍ଧି ହେବା ଫଳରେ ଯେଉଁ ବିପଦ ହେବ ସମାଜକୁ ଆସ୍ତେ ଆସ୍ତେ ଗ୍ରାସ କରିବ, ତା’ର ଏକ ସଂକ୍ଷିପ୍ତ ବିବରଣୀ ଦେବା । ଉତ୍ତାପ ବୃଦ୍ଧି ଫଳରେ ୨୦୩୫ ବେଳକୁ ହିମାଳୟ ବରଫ ଶୂନ୍ୟ ହୋଇଯାଇପାରେ ଓ ଗଙ୍ଗା, ସିନ୍ଧୁ, ବ୍ରହ୍ମପୁତ୍ର ନଦୀ ଗ୍ରୀଷ୍ମଋତୁରେ ଶୁଷ୍କ ହୋଇଯିବ । ଭାରତୀୟ ମୌସୁମୀ ବାଦଲକୁ ବର୍ଷା ଜଳ ଆସିବାରେ ବାଧା ସୃଷ୍ଟି ହେବ ଓ ଶୁଷ୍କ ମୌସୁମୀ ଯୋଗୁ ଭାରତୀୟ କୃଷକ ଖରିଫ ଫସଲ ପରିବର୍ତ୍ତନ କରିବାକୁ ବାଧ୍ୟ ହେବେ । ଭୂତଳ ଜଳସ୍ତର କ୍ରମାଗତ ଭାବେ ନିମ୍ନଗାମୀ ହେବ ଓ କ୍ରମଶଃ ଲବଣାକ୍ତ ହେବ । ୨୦୨୫ ବେଳକୁ ପୃଥିବୀର ୨୪% ଲୋକ ପାନୀୟ ଜଳରୁ ବଞ୍ଚିତ ହେବେ । ୧୮% ଲୋକଙ୍କୁ ପାନୀୟ ଜଳ ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ଓ ଅବଶିଷ୍ଟ ୫୮% କେବଳ ଆବଶ୍ୟକ ଜଳ ପାଇପାରିବେ । ସମୁଦ୍ର ଉପରିସ୍ଥ ଜଳର ଉତ୍ତାପ ଅଧିକ ହେଲେ, ଭବିଷ୍ୟତରେ ଘନ ଘନ ବାତ୍ୟା, ମହାବାତ୍ୟା ଓ ଉଚ୍ଚ ଲହଡ଼ି ସୃଷ୍ଟି ହେବ ଏବଂ ସମୁଦ୍ରରେ ଥିବା ଛୋଟ ଛୋଟ ମତ୍ସ୍ୟ, ଜୀବ ଓ ଜଳଜ ଉଦ୍ଭିଦ ବଂଶ

## ବିଶ୍ୱ ପାଣିପାଗ ଦିବସ ଉପଲକ୍ଷେ

ଲୋପପାଇବ । ସାଇବେରିଆରେ ବରଫ ତରଳିରେ ବରଫ ତଳେ ଥିବା ମିଥେନ ଓ ଅଙ୍ଗାରକାମ୍ଳ ଗ୍ୟାସ ବାୟୁରେ ମିଶି ବାୟୁମଣ୍ଡଳୀୟ ଉତ୍ତପ୍ତିକରଣକୁ କ୍ଷିପ୍ରତର କରିବ । ଅଂଶୁଘାତର ପ୍ରକୋପ ବୃଦ୍ଧି ପାଇବ ଓ ବିପୁଳ ସଂଖ୍ୟାରେ ଦିନମଜୁରିଆ ଅଂଶୁଘାତର ଶିକାର ହେବେ । ରୋଗଗୁଡ଼ିକର ପ୍ରାଦୁର୍ଭାବ ବଢ଼ିବ । ଦେଶର ଶୁଷ୍କ ଅଞ୍ଚଳ ଅଧିକ ଶୁଷ୍କ ଓ ଆର୍ଦ୍ର ଅଞ୍ଚଳ ଅଧିକ ଆର୍ଦ୍ର ହେବ । ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ଉତ୍ତର ଭାରତରେ ଅଧିକ ଉତ୍ତାପ ଅନୁଭୂତ ହେବ । ଆମ ରାଜ୍ୟର ହେନ୍ତାଳ ବନ ନଷ୍ଟ ହୋଇଯିବ । ପୃଥିବୀରେ ମରୁଭୂମି ଆକାର ବୃଦ୍ଧି ପାଇବ । ଦକ୍ଷିଣ ଆଫ୍ରିକାର ବିଶ୍ୱ ପ୍ରସିଦ୍ଧ ଆମାଜନ ଅରଣ୍ୟ ଧ୍ୱଂସ ପାଇବ । ଆଭ୍ୟନ୍ତରୀଣ ଉତ୍ପାଦନ ହ୍ରାସ ପାଇ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବ ।

୨୦୧୯ ନଭେମ୍ବରରେ ଦେଶର ୧୧,୨୫୮ (ଭାରତର ୬୯ଜଣ) ବୈଜ୍ଞାନିକ ଅତୀତ ୪୦ବର୍ଷର ତଥ୍ୟକୁ ଅନୁଧ୍ୟାନ କରି ଏକ ଘୋଷାଣାନାମାରେ ଦସ୍ତଖତ କରି ବିଶ୍ୱକୁ ଅବଗତ କରାଇଲେ ଯେ, ମେରୁ ବରଫ ଦ୍ରୁତଗତିରେ ତରଳିବାରୁ ସମୁଦ୍ର ଜଳ ପତନ ବଢୁଛି ଓ ଏହା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ହେବ । ୧୬।୬।୧୯ରେ ନ୍ୟୁୟର୍କରୁ ପ୍ରକାଶିତ ଏକ ଖବରରେ କୁହାଯାଇଛି ଯେ, ଗ୍ରୀନଲାଣ୍ଡରେ ସାଧାରଣତଃ ମେ’ ମାସ ୨୬ରୁ ବରଫ ତରଳିବା ଆରମ୍ଭ ହେଉଥିଲା ବେଳେ, ଏହା ୨୦୧୯ରେ ମାସକ ପୂର୍ବରୁ ତରଳିବା ଆରମ୍ଭ ହୋଇ ଓ ଗୋଟିଏ ଦିନରେ ୨ ବିଲିୟନ ଟନ ବରଫ ତରଳି ରେକର୍ଡ ସୃଷ୍ଟି କରିଛି । ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ୍ (ଆଇ.ପି.ସି.ସି) ଦ୍ୱାରା କୁହାଯାଇଛି ଯେ, ୨୦୫୦ରୁ ୨୧୦୦ ମସିହା ମଧ୍ୟରେ ଗ୍ରୀଷ୍ମ ଋତୁରେ ଆଣ୍ଟାର୍କଟିକାରୁ ସବୁ ବରଫ ତରଳିଯିବ । ପୂର୍ବରୁ କୁହାଯାଇ ଥିଲା ୧୯୫୯ରୁ ୨୦୦୭ ମସିହା ମଧ୍ୟରେ ଆଣ୍ଟାର୍କଟିକାରେ ୨.୫ ପ୍ରତିଶତ ବରଫ ତରଳି ଥିଲା । କିନ୍ତୁ ପରବର୍ତ୍ତୀ ଗବେଷଣାରୁ ଜଣାଗଲା ସେ ସମୟ ମଧ୍ୟରେ ୭.୮ ପ୍ରତିଶତ ବରଫ ତରଳିଛି । ଗଙ୍ଗୋତ୍ରିରେ ଗ୍ଲାସିୟର ଆସ୍ତେ ଆସ୍ତେ ପଛକୁ ଘୁଞ୍ଚି ଚାଲିଛି । ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ପକ୍ଷରୁ ପ୍ରକାଶ ପାଇଥିବା ଏକ ରିପୋର୍ଟରେ କୁହାଯାଇଛି ଯେ, ଚଳିତ ଶତାବ୍ଦୀ ଶେଷ ବେଳକୁ ହୁଏତ ଗୋଟିଏ ହେଲେ ବରଫଗଦା ଭୂପୃଷ୍ଠରେ ନ ଥିବ । ୧୯୭୬ରୁ ୧୯୮୫ ମସିହା(୧୦ବର୍ଷ) ମଧ୍ୟରେ ଯେଉଁ ପରିମାଣ ବରଫ ତରଳି ଥିଲା ୧୯୮୬ରୁ ୧୯୯୫(୧୦ବର୍ଷ) ମଧ୍ୟରେ ତା’ର ଦୁଇଗୁଣରୁ ଅଧିକ ବେଗରେ ଓ ୧୯୯୬ରୁ ୨୦୦୫(୧୦ବର୍ଷ) ମଧ୍ୟରେ ଏହାଠାରୁ ୪ଗୁଣା ବେଗରେ ବରଫ ତରଳୁଛି ।

ପୂର୍ବୋକ୍ତ ଆଇପିସିସିର ଗଣନା ଅନୁସାରେ ଏକବିଂଶ ଶତାବ୍ଦୀରେ ଭୂମଣ୍ଡଳୀୟ ଉତ୍ତାପ ୧.୧ରୁ ୬.୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ । ଏ ଅନୁଷ୍ଠାନର ବୈଜ୍ଞାନିକ ଡ. ରାଜେନ୍ଦ୍ର ପାଚୌରୀ, ଭୂମଣ୍ଡଳୀୟ ଉତ୍ତାପ ବୃଦ୍ଧିର ବର୍ତ୍ତମାନ ଓ ଭବିଷ୍ୟତ ବୃଦ୍ଧିର କଳନା କରିବାକୁ ଏକ କମ୍ପ୍ୟୁଟର ମଡେଲ ତିଆରି କରି ୨୦୦୭ରେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ । ୨୦୧୯ ନଭେମ୍ବରରେ ଟାଟା ସେଣ୍ଟର ଫର ଡେଭଲପମେଣ୍ଟର ଏକ ସର୍ବେକ୍ଷଣ ରିପୋର୍ଟରେ କୁହାଯାଇଛି, ୨୦୧୦ରେ ଓଡ଼ିଶାରେ ହାରାହାରି ଗ୍ରୀଷ୍ମ ତାପମାତ୍ରା ୨୮.୮୭ ଡିଗ୍ରୀ ସେଲସିୟସ ଥିବା ବେଳେ ୨୧୦୦ ସୁଦ୍ଧା ଏହାର ହାରାହାରି ତାପମାତ୍ରା ୩୨.୧୯ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇବ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୨୦୧୬ ଏପ୍ରିଲ ୧୬ରେ ଭୁବନେଶ୍ୱରର ତାପମାତ୍ରା ୪୫.୮ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇ ଅତୀତର ଏପ୍ରିଲ ତାପମାତ୍ରାର ସମସ୍ତ ରେକର୍ଡ ଭଙ୍ଗ କରିଥିଲା । ମରୁଭୂମିରେ ଖରାରେ ମରୀଚିକା ସୃଷ୍ଟି ହୋଇ ଜଳର ଭ୍ରମ ସୃଷ୍ଟି ହେଲା ଭଳି ଭୁବନେଶ୍ୱର ରାସ୍ତାରେ ମରୀଚିକା ସୃଷ୍ଟି ହୋଇଥିଲା ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ।

ବିଶ୍ୱ ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧିର ପ୍ରମୁଖ କାରଣ ବାୟୁରେ ଅଙ୍ଗାରକାମ୍ଳ ବୃଦ୍ଧି । ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳ କିପରି ବୃଦ୍ଧି ପାଉଛି, ତା’ର ଏକ ଉଦାହରଣ ହେଉଛି ଅତୀତର ଶିଳ୍ପ ବିପ୍ଳବ ପୂର୍ବରୁ ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳ ଭାଗ ୨୦ ପିପିଏମ୍ ଥିଲା ବେଳେ ତାହା ୨୦୫୦ ବେଳକୁ ୬୦୦ ପିପିଏମ୍‌ରେ ପହଞ୍ଚିବ ବୋଲି ଆଇପିସିସି ଆକଳନ କରିଛି ।

ବାୟୁରେ ଅଙ୍ଗାରକାମ୍ଳ ଭାଗ କମାନ୍ତୁ ବୃକ୍ଷରାଜି ଓ ତୃଣଭୂମି । ଉତ୍ତାପ ବୃଦ୍ଧି ଏଥିରେ ଲଗାମ ଦେଉଛି । ଆମେରିକାର ଗବେଷକଙ୍କ ଦ୍ୱାରା ଏକ ପରୀକ୍ଷାରୁ ଜଣାପଡ଼ିଛି ଯେ, ବୃକ୍ଷରାଜି ମାତ୍ରାଧିକ ଉତ୍ତାପ ଦ୍ୱାରା ଆକ୍ରାନ୍ତ ହେଲେ ସେମାନଙ୍କର ଅଙ୍ଗାରକାମ୍ଳ ଶୋଷଣ କ୍ଷମତା ଦୁଇ ତୃତୀୟାଂଶ ହ୍ରାସ ପାଏ । ବୃକ୍ଷରାଜି ଓ ତୃଣଭୂମି ଥରେ ଉତ୍ତାପ ବୃଦ୍ଧିରେ ଆକ୍ରାନ୍ତ ହେଲେ ଏହା ପ୍ରଭାବରୁ ମୁକ୍ତ ହେବା ପାଇଁ ଅନ୍ୟୂନ ଦୁଇବର୍ଷ ସମୟ ଏମାନଙ୍କ ପାଇଁ ଦରକାର । ଏ ବିଷୟ ବୈଜ୍ଞାନିକମାନଙ୍କ ପାଇଁ ଚିନ୍ତାର କାରଣ ହେଲାଣି । ଅଙ୍ଗାରକାମ୍ଳ ନିର୍ଗମନର ଏକ ପ୍ରମୁଖ କାରଣ ହେଉଛି ଜୀବାଶ୍ମ ଇନ୍ଧନ(ପେଟ୍ରୋଲ, ଡିଜେଲ, କିରୋସିନ ଓ କୋଇଲା) ଦହନ । ଏ ଇନ୍ଧନ ଦହନ କରି ରାସ୍ତାରେ ବିଭିନ୍ନ ଯାନ, ଆକାଶରେ ବିମାନ ଓ ଜଳରେ ବୁଡ଼ା ଜାହାଜ ଚାଲୁଥିବା ସାଙ୍ଗକୁ କଳକାରଖାନା ଚାଲିଛି । ଆମ ବହୁ ଆଦୃତ ବିଦ୍ୟୁତର ସିଂହଭାଗ ମିଳେ ତାପଜ ବିଦ୍ୟୁତ କେନ୍ଦ୍ରରୁ ; ଯେଉଁଠାରେ ଏକ ଇଉନିଟ ତାପଜ ବିଦ୍ୟୁତ ଉତ୍ପାଦନ ପାଇଁ ୧୨୦୦ ଗ୍ରାମ ଅଙ୍ଗାରକାମ୍ଳ ନିର୍ଗତ ହୁଏ । ଦ୍ରୁତଭାବେ ବଢ଼ି ଚାଲିଥିବା ଯାନବାହନ ଓ ବିଦ୍ୟୁତ ବ୍ୟବହାରରେ ଆମେ ଲଗାମ ଦେଲେ ପରିବେଶ ପ୍ରଦୂଷଣ ଓ ଉତ୍ତାପ ବୃଦ୍ଧିରେ ଲଗାମ ଦେଇପାରିବା । ଆଇପିସିସି ରିପୋର୍ଟ ଅନୁସାରେ ପୃଥିବୀରେ ବାର୍ଷିକ ମୁଣ୍ଡପିଛା ୨.୫ଟନ ଅଙ୍ଗାରକାମ୍ଳ ନିର୍ଗମନ ନିରାପଦ ସ୍ଥଳେ ଆମେ ନିର୍ଗମନ କଲୁଣି ତା’ର ୨ ଗୁଣ ବା ୫ଟନ । ଭସ୍ମାସୁର ଯେପରି ଶିବଙ୍କଠାରୁ ବରପ୍ରାପ୍ତିରେ ଉତ୍‌ଫୁଲ୍ଲିତ ହୋଇ ନିଜ ଅପକର୍ମ ଦ୍ୱାରା ନିଜେ ଧ୍ୱଂସ ହେଲା ; ଆମେ ବିଜ୍ଞାନାଗାରରୁ ପ୍ରାପ୍ତ ନୂତନ ଜ୍ଞାନରେ ଉତ୍‌ଫୁଲ୍ଲିତ ହୋଇ ପରିବେଶ ଅବକ୍ଷୟ କାର୍ଯ୍ୟ କରିଚାଲିଲେ ଆମେ ଧ୍ୱଂସ ପାଇବା ।

ପରିବେଶ ଇଞ୍ଜିନିୟର, କୋଟିତୀର୍ଥ, ଭୁବନେଶ୍ୱର
ମୋ: ୭୦୦୮୮୪୬୨୭୨



# ପ୍ରେରଣାର ଉତ୍ସ ଭଗତ ସିଂହ

କିଶୋର ଜେନା

ଆଧୁନିକ ଐକ୍ୟବଦ୍ଧ ଭାରତ ଗଠନରେ ଭଗତ ସିଂହଙ୍କ ମୌଳିକ ଅବଦାନ ରହିଛି । ୧୯୨୦–୨୧ର ଅହିଂସା ଅସହଯୋଗ ଆନ୍ଦୋଳନ ଗାନ୍ଧିଜୀ ପ୍ରତ୍ୟାହାର କରିବା ପରେ ସାରା ଦେଶରେ ଏକ ଆଲୋଡ଼ନ ସୃଷ୍ଟି ହୋଇଥିଲା ସେ ସମୟରେ । ଚୌରୀଚୌରାର ଘଟଣା ଗାନ୍ଧିଜୀଙ୍କ ପାଇଁ ଥିଲା ଅଶନି ସଙ୍କେତ । ସେ ମନେକରୁଥିଲେ, ଦେଶବାସୀଙ୍କ ବୈପ୍ଳବିକ ଅଭ୍ୟୁତ୍ଥାନରେ ଆଗ୍ରହ ଯଦି ଅନିୟନ୍ତ୍ରିତ ହୋଇଯାଏ, ତାହା ଦେଶ ପାଇଁ ବିପଜ୍ଜନକ ହେବ । ବୈପ୍ଳବିକ କର୍ମପ୍ରୟାସ ବ୍ରିଟିଶ ଶାସକଙ୍କ ସଙ୍ଗେ ସଙ୍ଗେ ଭାରତୀୟଙ୍କ ମଧ୍ୟରେ ଯେଉଁମାନେ ଶୋଷଣରେ ଲିପ୍ତ ସେମାନଙ୍କ ପାଇଁ ମଧ୍ୟ ବିପଦର କାରଣ ହେବ । ଏଣୁ ଚୌରୀଚୌରା ଘଟଣାକୁ ‘ହିମାଳୟ ପରି ବିପର୍ଯ୍ୟୟ’ ବୋଲି ଆଖ୍ୟା ଦେଇ ସେ ଆନ୍ଦୋଳନ ପ୍ରତ୍ୟାହାର କରିନେଲେ । ସେ ସମୟରେ ଗାନ୍ଧିଜୀଙ୍କ ଏହି ସିଦ୍ଧାନ୍ତ ନେଇ କେବଳ ବିପ୍ଳବୀମାନେ ନୁହନ୍ତି, କଂଗ୍ରେସର ପ୍ରତିଷ୍ଠିତ ନେତୃତ୍ୱ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ଏହି ପ୍ରେକ୍ଷାପଟରେ ଭଗତ ସିଂହ ଏବଂ ତାଙ୍କ ସହକର୍ମୀଙ୍କ କର୍ମପ୍ରୟାସ ସେ ସମୟରେ ବିଶେଷ ଭାବେ ପ୍ରାସଙ୍ଗିକ ହୋଇଉଠିଥିଲା । ଆଜି ମଧ୍ୟ ସ୍ୱାଧୀନ ଭାରତରେ ଏହାର ପ୍ରଭାବ ବିଶେଷ ଭାବେ ଅନୁଭୂତ ହେଉଛି ।

ଭଗତ ସିଂହଙ୍କୁ ଯେତେବେଳେ ଫାଶୀ ହୋଇଥିଲା, ସେତେବେଳେ ତାଙ୍କ ବୟସ ୨୪ବର୍ଷ । କିନ୍ତୁ ଏହି ସ୍ୱଳ୍ପ ସମୟର ଜୀବନ ମଧ୍ୟରେ ତାଙ୍କ ଅଦମ୍ୟ ସାହସିକତାର ଦୃଷ୍ଟାନ୍ତଗୁଡ଼ିକ ବିସ୍ମୟକର ଓ ବିରଳ । ହିନ୍ଦୁସ୍ଥାନ ରିପବ୍ଲିକ ଆସୋସିଏଶନକୁ ହିନ୍ଦୁସ୍ଥାନ ସୋସିଆଲିଷ୍ଟ ରିପବ୍ଲିକ ଆସୋସିଏଶନ(ଏଚ୍‌ଏସ୍‌ଆର୍‌ଏ)କୁ ରୂପାନ୍ତରିତ କରିବାର ପ୍ରଥମ ବୈଠକରେ ଭଗତ ସିଂହ ସମସ୍ତ ପ୍ରକାରର ଧର୍ମୀୟ ସାମ୍ପ୍ରଦାୟିକତା ଓ ଆଚାର ଆଚରଣର ବିରୋଧ କରିଥିଲେ । ଏଚ୍‌ଏସ୍‌ଆର୍‌ଏର ଇସ୍ତାହାର ମଧ୍ୟରେ ସେ ମାନସିକ ପ୍ରତିରୋଧ ଓ କୁସଂସ୍କାରର ବିଧି ନିର୍ଦ୍ଦେଶକୁ ଭାଙ୍ଗିବାକୁ ଚାହିଁଥିଲେ । ଜେଲ ମଧ୍ୟରୁ ସେ ପଠାଇଥିବା ବାର୍ତ୍ତାରେ ଲେଖିଥିଲେ କୃଷକମାନଙ୍କୁ କେବଳ ମାତ୍ର ବିଦେଶୀ ଶାସନରୁ ମୁକ୍ତ କଲେ ହେବ ନାହିଁ, ସେମାନଙ୍କୁ ଦେଶୀ ଜମିଦାର ଓ ପୁଞ୍ଜିପତିଙ୍କ ହାତରୁ ମଧ୍ୟ ରକ୍ଷା କରିବାକୁ ହେବ ।

ଦିଲ୍ଲୀ ପ୍ରାଦେଶିକ ଆଇନ ସଭାରେ ବୋମା ବିସ୍ଫୋରଣ ମାମଲାର ଶୁଣାଣି ସମୟରେ ପ୍ରତିଦିନ ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତ ଅଦାଲତରେ ପ୍ରବେଶ କରୁଥିଲେ ‘ଇନ୍‌କିଲାବ– ଜିନ୍ଦାବାଦ’ ସ୍ଲୋଗାନ ଦେଇ । ଫାଶୀ ସମୟରେ ଏହି ସ୍ଲୋଗାନ ଥିଲା ତାଙ୍କ କଣ୍ଠରେ । ବିଚାରପତି ଏ ସମ୍ପର୍କରେ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେବାରୁ ସେମାନେ ଲିଖିତ ବିବୃତି ଦେଇଥିଲେ । ଏହାର ୭ ଓ ୮ ନମ୍ବର ଅନୁଚ୍ଛେଦ ପ୍ରଦତ୍ତ ହେଲା । ଏହି ଅଂଶ ପଠନ କଲେ ବୁଝାଯାଏ ଯେ, ସ୍ୱାଧୀନତାର ସଂଗ୍ରାମ ଓ ସମାଜବାଦ ପ୍ରତିଷ୍ଠା ମଧ୍ୟରେ ସମ୍ପର୍କ ନେଇ ସେମାନଙ୍କର ଦୃଷ୍ଟିଭଙ୍ଗୀ କେତେ ସ୍ପଷ୍ଟ ଥିଲା । ଆଉ ଆଧୁନିକ ଭାରତ ସମ୍ପର୍କରେ ଭଗତ ସିଂହ ଏବଂ ତାଙ୍କ ସହଯୋଗୀଙ୍କ ଚିନ୍ତାଧାରା କିପରି ଥିଲା ? ୧୯୨୯ ଜୁନ ୯ରେ ଦୌରା ଜିଲା ଅଦାଲତର ବିଚାରପତି ଏହି ଜବାବକୁ ନଥିରୁ ବାଦ୍ ଦେଇଥିଲେ । ଭଗତ ସିଂହଙ୍କ ବଳିଦାନର ୫୦ ବର୍ଷ ପରେ ୧୯୮୧ ମାର୍ଚ୍ଚ ମାସରେ ଜାତୀୟ ଅଭିଲେଖାଗାର ଏହାକୁ ପ୍ରକାଶ କରିଥିଲା । ଏହା ହେଲା ; ‘ମୁଁ ଭଗତ ସିଂହ । ନିମ୍ନ ଅଦାଲତରେ ଆମକୁ ପ୍ରଶ୍ନ କରାଯାଇଥିଲା, ବିପ୍ଳବ କ’ଣ ? ଏହି ପ୍ରଶ୍ନର ଉତ୍ତରରେ ମୁଁ କହିବାକୁ ଚାହେଁ, ବିପ୍ଳବ କୌଣସି ରକ୍ତାକ୍ତ ସଂଘର୍ଷ ନୁହେଁ, ନା କୌଣସି ବ୍ୟକ୍ତିଗତ ପ୍ରତିହିଂସାର ବହିଃପ୍ରକାଶ । ବିପ୍ଳବ ବୋଇଲେ ଆମେ ବୁଝୁ, ବର୍ତ୍ତମାନ ଯେଉଁ ଅବିଚାର ଚାଲିଛି, ଏହାର ପରିବର୍ତ୍ତନ । ଶ୍ରମିକ ସମାଜର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ମଧ୍ୟ ପ୍ରତିନିୟତ ଶ୍ରମର ସୁଫଳରୁ ବଞ୍ଚିତ ହେଉଛି, ସର୍ବନିମ୍ନ ଅଧିକାର ପାଏନା । ଅନ୍ୟଦିଗରେ ଚାଷୀ ଚାରି ଫସଲ ଫଳାଇ ମଧ୍ୟ ନିଜେ ଅନାହାରରେ । ବୁଣାକାର ନିଜ ପାଇଁ ଓ ନିଜ ପରିବାର ଲାଗି ଆବଶ୍ୟକ ବସ୍ତ୍ର ଯୋଗାଇ ପାରେନା । ରାଜମିସ୍ତ୍ରି, କମାର କିମ୍ବା ବଢ଼େଇ ପ୍ରାସାଦ ତିଆରି କରନ୍ତି, କିନ୍ତୁ ନିଜେ ଝୁମ୍ପୁଡ଼ିରେ ରହନ୍ତି । ଆଉ ଅନ୍ୟ ଦିଗରେ ପୁଞ୍ଜିର ମାଲିକମାନେ ପରଜୀବୀ ପରି ଏମାନଙ୍କ ଶ୍ରମର ସୁଫଳକୁ ଭୋଗକରନ୍ତି । ଏହି ଭୟଙ୍କର ଧରଣର ଅସାମ୍ୟ ଏବଂ ଦମନ ପୀଡ଼ନ ଏକ ଅରାଜକତାକୁ ଜନ୍ମ ଦେଇଛି । ଏହି ଅବସ୍ଥା ଦୀର୍ଘସ୍ଥାୟୀ ହୋଇପାରେନା । ଏହା ସ୍ପଷ୍ଟ ଯେ, ଏକ ଆଗ୍ନେୟଗିରି ମୁହଁରେ ସମାଜ । ଆଉ ଶୋଷିତ ଓ ଶୋଷକର ନିରପରାଧ ପରବର୍ତ୍ତୀ ପ୍ରଜନ୍ମ ଏକ ଭୟଙ୍କର ପରିଣତିର ପ୍ରତୀକ୍ଷା କରିଛି । ଯଦି ସମୟାନୁସାରେ ସଭ୍ୟତାର ପରିବର୍ତ୍ତନ କରା ନ ଯାଏ, ତା’ହେଲେ ଏହା ଭାଙ୍ଗିପଡ଼ିବ । ସେଇଟା ହିଁ ସମ୍ପୂର୍ଣ୍ଣ ପରିବର୍ତ୍ତନ । ଏହି ଆବଶ୍ୟକତାକୁ ବୁଝି ସମାଜତାନ୍ତ୍ରିକ ଭାବଧାରାରେ ଯିବାକୁ ହେବ । ସାମ୍ରାଜ୍ୟବାଦର ମୁଖାର ଆଢୁଆଳରେ ବ୍ୟକ୍ତି ବ୍ୟକ୍ତିକୁ, ଦେଶ ଦେଶକୁ ଶୋଷଣ କରୁଛି । ଦେଶରେ ମୁଖାର ଆଢୁଆଳରେ ଭାଣ୍ଡାମି ଚାଲିଛି । ବିପ୍ଳବ ବୋଇଲେ ଆମେ ବୁଝୁ ଏହି ଚଳନ୍ତି ଅବସ୍ଥାର ଅବସାନ ଘଟାଇ ନୂତନ ସମାଜ ବ୍ୟବସ୍ଥାର କାଏମ କରିବା । ଯେଉଁଠି ସର୍ବହରାର ସାର୍ବଭୌମତ୍ୱ ସ୍ୱୀକୃତି ପାଇବ । ବିଶ୍ୱସାରା ପୁଞ୍ଜିବାଦର ଶୃଙ୍ଖଳମୁକ୍ତ, ସାମ୍ରାଜ୍ୟବାଦୀ ଆକ୍ରମଣମୁକ୍ତ ନୂତନ ପୃଥିବୀ ଗଢ଼ିଉଠିବ ।

ଏହି ଆମର ଆଦର୍ଶ, ଏହି ଚିନ୍ତାଧାରା ଆମକୁ ପ୍ରେରଣା ଯୋଗାଏ । ଆମେ ସ୍ୱଇଚ୍ଛାରେ ସମସ୍ତଙ୍କୁ ସତର୍କ କରୁଛୁ, ସରକାର ବର୍ତ୍ତମାନର ବ୍ୟବସ୍ଥା କାଏମ ରଖିବାକୁ ଚାହାନ୍ତି ଏବଂ ବର୍ତ୍ତମାନର ବ୍ୟବସ୍ଥାକୁ ରକ୍ଷା କରିବା ପାଇଁ ଚେଷ୍ଟା କରନ୍ତି, ତେବେ ସବୁ ପ୍ରତିବନ୍ଧକକୁ ଚୂରମାର କରିଦେଇ ଭୟଙ୍କର ସଂଗ୍ରାମ ପାଇଁ ପ୍ରସ୍ତୁତ ହୁଅନ୍ତୁ ।

ବିପ୍ଳବ ମାନବ ଜାତିର ଅବିଚ୍ଛିନ୍ନ ଅଧିକାର । ଜନତାର ସାର୍ବଭୌମତ୍ୱ ଶ୍ରମିକ ଶ୍ରେଣୀର ଚିର ଆକାଂକ୍ଷିତ ଅନ୍ତିମ ଲକ୍ଷ୍ୟ । ଏହି ଆଦର୍ଶ ଓ ବିଶ୍ୱାସକୁ ବାସ୍ତବାୟିତ କରିବା ପାଇଁ ଆମକୁ ଯେତେ କଷ୍ଟ ହେଉ ପଛେ ତାହା ସହ୍ୟ କରିବୁ । ଆମେ ବିପ୍ଳବର ଯୂପକାଠରେ ବଳିପ୍ରଦ ଯୁବକ । ଆମର ଉଦ୍ଦେଶ୍ୟ, ଆମର ଆତ୍ମବଳିଦାନଠାରୁ ବଡ଼ । ଆମେ ଆଶାବାଦୀ, ବିପ୍ଳବ ଆସିବ ।

ବିପ୍ଳବ ଦୀର୍ଘଜୀବୀ ହେଉ । ବର୍ତ୍ତମାନ ନାଗରିକ ଓ ଗଣତାନ୍ତ୍ରିକ ଅଧିକାର ଉପରେ ପ୍ରଚଣ୍ଡ ଆକ୍ରମଣ ଫଳରେ ସମ୍ବିଧାନ ବିପନ୍ନ । ଜାତୀୟ କ୍ଷେତ୍ର ଓ ଆର୍ଥିକ ବ୍ୟବସ୍ଥା ଭୀଷଣ ଭାବେ ଆକ୍ରାନ୍ତ । ଲାଭ ଉଠାଉଛନ୍ତି ଦେଶୀ ଓ ବିଦେଶୀ କର୍ପୋରେଟ୍ ସଂସ୍ଥା । ଏହା ସାଙ୍ଗକୁ ଶ୍ରମ ସଂସ୍କାର ନାମରେ ବହୁ ସଂଗ୍ରାମଲବ୍ଧ ଶ୍ରମ ଆଇନର ପରିବର୍ତ୍ତନ କରି ଶ୍ରମିକକୁ ଦାସରେ ପରିଣତ କରିବାର ପ୍ରୟାସ ଚାଲିଛି । କୃଷକମାନଙ୍କ ଉପରେ ଚାଲିଛି ଭୟଙ୍କର ଆକ୍ରମଣ । ସରକାରୀ ନୀତି ଯୋଗୁ ବିଚରା ଅନ୍ନଦାତା ଆଜି ବିପନ୍ନ । ଗଣତାନ୍ତ୍ରିକ ଆନ୍ଦୋଳନ ଖର୍ବ କରାଯାଉଛି । ପ୍ରତିବାଦର ଭାଷା ଓ ନାଗରିକଙ୍କ ଅଧିକାର ପ୍ରକାଶକୁ ଦେଶଦ୍ରୋହ ଆଖ୍ୟା ଦେଇ ଦମନ ଚାଲିଛି । ଚୂଡ଼ାନ୍ତ ଭାବେ ଯୁକ୍ତି ଓ ବିଚାର ଆଜି ଆକ୍ରାନ୍ତ । ନାଗରିକ ଅଧିକାର ପାଇଁ ସମ୍ବିଧାନକୁ ରକ୍ଷା କରିବାକୁ ହେବ । ବର୍ତ୍ତମାନର ଆକ୍ରମଣର ମୁକାବିଲା ପାଇଁ କେବଳ ଗଣଆନ୍ଦୋଳନ ମାଧ୍ୟମରେ କରାଯାଇପାରିବ । ଅର୍ଥନୈତିକ ଓ ରାଜନୈତିକ ସ୍ୱାଧୀନତା ସହ ବହୁତ୍ୱବାଦର ଭିତ୍ତିକୁ ଶକ୍ତିଶାଳୀ କରି ଭ୍ରାତୃତ୍ୱବୋଧ ଏବଂ ଏକାତ୍ମବୋଧର ବନ୍ଧନକୁ ଦୃଢ଼ କରିବାକୁ ହେବ । ଏହି ସଂଗ୍ରାମରେ ଭଗତ ସିଂହଙ୍କ ଆତ୍ମବଳିଦାନର ୯୦ ବର୍ଷ ପରେ ମଧ୍ୟ ତାଙ୍କ ଜୀବନ ଓ କର୍ମ ଜନଗଣଙ୍କର ଧ୍ୟେୟ ହେଉ ।

ଉତ୍କଳମଣି ମାର୍ଗ, ଅପର୍ଣ୍ଣାନଗର, ଚାଉଳିଆଗଞ୍ଜ,
କଟକ, ମୋ–୯୪୩୭୩୮୪୮୬୭

## ଏଇ ଭାରତରେ

ଫୁଟ୍‌ବଲ ଖେଳ ମାଧ୍ୟମରେ ଜାତିଗତ ହିଂସା ଓ ବିଦ୍ୱେଷ କମାଇବା ସହ ପିଲାମାନଙ୍କୁ ସ୍କୁଲ୍ ଆଣିବାରେ ଲାଗିଛନ୍ତି ମଣିପୁରର ମାଥାନମୀ ହୁଙ୍ଗୟୋ । ତାଙ୍କ ବୟସ ୨୭ । ରେକଗନାଇଜ ରାଇଜ ଆଣ୍ଡ ଏମ୍ପାୱାର ଆସୋସିଏଶନ (ଆର୍‌ଆର୍‌ଇଏ) ନାମକ ଏନ୍‌ଜିଓ ଗଢ଼ି ତା’ ମାଧ୍ୟମରେ କ୍ରୀଡ଼ା ଓ ଶିକ୍ଷାର ବିକାଶ କରୁଛନ୍ତି । ମୁଖ୍ୟତଃ ମଣିପୁରର ସୀମାନ୍ତରେ ସେ ତାଙ୍କ ଅଭିଯାନ ଜାରି ରଖିଛନ୍ତି । କାମ୍‌ଜୋଙ୍ଗ ଜିଲାର ସୀମାନ୍ତରେ ଥିବା କାମ୍‌ଜୋଙ୍ଗ ହାଇସ୍କୁଲରେ ପ୍ରଥମେ ସେ ଟାଟା ଟ୍ରଷ୍ଟ ସହଯୋଗରେ ଫୁଟ୍‌ବଲ ସେଣ୍ଟର ଖୋଲି ପିଲାଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ ୨୦୧୮ରେ । ପିଲାମାନଙ୍କ ପ୍ରଦର୍ଶନ ଉନ୍ନତ ହେବା ସହ ସେମାନଙ୍କ ମଧ୍ୟରେ ଥିବା ଜାତିଗତ ବିଦ୍ୱେଷ ଦୂର ହେବା ସେ ଲକ୍ଷ୍ୟ ରଖିଥିଲେ । କାରଣ ମଣିପୁରରେ କୁକି ଓ ନାଗା ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଲାଗି ରହିଥିବା ହିଂସା ପିଲାଙ୍କୁ ପ୍ରଭାବିତ କରି ଆସିଛି । ତେବେ ହୁଙ୍ଗୟୋ ଖେଳଦ୍ୱାରା ଏଥିରେ କିଛିଟା ପରିବର୍ତ୍ତନ ଆସିବା ଲକ୍ଷ୍ୟ କରିବା ପରେ ତାଙ୍କ ଅଭିଯାନକୁ ଅନ୍ୟ ସ୍କୁଲଗୁଡ଼ିକୁ ସମ୍ପ୍ରସାରଣ କରିବା ଲକ୍ଷ୍ୟ ନେଇ ଆଉ ଦୁଇଟି ସରକାରୀ ସ୍କୁଲକୁ ତାଙ୍କ ଫୁଟ୍‌ବଲ ପ୍ରୋଗ୍ରାମରେ ସାମିଲ କରିଛନ୍ତି । ଏହାଦ୍ୱାରା ଉକ୍ତ ସ୍କୁଲଗୁଡ଼ିକରେ ପିଲାଙ୍କ ସଂଖ୍ୟା ୫୦୦ ବୃଦ୍ଧି ପାଇଛି । ଆର୍‌ଆର୍‌ଇଏରେ ଏବେ ୧୪ ଜଣ ପ୍ରଶିକ୍ଷକ ରହି ପ୍ରଶିକ୍ଷଣ ଦେଉଛନ୍ତି । ଏପରିକି ସର୍ବଭାରତୀୟ ଫୁଟ୍‌ବଲ ସଂଘର କେଓ ଭିସୋ ଶ୍ରୀମୟ ମଧ୍ୟ ଏଭଳି କାର୍ଯ୍ୟରେ ହୁଙ୍ଗୟୋଙ୍କ ସହ ସାମିଲ ହୋଇଛନ୍ତି । ପିଲାମାନଙ୍କୁ ଆବଶ୍ୟକ ଖେଳ ଉପକରଣ ଯୋଗାଇ ଦେଉଛନ୍ତି ହୁଙ୍ଗୟୋ । ସ୍କୁଲ ପରେ ଦେଢଘଣ୍ଟା ପ୍ରଶିକ୍ଷଣ ଦିଆଯାଉଛି । ଫୁଟ୍‌ବଲ, ଭଲିବଲ, ଟେବୁଲ ଟେନିସ ଏବଂ ବ୍ୟାଡ଼ମିଣ୍ଟନ ଉପରେ ଏବେ ପ୍ରଶିକ୍ଷଣ ଦିଆଯାଉଛି । ଏଥିରେ ୧୦୦୦ ପିଲା ଭାଗ ନେଉଛନ୍ତି । ଜିଲା, ରାଜ୍ୟ ଓ ଜାତୀୟ ସ୍ତରର ଖେଳାଳି ହେବାରେ ଏମାନଙ୍କ ମଧ୍ୟରୁ ଅନେକ ଯୋଗ୍ୟତା ହାସଲ କରିସାରିଲେଣି ।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ମାର୍ଚ୍ଚ ୧୯୯୬**

- ଚୀନର ସମ୍ଭାବ୍ୟ ଆକ୍ରମଣରୁ ତାଇୱାନକୁ ରକ୍ଷାକରିବା ନିମନ୍ତେ ଆମରିକା ସିନେଟ୍‌ରେ ଏକ ପ୍ରସ୍ତାବ ଗୃହୀତ ହୋଇଛି ।
- ମାଲେସିୟାର ରାଜଧାନୀ କୁଆଲାଲମ୍ପୁର ନିକଟସ୍ଥ କ୍ଲାଙ୍ଗ ଅଞ୍ଚଳରେ ପୋଲିସ ଓ ଡକାୟତ ମଧ୍ୟରେ ଗୁଳି ବିନିମୟ ଘଟି ୧୧ ଡକାୟତ ମୃତ ।
- ଲକ୍ଷ୍ମୀପାର୍ବତୀଙ୍କ ନେତୃତ୍ୱରେ ପରିଚାଳିତ ତେଲଗୁଦେଶମ ପାର୍ଟିକୁ ଏନ୍‌ଟିଆର୍ ତେଲଗୁଦେଶମ ଭାବେ ସ୍ୱୀକୃତି ଦେଇ ନିର୍ବାଚନ କମିଶନ ଏହି ଦଳକୁ ‘ସିଂହ’ ନିର୍ବାଚନୀ ଚିହ୍ନ ମଞ୍ଜୁର କରିଛି ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | | | 3 | 7 | | 9 | 4 | | | | |
| | | | | 1 | 7 | 0 | | | | | C | | | |
| | A | | | 0 | | | | | B | | 5 | | | |
| | | E | 4 | | | | 9 | | D | 2 | | | 1 | 0 |
| | | 0 | 8 | | | B | | 6 | E | | | | | |
| | | A | 1 | | | | D | | | | 7 | | 2 | |
| | | | | D | B | 4 | 8 | | | | | | | |
| | | 8 | 0 | E | | | B | 9 | | | | 1 | | |
| | | | 7 | 8 | | A | E | | 6 | | | | | B |
| 7 | | 9 | | | C | | | | | 3 | | | | E |
| 8 | | | 2 | | | | A | | 7 | | E | | | C |
| C | 4 | 5 | | | 8 | 7 | 0 | | 2 | | | | 3 | |
| | | | 6 | 9 | | | | C | | A | | | D | |
| | | B | | | | | 4 | | 0 | | | | E | 1 |
| | | 7 | | | 4 | | | D | 8 | B | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 1 | 2 | 3 | 4 | 8 | 5 | 6 | D | B | E | 9 | 0 | A | 7 |
| 8 | D | 3 | 7 | 0 | 9 | 4 | B | A | C | 6 | 2 | 1 | 5 | E |
| 6 | E | 0 | D | 2 | A | 3 | 1 | 8 | 5 | 7 | 4 | B | C | 9 |
| 4 | 5 | 7 | 1 | B | 6 | 9 | E | C | D | 0 | A | 8 | 3 | 2 |
| 9 | B | A | 5 | C | E | 0 | 2 | 7 | 1 | 8 | 3 | D | 4 | 6 |
| E | 0 | B | 6 | 5 | 3 | C | D | 1 | 9 | A | 7 | 2 | 8 | 4 |
| A | 6 | 4 | B | 9 | D | 2 | 7 | 5 | 8 | 1 | 0 | 3 | E | C |
| 2 | 8 | 9 | E | 1 | 0 | 6 | A | 4 | 3 | B | C | 7 | D | 5 |
| 7 | 3 | 5 | C | A | 2 | 8 | 9 | 0 | 4 | D | E | 6 | 1 | B |
| 1 | C | D | 8 | 7 | 4 | B | 3 | E | 2 | 5 | 6 | A | 9 | 0 |
| 0 | 4 | C | 9 | 8 | 1 | D | 5 | 3 | 6 | 2 | B | E | 7 | A |
| 3 | 9 | 8 | 2 | E | 5 | 7 | 0 | 6 | A | 4 | 1 | C | B | D |
| D | 2 | E | 0 | 3 | B | A | 4 | 9 | 7 | C | 8 | 5 | 6 | 1 |
| 5 | 7 | 1 | A | 6 | C | E | 8 | B | 0 | 9 | D | 4 | 2 | 3 |
| B | A | 6 | 4 | D | 7 | 1 | C | 2 | E | 3 | 5 | 9 | 0 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେନ୍ଦ୍ରାପଡ଼ାରେ ଇସ୍ପାତ କାରଖାନା ଶୁଭଙ୍କର

ମହାଶୟ,

ଓଡ଼ିଶାର କେନ୍ଦ୍ରାପଡ଼ାରେ ଏକ ଇସ୍ପାତ କାରଖାନା ହେବାକୁ ଯାଉଅଛି । ରାଜ୍ୟ ସରକାର ଏବଂ ଆର୍ସେଲର ମିତ୍ତଲଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଅଛି । ଏହାଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଅଧିକ ସହଜ ହୋଇପାରିବ । କେନ୍ଦ୍ର ସରକାର ମଧ୍ୟ ଆବଶ୍ୟକ ସହାୟତା ଯୋଗାଇବେ । ରାଜ୍ୟ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ । ପଚାଶ ହଜାର କୋଟି ଟଙ୍କା ବିନିଯୋଗ ହେବ । ବାର ନିୟୁତ ଟନ୍ କ୍ଷମତାସମ୍ପନ୍ନ ହେବ ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ଚିରନ୍ତନୀ

ବହୁ ସାଧନାର ଫଳେ ସଞ୍ଚିଗଲ
ଯେ ସବୁ ବିଧାନ
ସମାଜର ସ୍ତରେ ସ୍ତରେ ଗୁନ୍ଥିଲ ଯେ
କ୍ରିୟା ଅନୁଷ୍ଠାନ ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ୱରାଜ ଆଶ୍ରମରେ ବାପୁ



> ସେ ଦିନ ଥିଲା ୧୯୨୧ ମାର୍ଚ୍ଚ ୨୩। କଟକ ରେଲ ଷ୍ଟେଶନ ପାଲଟିଥିଲା ଜନ ସମୁଦ୍ର। ଅସଂଖ୍ୟ ଜନତାଙ୍କ ଆକାଂକ୍ଷିତ ମଣିଷ ମହାତ୍ମା ଗାନ୍ଧୀ ପାଦ ଦେଇଥିଲେ ଉତ୍କଳ ଭୂଇଁରେ। ଓଡ଼ିଶା ଇତିହାସର ଏହି ସ୍ମରଣୀୟ ଦିବସର ଆଜି ଶତବାର୍ଷିକୀ। ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ସମ୍ପର୍କିତ କେତେକ ବିଷୟକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ଫେରି (୧୯୧୫) ଭାରତବର୍ଷର ଭୂଗୋଳ, ଇତିହାସ, ସମାଜ ବ୍ୟବସ୍ଥା, ଅର୍ଥନୀତି ଓ ଧାର୍ମିକ ଚେତନା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ଆରମ୍ଭ କରିଦେଲେ ଦେଶ ଭ୍ରମଣ। ଦେଶର ବିଭିନ୍ନ ଅଞ୍ଚଳ ବୁଲି ଦୈନ୍ୟକ୍ଲିଷ୍ଟ ଜନତାଙ୍କ ଜୀବନ ଧାରାକୁ ଅନୁଧ୍ୟାନ କରିଥିଲେ ଏବଂ ତାହା ତାଙ୍କ ସମ୍ବେଦନଶୀଳ ପ୍ରାଣକୁ ଏଭଳି ପ୍ରଭାବିତ କରିଥିଲା ଯେ ସେ ଦରିଦ୍ର, ଦୁର୍ବଳ ଓ ଅସହାୟ ମଣିଷର ଜୀବନ ଧାରାକୁ ଆଦରି ନେଇଥିଲେ ନିଜ ଅନ୍ତରାତ୍ମାର ଆହ୍ୱାନରେ। ଏହି ଅବସରରେ ସେ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାର ଦାରିଦ୍ର୍ୟ ସମ୍ପର୍କରେ ଅବଗତ ହେଲେ ଏବଂ ତାଙ୍କର ପ୍ରାଣ ବ୍ୟାକୁଳ ହେଲା ଓଡ଼ିଶା ଆସିବା ପାଇଁ। ଓଡ଼ିଶା ଆସିବା ପରେ ଏଠାକାର ଦାରିଦ୍ର୍ୟ ତାଙ୍କୁ ଯେତିକି ମର୍ମାହତ କଲା, ଓଡ଼ିଶା ଓ ଓଡ଼ିଆଙ୍କ ସହିତ ସେତିକି ନିବିଡ଼ ହେଲା ତାଙ୍କର ଆବେଗିକ ସମ୍ପର୍କ। ଗାନ୍ଧିଜୀ ନିଜେ ଲେଖିଛନ୍ତି– ସାରା ଭାରତବର୍ଷରେ ମୋର ସବୁଠାରୁ ପ୍ରିୟସ୍ଥାନ ଓଡ଼ିଶା। ଓଡ଼ିଶାର ବଢ଼ି, ମରୁଡ଼ି ଓ ଦାରିଦ୍ର୍ୟର କରୁଣ କାହାଣୀ ସମ୍ପର୍କରେ ଅବଗତ ହେଲାପରେ ମୁଁ ଅନୁଭବ କରେ କି ଓଡ଼ିଶାର ସେବା ମୋ ପାଇଁ ଭାରତର ସେବା। ବାସ୍ତବରେ ଦାରିଦ୍ର୍ୟ ଦୂରୀକରଣ ଓ ଅନ୍ୟ ଅନେକ ପ୍ରସଙ୍ଗରେ ବିପର୍ଯ୍ୟୟପ୍ରବଣ ଓଡ଼ିଶା ଥିଲା ଗାନ୍ଧୀ ଚିନ୍ତନର ଏକ ପ୍ରୟୋଗଶାଳା। ଉତ୍ସର୍ଗୀକୃତ ସେବା ଲାଗି ଏକ ପ୍ରେରଣାର ଉତ୍ସ। ତେଣୁ ତାଙ୍କ ସମ୍ବେଦନଶୀଳ ପ୍ରାଣ ବ୍ୟାକୁଳତା ନେଇ ସେ ଓଡ଼ିଶା ଆସିଥିଲେ ବାରମ୍ବାର।

ଗାନ୍ଧିଜୀଙ୍କୁ ବେଶି ବ୍ୟଥିତ କରିଥିଲା ଓଡ଼ିଶାର ଆର୍ଥିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ବିଗାଡି ଦେଇଥିବା ଲଗାତର (୧୯୧୮ ଓ ୧୯୧୯) ମରୁଡ଼ି। ଦୁର୍ଭିକ୍ଷ ପ୍ରପୀଡ଼ିତ ଓଡ଼ିଶାବାସୀଙ୍କ ସାହାଯ୍ୟ କାମନା କରି ସେ ଅନେକ ଲେଖା ପ୍ରକାଶ କରିଥିଲେ 'ନବ ଜୀବନ' ଓ 'ୟଙ୍ଗ ଇଣ୍ଡିଆ'ରେ। ସେତେବେଳେ ତାଙ୍କ ଅନୁରୋଧ କ୍ରମେ ଠକ୍କରବାପା (ଅମୃତଲାଲ ଠକ୍କର) ଆସି ଓଡ଼ିଶାରେ ଅବସ୍ଥାନ କରୁଥିଲେ ଏବଂ ବାହାରୁ ଚାନ୍ଦା ସଂଗ୍ରହ କରି ମରୁଡ଼ି ପ୍ରପୀଡ଼ିତଙ୍କୁ ରିଲିଫ ଯୋଗାଇବା ଥିଲା ତାଙ୍କର ଦାୟିତ୍ୱ। ଠକ୍କରବାପା ଓଡ଼ିଶାର ମରୁଡ଼ି ସମ୍ପର୍କରେ ଗାନ୍ଧିଜୀଙ୍କ ପାଖକୁ ଯେଉଁ ରିପୋର୍ଟ ପଠାଇଲେ, ତାହା ପଢ଼ି ସମ୍ପୂର୍ଣ୍ଣ ବିଚଳିତ ହୋଇ ପଡିଥିଲେ ଗାନ୍ଧିଜୀ। ରିପୋର୍ଟରେ ଲେଖାଥିଲା ଓଡ଼ିଶାର ଦୁଇଟି ଦୁଃଖ– ଦୁର୍ଭିକ୍ଷ ଓ ବନ୍ୟା। ଗତ ଛଅମାସ ମଧ୍ୟରେ ଏଠାରେ ୧୫ ଶହ ଲୋକ ମଲେଣି ଅନାହାରରେ। ଗାନ୍ଧିଜୀ ମରୁଡ଼ିର ବାସ୍ତବ ସ୍ଥିତି ଆକଳନ କରି ଓଡ଼ିଶା ଆସିବା ପାଇଁ ବ୍ୟଗ୍ର ହୋଇପଡିଲେ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଏକଥା ଜଣାଇ ଦେଲେ ଜାତୀୟ କଂଗ୍ରେସର ନାଗପୁର (୧୯୨୦) ଅଧିବେଶନରେ। ଓଡ଼ିଶାରେ ଏହି ଖବର ପହଞ୍ଚିବା ମାତ୍ରେ ଚାରିଆଡ଼େ ଖେଳିଗଲା ଖୁସିର ଲହରି। ଗାନ୍ଧିଜୀଙ୍କ ଆସିବା ବାଟକୁ ଉତ୍କଣ୍ଠାର ସହ ଚାହିଁରହିଲେ ଓଡ଼ିଶାବାସୀ।

ସେଦିନ ଥିଲା ୧୯୨୧ମସିହା ମାର୍ଚ୍ଚ ୨୩ ତାରିଖ ଦୋଳ ପୂର୍ଣ୍ଣିମା। ସକାଳ ହେବା ଆଗରୁ ପୁରୀ ଏକ୍ସପ୍ରେସ୍ ଯୋଗେ କଟକ ରେଳ ଷ୍ଟେଶନରେ ପହଞ୍ଚିଗଲେ ଗାନ୍ଧିଜୀ। ସେତେବେଳକୁ ଜନସମୁଦ୍ରରେ ପରିଣତ ହୋଇସାରିଥିଲା କଟକ ରେଳଷ୍ଟେଶନ। ଗାନ୍ଧିଜୀଙ୍କୁ ଦେଖିବା ପାଇଁ ପୂର୍ବଦିନ ରାତିରୁ ଷ୍ଟେଶନରେ ଆରମ୍ଭ ହୋଇଯାଇଥିଲା ଭିଡ଼। ଦିନକ ଆଗରୁ ଚୁଡ଼ା ଚାଉଳ ବାନ୍ଧି ସୁଦୂର ଗାଁ ଗଣ୍ଡାରୁ ପାଦରେ ଚାଲି ଚାଲି ଆସି କଟକରେ ପହଞ୍ଚି ଯାଇଥିଲେ ଶହ ଶହ ଲୋକ। ନଈକୂଳ, ଗଛମୂଳ, କାହା ପିଣ୍ଡା ଏପରିକି ଖୋଲା ପଡ଼ିଆରେ ଲୋକେ ଭୋକ ଉପାସରେ ପଡିରହିଥିଲେ ଗାନ୍ଧିଜୀଙ୍କୁ ଟିକେ ଦର୍ଶନ କରିବା ପାଇଁ। ପ୍ରଦେଶ କଂଗ୍ରେସ କମିଟିର ପ୍ରାୟ ସବୁ ତୁଙ୍ଗନେତା ଅପେକ୍ଷା କରିରହିଥିଲେ ଗାନ୍ଧିଜୀଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ।

ରେଳ ପହଞ୍ଚିବା ମାତ୍ରେ ମହାତ୍ମା ଗାନ୍ଧୀ କି ଜୟ, ଭାରତ ମାତା କି ଜୟ ଆଦି ଧ୍ୱନିରେ ପ୍ରକମ୍ପିତ ହେଲା ଗଗନ ପବନ। ଏହି ବିରାଟ ଜନ ସମାଗମକୁ ନିୟନ୍ତ୍ରଣ କରିବା ପାଇଁ ଜଗି ରହିଥିଲେ କଂଗ୍ରେସ ନେତା ଯଦୁମଣି ମଙ୍ଗରାଜଙ୍କ ନେତୃତ୍ୱରେ ପ୍ରାୟ ପାଞ୍ଚଶହ ସ୍ୱେଚ୍ଛାସେବୀ । ମାତ୍ର ସମୁଦ୍ର ଲହରି ପରି ମାଡିଆସୁଥିବା ଜନସ୍ରୋତକୁ ନିୟନ୍ତ୍ରଣ କରିବା ଥିଲା ସେମାନଙ୍କ ସାଧ୍ୟ ବାହାରେ।

ତୃତୀୟ ଶ୍ରେଣୀ ରେଳ ଡବାର ଦ୍ୱାର ଖୋଲିବା ମାତ୍ରେ ତଳକୁ ଓହ୍ଲାଇ ଆସିଲେ ଗାନ୍ଧିଜୀ, କସ୍ତୁରବା ଓ ଅନ୍ୟମାନେ। ପ୍ରଥମେ ଫୁଲମାଳ ଦେଇ ସ୍ୱାଗତ କଲେ ଉତ୍କଳମଣି ଗୋପବନ୍ଧୁ। ଷ୍ଟେଶନ ବାହାରେ ଅପେକ୍ଷା କରିଥିବା ମୋଟର ଗାଡି ପର୍ଯ୍ୟନ୍ତ ଗାନ୍ଧିଜୀଙ୍କୁ ପାଛୋଟି ନେବାପାଇଁ ପ୍ରୟାସ ଆରମ୍ଭ କରି ଦେଲେ କଂଗ୍ରେସ ନେତାମାନେ। ମାତ୍ର ଜନ ପଟୁଆର ଭେଦ କରି ଷ୍ଟେଶନ ବାହାରକୁ ଯିବା ସମ୍ଭବ ନ ହେବାରୁ ଗାନ୍ଧିଜୀଙ୍କୁ ପ୍ରଥମେ ବିଶ୍ରାମାଗାର ପର୍ଯ୍ୟନ୍ତ ନିଆଗଲା ବହୁ କଷ୍ଟରେ। କିଛି ସମୟ ଅପେକ୍ଷା କରିବା ସତ୍ତ୍ୱେ ଜନ ଗହଳି କମିବା ପରିବର୍ତ୍ତେ ବଢ଼ିବା ଦେଖି ଚିନ୍ତାରେ ପଡ଼ିଲେ ଗୋପବନ୍ଧୁ ଓ ଅନ୍ୟ କଂଗ୍ରେସ ନେତାମାନେ। ଶେଷରେ ବାଧହୋଇ ଗାନ୍ଧିଜୀଙ୍କୁ ଗାଡି ପର୍ଯ୍ୟନ୍ତ ନିଆଗଲା ଘେର ଭିତରେ ରଖି। ଶଙ୍ଖ, ଘଣ୍ଟ, ଖୋଳ କରତାଳ ଧ୍ୱନିରେ ଉଚ୍ଛୁଳିଉଠିଲା ପରିବେଶ। ଗାନ୍ଧିଜୀଙ୍କ ପାଇଁ ଆୟୋଜିତ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ ୭୨ ସଂକୀର୍ତ୍ତନ ଦଳ। ବିରାଟ ଜନ ପଟୁଆର ଭିତରେ ଗାନ୍ଧିଜୀଙ୍କ ସୁସଜ୍ଜିତ ଗାଡି ଧୀରେ ଧୀରେ ଆଗକୁ ବଢ଼ିଲା ସ୍ୱରାଜ ଆଶ୍ରମ ଅଭିମୁଖେ। ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଘରଗୁଡ଼ିକରୁ ହୁଳହୁଳି ଧ୍ୱନି ସହିତ ଗାଡି ଉପରେ ବୃଷ୍ଟି ହେଉଥିଲା ଫୁଲ। ଯେତେ ଚେଷ୍ଟା କଲେ ବି ରାସ୍ତାର ଜନଗହଳି ଠେଲି ଦ୍ରୁତ ଗତିରେ ଯାଇପାରୁ ନ ଥିଲା ଗାଡ଼ି। ଯାହା ଫଳରେ ଷ୍ଟେଶନରୁ ବାହାରି ଆଶ୍ରମରେ ପହଞ୍ଚିବା ପାଇଁ ଗାଡ଼ିକୁ ଲାଗିଗଲା ଦୁଇଘଣ୍ଟାରୁ ଅଧିକ ସମୟ। କେବଳ ରାସ୍ତାରେ ନୁହେଁ, ଗାନ୍ଧୀ ଦେବତାଙ୍କୁ ଦର୍ଶନ କରି ତାଙ୍କ ପାଦଧୂଳି ନେବାପାଇଁ ଆଶ୍ରମ ପରିସରକୁ ମଧ୍ୟ ଛୁଟିଥିଲା ହଜାର ହଜାର ଲୋକଙ୍କ ସୁଅ। ସ୍ତ୍ରୀ, ପୁରୁଷ, ବାଳିକା, ବାଳକ ଆଦି ଯିଏ ଦର୍ଶନ ସୁଯୋଗ ପାଉଥିଲେ ସେମାନେ ନିଜକୁ ଧନ୍ୟ ମନେକରି ଫେରି ଯାଉଥିଲେ ପରମ ତୃପ୍ତିରେ। ମାତ୍ର ଯେତିକି ଲୋକ ଦର୍ଶନ ସାରି ଫେରୁଥିଲେ ତାହାଠାରୁ ବେଶି ସଂଖ୍ୟାରେ ଛୁଟି ଆସୁଥିଲେ ନୂଆ ଦର୍ଶନାର୍ଥୀ। ଏମିତି ଏକ ବାତାବରଣ ଭିତରେ ସ୍ୱରାଜ ଆଶ୍ରମରେ ପାଦ ଥାପିଲେ ଗାନ୍ଧିଜୀ। ଆଶ୍ରମରେ ନିତ୍ୟକର୍ମ ଓ ପ୍ରାତଃ ଭୋଜନ ସାରି ସେ ସାମାନ୍ୟ ବିଶ୍ରାମ ନେଇସାରିବା ପର୍ଯ୍ୟନ୍ତ ବି ବାହାରେ ଥମି ନ ଥିଲା ଭିଡ଼।

–ମହାପାତ୍ର ଅନୁରାଗ ସାହୁ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୭୦୦୮୬୮୨୨୮୫



କଟକସ୍ଥିତ ସ୍ୱରାଜ ଆଶ୍ରମ

## କଟକରୁ... ଭଦ୍ରକ

୧୯୨୧ ମାର୍ଚ୍ଚ ୨୩ରେ କଟକରେ ପହଞ୍ଚିବା ପରେ ମହାତ୍ମା ଗାନ୍ଧୀ ସ୍ୱରାଜ ଆଶ୍ରମରେ ଅବସ୍ଥାନ କରିଥିଲେ। ସେହି ଦିନ ଅପରାହ୍ନ ୫ଟାରେ କାଠଯୋଡ଼ି କୂଳ ଗଣେଶଘାଟର ବିସ୍ତୃତ ବାଲୁକା ଶଯ୍ୟାରେ ଆୟୋଜିତ ସଭାରେ ଯୋଗଦେଇଥିଲେ। ସେଠାରେ ତାଙ୍କ ସହ ପତ୍ନୀ କସ୍ତୁରବା, ପୁତ୍ର ଦେବଦାସ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମେତ ବହୁ ନେତାଗଣ ସଭାମଣ୍ଡପରେ ଉପସ୍ଥିତ ହୋଇଥିଲେ। ମାର୍ଚ୍ଚ ୨୪ ଦିନ କଟକରେ ଆୟୋଜିତ ବିଭିନ୍ନ ସଭାରେ ସମବେତ ଜନତାଙ୍କୁ ସମ୍ବୋଧିତ କରିଥିଲେ। ଏହାପରେ ଭଦ୍ରକ ଅଭିମୁଖେ ବାହାରିଥିଲେ ଗାନ୍ଧୀ। ମାର୍ଚ୍ଚ ୨୫ ତାରିଖ ସକାଳେ ଭଦ୍ରକରେ ପହଞ୍ଚି ଏକ ବିରାଟ ସାଧାରଣ ସଭାରେ ଯୋଗଦେଇଥିଲେ। ସଭାରେ ହଜାର ହଜାର ଜନତା ସମବେତ ହୋଇଥିଲେ।

## ଭଦ୍ରକରୁ... ପୁରୀ

ମାର୍ଚ୍ଚ ୨୫ ରାତିରେ ଟ୍ରେନ୍‌ରେ ଗାନ୍ଧିଜୀ ଗୋପବନ୍ଧୁଙ୍କ ସାଥିରେ ଧରି ଭଦ୍ରକରୁ ପୁରୀ ଅଭିମୁଖେ ବାହାରିଲେ। ମାର୍ଚ୍ଚ ୨୬ ସକାଳେ ପ୍ରଥମେ ପହଞ୍ଚିଲେ ସତ୍ୟବାଦୀରେ। ସତ୍ୟବାଦୀର ଅଭିନବ ମୁକ୍ତାକାଶ ଶିକ୍ଷାୟତନ ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା। ଅପରାହ୍ନରେ ସାକ୍ଷୀଗୋପାଳ ଦର୍ଶନ ସାରି ଗାନ୍ଧିଜୀ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲେ। ପୁରୀଧାମକୁ ଏହାଥିଲା ତାଙ୍କର ପ୍ରଥମ ଗସ୍ତ। ସେହିଦିନ ସନ୍ଧ୍ୟାରେ ଶରଧା ବାଲିରେ ଏକ ସଭାରେ ଯୋଗଦେଇଥିଲେ ଗାନ୍ଧୀ।


ବ୍ରହ୍ମପୁର ସହରରେ ଗାନ୍ଧିଜୀ ଅବସ୍ଥାନ କରିଥିବା 'ମଧୁ ମନ୍ଦିର'

## ବ୍ରହ୍ମପୁରରେ...

ପୁରୀ ଗସ୍ତ ସାରି ମାର୍ଚ୍ଚ ୨୯ରେ ପ୍ରଥମ ଥର ପାଇଁ ବ୍ରହ୍ମପୁରରେ ପହଞ୍ଚିଥିଲେ ମହାତ୍ମା ଗାନ୍ଧୀ । ସେଠାରେ ଆୟୋଜିତ ସାଧାରଣ ସଭାରେ ଭାଷଣ ଦେଇ ସେ ଭାଷାସୂତ୍ରରେ ପ୍ରଦେଶ ଗଠନ ନୀତିକୁ ସମର୍ଥନ ସହ ଭାଷାଗତ ପ୍ରଦେଶ ଗଠନର ବିବାଦ ପଞ୍ଚାୟତ ଜରିଆରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଭାଷା ଆନ୍ଦୋଳନର ପ୍ରମୁଖ ନେତା ସ୍ୱର୍ଗତ ମଧୁସୂଦନ ପାଣିଗ୍ରାହୀଙ୍କ ଟାଉନହଲ ରୋଡ୍‌ସ୍ଥିତ ବାସଭବନ 'ମଧୁ ମନ୍ଦିର'ରେ ରାତ୍ର ଯାପନ କରିଥିଲେ ଗାନ୍ଧୀ।

## ଶ୍ରୀମନ୍ଦିରରେ ଗାନ୍ଧୀ

ଜାତିର ଜନକ ମହାତ୍ମା ଗାନ୍ଧୀ। ଅସ୍ପୃଶ୍ୟତା ବିରୋଧରେ ସାରା ଜୀବନ ଲଢେଇ କରିଥିବା ସେହି ମହାନ୍ ବ୍ୟକ୍ତିତ୍ୱ ୧୯୨୧ ମାର୍ଚ୍ଚ ୨୩ରେ ଓଡ଼ିଶା ମାଟିରେ ପ୍ରଥମେ ପାଦ ଦେଇଥିଲେ। କଟକରେ ପ୍ରଥମ ରହଣି। ତା'ପରେ ଭଦ୍ରକ। ଭଦ୍ରକରୁ ପୁରୀ। ପୁରୀ ରହଣି ସମୟରେ ୧୯୨୧ ମାର୍ଚ୍ଚ ୨୭ରେ ଶ୍ରୀମନ୍ଦିର ପରିଦର୍ଶନ କରିଥିଲେ ଗାନ୍ଧୀ। ତାଙ୍କ ସହିତ ସହଧର୍ମିଣୀ କସ୍ତୁରବା ଓ ପୁତ୍ର ଦେବଦାସ ଗର୍ଭଗୃହକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଖୁସିମନରେ ଫେରିଥିଲେ। ଏହା କହିଛନ୍ତି ଶ୍ରୀମନ୍ଦିରର କୌଳିକ ପଣ୍ଡା ତଥା ଗୁଜୁରାଟ ଯାତ୍ରୀପଣ୍ଡା ରଘୁନାଥ ଗୋଚ୍ଛିକାର। ରଘୁନାଥ କହିଛନ୍ତି, ତାଙ୍କ ପାଖରେ ଥିବା ନଥିରେ ଗାନ୍ଧିଜୀଙ୍କ ଦସ୍ତଖତ ରହିଛି। ଶ୍ରୀମନ୍ଦିରରେ ଦର୍ଶନ ସାରି ଗାନ୍ଧି ଏହି ନଥିରେ ଦର୍ଶନ ଅନୁଭୂତି ଲେଖି ନିଜ ଦସ୍ତଖତ କରିଥିଲେ। ଗୁଜୁରାଟୀ ଭାଷାରେ ଏହି ଅନୁଭୂତି ଲେଖାଯାଇଛି। ଗୁଜୁରାଟ ଦର୍ଶନାର୍ଥୀଙ୍କ ଖାତାରେ ଗାନ୍ଧିଜୀ ଲେଖିଥିଲେ, ଗର୍ଭଗୃହରେ ମହାପ୍ରଭୁଙ୍କ ଦର୍ଶନ କରି ଅତ୍ୟନ୍ତ ପ୍ରୀତ ହେଲି। ତେବେ ଏହା ତାଙ୍କ ଜେଜେ ଗୋପୀନାଥ ଗୋଚ୍ଛିକାରଙ୍କ ସମୟର କଥା ବୋଲି ରଘୁନାଥ କହିଛନ୍ତି। ସେହିପରି ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ପରିଡ଼ା କହିଛନ୍ତି, ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ସମୟରେ ଅର୍ଥାତ୍ ୧୯୨୧ମାର୍ଚ୍ଚ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ପୁରୀରେ ରହିଥିଲେ। ଏହି ସମୟରେ ପୁରୀ ବଡ଼ଦାଣ୍ଡରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିଜେ ଗଜପତି ମହାରାଜା ଏଥିଲାଗି ଭବ୍ୟ ଆୟୋଜନ କରିଥିଲେ।


**OFFICE OF THE REGULATED MARKET COMMITTEE, NABARANGPUR**

The Sub-Collector-cum-Chairman, RMC, Nabarangpur invites sealed quotation from the reputed manufacturers or their authorised dealers for supply and installation of Crompton/Havells & Philips **LED STREET LIGHTS 90 Watts** under Regulated Market Committee, Nabarangpur vide **Tender Call Notice No. 959 dated 22.03.2021** along with term & conditions respectively may be seen and downloaded from the district web portal **http://www.nabarangpur.nic.in**.

By Order of the Sub-Collector-cum-Chairman
**Sd./- Secretary**
**RMC, Nabarangpur**

**ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

**୨୭.୦୩.୨୦୨୧ରେ ଗ୍ରାମୀଣ ବିତରକ ଏଲପିଜି ଡିଷ୍ଟ୍ରିବ୍ୟୁଟରସିପ୍ ପାଇଁ ପୁନଃଉଠାଣ ନିମନ୍ତେ ବିଜ୍ଞପ୍ତି**

ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ଏତଦ୍‌ଦ୍ୱାରା ସୂଚୀତ କରୁଅଛୁ ଯେ, ମାର୍କେଟିଂ ପ୍ଲାନ ୨୦୧୬-୧୭ ଅଧୀନରେ ନିମ୍ନଲିଖିତ ସ୍ଥାନରେ ୨ ଗୋଟି ଗ୍ରାମୀଣ ବିତରକ ଏଲପିଜି ଡିଷ୍ଟ୍ରିବ୍ୟୁଟର ନିମନ୍ତେ ତା. ୨୭.୦୩.୨୦୨୧ (ଶନିବାର), ପୂର୍ବାହ୍ନ ୧୧.୩୦ ଘ. ସମୟରେ ସ୍ଥାନ: କନଫରେନସ୍ ହଲ୍, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍, ୩୩ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ପୋଷ୍ଟ ଏବଂ ଜିଲ୍ଲା- ଖୋର୍ଦ୍ଧା-୭୫୨୦୫୭ (ଓଡ଼ିଶା) ଠାରେ ପୁନଃଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉଠାଣ ପାଇଁ ଯେଉଁ ସବୁ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନେ ନିର୍ଦ୍ଧାରିତ ତାରିଖ, ସ୍ଥାନ ଓ ସମୟରେ କୌଣସି ସରକାରୀ ବିଭାଗ ଦ୍ୱାରା ଜାରି ହୋଇଥିବା ନିଜର ଏକ ଫଟୋ ପରିଚୟପତ୍ର ସହିତ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବା ପାଇଁ ଅନୁରୋଧ କରାଯାଉଛି।

| କ୍ରନଂ | ଅଞ୍ଚଳର ନାମ | ଗ୍ରାମ ପଞ୍ଚାୟତ | ବ୍ଲକ | ଜିଲ୍ଲା | ବର୍ଗ |
|---|---|---|---|---|---|
| ୧ | ତିଳେଇବଣି, ବାରଗାଡ଼ିଆ, ବିଲେଇଘାଟି | ତିଳେଇବଣି | ତିଳେଇବଣି | ଦେଓଗଡ଼ | ଏସ୍‌ଟି |
| ୨ | କୟାଁ, ଦରଭା | କୟାଁ | ଦଶରଥପୁର | ଯାଜପୁର | ଓବିସି (ମହିଳା) |

#GiveItUp
Bharatgas
ଜୀବନକୁ ଶକ୍ତି ଯୋଗାଏ; ବ୍ୟବସାୟକୁ ଶକ୍ତି ଯୋଗାଏ

**DISTRICT RURAL DEVELOPMENT AGENCY, BARGARH**
At/P.O./District: Bargarh - 768028, Odisha
MGNREGA CELL
Tel. No./Fax No.: 06646-234499
email id: ori-dbargarh@nic.in, www.bargarh.nic.in
Letter No. IX-51/2014-803 Dated: 19.03.2021

**Expression of Interest for Engagement of District Ombudsman under MGNREGA**

Applications are invited in the prescribed format from the intending persons for engagement as Ombudsman in Bargarh District for redressal of grievance and disposal of complaints relating to MGNREGA. The applications should reach the office of the "Project Director, DRDA, At: Subash Nagar, District: Bargarh - 768028, Odisha" in Speed Post/Registered Post on or before 06.04.2021 by 5.00 P.M. The application received after due date will not be considered. The advertisement along with the application form is available at District website i.e. www.bargarh.nic.in.

Sd./- Project Director
DRDA, Bargarh

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office : Janpath, Bhubaneswar,
CORPORATE IDENTITY NUMBER (CIN) U40102OR2004SGC007553
Tele Fax : (0674) 2542120, Email id: rtc@optcl.co.in
OPTCL Lifeline of Odisha
CAD-1614

**SALIENT FEATURES OF THE PERFORMANCE OF TRANSMISSION SYSTEM OF OPTCL DURING THE YEAR 2019-20**

1. State Maximum and Minimum Demand

| Year | State Maximum Demand (MW) | State Minimum Demand (MW) |
|---|---|---|
| 2017-18 | 4515 | 3171 |
| 2018-19 | 5427 | 3186 |
| 2019-20 | 5151 | 2574 |

2. Transmission / Wheeling of Energy (2019-20)

| Entity | Energy (MU) |
|---|---|
| WESCO | 7306 |
| NESCO | 5437 |
| SOUTHCO | 3476 |
| CESU | 8156 |
| NALCO | 191 |
| IMFA | 307 |
| TOTAL | 24873 |

3. Capacity Augmentation of Grid S/S (2019-20)

| Zone | Capacity Augmented at | Capacity Addition (MVA) |
|---|---|---|
| CENTRAL | 3 Nos. S/S | 150 |
| NORTH | 2 Nos. S/S | 46 |
| SOUTH | 1 Nos. S/S | 20 |
| WEST | 2 Nos. S/S | 180 |
| TOTAL | 8 Nos. S/S | 396 |

4. Transmission Loss

| Year | Actual (%) |
|---|---|
| 2017-18 | 3.34 |
| 2018-19 | 3.28 |
| 2019-20 | 3.25 |

5. Transmission System Availability

| Year | % Availability |
|---|---|
| 2017-18 | 99.98 |
| 2018-18 | 99.98 |
| 2019-20 | 99.98 |

6. Manpower per MVA Capacity

| Beginning of | Manpower / MVA capacity |
|---|---|
| FY 2017-18 | 0.187 |
| FY 2018-19 | 0.180 |
| FY 2019-20 | 0.158 |

7. Average Turnover per Employee

| Year | Turnover (Rs.Crore) / Employee |
|---|---|
| 2017-18 | 0.280 |
| 2018-19 | 0.284 |
| 2019-20 | 0.278 |

8. Voltages profile of Major Grid Sub-Stations

Allowable Range (245-198 kV)

| Sl. No. | Name of the 220/132 kV Grid Sub-Station | Maximum Voltage in kV | Minimum Voltage in kV |
|---|---|---|---|
| 1 | Atri | 243 | 209 |
| 2 | Balasore | 237 | 203 |
| 3 | Bhadrak | 236 | 202 |
| 4 | Bhanjanagar | 243 | 210 |
| 5 | Bidanasi | 242 | 212 |
| 6 | Budhipadar | 236 | 212 |
| 7 | Chandaka | 237 | 200 |
| 8 | Duburi | 237 | 212 |
| 9 | Jaynagar | 241 | 224 |
| 10 | Joda | 241 | 213 |
| 11 | Katapalli | 236 | 207 |
| 12 | Lapanga | 241 | 220 |
| 13 | Laxmipur | 241 | 221 |
| 14 | Mendhasal | 244 | 196 |
| 15 | Meramundali | 240 | 206 |
| 16 | Narendrapur | 244 | 193 |
| 17 | Nayagarh | 244 | 206 |
| 18 | Paradeep | 238 | 201 |
| 19 | Sadeipali | 237 | 205 |
| 20 | Tarkera | 262 | 213 |
| 21 | Theruvali | 244 | 212 |

Allowable Range (380-420 kV)

| Sl. No. | Name of the 400 kV Grid Sub-Station | Maximum Voltage in kV | Minimum Voltage in kV |
|---|---|---|---|
| 1 | Duburi (New) | 423 | 395 |
| 2 | Lapanga | 420 | 403 |
| 3 | Mendhasal | 425 | 375 |
| 4 | Meramundali | 424 | 400 |

Allowable Range (145-122 kV)

| Sl. No. | Name of the 132/33 kV Grid Sub-Station | Maximum Voltage in kV | Minimum Voltage in kV |
|---|---|---|---|
| 1 | Cuttack | 142 | 118 |
| 2 | Berhampur | 150 | 114 |
| 3 | Puri | 143 | 110 |
| 4 | Khurda | 140 | 108 |

Note : Maximum and Minimum voltage readings shown in these tables are derived from hourly instantaneous readings recorded manually at Grid Sub-Stations. Readings recorded beyond allowable range may be due to contingency conditions prevailing at the time of taking readings.

9. System Interruptions due to Major Incident :

INTERRUPTION DUE TO MAJOR INCIDENT

| Incident | Duration of Interruption (Hrs : Min : Sec) | No. of Interruption | Remarks |
|---|---|---|---|
| Snapping of Jumper / Conductor / Earth wire | 42:42:00 | 44 | The duration of interruption indicated is the sum total of interruptions occurred at different areas (S/S) during the year. However, there was no total blackout experienced for the State during the year 2019-20 |
| Insulator Failure | 10:20:00 | 12 | |
| Bursting of CT / PT | 3:32:00 | 4 | |
| Breaker Problem | 0:00:00 | 1 | |
| Major System Disturbance | 638:23:00 | 9 | |
| Failure of LA | 21:58:00 | 20 | |
| Others | 303:52:00 | 381 | |

**Note** : Detailed report on Performance of Transmission System of OPTCL is available in SLDC website **www.sldcorissa.org.in**

OIPR-04011/11/0121/2021 *Issued in the Public Interest by OPTCL*
Please connect us : optcl.odisha optcl_odisha energyodisha

## ପଥର ଖାଦାନରୁ ୮ ଟ୍ରାକ୍ଟର ଜବତ

ଚିକିଟି: (ଡି.ଏନ.ଏ.)-ବ୍ରହ୍ମପୁର ଉପଜିଲାପାଳ ସୋମବାର ଚିକିଟି ତହସିଲ୍ ଇଲାକାରେ ଥିବା ବିଭିନ୍ନ ପଥର ଖାଦାନ ଉପରେ ଚଢ଼ାଉ କରି ୮ ଟ୍ରାକ୍ଟର ଓ ଗୋଟିଏ କମ୍ପ୍ରେସର ଜବତ କରିଛନ୍ତି। ଦୀର୍ଘଦିନ ଧରି ଚିକିଟି ତହସିଲ୍ ଇଲାକାରେ ବେଆଇନ୍ ଭାବେ ପଥର ଖାଦାନ କରି ଆନ୍ଧ୍ରକୁ ଚାଲାଣ ହେଉଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ଉକ୍ତ ସ୍ଥାନରେ ଚଢ଼ାଉ କରି ଉପଜିଲାପାଳ ଗାଡ଼ିଗୁଡ଼ିକୁ ଚିକିଟି ତହସିଲଦାର ହରପ୍ରସାଦ ଭୋଇଙ୍କୁ ହସ୍ତାନ୍ତର କରିଥିଲେ। ଗାଡିଗୁଡିକ ଠାରୁ ଜରମାନା ଆଦାୟ କରାଯିବ ବୋଲି ତହସିଲଦାର କହିଛନ୍ତି।

## ସଂକ୍ଷେପରେ

### ହତ୍ୟା ଘଟଣା, ନାବାଳକ ଗଲେ ଜେଜେବି

ପୁରୁଷୋତ୍ତମପୁର,୨୨।୩(ଡି.ଏନ.ଏ.)-ପୁରୁଷୋତ୍ତମପୁର ଥାନା ଅରଖପୁର ଗ୍ରାମରେ ପ୍ରସନ୍ନ ନାହାକ (୬୧)ଙ୍କୁ ହତ୍ୟା ଅଭିଯୋଗରେ ସୋମବାର ନାବାଳକଙ୍କୁ ଛତ୍ରପୁର ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିକଟକୁ ପଠାଯାଇଛି। ଗତ ଶନିବାର ନାବାଳଙ୍କ ପିଇସୀଙ୍କୁ ବୃଦ୍ଧ ଜଣକ ଅସଦ୍ ବ୍ୟବହାର କରିଥିଲେ। ଏଥିରେ ନାବାଳକ ଜଣକ ରାଗିଯାଇ ଏକ କାତିରେ ବୃଦ୍ଧଙ୍କୁ ହାଣି ହତ୍ୟା କରିଥିଲେ। ଏ ନେଇ ନଂ. ୧୦୦/୨୧ରେ ମାମଲା ରୁଜୁ କରି ପୋଲିସ ନାବାଳକଙ୍କୁ କାବୁ କରି ପଚରାଉଚରା ଚଳାଇଥିଲା।

### ଚଢ଼ାଉ ବେଳେ ପୋଲିସକୁ ଆକ୍ରମଣ

ଗଞ୍ଜାମ,୨୨।୩(ଡି.ଏନ.ଏ.)-ଆସନ୍ତା ୨୪ରୁ ଗଞ୍ଜାମ ସହରରେ ଆରମ୍ଭ ହେବ ଐତିହାସିକ ଦୋଳଯାତ୍ରା। ଏଥିପାଇଁ ସହର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଆଇନ ଶୃଙ୍ଖଳାକୁ ଲାଗି ଗଞ୍ଜାମ ପୋଲିସ ପକ୍ଷରୁ ମଧ ବିଭିନ୍ନ ମଦ ଦୋକାନରେ ଚଢ଼ାଉ ଜାରି ରହିଛି। ରବିବାର ସର୍ଯ୍ୟନାରାୟଣପୁର ଛକରେ ବେଆଇନ ମଦ ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିବା ବେଳେ ପୋଲିସକୁ ଆକ୍ରମଣ ହୋଇଥିଲା। ଏଥିରେ କନଷ୍ଟେବଳ ସୃଷ୍ଟି ମିଶ୍ର ଆହତ ହୋଇଥିଲେ। ଏନେଇ ନଂ. ୫୮/୨୧ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ଦିଲ୍ଲୀପ କୁମାର ସାହୁ କହିଛନ୍ତି।

### ବନ ଦିବସ ପାଳିତ

ଶେରଗଡ଼,୨୨।୩(ଡି.ଏନ୍.ଏ.)-ଶେରଗଡ଼ ବ୍ଲକ ଷଡ଼ଙ୍ଗୀପଲ୍ଲୀ ବିଟ୍ ଓ ଆସିକା ବନଖଣ୍ଡ ପକ୍ଷରୁ ଷଡ଼ଙ୍ଗୀପଲ୍ଲୀଠାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ରେଞ୍ଜର ପ୍ରସନ୍ନ କୁମାର ସାହୁ ଅଧକ୍ଷତା କରିଥିଲେ। ଗ୍ରାମ ନିକଟରେ ଥିବା ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ଓ ବୃକ୍ଷର ଯତ୍ନ ନେଲେ ସୁସ୍ଥ ପରିବେଶ ଗଠନ ହୋଇପାରିବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଜଙ୍ଗଲ ସୁରକ୍ଷା ରଖିବା ନେଇ ଶପଥ ପାଠ କରାଯାଇଥିଲା। ଏଥିରେ ଶେରଗଡ଼ ଫରେଷ୍ଟର ବିଜୟ୍ କୁମାର ମିଶ୍ର ଷଡ଼ଙ୍ଗିପଲ୍ଲୀ ଫରେଷ୍ଟର ସାନ୍ତନୁ ନାୟକଙ୍କ ସମେତ ବହୁ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ୩୦ କେଜି ଗଞ୍ଜେଇ ଜବତ, ୨ କୋର୍ଟଚାଲାଣ

ଗୋଷାଣୀ/ପାରଳାଖେମୁଣ୍ଡି,୨୨।୩ (ଡି.ଏନ୍.ଏ.)-ଗଜପତି ଜିଲା ଗୋଷାଣୀ ବ୍ଲକ ସାଇଲଡ଼ା ଓ ଆଲିଆନା ବାଞ୍ଜିରି ଛକ ଠାରେ ଗୁରାଣ୍ଡି ଥାନା ପୋଲିସ ପାଟ୍ରୋଲିଂ କରିବା ବେଳେ ୩୦ କେଜି ୧୨୦ ଗ୍ରାମ ଗଞ୍ଜେଇ ସହ ଏକ ଅଟୋକୁ ଜବତ କରିଛି। ନଂ. ୧୯/୨୧ ଅନୁଯାୟୀ ଅଟୋକ ଚାଳକ ସହିତ ଅନ୍ୟ ଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ବୋମିକା ଗ୍ରାମର ଭରତ ଆଲିଆନା ଓ ଡ୍ରାଇଭର କେରାଣ୍ଡି ଗ୍ରାମର ସୁନିଲ ବେହେରା। ରାମଗିରିଠାରୁ ଗଞ୍ଜେଇ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିବା ବେଳେ ପୋଲିସ ଧରିଥିଲା।

### ହରିଣ ଉଦ୍ଧାର

ଗଞ୍ଜାମ,୨୨।୩(ଡି.ଏନ.ଏ.)-ଖଣ୍ଡଦେଉଳି ନିକଟସ୍ଥ ପାହାଡ଼ରୁ ଗୋଟିଏ ହରିଣ କାର୍ତ୍ତିକଡ଼ୀ ଗ୍ରାମକୁ ଚାଲି ଆସିଥିଲା। ଉକ୍ତ ହରିଣକୁ କୁକୁର ଆକ୍ରମଣ କରିବାକୁ ଗୋଡାଉଥିବା ବେଳେ ଗ୍ରାମ ଯୁବ କମିଟି ଓ ସରପଞ୍ଚ ନିରଞ୍ଜନ ରେଡ୍ଡୀ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ କିମ୍ବା ଖାଦ୍ୟ ଅନ୍ୱେଷଣରେ ହରିଣମାନେ ଜନବସତି ମୁହାଁ ହେଉଥିବା ବନ ବିଭାଗ ଅନୁମାନ କରୁଛି।

### ଯୁବକଙ୍କୁ ହତ୍ୟା ଧମକ ମାମଲା, ଅଭିଯୁକ୍ତ ଜେଲ୍ ଗଲେ

ଦିଗପହଣ୍ଡି,୨୨।୩(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ଚକାତେନ୍ତୁଳି ଗ୍ରାମର ଈଶ୍ୱର ଗୌଡଙ୍କୁ ପୋଲିସ ସୋମବାର ଗିରଫ କରିଛି। ମାମଲା ନଂ. ୬୧/୨୧ ଅନୁସୂଚିତ ଜାତି, ଜନଜାତି ସୁରକ୍ଷା ଆଇନର ବିଭିନ୍ନ ଧାରା ଅନୁଯାୟୀ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଖରୀ ପୁନରୁଦ୍ଧାର କାମକୁ ନେଇ ଗ୍ରାମର ଜଣେ ୱାର୍ଡସଭ୍ୟ ଉମା ନାଇକଙ୍କୁ ଗତ ଶୁକ୍ରବାର ଈଶ୍ୱର ଅଶାଳୀନ ମନ୍ତବ୍ୟ ଦେବା ସହ ତାଙ୍କ ଜାତିକୁ ଆକ୍ଷେପ କରି କହିଥିବା ନେଇ ଥାନାରେ ଏତଲା ହୋଇଥିଲା ବୋଲି ତଦନ୍ତକାରୀ ଅଧିକାରୀ ଚିକିଟି ଏସଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ କହିଛନ୍ତି।

# ବାହାରୁ ଆସିଲେ ଆର୍‌ଟି-ପିସିଆର୍ ରିପୋର୍ଟ ବାଧ୍ୟତାମୂଳକ

ଛତ୍ରପୁର,୨୨।୩(ଡି.ଏନ୍.ଏ.)

କରୋନା ହଟସ୍ପଟ ରାଜ୍ୟରୁ ପ୍ରବାସୀମାନେ ଟ୍ରେନ ଯୋଗେ ଗଞ୍ଜାମ ଜିଲାକୁ ଫେରୁଛନ୍ତି। ଦୈନିକ ଛତ୍ରପୁର, ବ୍ରହ୍ମପୁର ଓ ଖଲ୍ଲିକୋଟ ଷ୍ଟେଶନରେ ପ୍ରବାସୀ ଓହ୍ଲାଉଛନ୍ତି। ଜିଲାରେ ଆଗକୁ ଦଣ୍ଡଯାତ୍ରା, ତାରାତାରିଣୀ ଯାତ୍ରା, ଦୋଳଯାତ୍ରା ଓ ବ୍ରହ୍ମପୁରରେ ବୁଢ଼ୀ ଠାକୁରାଣୀ ଯାତ୍ରା ହେବ। ଏସବୁ ଯାତ୍ରାକୁ ମାନସିକ ପୂରଣ ଆଦି ପାଇଁ ଗଞ୍ଜାମକୁ ଜିଲା ବାହାରୁ ଲୋକ ଆସୁଥିବା ଜଣାପଡ଼ିଲେ ସେହି ଅଞ୍ଚଳର ଯାତ୍ରାକୁ ସ୍ଥଗିତ ରଖାଯିବ। ତେଣୁ କୌଣସି ଯାତ୍ରା ନିମନ୍ତେ ଜିଲାକୁ ନ ଆସିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା ଅନ୍ୟ କୌଣସି କାର୍ଯ୍ୟ ସକାଶେ ଅନ୍ୟ ରାଜ୍ୟରୁ କେହି ପ୍ରବାସୀ ଗଞ୍ଜାମ ଆସିଲେ ଆର୍‌ଟି-ପିସିଆର୍ ଟେଷ୍ଟ ନେଗେଟିଭ ରିପୋର୍ଟ ଆଣିବା ବାଧ୍ୟତାମୂଳକ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ରିପୋର୍ଟ ନ ଆଣିଲେ ୭ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ହେବ। ପ୍ରବାସୀଙ୍କର ସମ୍ପୂର୍ଣ୍ଣ ତଥ୍ୟ ରେକର୍ଡଭୁକ୍ତ କରାଯାଇ ସ୍ୱାସ୍ଥ୍ୟ ଯାଞ୍ଚ ହେବ। ଲକ୍ଷଣ ଥିଲେ ଆର୍‌ଟି-ପିସିଆର ଟେଷ୍ଟ କରାଯିବ। ସେହିପରି ବ୍ରହ୍ମପୁର ରେଲୱେ ଷ୍ଟେଶନ ଭଳି ଛତ୍ରପୁର ଏବଂ ଖଲ୍ଲିକୋଟ ଷ୍ଟେଶନରେ ଯାତ୍ରୀଙ୍କ ସ୍ୱାସ୍ଥ୍ୟଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ସମୟରେ ଜିଲାରେ ଯେଭଳି କଟକଣା ଜାରି କରାଯାଇ ପଞ୍ଚସୂତ୍ରୀ ନିୟମକୁ ଗୁରୁତ୍ୱ ଦିଆଯାଇଥିଲା ତାହା ପୁଣି କାର୍ଯ୍ୟକାରୀ କରିବାକୁ ସୋମବାର ଭିଡିଓ କନଫରେନ୍ସରେ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

- ଦୋଳଯାତ୍ରା, ହୋଲି ସର୍ବସାଧାରଣରେ ମନା
- କଡା ପଦକ୍ଷେପ ନେଲେ ଗଞ୍ଜାମ ଜିଲାପାଳ

ସ୍ଥାନୀୟ ଲୋକେ ହିଁ ଯାତ୍ରାରେ ଅଂଶ ଗ୍ରହଣ କରିପାରିବେ। ବାହାରୁ ଆସୁଥିବା ଲୋକଙ୍କ ପ୍ରତି ନଜର ରଖିବା ସକାଶେ ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ତହସିଲଦାର ଓ ଅନ୍ୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବାହାରୁ କେହି ଆସିଲେ ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରି ହୋମ ଆଇସୋଲେଶନରେ ରଖାଯିବ। ପ୍ରତିଦିନର ରିପୋର୍ଟ ସଂଗ୍ରହ କରାଯିବ। କୋଭିଡ୍ ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହେଲେ ତାଙ୍କର କଣ୍ଟାକ୍ଟ ଟ୍ରେସିଂ କରାଯିବ। ଜନସାଧାରଣ ଦୋଳଯାତ୍ରା ମିଳିମିଶି ନ କରିବା ଓ ଘରେ ହୋଲି ଖେଳିବାକୁ କୁହାଯାଇଛି। ତାରାତାରିଣୀଙ୍କ ଯାତ୍ରା ସମୟରେ ପ୍ରସାଦ ସେବନ ଓ ଭୋଜିଭାତକୁ ବାରଣ କରାଯାଇଛି। ପ୍ରସାଦ ପ୍ୟାକେଟ କରି ଘରକୁ ନେଇହେବ। ସେହିପରି ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ ଯାତ୍ରା ସମୟରେ କେବଳ ମା'ଙ୍କ ଦର୍ଶନ କରିହେବ। ଘଟ ପରିକ୍ରମା ହେବନାହିଁ ବୋଲି ଜିଲାପାଳ କହିଛନ୍ତି। ଦଣ୍ଡ ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁମତି ଦିଆଯିବନି। ଏ ସମ୍ପର୍କରେ ମାଇକ୍ ଯୋଗେ ପ୍ରଚାର ଓ ପ୍ରସାର କରି ସଚେତନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କୌଣସି ମନ୍ଦିରରେ ଯଦି କୋଭିଡ୍ ନିୟମ ଅନୁପାଳନ ହେଉ ନ ଥିବା ଜଣାପଡ଼ିଲେ ଉକ୍ତ ମନ୍ଦିରକୁ ୨ କିମ୍ବା ୩ ଦିନ ବନ୍ଦ ରଖାଯିବ। ସମସ୍ତ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳରେ କୋଭିଡ କଣ୍ଟ୍ରୋଲ ରୁମ ଖୋଲିବ।। ଚିକିତ୍ସାଳୟ ଗୁଡିକରେ ଆଇସୋଲେଶନ ପ୍ରସ୍ତୁତ କରି ରଖାଯିବ। ବର୍ତ୍ତମାନ ପ୍ରଦାନ କରାଯାଇଥିବା ଭ୍ୟାକସିନ ଗୁଡିକ ଯେମିତି ଶତପ୍ରତିଶତ ଶେଷ ହେବ ସେଥିନିମନ୍ତେ ଦୃଷ୍ଟି ଦେବାକୁ କୁହାଯାଇଛି। ବସରେ ସିଟ ବ୍ୟତୀତ ଠିଆ ହୋଇ ଯାତ୍ରୀ ଯାଇ ପାରିବେନି। କୋଭିଡ ନିୟମ ଅନୁପାଳନ କରା ନ ଗଲେ ଲକ୍‌ଡାଉନ ଓ ଶର୍ଟଡାଉନ କରାଯିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନଳକୂପ ମରାମତି କରି ରଖିବା ଓ ଜଳଛତ୍ର ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତିଭାସନ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅମୀୟ କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ଜରୁରୀ କାଳୀନ ଅଧିକାରୀ ଦିବ୍ୟ ଲୋଚନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କ କର୍ମଶାଳା, ସମୀକ୍ଷା ବୈଠକ

ଛତ୍ରପୁର,୨୨।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲାସ୍ତରୀୟ ପ୍ରଧାନଶିକ୍ଷକଙ୍କ କର୍ମଶାଳା ଓ ସମୀକ୍ଷା ବୈଠକ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଛତ୍ରପୁର ଡିଆର୍‌ଡିଏ ଋଷିକୁଲ୍ୟା କନଫରେନ୍ସ ହଲରେ ସୋମବାରଠାରୁ ଆରମ୍ଭ ହୋଇଛି। ୩ ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଶିକ୍ଷକମାନଙ୍କ ସକରାତ୍ମକ ଚିନ୍ତାଧାରା ରହିବା ଉଚିତ। ପିଲାଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷକ ନୂଆ ନୂଆ ପଦ୍ଧତି ଆପଣାଇଲେ ପିଲାମାନେ ଭୟଶୂନ୍ୟ ପରିବେଶରେ ପଢ଼ିବେ। ଡିଜିଟାଲ ସ୍ମାର୍ଟ କ୍ଲାସ, ମଧୁ ଆପ ଶ୍ରେଣୀ ଗୃହରେ ଓ ପିଲାଙ୍କ ପାଖରେ ପହଞ୍ଚିବା ଦରକାର ବୋଲି ଜିଲାପାଳ କହିଥିଲେ। ଜିଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାଶ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସ୍କୁଲ ପରିଦର୍ଶନର ଅନୁଭୂତି ବାଣ୍ଟିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ସଂଯୋଜିକା ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି ମଞ୍ଚାସୀନ ଥିଲେ। କର୍ମଶାଳାର ପ୍ରଥମ ଦିନ ସ୍ମାର୍ଟକ୍ଲାସ ସମ୍ପର୍କରେ ବୃନ୍ଦାବନ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନି, ପିପିଟି ସମ୍ପର୍କରେ ମହେଶ୍ୱର ନାୟକ, ଫଣ୍ଡ କାର୍ଯ୍ୟକାରିତା ସମ୍ପର୍କରେ ଡିପିସି ବୀନିତା ସେନାପତି, ଡ୍ରିମ ସମ୍ପର୍କରେ ପୁରୁଷୋତ୍ତମପୁର ବିଇଓ ହରେକୃଷ୍ଣ ପଣ୍ଡା, ମୋ ସ୍କୁଲ ସମ୍ପର୍କରେ ଛତ୍ରପୁର ବିଇଓ ଅବିନାଶ ଶତପଥୀ ଆଲୋଚନା କରିଥିଲେ। ସେହିପରି ବିଜ୍ଞାନ କାର୍ଯ୍ୟ ସମ୍ପର୍କରେ ପ୍ଲାନିଙ୍ଗ କୋର୍ଡିନେଟର ସାବିତ୍ରୀ ଦାସ, ଗେମ୍ସ ଓ ସ୍ପୋର୍ଟସ ସମ୍ପର୍କରେ ଭାଗିରଥି ସ୍ୱାଇଁ, ଇକୋ କ୍ଲବ ସମ୍ପର୍କରେ ଡ. ଶଙ୍କର ନାରାୟଣ ବେଦ, ମେଧାବୃତ୍ତି ସମ୍ପର୍କରେ କୁକୁଡ଼ାଖଣ୍ଡି ବିଇଓ ଏସ ଗିରିଧର, କ୍ୟାରିୟର ପୋର୍ଟାଲ ବିଷୟରେ ଦିଗପହଣ୍ଡି ବିଇଓ ବସନ୍ତ ପଣ୍ଡା ଆଲୋଚନା କରିଥିଲେ। ଏସି, ଏସଟି କୋର୍ଡିନେଟର ଡ. ସରୋଜ ମୋହନ ପାଳ, ଅର୍ଥ ପରାମର୍ଶଦାତା ମଧୁସୂଦନ ପରିଡ଼ା, ଅଜିତ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମୀକ୍ଷା ବୈଠକରେ ଯୋଗ ଦେଇଥିବା ପ୍ରଧାନଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକମାନେ।

## ଜଳଭଣ୍ଡାର ସଫେଇ କଲେ ଏନ୍‌ସିସି ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ଜଳଭଣ୍ଡାର ସଫେଇ କରୁଛନ୍ତି ।

ଭଞ୍ଜନଗର,୨୨।୩(ଡି.ଏନ.ଏ)

ବିଶ୍ୱ ଜଳ ଦିବସ ଅବସରରେ ସୋମବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସେମାନେ ଜଳ ସଞ୍ଚୟ ଉପରେ ଲୋକଙ୍କୁ ବୁଝାଇଥିଲେ। ପରେ ଭଞ୍ଜନଗର ଜଳଭଣ୍ଡାରର ପ୍ରମୁଖ ମାଛଘାଟ ଗୁଡ଼ିକରେ ପଡ଼ିଥିବା ଆବର୍ଜନା ସଫା କରିଥିଲେ। ଶୋଭାଯାତ୍ରାକୁ କଲେଜ ଅଧ୍ୟକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଦିନକୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଉଛି । ତେଣୁ ଜଳର ଅପଚୟ ରୋକିବାକୁ ପଡ଼ିବ ବୋଲି ସେ କହିଥିଲେ । ପ୍ରାଧ୍ୟାପକ ଡ଼.ଆର.ଏନ.ପାଳ, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ସନାତନ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏନସିସି ଅଫିସର ଅଧ୍ୟାପକ ରଜନୀକାନ୍ତ ତ୍ରିପାଠୀ, ନାଭାଲ ଅଫିସର ଡ଼.ରବୀନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜିଲାସ୍ତରୀୟ ବନ ଦିବସ

ପାରଳାଖେମୁଣ୍ଡି,୨୨।୩(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଗଜପତି ଜିଲାସ୍ତରୀୟ ବିଶ୍ୱ ବନ ଦିବସ ଜିଲା ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି । ବନଖଣ୍ଡ ଅଧିକାରୀ ସଂଗ୍ରାମ କେଶରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅନୁପମ ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ବନଖଣ୍ଡ ଅଧିକାରୀ ମଧ ତାଙ୍କ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ କୁମାର ଚୌଧୁରୀ, ଏସିଏଫଓ ଗୌରୀ ପ୍ରସାଦ ରଥ, କେ. ଭାସ୍କର ରାଓ ପ୍ରମୁଖ ମଞ୍ଚାସୀନ ରହି ଜଙ୍ଗଲ ସୁରକ୍ଷାର ବିଭିନ୍ନ ଦିଗ ଉପରେ କହିଥିଲେ। ଜଙ୍ଗଲ ସୁରକ୍ଷା ଦିଗରେ ଉତ୍ତମ କାର୍ଯ୍ୟ କରି ଆସୁଥିବା ୧୦ଟି ବନ ସୁରକ୍ଷା ସମିତିକୁ ଜିଲାପାଳ ସମ୍ମାନିତ କରିଥିଲେ ।

## ଜଳୁଛି ନନ୍ଦଗିରି ଜଙ୍ଗଲ

ଜି.ଉଦୟଗିରି,୨୨।୩(ଡି.ଏନ.ଏ.)

**ସହର ଧୂଆଁମୟ**

ଯେତେ ସଚେତନ କଲେ ବି କାମରେ ଆସୁନି। ଜଳୁଛି ଗୋଟିଏ ପରେ ଗୋଟିଏ ଜଙ୍ଗଲ। ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସରକାର ବ୍ୟାପକ ପ୍ରଚାର କରିବା ସହିତ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଯୋଜନା କଲା ପରେ ବି ସବୁ ବିଫଳ। କନ୍ଧମାଳ ଜିଲା ଭଳି ବିସ୍ତୃତ ଜଙ୍ଗଲ ଥିବା ଜିଲାରେ ଜନସାଧାରଣଙ୍କ ବିନା ସହଯୋଗରେ ନିୟନ୍ତ୍ରଣ କରିବା କଷ୍ଟକର। ନିକଟରେ କଳିଙ୍ଗା ଘାଟି ରାସ୍ତାର ଦୁଇ ପାର୍ଶ୍ୱ ଜଙ୍ଗଲ ପୋଡି ପାଉଁଶ ହୋଇଯାଇଥିବା ବେଳେ ଏବେ ଲାଗିଛି ଜି.ଉଦୟଗିରି ନିକଟସ୍ଥ ନନ୍ଦଗିରି ଜଙ୍ଗଲ। ଫଳରେ ବନ୍ୟଜନ୍ତୁ ସହିତ ଜନସାଧାରଣ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଜଙ୍ଗଲ ଧୂଆଁରେ ଅଣନିଶ୍ୱାସି ହେଲେଣି ସହରବାସୀ। ଏମିତି କେବେ ଜଙ୍ଗଲରେ ନିଆଁ ଲାଗି ଅଣନିଶ୍ୱାସୀ ଲାଗିବା ଜାଣିନାହୁଁ ବୋଲି ପରିବେଶ ପ୍ରେମି ତଥା ଶିକ୍ଷକ ପବିତ୍ର କୁମାର ସାହୁ କହିଛନ୍ତି। ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

## ଗୋପାଳପୁର ନିର୍ବାଚନମଣ୍ଡଳୀର ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

କୁକୁଡ଼ାଖଣ୍ଡି,୨୨।୩

କୁକୁଡ଼ାଖଣ୍ଡି ବ୍ଲକ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପବନ୍ଧୁ ଦାସ ରବିବାର ଗସ୍ତରେ ଆସି ଲୋଚାପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ୫ ପଞ୍ଚାୟତର ସମସ୍ୟା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗୋପାଳପୁର ନିର୍ବାଚନ ମଣ୍ଡଳୀର ହୁଗୁଳାପଟ୍ଟା, ଗୁରୁଣ୍ଟି, ଲୋଚାପଡା, ନିମଖଣ୍ଡି ଓ ବୋରିଗାଁ ପଞ୍ଚାୟତର ପାନୀୟଜଳ ସମସ୍ୟା, ବିଦ୍ୟୁତ୍ କରଣ, ମିଶନ ଶକ୍ତି, ଶିଶୁ ଉଦ୍ୟାନ ଆଦି ବିଷୟରେ ତଦାରଖ କରିଥିଲେ। କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବିଡିଓ ଗଦାଧର ପାତ୍ର, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀ ପ୍ରିୟା ସାହୁ, ବ୍ଲକ ଏଇଇ ସୁଜିତ କୁମାର ତହଲ, ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ପାତ୍ର, ହୁଗୁଳାପଟ୍ଟା ସରପଞ୍ଚ ପ୍ରଦୀପ କୁମାର ମଲଣା, ଗୁରୁଣ୍ଟି ସରପଞ୍ଚ ଟି.ମିନତୀ ପାତ୍ର, ବୋରିଗାଁ ସରପଞ୍ଚ ବସନ୍ତ କୁମାର ସାହୁ, ସମିତିସଭ୍ୟା ମୀରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲ୍ୟବିବାହ ନିଷେଧ ପ୍ରଶିକ୍ଷଣ ଶିବିର

ପାରଳାଖେମୁଣ୍ଡ,୨୨।୩ (ଡି.ଏନ୍.ଏ.)

ଜିଲା ଶିଶୁ ସୁରକ୍ଷା ୟୁନିଟ, ଗଜପତି ତରଫରୁ ସିଡିପିଓ, ସୁପରଭାଇଜର ଓ ସଖିର କର୍ମକର୍ତ୍ତା ମାନଙ୍କ ପାଇଁ ଏକ ଜିଲା ସ୍ତରୀୟ ବାଲ୍ୟ ବିବାହ ନିଷେଧ ଉପରେ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ସମାଜ ମଙ୍ଗଳ ଅଧିକାରୀଣି ମିନତି ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ରୁପେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉଳ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ବାଲ୍ୟ ବିବାହ କରାଇଲେ କିପରି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ, ବାଲ୍ୟ ବିବାହ ସମୟରେ ଉଦ୍ଧାର ହେଉଥିବା ଶିଶୁମାନଙ୍କୁ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଭାବେ ଦର୍ଶାଇ କିପରି ଥଇଥାନ କରାଯିବ। ଭୁବନେଶ୍ୱରରୁ ଆସିଥିବା ରାଜ୍ୟ ସ୍ତରୀୟ ପ୍ରଶିକ୍ଷକ ମନୋଜ ତ୍ରିପାଠୀ ବାଲ୍ୟ ବିବାହ ଉପରେ ବିହିତ ଆଇନର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଯୋଗ ଦେଇଥିବା ବେଳେ ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା ପରିଚାଳନା କରିଥିଲେ। ସୁରକ୍ଷା ଅଧିକାରୀ ଉମ୍ବରୁଧର ବଳବନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଜଳ ଦିବସ ପାଳିତ

ବେଗୁନିଆପଡା,୨୨।୩(ଡି.ଏନ.ଏ.)

ବେଗୁନିଆପଡା ବ୍ଲକ ମର୍ଦ୍ଦମେଖ ପଞ୍ଚାୟତର କନ୍ଦିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସହକାରୀ ପ୍ରକଳ୍ପ ଅଧିକାରୀ ବାଣୀ ସୁକାନ୍ତ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ବିଡ଼ିଓ ବେଦବର ପ୍ରଧାନ ପରିଚାଳନା କରିଥିଲେ। ଏହି ପଞ୍ଚାୟତର ମହିଳା ସଂଘ ପକ୍ଷରୁ ଶପଥ ପାଠ କରିବା, ପୁଷ୍କରଣୀ ସଫା କରାଯିବା ସହ ଗ୍ରାମ ପରିକ୍ରମା କରାଯାଇ ସଚେତନତା ବାର୍ତ୍ତା ଦେଇଥିଲେ।

## କେଏସ୍‌ୟୁବିରେ ପରୀକ୍ଷା ପରିଚାଳନା ପ୍ରସ୍ତୁତି

ଭଞ୍ଜନଗର,୨୨।୩(ଡି.ଏନ.ଏ)

**୨୪ରୁ ୫ମ ସେମିଷ୍ଟର ପରୀକ୍ଷା**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ପଞ୍ଚମ ସେମିଷ୍ଟର ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେବ। ଏଥି ପାଇଁ ସୋମବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। କରୋନା ପୁଣି ବ୍ୟାପିବାର ସମ୍ଭାବନା ଥିବାରୁ ଛାତ୍ରୀଛାତ୍ରମାନେ କଟକଣା ମାନି କିଭଳି ପରୀକ୍ଷା ଦେବେ ସେ ନେଇ ଆଲୋଚନା ହୋଇଥିଲା। ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଚାରୀ ଓ ଶିକ୍ଷକ ସଂଘର ସମ୍ପାଦକ ପ୍ରାଧ୍ୟାପକ ସାତ୍ୟକୀ ସାହୁ, ପ୍ରାଧ୍ୟାପକ ଆର.ଏନ.ପାଳ, ବିଭୂତି ପାଣିଗ୍ରାହୀ, ପୀତବାସ ପାଳ, ଡ଼େପୁଟି ସୁପରିଣ୍ଟେଣ୍ଡେଣ୍ଟ ବଦ୍ରି ନାରାୟଣ ପାତ୍ର, ହରମୋହନ ନାୟକ ପ୍ରମୁଖ ଆଲୋଚନାରେ ଭାଗନେଇ ଥିଲେ। ଅନ୍ୟପକ୍ଷରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପଢ଼ିଆରେ ସେନାବାହିନୀରେ ନିଯୁକ୍ତି ପାଇଁ ପ୍ରସ୍ତୁତି ଚାଲିଛି । ଆସନ୍ତା ୨୫, ୨୬ ଓ ୧ ତାରିଖରେ ନିଯୁକ୍ତି ରାଲି ପାଇଁ ବିଭିନ୍ନ ପରୀକ୍ଷା ଅଛି । ତେଣୁ ଯୁକ୍ତ ୩ର ଅନେକ ଛାତ୍ରୀଛାତ୍ର ବୋନାଫାଇଡ୍ ଛାତ୍ର ଭାବେ ପ୍ରମାଣପତ୍ର ପାଇଁ କଲେଜରେ ଆବେଦନ କରିଛନ୍ତି । ସେମାନେ ୨୫ ଓ ୨୬ରେ ହେବାକୁ ଥିବା ଯୁକ୍ତ ୩ ପରୀକ୍ଷା ଦେବା ସମ୍ଭାବନା ନାହିଁ । ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ହିତକୁ ଦେଖି ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରିବା ପାଇଁ ଦାବି ହୋଇଛି ।

## ସରକାରୀ ଯୋଜନାରୁ ବଞ୍ଚିତ ଅସହାୟ ଦମ୍ପତି

ଜଗନ୍ନାଥପ୍ରସାଦ,୨୨।୩(ଡି.ଏନ.ଏ.)

ସରକାର ଗରିବ ଓ ଅସହାୟମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଜଗନ୍ନାଥପ୍ରସାଦ ବ୍ଲକ ନୂଆ କୁଶପଲ୍ଲୀର ଦିବ୍ୟାଙ୍ଗ ବିଜୟ ନାୟକ ଏଥିରୁ ବଞ୍ଚିତ ହୋଇଛନ୍ତି। ପିଲା ଦିନରୁ ୭୫% ସେ ପୋଲିଓରେ ପୀଡ଼ିତ। ପରିବାର କହିଲେ ସ୍ତ୍ରୀ ବଙ୍ଗାଳି । ସ୍ୱାମୀଙ୍କ ଅଚଳ ଗୋଡ଼କୁ ସାହାରା ଦେଇ ଘର ସାମ୍ନାରେ ଛୋଟିଆ ଦୋକାନ କରି ଦୁଇ ପଇସା ରୋଜଗାର କରି ବଙ୍ଗାଳି ପରିବାର ଚଳାଉଥିଲେ। କିନ୍ତୁ ଦୋକାନ ପାଇଁ ସଉଦା ଆଣିବାକୁ ବସ୍‌ରେ ଯାଉଥିବା ବେଳେ ୨୦୧୩ରେ ଦୁର୍ଘଟଣାରେ ବଙ୍ଗାଳିଙ୍କର ଦୁଇ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ସେବେଠାରୁ ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି ବୃଦ୍ଧ ଦମ୍ପତି। ଗାଁ ଲୋକଙ୍କ ସହଯୋଗରେ ଓଳିଏ ଖାଇ ଓଳିଏ ଭୋକ ପେଟରେ ଶୋଇବାକୁ ପଡୁଛି। ଏଭଳି ଅବସ୍ଥା ଦେଖି ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ନିଜ ବାସଭବନକୁ ଡାକି ସହାୟତା କରାଇବା ପାଇଁ ସେଠାରେ ଥିବା ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାଙ୍କ ପାଖରେ କୌଣସି ସରକାରୀ ସହାୟତା ପହଞ୍ଚିଲା ନାହିଁ। ଏ ନେଇ ସ୍ଥାନୀୟ ପ୍ରଶାସନକୁ ଗୁହାରି କରି ବିଫଳ ହୋଇଥିଲେ। ଏମିତିରେ ଅଭାବୀ ସାଙ୍ଗକୁ ଭୁବନେଶ୍ୱର ଯିବାକୁ ବିଜୟଙ୍କ ପାଖରେ ସମ୍ବଳ ନାହିଁ ବୋଲି କହିଛନ୍ତି। ସରକାରୀ ସହାୟତା କହିଲେ ୫ କେଜି ଚାଉଳ ଓ ୫୦୦ ଟଙ୍କା ଭତ୍ତା। ସ୍ତ୍ରୀଙ୍କୁ ଭିନ୍ନକ୍ଷମ ଭତ୍ତା ସହ ୩୫ କେଜି ଚାଉଳ ସରକାର ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି। ଏନେଇ ବ୍ଲକ ଅଧିକାରୀ ଅନୁପ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସ୍ଥାନୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ତୁରନ୍ତ ବିଜୟଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।



ଦିବ୍ୟାଙ୍ଗ ବିଜୟ ଓ ସ୍ତ୍ରୀ ବଙ୍ଗାଳି ।

## ଅମାନିଆଙ୍କଠାରୁ ଜରିମାନା ଆଦାୟ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ପୋଲିସ ତିନି ଦିନ ହେଲା ଲଗାତର ଯାନବାହାନ ଧରପଗଡ କରି ଅମାନିଆଙ୍କଠାରୁ ୩୧ ହଜାର ଟଙ୍କା ଜୋରିମାନା ଆଦାୟ କରିଛି। ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏସ୍ଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ କାର୍ତ୍ତିକ ନାୟକ, ଏଏସଆଇ ଯୁଧିଷ୍ଠିର ମହାକୁଡଙ୍କ ସମେତ ପୋଲିସ କର୍ମଚାରୀ ସହରର ମଦନ ମୋହନ ଛକ, ହାଇସ୍କୁଲ ଛକ, କଲେଜ ଛକ, ବଡଶଙ୍ଖ ଆଦି ସ୍ଥାନରେ ଗାଡ଼ି କାଗଜପତ୍ର ଓ ହେଲମେଟ୍ ଯାଞ୍ଚ କରି ଅମାନିଆଙ୍କ ଠାରୁ ଶୁକ୍ରବାର ୧୦ ହଜାର, ଶନିବାର ୧୧ ହଜାର ଓ ରବିବାର ୧୦ ହଜାର ଟଙ୍କା ଜୋରିମାନା ଆଦାୟ କରିଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଶହୀଦ୍ ଭଗତ ସିଂଙ୍କ ୯୦ତମ ଫାଶୀ ଦିବସ। ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍। ସମୟ: ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଆକ୍ରମଣ ମାମଲା, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୨୨।୩(ଡି.ଏନ.ଏ.): ଦିଗପହଣ୍ଡି ଥାନା ପଦ୍ମନାଭପୁର ଗ୍ରାମରେ ଜଣେ ମହିଳାଙ୍କୁ ଆକ୍ରମଣ କରିବା ମାମଲାରେ ପୋଲିସ ଅଭିଯୁକ୍ତ ଜାଗିଲି ବେହେରାଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ପଦ୍ମନାଭପୁର ଗ୍ରାମ ବଡରେଡିକା ସାହିର କେ.ଲକ୍ଷ୍ମୀ ଗତ ଶୁକ୍ରବାର ଶିବ ମନ୍ଦିରକୁ ଯାଉଥିବା ବେଳେ ତାଙ୍କୁ ଗ୍ରାମର ଜାଗିଲି ଏକ କାତି ଅକ୍ରମଣ କରିଥିଲେ। ଏ ନେଇ ସ୍ଥାନୀୟ ଥାନାରେ ନଂ. ୬୦/୨୧ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

### ସମ୍ମାନିତ ହେଲେ ଏନ୍ଏସ୍ଏସ୍ ଅଧିକାରୀ

ଆସିକା,୨୨।୩ (ଡି.ଏନ୍.ଏ): ଆସିକା ବିଜ୍ଞାନ ମହାବିଦ୍ୟାଳୟର ସୂଚନା ଓ ପ୍ରଯୁକ୍ତି ବିଭାଗର ଅଧାପକ ତଥା ଏନ୍ଏସ୍ଏସ୍ ଅଧିକାରୀ ଅଧାପକ ସରୋଜ କୁମାର ପଣ୍ଡା ୨୦୧୮-୧୯ ବର୍ଷ ପାଇଁ ଏନ୍ଏସ୍ଏସ୍ର ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସୋମବାର ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା ପୁରସ୍କାର ବିତରଣ ଉତ୍ସବରେ ପଣ୍ଡାଙ୍କୁ ଏହି ସମ୍ମାନ ଦିଆଯାଇଥିଲା। ଏନ୍ଏସ୍ଏସ୍ ପକ୍ଷରୁ ବିଭିନ୍ନ ସମାଜସେବା କାର୍ଯ୍ୟ ଲାଗି ଏହି ସମ୍ମାନ ଦିଆଯାଇଥିବା ବେଳେ ପଣ୍ଡା ଦୀର୍ଘ ୮ ବର୍ଷ ହେଲା ଆସିକା ବିଜ୍ଞାନ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଭାବେ ସ୍ୱେଚ୍ଛାସେବୀମାନଙ୍କୁ ନେଇ ରକ୍ତଦାନ ଶିବିର, ଚକ୍ଷୁ ଚିକିତ୍ସା ଶିବିର, ଏଡସ ସଚେତନତା ଶିବିର, ସଡକ ସୁରକ୍ଷା ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିବା ଜଣାଯାଇଛି।

### ଯୁବକ ନିଖୋଜ ଅଭିଯୋଗ

ଖଜୁରିପଡ଼ା/ ବଲସକୁମ୍ପା, ୨୨।୩ (ଡି.ଏନ.ଏ.): ଖଜୁରିପଡ଼ା ଥାନା ବଲସକୁମ୍ପା ସ୍ଥିତ ମାଁ ବରାଳ ଦେବୀ ମନ୍ଦିରକୁ ଦର୍ଶନ ପାଇଁ ଆସିଥିବା ଜଣେ ଯୁବକ ସୋମବାର ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ଭୁବନେଶ୍ୱରର ବନବାସୀ ଘୋଡ଼େଇଙ୍କ ପୁଅ ପ୍ରମୋଦ (୨୭)। ପ୍ରମୋଦ ମାନସିକ ବିକାରାଗ୍ରସ୍ତ ହୋଇଥିବାରୁ ମାଁ ବରାଳ ଦେବୀ ମନ୍ଦିରକୁ ଦର୍ଶନ କରିବା ପାଇଁ ପରିବାର ସହ ଆସିଥିଲେ। ସମସ୍ତେ ଦର୍ଶନ କରୁଥିବା ବେଳେ ପ୍ରମୋଦ କୁଆଡେ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରି ନ ପାଇବାରୁ ଥାନାରେ ଏତଲା ଦେଇଥିଲେ। ଏ ନେଇ ନଂ. ୪/୨୧ ରୁଜୁରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ୨୪ ପ୍ରହର ନାମଯଜ୍ଞ ଉଦ୍ୟାପିତ

ରମ୍ଭା,୨୨।୩: ରମ୍ଭାର ବଙ୍ଗଳା ସାହିରେ ତିନି ଦିନ ଧରି ଚୈତନ୍ୟ ମଠ ନିକଟରେ ଚାଲିଥିବା ଚବିଶି ପ୍ରହର ନାମଯଜ୍ଞ ଓ ହରିହାଟ ଉଦ୍ୟାପିତ ହୋଇଯାଇଛି। ମହନ୍ତ ବିଷ୍ଣୁ ପଣ୍ଡାଙ୍କ ପୌରହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ଆଠ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ତଥା ଉସ୍ତା, କାଦୁଆ, ଖୋଳାମୁହଁ, ମିରିଜାପୁର, ବାରଣାସୀ, ସବୁଲିଆ ଓ ମଠସମ୍ବଲ ପର୍ଯ୍ୟାୟ କ୍ରମେ ଭିନ୍ନ ଭିନ୍ନ ସମୟରେ ଆସି ପରିବେଷଣ କରିଥିଲେ। ତ୍ରିନାଥ ଠାକୁର ପରିଚାଳନା କମିଟି, ଗ୍ରାମବାସୀ, ଗଙ୍ଗାଧର ବେହେରା, ଲକ୍ଷ୍ମଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଚେରମାରିଆ କ୍ରିକେଟ ଟିମ୍ ବିଜୟୀ

ହିଞ୍ଜିଳିକାଟୁ,୨୨।୩(ଡ଼ି.ଏନ୍.ଏ)- ହିଞ୍ଜିଳିକାଟୁରେ ଚାଲିଥିବା ପ୍ରିୟଦର୍ଶୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ରାଜବଂଶ କ୍ରିକେଟ କ୍ଲବ, ଶେରଗଡକୁ ହରାଇ ଡ଼ିଲିସିଅସ କ୍ରିକେଟ କ୍ଲବ, ଚେରମାରିଆ ବିଜୟୀ ହୋଇଛି। ଶେରଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୨୬ ରନ୍ ସଂଗ୍ରହ କରିଥିଲା। ଚେରମାରିଆ ୧୫ ଓଭରରେ ୨ ଉଇକେଟ ହରାଇ ବିଜୟୀ ରନ୍ ସଂଗ୍ରହ କରିଥିଲା। ଚେରମାରିଆ ଦଳର ପୂର୍ଣ୍ଣ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଇଗଲ କ୍ରିକେଟ କ୍ଲବର ଉପସଭାପତି ସୁନିଲ କୁମାର ପଣ୍ଡା ଅତିଥି ଭାବେ ଉପସ୍ଥିତ ଥିଲେ।

# ଘଟ ପରିକ୍ରମାକୁ ପ୍ରଶାସନର ବାରଣ

ବ୍ରହ୍ମପୁର ଅଫିସ୍,୨୨।୩



ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ନେଇ ସୋମବାର ମଧ୍ୟରାତ୍ରରୁ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟ ଆରମ୍ଭ ହେବ। ତେବେ ଗଞ୍ଜାମରେ କୋଭିଡ୍ଜନିତ ସଚେତନତା ନେଇ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି; ଯେଉଁଥିରେ ମା' ବୁଢ଼ୀ ଠାକୁରାଣୀ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି। କିନ୍ତୁ ସାହିକୁ ସାହି ବୁଲି ଘଟ ପରିକ୍ରମା କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଏ ନେଇ ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀ ବେହେରା ପ୍ରଶାସନର ଏଭଳି ପଦକ୍ଷେପକୁ ସହମତି ଜଣାଇଛନ୍ତି। ପ୍ରଶାସନର ସହଯୋଗ ଦ୍ୱାରା ହିଁ ଯାତ୍ରା ଠିକ୍ ଭାବେ ପରିଚାଳିତ ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଯାତ୍ରାକୁ ନେଇ ଜିଲା ପ୍ରଶାସନ ଓ ଯାତ୍ରା ପରିଚାଳକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ରବିବାର ବିଏମ୍ସି ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ବସିଥିଲା। ଯେଉଁଥିରେ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍ ଓ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ସାମିଲ ହୋଇଥିଲେ। ଏହାପରେ ଯାତ୍ରା ହେବା ନେଇ ସମାଧାନର ବାଟ ଫିଟିଥିଲା। ତେବେ ସୋମବାର ଜିଲାପାଳଙ୍କ ଦ୍ୱାରା ଭିଡିଓ ବାର୍ତ୍ତା ଜରିଆରେ ଠାକୁରାଣୀଙ୍କ ଘଟ ପରିକ୍ରମାକୁ ବାରଣ କରାଯିବା ସୂଚନା ଶ୍ରଦ୍ଧାଳୁଙ୍କ କ୍ଷେତ୍ରରେ ସଙ୍କୋଚ ପ୍ରକାଶ ପାଇଛି। ନୀତିକାନ୍ତି ସାଙ୍ଗକୁ ପ୍ରଥାକୁ ମଧ୍ୟ ବଜାୟ ରଖାଯାଉ ବୋଲି ଅନେକଙ୍କ କ୍ଷେତ୍ରରେ ଦାବି ହୋଇଛି।

### ଏପ୍ରିଲ ୯ରୁ ବୁଢ଼ୀ ଠାକୁରାଣୀ ଯାତ୍ରା

ଶୁଭଖୁଣ୍ଟି ସ୍ଥାପନ ପୂର୍ବରୁ ଅର୍ଥାତ୍ ସୋମବାର ରାତି ପ୍ରାୟ ୯ଟାରେ ଯାତ୍ରା ପରିଚାଳକ ଦୁର୍ଗାପ୍ରସାଦ ଦେଶୀବେହେରା, ଯାତ୍ରା ପରିଚାଳନା କମିଟି ସଭ୍ୟବୃନ୍ଦ ଓ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏପ୍ରିଲ ୯ ତାରିଖରୁ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ହେବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି।

# ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଗଞ୍ଜାମ ପ୍ରତିଯୋଗୀଙ୍କ ସଫଳତା

ବ୍ରହ୍ମପୁର ଅଫିସ୍,୨୨।୩



ପ୍ରତିଯୋଗୀ ରିଙ୍କୁ ନାୟକ ।

ପଞ୍ଜାବର ଲୁଧିଆନାଠାରେ ଅନୁଷ୍ଠିତ ହୋଇଥିବା ଦୁଇ ଦିନିଆ ଜାତୀୟ ଜୁନିୟର୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଗଞ୍ଜାମର ରିଙ୍କୁ ନାୟକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଇଣ୍ଡିଆନ୍ ବଡି ବିଲ୍ଡର୍ସ ଫେଡେରେଶନ୍ ଆନୁକୂଲ୍ୟରେ ଅନୁଷ୍ଠିତ ମ୍ୟାଚ୍ରେ ଆସିକା ଅଞ୍ଚଳର ରିଙ୍କୁ ୫୫ କେଜି ବର୍ଗରେ ଭାଗ ନେଇଥିଲେ। ଏଥିରେ ସେ ୫ମ ସ୍ଥାନ ଅଧିକାର କରି ଗଞ୍ଜାମ ପାଇଁ ଗୌରବ ଆଣିଛନ୍ତି। ଏହାକୁ ନେଇ ଜାତୀୟ ବିଚାରକ ଉମା ଚରଣ ଶତପଥୀ, ଗଞ୍ଜାମ ଜିଲା ଆମେଚର ବଡି ବିଲ୍ଡିଂ ଆସୋସିଏଶନ୍ର ସମ୍ପାଦକ ଏସ୍.ରାଜେଶ ବାବୁ ଆଚାରୀ ରିଙ୍କୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜାତୀୟସ୍ତରୀୟ ୱେବିନାର ଉଦ୍ଯାପିତ

ବ୍ରହ୍ମପୁର ଅଫିସ,୨୨।୩

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ 'ଦକ୍ଷିଣ ଓଡ଼ିଶାର ଲୋକ ସଂସ୍କୃତି'ଶୀର୍ଷକ ଦୁଇ ଦିନିଆ ଜାତୀୟସ୍ତରୀୟ ୱେବିନାର ସୋମବାର ଉଦ୍ଯାପିତ ହୋଇଯାଇଛି। ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପଦ୍ମଶ୍ରୀ ପ୍ରତିଭା ରାୟ ୱେବିନାରର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆଧୁନିକ ସଂସ୍କୃତି ଓ ସମାଜ ବିକାଶର ପରିପନ୍ଥୀ ନୁହେଁ, ବରଂ ପରିବର୍ତ୍ତନ ସ୍ରୋତରେ ଏହା ପରିପୁଷ୍ଟ ଓ ସମୃଦ୍ଧ ହୋଇଥାଏ। ପରିବର୍ତ୍ତନ ସହିତ ସାମିଲ ହୋଇ ମଧ୍ୟ ଆମର ଐତିହ୍ୟ ଓ ପରମ୍ପରାକୁ ସୁରକ୍ଷିତ କରିବାରେ ଯତ୍ନବାନ ହେବା ଉଚିତ। ନଚେତ ଆମେ ସମାଜ ବିକାଶରେ ସାମିଲ୍ ହୋଇପାରିବା ନାହିଁ ବୋଲି ରାୟ ମତ ଦେଇଥିଲେ। ପ୍ରଥମ ଅଧିବେଶନରେ ପିଜି କାଉନ୍ସିଲ ଅଧକ୍ଷା ପ୍ରଫେସର ଅରୁନ୍ଧତୀ ରଥ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁଆହାଟି ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ଜ୍ୟୋତ୍ସ୍ନା ରାଉତ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଲୋକ ସଂସ୍କୃତି ଗବେଷକ ଡ. ପ୍ରଦୀପ ମିଶ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ସମୀର ଭୋଇ ଯୋଗଦେଇ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଉତ୍ତମା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ନାରାୟଣ ସାହୁ, ଝାଡ଼ଖଣ୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର ସତ୍ୟପ୍ରିୟ ମହାଲିକ, ଗବେଷକ ଡ. ଅନନ୍ତ ରାମ କର, ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ, ବିଶ୍ୱ ଭାରତୀର ସହକାରୀ ପ୍ରଫେସର ଡ. ଶରତ କୁମାର ଜେନା, ବିଶିଷ୍ଟ ଗବେଷିକା ଡ. ଅନିତା ପାତ୍ର ପ୍ରମୁଖ ଯୋଗଦେଇ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତିର ଦିଗଦିଗନ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ.ଚକ୍ରପାଣି ଯୋଗଦେଇ ସମସ୍ତ ଗବେଷିକା ଓ ଗବେଷକଙ୍କୁ ଉତ୍ସାହିତ କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ, ପ୍ରଫେସର ନୀହାର ରଞ୍ଜନ ମିଶ୍ର, ପ୍ରଫେସର କହ୍ନୁ ପାଣି ସାମନ୍ତ, ଡ. ରମେଶ ଚନ୍ଦ୍ର ପ୍ରଧାନ, ଡ. କୁଳମଣି ଓଝା, ଡ. ସୀମାଞ୍ଚଳ ପ୍ରଧାନ, ଡ. କ୍ଷେତ୍ରବାସୀ ମାନସେଠ, ଡ. ବି. ପ୍ରକାଶ ପାତ୍ର, ଡ. ନଳିନୀ କୁମାର ପାଣିଗ୍ରାହୀ, ଇ. ବିଶ୍ୱମୋହନ ଅଧିକାରୀଙ୍କ ସମେତ ବହୁ ଗବେଷକ ଓ ଗବେଷିକା ଭାଗ ନେଇଥିଲେ।

# ମହିଳାଙ୍କ ବେକରୁ ଅଳଙ୍କାର ଝାମ୍ପିନେଲେ

ବ୍ରହ୍ମପୁର ଅଫିସ,୨୨।୩

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ନୀଳକଣ୍ଠନଗର ପୂର୍ଣ୍ଣବାସୀ କଲୋନୀ ନିକଟରେ ସୋମବାର ଏକ ଲୁଟ୍ ହୋଇଛି। ଜଣେ ହେଲ୍ମେଟ୍ ପିନ୍ଧା ଲୁଟେରା ଛୁରି ଦେଖାଇ ଜଣୈକା ମହିଳାଙ୍କଠାରୁ ମଙ୍ଗଳସୂତ୍ର ଓ କାନଫୁଲ ଝାମ୍ପି ନେଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରୁଛି। ସୂଚନାନୁସାରେ, ପ୍ରେମନଗର ଚତୁର୍ଥ ଲାଇନ୍ରେ ଥିବା ସନ୍ଧ୍ୟାରାଣୀ ନାୟକ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟକୁ ଝିଅକୁ ଆଣିବା ପାଇଁ ଯାଉଥିଲେ। ପୂର୍ଣ୍ଣବାସୀ କଲୋନି ନିକଟସ୍ଥ ଏକ ଗଳିରାସ୍ତା ଦେଇ ମହିଳା ଜଣକ ଚାଲି ଚାଲି ଯାଉଥିବା ବେଳେ ଏକ ବାଇକ୍ରେ ଆସି ଜଣେ ଯୁବକ ସେଠାରେ ତାଙ୍କୁ ଅଟକାଇଥିଲେ। ମହିଳାଙ୍କୁ ଏକୁଟିଆ ପାଇ ଯୁବକ ଜଣକ ଏକ ଛୁରି ଦେଖାଇ ଭୟଭୀତ କରି ଅଳଙ୍କାର ଲୁଟି ନେଇଥିଲେ। ମହିଳାଙ୍କ ଅଭିଯୋଗ ଅନୁସାରେ ପୋଲିସ ନଂ.୬୩/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଫାଷ୍ଟଗେଟ୍ରୁ ୩ ଗଞ୍ଜେଇ ଚାଲାଣକାରୀ ଗିରଫ

### ପୁରୀ-ଅହମ୍ମଦାବାଦ ଟ୍ରେନ୍ରୁ ସୁରତକୁ ହେଉଥିଲା ଚାଲାଣ

ବ୍ରହ୍ମପୁର ଅଫିସ,୨୨।୩



ଚୋରି ପରେ ଫିଙ୍ଗା ଫୋପଡ଼ା ହୋଇ ପଡ଼ିଥିବା ବିଭିନ୍ନ ସାମଗ୍ରୀ ।

ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ଆଗୁଆ ସୂଚନା ପାଇ ସୋମବାର ସକାଳେ ଫାଷ୍ଟଗେଟ ନିକଟରୁ ତିନିଜଣ ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଗିରଫ କରିଛି। ଫିରିଙ୍ଗିଆର ବୈଦ୍ୟନାଥ କହଁର, ବିହାରର ପପୁ ସିଂ ଓ ପୋଡ଼ାମାରିର ବିପିନ ପାତ୍ରଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ପୁରୀ–ଅହମ୍ମଦାବାଦ ଟ୍ରେନରେ ସୁରଟକୁ ଗଞ୍ଜେଇ ଚାଲାଣ କରିବା ପୂର୍ବରୁ ଅବକାରୀ ଗୋଇନ୍ଦା ବିଭାଗ ହାତରେ ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ମୋଟ ୬୫କେଜି ଗଞ୍ଜେଇ ଜବତ ହୋଇଛି। ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଡେପୁଟି କମିଶନରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସୋମବାର ସକାଳେ ଫାଷ୍ଟଗେଟ୍ ଅଞ୍ଚଳରେ ବ୍ଲକିଂ କରି ଗାଡ଼ି ଯାଞ୍ଚ କରୁଥିଲା। ଦୁଇଜଣ ଯୁବକ ଏକ ସ୍କୁଟିରେ ଦ୍ରୁତଗତିରେ ଆସୁଥିବା ଦେଖି ତାଙ୍କୁ ଅବକାରୀ ଟିମ୍ ଅଟକାଇଥିଲା। ଯାଞ୍ଚ ପରେ ସେମାନେ ଧରିଥିବା ପ୍ଲାଷ୍ଟିକ୍ ବସ୍ତାରୁ ୫୦କେଜି ଗଞ୍ଜେଇ ଜବତ ହୋଇଥିଲା। ସେହିପରି ଅନ୍ୟ ଜଣେ ଯୁବକଙ୍କ ନିକଟରୁ ୧୫ କେଜି ଗଞ୍ଜେଇ ଜବତ କରିଥିଲା ଅବକାରୀ ବିଭାଗ। ଗଜପତି ଜିଲାରୁ ଏମାନେ ଗଞ୍ଜେଇ ଆଣି ଟ୍ରେନରେ ଚାଲାଣ କରିଥାନ୍ତେ ବୋଲି ତଦନ୍ତରେ ଜଣାପଡ଼ିଛି। ଜବତ ଗଞ୍ଜେଇର ମୂଲ୍ୟ ୩ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ଉରେ ଅବକାରୀ ଗୁଇନ୍ଦା ବିଭାଗ ଏସ୍ଆଇ ବିଶ୍ୱଜିତ ଦାଶ, ଏଏସ୍ଆଇ ବ୍ରଜବିହାରୀନାୟକପ୍ରମୁଖସାମିଲଥିଲେ।

# ବିଶ୍ୱ ଜଳ ଦିବସ ପାଳିତ




ଜଳଦିବସ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ୍,୨୨।୩

ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ୍ ଏବଂ ଫୋରମ ଫର ଗଞ୍ଜାମ ଆନୁକୂଲ୍ୟରେ ସୋମବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୋଖରୀ ସଫା କରିବା ସହ ବ୍ରହ୍ମପୁର ସହରର ବୈକୁଣ୍ଠ ନଗର ପୋଖରୀଠାରୁ ବିଜିପୁର ବନ୍ଧ ଯାଏ ଏକ ସଚେ଼ତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଜଳ ସଂରକ୍ଷଣ ଓ ପ୍ରଦୂଷଣ ମୁକ୍ତ ରଖିବା, ପୂଜା ସାମଗ୍ରୀ ନ ଫିଙ୍ଗିବା ପାଇଁ ପ୍ଲାକାର୍ଡ଼ ଏବଂ ପ୍ରଚ଼ାର ପତ୍ର ମାଧ୍ୟମରେ ସଚେ଼ତନତା କରାଯାଇଥିଲା। ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ୍ ନେତୃତ୍ୱରେ ପ୍ରାୟ ଦୁଇ ଶହ ଛାତ୍ରୀଛାତ୍ରଙ୍କୁ ନେଇ ରାଲି ଆୟୋଜନ କରାଯାଇଥିଲା। ଏଥିରେ ଇ.ଟି ରାଓ, ଶ୍ୟାମସୁନ୍ଦର ଖାଡ଼ଙ୍ଗା, ସ୍ୱରାଜ୍ୟ ସୁବୁଦ୍ଧି, ଶ୍ୱେତାଲିନା ପଣ୍ଡା, ଡଃ.ସୁବ୍ରତ କୁମାର ସାହୁ, ଡଃ. ରାଧା ଚ଼ରଣ ସାହୁ , ସୁଧୀର ରାଉତ, ସୁଶାନ୍ତ ମହାନ୍ତି, ପି. ସୁନୟନା, ସୁକାନ୍ତ କୁମାର ଗୌଡ଼, ସବିତା ସାହୁକାର, ଲୋକନାଥ ପରିଡ଼ା, ମାଧବ ନାୟକ, ମାନସ ପଟ୍ଟନାୟକ, ସୁଦାମ ମହାନ୍ତି, ମନୋଜ ଆଚ଼ାର୍ଯ୍ୟ, ସଂଯୁକ୍ତା ପଣ୍ଡା, ବନମାଳୀ ପ୍ରଧାନ, ତ୍ରିପତି ବେହେରା, ଝରଣା ରଥ, ସୁରେଶ ତ୍ରିପାଠୀ, ଶୁଭେନ୍ଦୁ ପାତ୍ର ଓ ଡଃ. ଶଙ୍କର ନାରାୟଣ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା ସଚେତନତା

ଆସିକା,୨୨।୩ (ଡି.ଏନ୍.ଏ)

କରୋନା ପୁନଃ ସଂକ୍ରମଣ ଆଶଙ୍କାରେ ସୋମବାର ଆସିକା ସହରରେ ପ୍ରଶାସନ ପକ୍ଷରୁ ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା କରିବା, ଦଣ୍ଡନାଚ ଓ ଚୈତ୍ର ପର୍ବ ପାଇଁ ଏଠାକୁ ଆସୁଥିବା ପ୍ରବାସୀଙ୍କ ସମ୍ପର୍କରେ ପ୍ରଶାସନକୁ ଜଣାଇବାକୁ ସଭାରେ ଆହ୍ୱାନ କରାଯାଇଥିଲା। ଆସିକା ବିଡିଓ ରୋସନ ଶତପଥୀ, ତହସିଲଦାର ସଦାନନ୍ଦ ସେଠୀ, ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ ଟେଟେ, ସିଡିପିଓ ଭାରତୀ ମହାପାତ୍ରଙ୍କ ସମେତ ଅଙ୍ଗନବାଡି କର୍ମୀ, ଏନଏସି କର୍ମଚାରୀ ସାମିଲ ଥିଲେ।

# ସିଟି ହାଇସ୍କୁଲରେ ବିଶ୍ୱ ଜଳ ଦିବସ



ପାଠଚକ୍ରରେ ସମ୍ବର୍ଦ୍ଧିତ ଛାତ୍ର।

ବ୍ରହ୍ମପୁର ଅଫିସ୍,୨୨।୩

ବିଶ୍ୱ ଜଳ ଦିବସ ଅବସରରେ ସିଟି ହାଇସ୍କୁଲ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍ସିସି)ପକ୍ଷରୁ ସୋମବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଜଳ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଅନୁଷ୍ଠିତ ପାଠଚକ୍ରରେ ଏନ୍ସିସି ଆର୍ମି ୱିଙ୍ଗ୍ କ୍ୟାଡେଟ୍ମାନେ ଅଂଶଗ୍ରହଣ କରି ସାମ୍ପ୍ରତିକ ସ୍ଥିତିରେ ଜଳ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାନୁଷ୍ଠାନର ଏନ୍ସିସି ମୁଖ୍ୟ ଗୋପାଳ କୃଷ୍ଣ ମିଶ୍ର ଏଥିରେ ଅଧକ୍ଷତା କରି ପ୍ରତିଟି ଜଳବିନ୍ଦୁ ଆଗାମୀ ଦିନ ପାଇଁ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ନାୟକ ପ୍ରତି ଯୁବ ସମାଜ ସଚେତନତାର ବାର୍ତ୍ତାବହ ସାଜିବାକୁ ପରାମର୍ଶ ଦେଇଥିଲେ। ପାଠଚକ୍ରରେ କ୍ୟାଡେଟ୍ କାଳୀଚରଣ ସାହୁ, ସମୀର ସାହୁ ଓ ସୟଦ୍ ଅହମ୍ମଦ୍ ପ୍ରମୁଖ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନକୁ ଗୁରୁତ୍ୱ

### ଗୋପାଳପୁର ଦାୟିତ୍ୱରେ ଗୋପବନ୍ଧୁ ଦାଶ

ବ୍ରହ୍ମପୁର ଅଫିସ,୨୨।୩

ଗୋପାଳପୁର ନିର୍ବାଚନମଣ୍ଡଳୀରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନକୁ ଜୋରଦାର କରାଯାଇଛି। ସେଠାକାର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଦଳର ପ୍ରାଥମିକ ସଭ୍ୟ ପଦରୁ ବହିଷ୍କାର କରାଯାଇଛି। ତେଣୁ ଗୋପାଳପୁର ଏବେ ବିଜେଡିର ଫୋକସ୍ରେ ଅଛି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶଙ୍କୁ ନିର୍ବାଚନମଣ୍ଡଳୀର ସାଂଗଠନିକ ଦାୟିତ୍ୱ ଦିଆଯାଇଛି। ତାଙ୍କ ଘନଘନ ରଙ୍ଗେଇଲୁଣ୍ଡା ବ୍ଲକ ଗସ୍ତ ଚର୍ଚ୍ଚାର ବିଷୟ ପାଲଟିଛି। କୁକୁଡ଼ାଖଣ୍ଡି ବ୍ଲକ ନିମଖଣ୍ଡି, ଗୁରୁଣ୍ଟି, ଲୋଚାପଡ଼ା, ବୋରିଗାଁ ଓ ହୁଗୁଲାପଟା ଏବଂ ରଙ୍ଗେଇଲୁଣ୍ଡା ବ୍ଲକର ୩୨ ପଞ୍ଚାୟତ ସହ ବ୍ରହ୍ମପୁର ମହାନଗର ନିଗମର ୫ ୱାର୍ଡ ଓ ଗୋପାଳପୁର ଏନ୍ଏସି ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ। ପୌର ଓ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଛି। ଏଭଳି ସ୍ଥିତିରେ ବୃହତ୍ତମ ଜିଲା ଗଞ୍ଜାମରେ ସଂଗଠନ ସ୍ଥିତି ହୁଗୁଳା ହୋଇଯାଇଛି। କେବଳ ଗୋପାଳପୁର ନୁହେଁ, ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ସଭ୍ୟ ସଂଗ୍ରହ ମାନ୍ଦା ପଡ଼ିଯାଇଛି।

ଗତ ଶନି ଓ ରବିବାର ଦୁଇଦିନ ଗୋପବନ୍ଧୁ ରଙ୍ଗେଇଲୁଣ୍ଡା ଓ କୁକୁଡ଼ାଖଣ୍ଡି ବ୍ଲକସ୍ତରୀୟ ଦଳୀୟ କର୍ମୀଙ୍କୁ ନେଇ ବୈଠକ କରିଥିଲେ। ସଭ୍ୟ ସଂଗ୍ରହ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅଞ୍ଚଳର ସମସ୍ୟା ନେଇ ବୁଝିଥିଲେ ଏବଂ ସମାଧାନ ଲାଗି ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗୋପାଳପୁର ପରବର୍ତ୍ତୀ ବିଜେଡି ନେତା କିଏ ହେବେ ସେନେଇ ଆଲୋଚନା ଜୋର ଧରିଛି। ଜିଲାର ୧୩ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଗୋପାଳପୁରକୁ ବିଜେଡି ଅଧିକ ଗୁରୁତ୍ୱ ଦେଉଛି।

# ପୋଲିସ ଅଧିକାରୀଙ୍କ ଘରୁ ଚୋରି

ବ୍ରହ୍ମପୁର ଅଫିସ,୨୨।୩

ଚୋର ଗ୍ୟାଙ୍ଗ୍ ସଦର ଥାନା ବସନ୍ତବିହାର ପ୍ରଥମ ଲାଇନରେ ରହୁଥିବା ଜଣେ ପୋଲିସ ଅଧିକାରୀଙ୍କ ଘରେ କଳାକନା ବୁଲାଇଛନ୍ତି। ଘର ଆଲମିରା ଭାଙ୍ଗି ୫ ଭରି ସୁନା ଗହଣା ସହିତ ନଗଦ ପ୍ରାୟ ୧ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବସନ୍ତ ବିହାରରେ ରହୁଥିବା ସୁବାସ ଚନ୍ଦ୍ର ସ୍ୱାଇଁ ରାଉରକେଲାରେ ଭିଜିଲାନ୍ସ ଏସ୍ପି ଅଛନ୍ତି। ସେ ରାଉରକେଲାରେ ରହୁଥିବା ବେଳେ ଗତ କିଛିମାସ ହେଲା ତାଙ୍କ ସ୍ତ୍ରୀ ଓ ପୁଅ ସେଠାକୁ ଯାଇଥିଲେ। ଫଳରେ ଘରେ ତାଲା ପଡ଼ିଥିଲା। ନିକଟରେ ରହୁଥିବା ଜଣେ ଯୁବକଙ୍କୁ ରାତିରେ ଘରେ ଶୋଇବା ସହିତ ଦେଖାରଖା କରିବା ପାଇଁ କହିଥିଲେ। କିନ୍ତୁ ଗତ ଶନିବାର ଘରୁ ଚୋରି ହୋଇଥିବା ଏସ୍ପି ପଡ଼ୋଶୀଙ୍କଠାରୁ ଖବର ପାଇଥିଲେ। ଏସ୍ପି ସ୍ୱାଇଁଙ୍କ ସ୍ତ୍ରୀ ଏବଂ ପୁଅ ରବିବାର ବ୍ରହ୍ମପୁରରେ ପହଞ୍ଚିଥିଲେ। ପୋଲିସ ଉପସ୍ଥିତିରେ ଘର ଯାଞ୍ଚ କରାଯାଇଥିଲା।

# କରୋନା, ସଡ଼କ ସୁରକ୍ଷା ସମ୍ପର୍କିତ ସମୀକ୍ଷା

### ଭଞ୍ଜନଗର ଉପଖଣ୍ଡ



ବୈଠକରେ ସମୀକ୍ଷା କରାଯାଉଛି।

ଭଞ୍ଜନଗର,୨୨।୩(ଡି.ଏନ.ଏ)

କରୋନା ହଟସ୍ପଟ ରାଜ୍ୟରୁ ପ୍ରବାସୀ ଆସୁଥିବାରୁ ଭଞ୍ଜନଗର ଅଞ୍ଚଳରେ ପୁଣି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ଏହାପୂର୍ବରୁ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଉଛି। କୋଭିଡ୍ ନିୟମ ନ ମାନିଲେ ପୁଣି ଲକ୍ଡାଉନ, ଶଟ୍ଡ଼ାଉନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ସୋମବାର କରୋନା ଉପରେ ହୋଇଥିବା ସମୀକ୍ଷା ବୈଠକରେ କହିଛନ୍ତି। ଏବେଠୁ ଭିଟାମାଟିକୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବ। ସେମାନେ ହୋମ ଆଇସୋଲେଶନରେ ରହିବେ। ଦଣ୍ଡନାଚ ହେବ। ମାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିବନାହିଁ। ଏଥିରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଲୋକେ ସଚେତନ ହେବାକୁ ପଡ଼ିବ ବୋଲି ଉପଜିଲାପାଳ କହିଥିଲେ । ସେହିପରି ଆଗକୁ ତାପମାତ୍ରା ବଢ଼ିବ। ତେଣୁ କୌଣସି ବ୍ୟକ୍ତି ଯେଉଳି ଅଂଶୁଘାତର ଶିକାର ନ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ । ବସ୍ରେ ଯାତ୍ରୀ ମାସ୍କ ବାଧ୍ୟତାମୂଳକ ବୋଲି ଉପଜିଲାପାଳ କହିଥିଲେ। ଏହାପରେ ଉପ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ବୈଠକ ହୋଇଥିଲା । ଏଥିରେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ କହିଥିଲେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ଦୁର୍ଘଟଣା ଘଟୁଛି । ଆଗାମୀ ଦିନରେ ଯାନବାହାନ ଯାଞ୍ଚ କଡ଼ାକଡ଼ି କରାଯିବ। ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘରୋଇ ବସ୍ ମାଲିକ ସଂଘ ନେତା ବିପ୍ର ଚରଣ ବାରିକ, ସାମାଜିକ କର୍ମୀ ଶୁଳପାଣି ଶତପଥୀ, ବିଇଓ ଏସ୍.ଧନଞ୍ଜୟ ପ୍ରମୁଖ ଆଲୋଚନାରେ ଭାଗନେଇ ନିଜ ନିଜର ମତ ରଖିଥିଲେ ।

# ବଢୁଛି ସାଇବର ଅପରାଧ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

■ ୨ ବର୍ଷରେ ୩,୪୦୬ ମାମଲା
■ ଠକି ନେଲେ ୫୧ କୋଟି

ରାଜ୍ୟରେ ସାଇବର ଅପରାଧ ବଢ଼ି ଚାଲିଛି। ଗତ ଦୁଇ ବର୍ଷ (୨୦୧୯-୨୦) ମଧ୍ୟରେ ସାଇବର ଅପରାଧୀମାନେ ସାଧାରଣ ଲୋକଙ୍କଠାରୁ ୫୧.୧୫ କୋଟି ଟଙ୍କା ଠକି ନେଇଛନ୍ତି। ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଗତ ଦୁଇବର୍ଷ ମଧ୍ୟରେ ୩୪୦୬ଟି ସାଇବର ଠକେଇ ମାମଲା ରୁଜୁ ହୋଇଛି। ଏଥିରେ ସାଇବର ଅପରାଧୀମାନେ ୫୧,୧୫,୨୮,୮୮୧ ଟଙ୍କା ଠକିନେଇଛନ୍ତି। ୨୦୧୯ରେ ୧୪୭୫ଟି ସାଇବର ଅପରାଧ ମାମଲାରେ ୧୬.୦୮ କୋଟି ଟଙ୍କା ଠକେଇ କରାଯାଇଥିବା ବେଳେ ୨୦୨୦ରେ ୧୯୩୧ ମାମଲାରେ ୩୫.୦୭ କୋଟି ଟଙ୍କା ଠକେଇ କରାଯାଇଛି। ସାଇବର ଅପରାଧରେ ଜଡ଼ିତ ରାଜ୍ୟ ଭିତରୁ ଓ ବାହାରୁ ଦୁଇ ବର୍ଷରେ ୭୦୮ ଜଣଙ୍କୁ ଗିରଫ କରାଯାଇଛି। ୨୦୧୯ରେ ୩୪୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨୦୨୦ରେ ୩୬୬ ଜଣଙ୍କୁ ଗିରଫ କରାଯାଇଛି। ତେବେ ସେମାନଙ୍କ ମଧ୍ୟରୁ ୨୦୧୯ରେ ମାତ୍ର ୨ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବା ବେଳେ ୨୦୨୦ରେ କାହାକୁ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ।

ସେହିପରି ସଦସ୍ୟଙ୍କ ଅନ୍ୟ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, କୋଭିଡ ମହାମାରୀ ସମୟରେ ୨୦୨୦ରେ ରାଜ୍ୟରେ ୨୯୭୪ ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ୧୪୭୦ ହତ୍ୟା, ୫ଟି ବ୍ୟାଙ୍କ ଲୁଟ ଏବଂ ୧୭ଟି ଏଟିଏମ ଲୁଟ ଭଳି ମାମଲା ରୁଜୁ ହୋଇଛି। ଆଇନ ଅନୁଯାୟୀ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯେତେ ବଡ଼ ପଦବୀରେ ଥାଆନ୍ତୁ ନା କାହିଁକି ଆଇନ ଭାଙ୍ଗିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଓଡ଼ିଶା ପୋଲିସ ଗରିବ, ଦୁର୍ବଳ ଓ ଅବହେଳିତ ଲୋକଙ୍କୁ ସେବା ଯୋଗାଇବା ପାଇଁ ସର୍ବଦା ପ୍ରସ୍ତୁତ। ଜନସାଧାରଣଙ୍କୁ ଉତ୍ତମ ପୋଲିସ ସେବା ଯୋଗାଇ ଦେବାକୁ ୫-ଟି ଓ ମୋ ସରକାର ଭଳି ଅଭିନବ ପ୍ରୟାସ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।



ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଦାବିରେ ସୋମବାର ବିଧାନସଭାରେ ଭାଜପା ବିଧାୟକମାନଙ୍କ ହଟ୍ଟଗୋଳ।

## ମହାତ୍ମା ଗାନ୍ଧୀଙ୍କ ଉପରେ ସ୍ୱତନ୍ତ୍ର ଆଲୋଚନା ଆଜି

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ମଙ୍ଗଳବାର ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତକୁ ଶହେ ବର୍ଷ ପୂରଣ ହେବ। ସେଥିପାଇଁ ବିଧାନସଭାରେ ଏକ ସ୍ୱତନ୍ତ୍ର ଆଲୋଚନା ହେବ। ଏ ନେଇ ସର୍ବସମ୍ମତି କ୍ରମେ ଏକ ସଙ୍କଳ୍ପ ପାରିତ କରାଯିବ। ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକ ପରେ ବାଚସ୍ପତି ବିଧାନସଭାରେ ଏ ନେଇ ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରୁ ମଧ୍ୟାହ୍ନ ୧ଟା ୩୦ ମିନିଟ୍ ଯାଏ ଏହି ଆଲୋଚନା ହେବ। ସେଥିପାଇଁ ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ଆଲୋଚନାକୁ ବାତିଲ କରାଯାଇଛି ବୋଲି ବାଚସ୍ପତି ଘୋଷଣା କରିଛନ୍ତି।

## ରାଜ୍ୟର ଋଣଭାର ୧,୦୩,୪୧୦ କୋଟି

ଭୁବନେଶ୍ୱର,୨୨।୩(ବ୍ୟୁରୋ)

**ମୁଣ୍ଡ ପିଛା ଋଣ ୨୩ ହଜାର**

ରାଜ୍ୟରେ ମୁଣ୍ଡ ପିଛା ଋଣ ଭାର ବଢ଼ି ବଢ଼ି ଚାଲିଛି। ୨୦୦୯-୧୦ରେ ମୁଣ୍ଡପିଛା ଋଣ ୯,୧୮୦ ଟଙ୍କା ଥିବାବେଳେ ୨୦୨୧ ଜାନୁୟାରୀ ସୁଦ୍ଧା ୨୩,୫୨୪ ଟଙ୍କା ହୋଇଛି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ତେବେ ରାଜ୍ୟର ମୁଣ୍ଡପିଛା ଋଣ ଜାତୀୟ ଏବଂ ଅଗ୍ରଣୀ ରାଜ୍ୟର ଋଣଠାରୁ କମ୍ ରହିଛି। ୨୦୨୧ ଜାନୁୟାରୀ ସୁଦ୍ଧା ରାଜ୍ୟର ସମୁଦାୟ ଋଣ ଭାର ୧,୦୩,୪୧୦.୪୦ କୋଟି ଟଙ୍କା ରହିଛି। ସେଥିରୁ ବିଦେଶୀ ସଂସ୍ଥାରୁ ୬୩୪୭.୪୪ କୋଟି ଟଙ୍କା ଅଣାଯାଇଥିବାବେଳେ ୫୩,୩୮୫.୯୨ କୋଟି ଟଙ୍କା କାମ୍ପା, ଓଏମ୍‌ବିଡିଏସି ଏବଂ ଖୋଲା ବଜାରରୁ ଅଣାଯାଇଛି। ରାଜ୍ୟ ସରକାର ଅନ୍ତର୍ଜାତୀୟ ସଂସ୍ଥା, ପ୍ରୋଭିଡେଣ୍ଟ ଫଣ୍ଡ ଏବଂ ଅନ୍ୟାନ୍ୟ ଉତ୍ସରୁ ଋଣ ଆଣିଥାଆନ୍ତି। ବିଶ୍ୱବ୍ୟାଙ୍କ, ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ, ଇଣ୍ଟରନ୍ୟାଶନାଲ ଫଣ୍ଡ ଫର୍ ଏଗ୍ରିକଲଚର ଡେଭେଲପମେଣ୍ଟ (ଆଇଏଫ୍ଏଡି), ଜାପାନ ଇଣ୍ଟରନ୍ୟାଶନାଲ କୋପରେଶନ ଏଜେନ୍ସି, କେଏଫ୍‌ଡବ୍ଲ୍ୟୁ ଡେଭେଲପମେଣ୍ଟ ବ୍ୟାଙ୍କ, ବ୍ରିକ୍ସ ବ୍ୟାଙ୍କ ଏବଂ ଏସିଆନ ଇନଫ୍ରାଷ୍ଟ୍ରକ୍ଚର ଇନଭେଷ୍ଟମେଣ୍ଟ ବ୍ୟାଙ୍କରୁ ଋଣ ଆଣିଥାଆନ୍ତି। ରୁରାଲ ଇନଫ୍ରାଷ୍ଟ୍ରକ୍ଚର ଡେଭେଲପମେଣ୍ଟ ବ୍ୟାଙ୍କ, ନାବାର୍ଡ ୱେରହାଉସିଂ ସ୍କିମ ଏବଂ ଦୀର୍ଘ ମିଆଦ ଜଳସେଚନ ପାଣ୍ଠି ଆଦିରୁ ୧୫,୬୨୩.୫୫ କୋଟି ଋଣ ନେଇଛନ୍ତି। କୋଭିଡ-୧୯ ମହାମାରୀ ଯୋଗୁ ଦ୍ରବ୍ୟ ଓ ସେବା ଟିକସ (ଜିଏସଟି) ଆଦାୟ ପ୍ରଭାବିତ ହୋଇଛି। ସେଥିପାଇଁ କେନ୍ଦ୍ର ସରକାର ସ୍ପେଶାଲ ୱିଣ୍ଡୋ ଜରିଆରେ ରାଜ୍ୟ ସରକାର ୩,୮୨୨ କୋଟି ଟଙ୍କା ଚଳିତ ଆର୍ଥିକବର୍ଷରେ ଋଣ କରିଛନ୍ତି। ସେହିପରି ୨୦୨୧ ଜାନୁୟାରୀ ସୁଦ୍ଧା ରାଜ୍ୟ ସରକାର ଜିଏସ୍‌ଟି କ୍ଷତି ଭରଣା ବାବଦରେ ୨୯,୯୯୪.୬୧ କୋଟି ପାଇଛନ୍ତି। ବିତ୍ତୀୟ ଉତ୍ତରଦାୟିତ୍ୱ ଓ ବଜେଟ ପରିଚାଳନା (ଏଫ୍ଆର୍‌ବିଏମ୍) ନର୍ମ ଅନୁଯାୟୀ ଋଣ ଭାର ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

## ସବୁ ଜିଲାରେ ଦମକଳ କେନ୍ଦ୍ର ଅଛି: ମନ୍ତ୍ରୀ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ସୋମବାର ବିଧାନସଭାରେ ହଟ୍ଟଗୋଳ ସତ୍ତ୍ୱେ ୩ ମିନିଟ ପାଇଁ ପ୍ରଶ୍ନୋତ୍ତର ହୋଇଥିଲା। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ପ୍ରଶ୍ନ ନଂ ୪୮୧ରୁ ଆରମ୍ଭ ହୋଇଥିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ଭଦ୍ରକ ଜିଲା ବନ୍ତଠାରେ ଏକ ଦମକଳ କେନ୍ଦ୍ର ପ୍ରତିଷ୍ଠା କରିବାକୁ ସରକାର ନିଷ୍ପତ୍ତି ନେବେ କି? ଆଗରପଡ଼ା ଦମକଳ କେନ୍ଦ୍ରରୁ ଗୋଟିଏ ଦମକଳଗାଡ଼ି ଓ କେତେଜଣ କର୍ମଚାରୀ ନେଇ ବନ୍ତଠାରେ ଆଗରପଡା ଦମକଳ କେନ୍ଦ୍ରର ଏକ ଶାଖା ଖୋଲିବେ କି। ଦରକାର ପଡ଼ିଲେ ବିଧାୟକ ଉନ୍ନୟନ ପାଣ୍ଠିରୁ ଏଥିପାଇଁ ଅର୍ଥ ଖର୍ଚ୍ଚ କରିବାକୁ ଅନୁମତି ଦେବେ କି। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉତ୍ତରରେ କହିଲେ, ଭଦ୍ରକ ଜିଲାର ଆଗରପଡାଠାରେ ଏକ ଦମକଳ କେନ୍ଦ୍ର କାର୍ଯ୍ୟ କରୁଛି। ବନ୍ତ ଅଞ୍ଚଳକୁ ହାଟଡିହି, ଆଗରପଡା ଓ ଭଣ୍ଡାରୀପୋଖରୀ କେନ୍ଦ୍ରରୁ ସେବା ଯୋଗାଇ ଦିଆଯାଉଛି। ବନ୍ତଠାରେ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ନାହିଁ। ମୂଳ ପ୍ରଶ୍ନକର୍ତ୍ତା ପୁଣି ପଚାରିଲେ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଦମକଳ କେନ୍ଦ୍ର ଖୋଲିବାର ବ୍ୟବସ୍ଥା କରିବେ କି। ମନ୍ତ୍ରୀ କହିଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୩୦ ଜିଲାରେ ଦମକଳ କେନ୍ଦ୍ର ଖୋଲାଯାଇଛି।

## ଇସ୍ପାତ ପ୍ରକଳ୍ପରୁ ଓହରିଗଲେ ୪ କମ୍ପାନୀ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ରାଜ୍ୟରେ ଇସ୍ପାତ ଶିଳ୍ପ ସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ୪ କମ୍ପାନୀ ପ୍ରକଳ୍ପରୁ ଓହରି ଯାଇଛନ୍ତି। ବିଧାୟକ ନାଉରି ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଇସ୍ପାତ ଶିଳ୍ପ ସ୍ଥାପନ କରିବାକୁ ୪୯ଟି ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। ୨୦୧୨-୧୩ ସୁଦ୍ଧା ୧୩୧ ନିୟୁତ ଟନ ଉତ୍ପାଦନ ନିମନ୍ତେ ସରକାର ଅନୁମୋଦନ ଦେଇଥିଲେ। ଅଦ୍ୟାବଧି ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ୩୫ଟି କମ୍ପାନୀ ୨୫.୨୫ ନିୟୁତ ଟନ ଓ ଅନୁମୋଦନ ପାଇଥିବା ୧୨ଟି କମ୍ପାନୀ ପ୍ରାୟ ୩୩ ନିୟୁତ ଟନ ଉତ୍ପାଦନ ନିମନ୍ତେ ସ୍ୱାକ୍ଷର କରିଛନ୍ତି। କେଉଁ କେଉଁ କାରଖାନା କେଉଁ କାରଣରୁ ବନ୍ଦ ଅଛି ସେ ସମ୍ବନ୍ଧୀୟ ତଥ୍ୟ ବିଭାଗରେ ଉପଲବ୍ଧ ନାହିଁ। ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ଶିଳ୍ପ ବିଭାଗ ସଚିବ ତଥା ଇସ୍ପାତ ଓ ଖଣି ସଚିବଙ୍କ ଅଧ୍ୟକ୍ଷତାରେ ଶିଳ୍ପ ସଂସ୍ଥାଗୁଡ଼ିକ ସହିତ ସରକାରୀ କମ୍ପାନୀଗୁଡ଼ିକର ବିଭିନ୍ନ ସମସ୍ୟା ବିଭିନ୍ନ ସମୟରେ ସମୀକ୍ଷା କରିଥାଆନ୍ତି।

## ରାଜ୍ୟରେ ୭୬ ଆଇଏଏସ୍ ପଦବୀ ଫାଙ୍କା

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ରାଜ୍ୟରେ ମୋଟ ୨୪୮ ମଞ୍ଜୁରୀପ୍ରାପ୍ତ ଆଇଏଏସ୍ ଅଫିସର ପଦବୀ ମଧ୍ୟରୁ ୭୬ଟି ଖାଲି ରହିଛି। ଭାଜପା ସଭ୍ୟ ଭବାନୀ ଶଙ୍କର ଭୋଇଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମଞ୍ଜୁରୀପ୍ରାପ୍ତ ପଦବୀ ୨୪୮ରୁ ରାଜ୍ୟରେ ୧୪୫ ଜଣ ଆଇଏଏସ୍ ଅଫିସରକାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨୫ଜଣ ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେଶନରେ ରହିଥିବା ବେଳେ ୨ ଜଣ ଆନ୍ତଃରାଜ୍ୟ ଡେପୁଟେଶନରେ ରହିଛନ୍ତି। ଏଥିସହିତ ୧୯୫ ଆଇପିଏସ୍ ଅଫିସର ପଦବୀ ମଧ୍ୟରୁ ୭୬ଟି ପଦବୀ ଖାଲି ରହିଛି। ୯୩ ଜଣ ଆଇପିଏସ୍ ଅଫିସର କାର୍ଯ୍ୟରତ ଅଛନ୍ତି। ୨୫ଜଣ କେନ୍ଦ୍ରୀୟ ଡେପୁଟେଶନରେ ଥିବା ବେଳେ ଜଣେ ଆନ୍ତଃରାଜ୍ୟ ଡେପୁଟେଶନରେ ରହିଛନ୍ତି। ରାଜ୍ୟ ସରକାର ୨୭ ଜଣ ଓଏଏସ ଅଫିସରଙ୍କୁ ଆଇଏଏସ୍ ଅଫିସର ଭାବେ ପଦୋନ୍ନତି ଦେଇଛନ୍ତି। ସମସ୍ତ ପଦୋନ୍ନତି ପାଇଥିବା ଆଇଏଏସ୍ ଅଫିସର ରାଜ୍ୟରେ କାର୍ଯ୍ୟରତ ଅଛନ୍ତି। ରାଜ୍ୟରେ ଆଇଏଏସ୍ ଅଫିସରଙ୍କ ସଂଖ୍ୟା କମ୍ ଥିବାରୁ କେତେଜଣ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।





ସମସ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ସିଆଇଟିୟୁ, ଡିୱାଇଏଫ୍ଆଇ, ଏସ୍ଏଫ୍ଆଇ ପକ୍ଷରୁ ପିଏମ୍‌ଜିଠାରେ ସୋମବାର କରାଯାଇଥିବା ବିକ୍ଷୋଭ।

## ଖାଦ୍ୟସାମଗ୍ରୀ ଅପମିଶ୍ରଣ: ୩୦ ଦଣ୍ଡିତ

ଭୁବନେଶ୍ୱର, ୨୨।୩ (ବ୍ୟୁରୋ)

ଗତ ୨ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲା ତଥା ପୌରପାଳିକାରୁ ୩୦ଜଣ ଆଇନ ଖିଲାପକାରୀ ଖାଦ୍ୟ ବ୍ୟବସାୟୀ ଗିରଫ ହୋଇ ଦଣ୍ଡିତ ହୋଇଛନ୍ତି। ଏହାଛଡ଼ା ଖାଦ୍ୟ ସାମଗ୍ରୀ ଉତ୍ପାଦନ ଓ କାରବାରରେ ଅପମିଶ୍ରଣ ପାଇଁ ୧୬୫ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ମାତ୍ର ୧୭ଟି ମାମଲାର ଫଇସଲା ହୋଇଛି। ଏ ବାବଦରେ ୨ ଲକ୍ଷ ୫୫ ହଜାର ଟଙ୍କା ଜରିମାନା ଆକାରରେ ଆଦାୟ କରାଯାଇଛି। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ସୋମବାର ବିଧାନସଭାରେ ଏହା କହିଛନ୍ତି।

## ୩୮,୮୯୩ କୋଟିର ଟିକସ, ଅଣଟିକସ ରାଜସ୍ୱ ଆଦାୟ

ଭୁବନେଶ୍ୱର, ୨୨।୩ (ବ୍ୟୁରୋ)

**କୋର୍ଟ କଚେରି ଯୋଗୁ ୯୩୬୬.୨୯ କୋଟି ଟଙ୍କା ବାକିପଡ଼ିଛି**

ଚଳିତ ଆର୍ଥିକ ବର୍ଷର ଜାନୁୟାରୀ ସୁଦ୍ଧା ନିଜସ୍ୱ ଟିକସ ଓ ଅଣଟିକସ ରାଜସ୍ୱ ବାବଦରେ ରାଜ୍ୟ ସରକାର ୩୮,୮୯୩ କୋଟି ୩୯ ଲକ୍ଷ ଟଙ୍କା ଆଦାୟ କରିଛନ୍ତି। ବିଧାୟକ ଅଙ୍ଗଦ କହଁରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ର ସରକାର ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦରେ ୪.୬୨୯ ପ୍ରତିଶତ ଦେବାକୁ ନିଷ୍ପତ୍ତି ନେଇଥିବାବେଳେ ପଞ୍ଚଦଶ ଅର୍ଥ କମିଶନ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ୪.୫୨୮ ପ୍ରତିଶତ ହାରରେ ଓଡ଼ିଶାକୁ କେନ୍ଦ୍ରୀୟ ଟିକସ୍‌ରେ ରାଜ୍ୟ ଅଂଶ ପ୍ରଦାନ କରିବାକୁ ସୁପାରିସ କରିଛନ୍ତି। ନ୍ୟାୟାଳୟରେ ମାମଲା ଯୋଗୁ ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ବାଣିଜ୍ୟ କର, ଜଳ କର, ବିଦ୍ୟୁତ୍ କର, ଖଣି ଟିକସ ଓ ଅବକାରୀ ରାଜସ୍ୱ ବାବଦକୁ ୯,୩୬୬ କୋଟି ୨୯ଲକ୍ଷ ଟଙ୍କା ଅନାଦେୟ ହୋଇ ପଡିରହିଛି ବୋଲି ମନ୍ତ୍ରୀ ଉତ୍ତର ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ....**

## ଗୃହରେ ମାହାଙ୍ଗା...

ସଦସ୍ୟମାନେ ମାହାଙ୍ଗା ଡବଲ ମର୍ଡର କେସ୍‌ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଗୃହର ମଧ୍ୟ ଭାଗରେ ନାରାବାଜି କରିଥିଲେ। ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ୧୦ଟା ୩୩ରୁ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍‌ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ କହିବାକୁ ଡାକିଲେ। ବିରୋଧୀ ଦଳ ନେତା ରାଜ୍ୟର ଆଇନ ଶୃଙ୍ଖଳା ପ୍ରସଙ୍ଗ ଉଠାଇ କହିଲେ, ନୟାଗଡ଼ 'ପରୀ' କେସ୍‌ରେ ଯେଉଁ ସରପଞ୍ଚ ତାଙ୍କ ପରିବାରକୁ ନ୍ୟାୟ ଦେବାକୁ ସମର୍ଥନ କରୁଛନ୍ତି ତାଙ୍କୁ କୌଣସି କାମ କରାଇ ଦିଆଯାଉ ନାହିଁ। ଏହା ଦୁଃଖଦ ଘଟଣା। ସାଧାରଣ ମୋବାଇଲ କିମ୍ବା କୁକୁଡ଼ାଟିଏ ଚୋରି କଲେ ଥାନାରେ ଦୁଇଦିନ ବସାଯାଉଛି। ମାହାଙ୍ଗା ଡବଲ ମର୍ଡର କେସ୍‌ର ଅଭିଯୁକ୍ତ ଆଇନମନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପୂର୍ବତନ ଆଇନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ବୋହୂ ଅଭିଯୋଗ କରିବାରୁ ତାଙ୍କୁ ବହିଷ୍କାର କଲେ, ସରକାର ଜେଲରେ ପୂରାଇଲେ। ବାଚସ୍ପତି କହିଲେ, ସରକାର ତାଙ୍କୁ ଜେଲରେ ପୂରାଇ ନାହାନ୍ତି। ବିରୋଧୀ ଦଳ ନେତା କହିଲେ, ତାହା ହେଲେ କିଏ ପୂରାଇଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ନାମ ଏତଲାରେ ନ ଥିଲା, ତାଙ୍କୁ ଘରକୁ ଯାଇ ଟାଣିଓଟାରି ଜେଲରେ ଭର୍ତ୍ତି କରାଇଲେ। ଆଇନମନ୍ତ୍ରୀଙ୍କ ନାମରେ ଏଫଆଇଆର ରହିଛି ତାଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେବନି। ଜଣେ ଦାଗୀ ମନ୍ତ୍ରୀ, ଯାହାଙ୍କ ନାମରେ ଏଫଆଇଆର ଅଛି ସେ ଏ ପବିତ୍ର ଗୃହରେ ବସିବେ କେମିତି ବୋଲି ସେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ଦରକାର। ବାଚସ୍ପତି ହସ୍ତକ୍ଷେପ କରି କହିଲେ, ଆପଣ କୁହନ୍ତୁ କେଉଁ ଆଇନରେ ଅଛି ତାଙ୍କୁ ନ ବସିବା ପାଇଁ। ନରସିଂହ ବାବୁ, ପ୍ରଦୀପ ବାବୁ, ମୁଁ ଓକିଲାତି କରିଥିଲି। ରାଜନୀତି କରୁଥିବା ବ୍ୟକ୍ତିଙ୍କ ନାଁରେ ବିଭିନ୍ନ କେସ୍ ଯୋଡ଼ା ଯାଉଛି। ଏହି ସମୟରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ବାଚସ୍ପତିଙ୍କୁ ବିରୋଧ କଲେ। ଭାଜପାର ଅନ୍ୟ ସଦସ୍ୟମାନେ ବିରୋଧ କଲେ। କହିଲେ, ବିରୋଧୀ ଦଳ ନେତାଙ୍କୁ କହିବାକୁ ଦେବେ ନାହିଁ। ଆପଣ ସରକାରୀ ଦଳ ଭଳି କହୁଥିବା ଭଳି ଲାଗୁଛି। ପୁଣି ବିରୋଧୀ ଦଳ ନେତା କହିଲେ, ୫ ବର୍ଷରେ ୭ଜଣ ଲୋକଙ୍କୁ ମରାଯାଇଛି। ଦୀପ୍ତିକାନ୍ତ ସାହୁଙ୍କ ପରିବାର ଲୋକ ଗାଁ ଛାଡ଼ି ବାହାରେ ରହୁଛନ୍ତି। କାହାର ସତ୍‌ସାହସ ଅଛି ଗାଁରେ ଲୋକଙ୍କୁ ମାରି ଭଗେଇବ। ଗାଁ ଲୋକ ମଲେ ବି ଗାଁ ଛାଡ଼ନ୍ତି ନାହିଁ। କିନ୍ତୁ ଏଭଳି ଭୟଭୀତ କରାଯାଇଛି ସେମାନେ ଗାଁ ଛାଡ଼ି ଯିବାକୁ ବାଧ୍ୟ ହୋଇଛନ୍ତି। ଜଣେ ଜଣେ ପୋଲିସ ଅଫିସର ଗୋଟିଏ ଗୋଟିଏ ଥାନାରେ ୧୩ /୧୪ ବର୍ଷ ରହୁଛନ୍ତି। ଅପରାଧୀମାନେ ସାହସ ପାଉଛନ୍ତି। ମନ୍ତ୍ରୀଙ୍କୁ ବହିଷ୍କାର କରନ୍ତୁ। ତଦନ୍ତ କରନ୍ତୁ। ଭାଜପା ସଦସ୍ୟମାନେ ହଟ୍ଟଗୋଳ କଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଲେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। କୃଷକମାନଙ୍କ ଜାତୀୟ ନେତା ରାକେଶ ଟିକାଏତ୍ ଓଡ଼ିଶା ଆସିଥିଲେ। କେନ୍ଦ୍ର କୃଷି ଆଇନ ବିରୋଧରେ କହିବାରୁ ତାଙ୍କୁ ଆକ୍ରମଣ କରାଯାଇଛି। ରାଜ୍ୟ ସରକାର ତାଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ। ଏହାକୁ ଅତି ଗୁରୁତର ସହ ରାଜ୍ୟ ସରକାର ନେବା ଦରକାର। କେଉଁମାନେ ତାଙ୍କୁ ଧସ୍ତାଧସ୍ତି କଲେ ତାହା ଜାଣିବା ଦରକାର। କୃଷି ବିଲ୍‌କୁ ନେଇ ସମଗ୍ର ଦେଶ ଜଳୁଛି। ଟିକାଏତ୍‌ଙ୍କୁ ଆକ୍ରମଣ କରାଗଲା। ପୋଲିସ ତାଙ୍କୁ ସୁରକ୍ଷା ଦେଇ ପାରିଲା ନାହିଁ। ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। କଂଗ୍ରେସ ଦଳ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ମାହାଙ୍ଗା କେସ୍ ୦୦୫ ମୁଦାଲା ନମ୍ବର ୧୩ରେ ଆଇନ ମନ୍ତ୍ରୀଙ୍କ ନାମରେ ମାମଲା ହୋଇଛି। ସେତେବେଳେ ଆମେ ବିରୋଧ କରିଥିଲୁ। ସବୁ ରାଜନୈତିକ ଦଳ, ଯୁବ କଂଗ୍ରେସ ଧାରଣା ଦେଇଥିଲା। ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଯେଉଁମାନଙ୍କ ନାମରେ ଏଫଆଇଆର ଥିଲା ତାଙ୍କ ବିରୋଧରେ ରୁଲିଂ ଦେଇଥିଲେ। ଆପଣ ବି ଦେଇପାରିବେ। ଆଇନ ମନ୍ତ୍ରୀଙ୍କ ନାମରେ ଏଫଆଇଆର ହୋଇଛି। ସେ ଅଞ୍ଚଳରେ ମର୍ଡର ପରେ ମର୍ଡର ହେବ। ଗୃହକୁ ସୁରୁଖୁରୁରେ ଚଳାଇବାକୁ ରୁଲିଂ ଦିଅନ୍ତୁ। ସିଟ୍‌ର ମର୍ଯ୍ୟାଦା ବଢ଼ିବ। ଆଉ ଗୋଟିଏ ମର୍ଡର ହୋଇଗଲେ କିଏ ଦାୟୀ ହେବେ ବୋଲି ସେ କହିଥିଲେ। ନବୀନବାବୁଙ୍କ ଘରକୁ ସମସ୍ତେ ଯାଆନ୍ତି। ୨୦୦୦ରେ ଭାଜପା ସଦସ୍ୟମାନେ ଯାଉଥିଲେ, ଯାହାଙ୍କ ନାମରେ ଅଭିଯୋଗ ଅଛି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ବିଜେପୁର ନିର୍ବାଚନ ସମୟରେ ସମ୍ବଲପୁର ବିଧାୟକଙ୍କୁ ଟେକି ନିଆଗଲା। ମୁଖ୍ୟମନ୍ତ୍ରୀଙ୍କର ଆହୁରି ଇମେଜ ବଢ଼ିବ। ମହେଶ୍ୱର ମହାନ୍ତିଙ୍କ ଭଳି ରୁଲିଂ ଦିଅନ୍ତୁ ବୋଲି ସେ କହିଥିଲେ। ଭାଜପା ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହକୁ ସ୍ୱାଭାବିକ କରିବା ପାଇଁ ତଥା ମହାତ୍ମା ଗାନ୍ଧୀଙ୍କ ଶତବାର୍ଷିକ ପାଳନ ନିମନ୍ତେ ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ ଯୋଗଦେବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ମୋହନ ଚରଣ ମାଝିଙ୍କୁ ଡାକିଥିଲେ।

## ପିଏମ୍‌ୱାଇ(ଜି)ରେ ୧୪ ଲକ୍ଷ ପରିବାରକୁ ସାମିଲ କରାଯାଉ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

■ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ସଂସଦୀୟ ଟିମ୍

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଘର ପାଇବାକୁ ଥିବା ୧୩.୯୫ ଲକ୍ଷ ପରିବାରଙ୍କୁ ଯୋଜନାରେ ସାମିଲ କରିବା ନେଇ ବିଜୁ ଜନତା ଦଳର ସଂସଦୀୟ ପ୍ରତିନିଧି ଦଳ ସୋମବାର କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ସ୍ୱାଧ୍ୱୀ ନିରଞ୍ଜନା ଜ୍ୟୋତିଙ୍କୁ ସାକ୍ଷାତ୍ କରି ୩ ପୃଷ୍ଠାର ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାର ୨୦୧୧ ସାମାଜିକ, ଅର୍ଥନୈତିକ ସର୍ଭେ ଅନୁଯାୟୀ ୧୩.୯୫ ଲକ୍ଷ ଯୋଗ୍ୟ ପରିବାରଙ୍କୁ ଚିହ୍ନଟ କରିଛନ୍ତି। ସେମାନେ ସ୍ଥାୟୀ ୱେଟଲିଷ୍ଟରେ ନାହାନ୍ତି। ସେମାନଙ୍କୁ ଆବାସ+ ଆପ୍‌ରେ ସାମିଲ କରିବାକୁ କୁହାଯାଇଛି। ଆଧାରକାର୍ଡ କିମ୍ବା ଜବକାର୍ଡ ସହିତ ଘରର ଜିଓଟ୍ୟାଗିଂ ଜରିଆରେ ମନ୍ତ୍ରଣାଳୟ ଆବାସ + ଆପ୍ ଜରିଆରେ ଯୋଗ୍ୟ ପରିବାରକୁ ଚିହ୍ନଟ କରିବା ପାଇଁ ୨୦୧୯ ମାର୍ଚ୍ଚ ୭ ତାରିଖ ଧାର୍ଯ୍ୟ କରିଥିଲେ। ତେବେ ରାଜ୍ୟରେ ସାଧାରଣ ନିର୍ବାଚନ ଚାଲୁଥିବାରୁ ବ୍ଲକ କର୍ମଚାରୀମାନେ ଧାର୍ଯ୍ୟ ସମୟରେ ଚିହ୍ନଟ କାର୍ଯ୍ୟ ସମ୍ପାଦନ କରି ପାରି ନ ଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଅଳ୍ପ କେତେ ଜିଲାର ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ମନ୍ତ୍ରଣାଳୟ ଫନୀ ଦ୍ୱାରା ପ୍ରଭାବିତ ଜିଲାଗୁଡ଼ିକ ପାଇଁ ଆଉ ୧ ମାସ ସମୟ ବୃଦ୍ଧି କରିଥିଲେ। ରାଜ୍ୟ ସରକାର ଫନୀ ପ୍ରଭାବିତ ଜିଲାରୁ ୭.୮୭ ଲକ୍ଷ ହିତାଧିକାରୀଙ୍କୁ ଚିହ୍ନଟ କରିଥିବା ବେଳେ ଅନ୍ୟ ଜିଲାଗୁଡ଼ିକରୁ ୩୫ ହଜାର ଚିହ୍ନଟ କରିଥିଲେ। ଯଦିଓ ୮.୨୨ ଲକ୍ଷ ଯୋଗ୍ୟ ପରିବାରକୁ ଚିହ୍ନଟ କରାଯାଇଥିଲା ତେବେ ସେମାନଙ୍କୁ ପିଏମଜିୱାଇ(ଜି)ରେ ସାମିଲ କରାଯାଇ ନ ଥିଲା। ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୁଜରାଟ, ସିକ୍କିମ, ଲଦାଖ ଏବଂ ଦାଦ୍ରା ନଗର ହାବେଳିର ଆବାସ +ଆପ୍‌ର ହିତାଧିକାରୀଙ୍କୁ ମନ୍ତ୍ରଣାଳୟ ସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରିଥିବା ବେଳେ ଫନୀ ପ୍ରଭାବିତ ଓଡ଼ିଶା ପରିବାରଙ୍କୁ ଏପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ। ଫନୀ ଓ ଅଣଫନୀ ଜିଲାଗୁଡ଼ିକର ୧୩.୯୫ ଲକ୍ଷ ପରିବାରଙ୍କୁ ସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ସଂସଦୀୟ ପ୍ରତିନିଧି ଦଳ ଦାବି କରିଛି।

## ଏମ୍‌କେସିଜିରେ ଗ୍ୟାସ୍ଟ୍ରୋଏଣ୍ଟେରୋଲୋଜି ବିଭାଗକୁ ଅନୁମୋଦନ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

**୧୯ ପଦବୀକୁ ମଞ୍ଜୁରୀ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ଗ୍ୟାସ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ଖୋଲିବାକୁ ଯାଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଉଭୟ ସର୍ଜିକାଲ ଓ ମେଡିକାଲ ଗ୍ୟାସ୍ଟ୍ରୋଏଣ୍ଟେରୋଲୋଜି ପାଇଁ ୧୯ଟି ଶୈକ୍ଷିକ ଓ ଅଣଶୈକ୍ଷିକ ପଦବୀକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏମ୍‌କେସିଜି ମେଡିକାଲ କଲେଜରେ ଉପରୋକ୍ତ ଦୁଇ ସୁପରସ୍ପେଶିଆଲଟି ବିଭାଗ ଖୋଲିବା ପରେ ସମଗ୍ର ଦକ୍ଷିଣ ଓଡ଼ିଶାର ଜନସାଧାରଣ ବିଶେଷ ଭାବରେ ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ବ୍ରହ୍ମପୁରରେ ଏହି ଆଧୁନିକ ସୁପରସ୍ପେଶିଆଲଟି ଚିକିତ୍ସା ସୁବିଧା ଉପଲବ୍ଧ ହେବା ଦ୍ୱାରା ଦକ୍ଷିଣ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ନୂଆ ଯୁଗର ଆରମ୍ଭ ହୋଇଛି। ଏମ୍‌କେସିଜି ମେଡିକାଲ କଲେଜ ରାଜ୍ୟର ବିଶେଷକରି ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ଚିକିତ୍ସା ପ୍ରତିଷ୍ଠାନ ଭାବରେ ସୁପରିଚିତ। ଦକ୍ଷିଣ ଓଡ଼ିଶାର ଜନସାଧାରଣଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବା କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବର୍ତ୍ତମାନ ଏହି ସୁପରସ୍ପେଶିଆଲଟି ବିଭାଗ ଖୋଲିବା ଦ୍ୱାରା ଜନସାଧାରଣଙ୍କ ଅସୁବିଧା ଦୂର ହେବ।

**୪ ରାଜ୍ୟ ଲୋଡ଼ୁଛନ୍ତି ସ୍ୱତନ୍ତ୍ର ପ୍ୟାକେଜ**

ଆନ୍ଧ୍ରପ୍ରଦେଶ ଏବଂ ଗୋଆ ସମେତ ଦେଶର ୪ ରାଜ୍ୟ କେନ୍ଦ୍ର ସରକାରଙ୍କ ନିକଟରୁ ୧୬,୪୬୭ କୋଟି ଟଙ୍କାର ପ୍ୟାକେଜ ଆବଶ୍ୟକ କରୁଛନ୍ତି। ଅର୍ଥ ମନ୍ତ୍ରଣାଳୟ ଏବଂ ବ୍ୟୟ ବିଭାଗକୁ ଏ ନେଇ ରାଜ୍ୟଗୁଡିକ ଅନୁରୋଧ କରିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଲୋକସଭାକୁ ସୂଚନା ଦେଇଛନ୍ତି। ଅନ୍ୟ ୨ ରାଜ୍ୟ ହେଲେ ମଣିପୁର ଏବଂ ନାଗାଲାଣ୍ଡ। ପଛୁଆ ଅଞ୍ଚଳଗୁଡ଼ିକର ବିକାଶ ଲାଗି ଆନ୍ଧ୍ର ପ୍ରଦେଶ ୭୦୦ କୋଟି ଟଙ୍କାର ସ୍ପେଶାଲ ଡେଭଲପମେଣ୍ଟ ପ୍ୟାକେଜ ପ୍ରଦାନ କରିବାକୁ କେନ୍ଦ୍ରକୁ କହିଛି।

# ବୀମା କ୍ଷେତ୍ର ଏଫ୍‌ଡିଆଇ ବୃଦ୍ଧି ବିଲ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୨।୩:** ବୀମା କ୍ଷେତ୍ରରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ)କୁ ୪୯%ରୁ ୭୪%କୁ ବଢ଼ାଇବା ନେଇ ରହିଥିବା ବିଲ୍‌କୁ ସୋମବାର ପାର୍ଲାମେଣ୍ଟ ମଞ୍ଜୁରୀ ମିଳିଛି। ଏହା ବାଚନିକ ଭୋଟରେ ପାସ୍ ହୋଇଥିଲା। ଏଭଳି ନିଷ୍ପତ୍ତି ଦ୍ୱାରା ବୀମା କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ଅତିରିକ୍ତ ପାଣ୍ଠି ଯୋଗାଡ଼ କରିବା ସହ ସେମାନଙ୍କ ଆର୍ଥିକ ସମସ୍ୟା ସମାଧାନ କରିବାକୁ ସକ୍ଷମ ହେବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଗତ ସପ୍ତାହରେ ରାଜ୍ୟ ସଭା ବୀମା ସଂଶୋଧନ ବିଲ୍ ୨୦୨୧କୁ ଅନୁମୋଦନ ଦେଇଥିଲା। ସୀତାରାମନ କହିଛନ୍ତି, ସରକାର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀଗୁଡ଼ିକୁ ପାଣ୍ଠି ଯୋଗାଇ ଦେଉଛନ୍ତି। ମାତ୍ର ଘରୋଇ କମ୍ପାନୀଗୁଡ଼ିକ ସେମାନଙ୍କ ନିଜ ପାଇଁ ପାଣ୍ଠି ସଂଗ୍ରହ କରିବେ। ଅଭିବୃଦ୍ଧି ପାଇଁ କମ୍ପାନୀ ଯଦି ସମସ୍ୟା ସାମ୍ନା କରିବେ ତେବେ ଏହା ସମସ୍ୟା ସୃଷ୍ଟି କରିବ। ଏଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖି ସରକାର ଏଫ୍‌ଡିଆଇ ସୀମାରେ ବୃଦ୍ଧି କରିଥିବା ସେ ମତ ରଖିଛନ୍ତି। ଅଂଶୀଦାର ଏବଂ ଆଇଆର୍‌ଡିଏଆଇର ପରାମର୍ଶକ୍ରମେ ଏଭଳି ନିଷ୍ପତ୍ତି ନିଆଯାଇଛି। ୨୦୧୫ରେ ବୀମା କ୍ଷେତ୍ର ଏଫ୍‌ଡିଆଇ ସୀମା ୨୬ରୁ ୪୯%କୁ ବଢ଼ିଥିଲା।

# ତେଲ ଦର ବୃଦ୍ଧି ନେଇ କେନ୍ଦ୍ରକୁ ରାହୁଲଙ୍କ ଟାର୍ଗେଟ

**କୋଚି,୨୨।୩:** ଦେଶ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧିକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାର ଚଳାଇବା ଲାଗି କେନ୍ଦ୍ର ସରକାର ଜୋରଜବରଦସ୍ତ ଲୋକଙ୍କ ପକେଟରୁ ଅର୍ଥ ନେଉଥିବା ସେ ମତ ରଖିଛନ୍ତି। ସେଣ୍ଟ ଟେରେସା କଲେଜ ଛାତ୍ରୀଛାତ୍ରଙ୍କ ସହ ରାହୁଲ ଏକ କାର୍ଯ୍ୟକ୍ରମ ଅବସରରେ ଆଲୋଚନା କରିଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାକୁ ସଙ୍କଟକୁ ନେବାରେ ସରକାରଙ୍କ ଠିକ୍ ପରିଚାଳନାର ଅଭାବ ଦାୟୀ ବୋଲି ସେ ସମାଲୋଚନାରେ କହିଛନ୍ତି। ସେ କହିଛନ୍ତି, ଅବ୍ୟବସ୍ଥା ଏଭଳି ରହିଛି ଯେ, ସମସ୍ୟା ଲାଗି ରହିବ। ବର୍ତ୍ତମାନର ସମସ୍ୟା ସମାଧାନ ଲାଗି ଲୋକଙ୍କ ହାତକୁ ଅର୍ଥ ଆସିବାର ଆବଶ୍ୟକତା ରହିଛି। ଏକଥା ବାରମ୍ବାର ସରକାରଙ୍କୁ କହି ଆସୁଥିଲେ ମଧ୍ୟ ଏହାକୁ କର୍ଣ୍ଣପାତ କରାଯାଉ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ଲୋକଙ୍କ ନିକଟକୁ ଅଧିକ ଅର୍ଥ ଆସିଲେ ସେମାନେ ଏହାକୁ ଖର୍ଚ୍ଚ କରିବେ। ଚାହିଦା ବଢ଼ିଲେ ଅର୍ଥ ବ୍ୟବସ୍ଥା ପୁଣି ଥରେ ଉର୍ଦ୍ଧ୍ୱଗାମୀ ହେବ। ଅନ୍ତର୍ଜାତୀୟ ବଜାରରେ ତେଲ ଦର କମ୍ ରହିବା ସତ୍ତ୍ୱେ ମଧ୍ୟ କାହିଁକି ତେଲର ରିଟେଲ ମୂଲ୍ୟ ଉଚ୍ଚ ରହୁଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

# ଫ୍ୟୁଚର-ରିଲାଏନ୍ସ ଡିଲ୍‌ରେ ନୂଆ ମୋଡ଼



- ପୂର୍ବ ନିଷ୍ପତ୍ତି ଉପରେ ଦିଲ୍ଲୀ ହାଇକୋର୍ଟଙ୍କ ରହିତାଦେଶ
- ଆମାଜନକୁ ନୋଟିସ ଜାରି

**ନୂଆଦିଲ୍ଲୀ,୨୨।୩**

ବିଗ୍‌ବଜାର କ୍ରୟ ନେଇ ଫ୍ୟୁଚର ଏବଂ ରିଲାଏନ୍ସ ମଧ୍ୟରେ ହୋଇଥିବା ଡିଲ୍‌ରେ ଆଉ ଏକ ନୂଆ ମୋଡ଼ ଦେଖିବାକୁ ମିଳିଛି। ରିଲାଏନ୍ସର ଆବେଦନ ଉପରେ ଏହି ଡିଲ୍ ଆଗକୁ ନ ବଢ଼ାଇବା ନେଇ ଦିଲ୍ଲୀ ହାଇକୋର୍ଟଙ୍କ ଏକକ ଜଜ୍ ଖଣ୍ଡପୀଠ ରାୟ ଦେଇଥିଲେ। ପୂର୍ବ ନିଷ୍ପତ୍ତି ଉପରେ ଦିଲ୍ଲୀ ହାଇକୋର୍ଟ ସୋମବାର ରହିତାଦେଶ ଜାରି କରିଛନ୍ତି। ଅପରପକ୍ଷରେ ଆମାଜନକୁ ନୋଟିସ ଜାରି ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଫ୍ୟୁଚର ଗ୍ରୁପ୍ ଏହାର ରିଟେଲ ଏବଂ ହୋଲ୍‌ସେଲ ବାଣିଜ୍ୟକୁ ରିଲାଏନ୍ସ ଗ୍ରୁପ୍‌କୁ ୨୪,୭୩୧ କୋଟି ଟଙ୍କାରେ ବିକ୍ରିବା ନେଇ ଡିଲ୍ ହୋଇଥିଲା। ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ ଜେ.ଆର୍.ମିଧାଙ୍କ ଖଣ୍ଡପୀଠ ଡିଲ୍‌ରେ ଆଗକୁ ନ ବଢ଼ିବା ଲାଗି ଫ୍ୟୁଚର ଗ୍ରୁପ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ଫ୍ୟୁଚର ଗ୍ରୁପ୍ ପୁଣି ଥରେ ଆବେଦନ କରିଥିଲା। ଏହା ପରେ କୋର୍ଟ ଆମାଜନକୁ ନୋଟିସ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଡି.ଏନ୍.ପଟେଲ, ଜଷ୍ଟିସ ଜସ୍‌ମିତ ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପ୍ରିଲ ୩୦ରେ ଏହି ମାମଲାର ଶୁଣାଣି କରିବେ ବୋଲି ଜଣାପଡିଛି। ଏହି ଡିଲ୍‌କୁ ନେଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ ଗ୍ରହଣ କରିବେ। ପୂର୍ବର ନିର୍ଦ୍ଦେଶ ଡିଲ୍‌କୁ ଆଗକୁ ବଢ଼ାଇବା ନେଇ ବିଶେଷ ପ୍ରଭାବିତ କରିବ ନାହିଁ ବୋଲି ଫ୍ୟୁଚର ରିଟେଲ ଶୁକ୍ରବାର କହିଥିଲା। ଫ୍ୟୁଚର ଗ୍ରୁପ୍‌ର ରିଟେଲ ଏବଂ ହୋଲ୍‌ସେଲ ବାଣିଜ୍ୟ ରିଲାଏନ୍ସ ଗ୍ରୁପ୍ ଅଧୀନକୁ ସ୍ଥାନାନ୍ତର ନେଇ ଏନ୍‌ସିଏଲ୍‌ଟି ତାଙ୍କ ନିଷ୍ପତ୍ତିକୁ ବର୍ତ୍ତମାନ ସଂରକ୍ଷିତ ରଖିଛନ୍ତି। ଡିଲ୍‌କୁ ଆମାଜନ ବିରୋଧ କରିଆସୁଛି। ଅପରପକ୍ଷରେ ଏହି ଡିଲ୍ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ ଏବଂ ସେବି ଭଳି ଏଜେନ୍ସିର ଅନୁମୋଦନ ଲାଭ କରିସାରିଛି। ଏନ୍‌ସିଏଲ୍‌ଟି ଏବଂ ଶେୟାର ହୋଲ୍ଡରଙ୍କ ମଞ୍ଜୁରୀ ଅପେକ୍ଷାରେ ଫ୍ୟୁଚର ଏବଂ ରିଲାଏନ୍ସର ସ୍କିମ୍ ଅଫ୍ ଆରେଞ୍ଜମେଣ୍ଟ ରହିଛି।

# ସ୍କୋଡା ଅଭିବୃଦ୍ଧିକୁ ଆଗେଇନେବ 'କୁଶାକ'

**ନୂଆଦିଲ୍ଲୀ,୨୨।୩**




ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ପକ୍ଷରୁ ନୂଆ 'କୁଶାକ' ମଡେଲର ବିଶ୍ୱସ୍ତରୀୟ ଉନ୍ମୋଚନ ହୋଇଛି। ଭାରତରେ ଅଭିବୃଦ୍ଧି ଧାରାକୁ ଏହି ମଡେଲ ଆଗେଇନେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଇଣ୍ଡିଆ ୨.୦ ପ୍ରକଳ୍ପର ପ୍ରଥମ ଉତ୍ପାଦନ ସ୍କୋଡା କୁଶାକର ବିଶ୍ୱସ୍ତରୀୟ ଉନ୍ମୋଚନ ହୋଇଛି। ମଧ୍ୟମ ଆକାର ଏସ୍‌ୟୁଭି ବର୍ଗକୁ ନିଜର ଲକ୍ଷ୍ୟ ବନାଇବା ସହ ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ବର୍ଗ ହୋଇପାରିଛି। ଇଣ୍ଡିଆ ୨.୦ ପ୍ରକଳ୍ପର ଏହା ପ୍ରଥମ ଉତ୍ପାଦନ କାର୍ ଭାବେ ଏହା ଆସିଥିବା ବେଳେ ଭାରତୀୟ ଉପମହାଦେଶରେ ସ୍କୋଡା ଏବଂ ଫକ୍ସୱାଗନର ଉପସ୍ଥିତିକୁ ଦୀର୍ଘସୂତ୍ରୀ କରିବା ନିମନ୍ତେ ୧ ବିଲିୟନ ୟୁରୋ ନିବେଶ କରୁଛି। ଏହି ମିଡ୍ ସାଇଜ ଏସ୍‌ୟୁଭିରେ ଏମ୍‌କ୍ୟୁବି ଏଓ ଇନ୍ ପ୍ଲାଟ୍‌ଫର୍ମ ସହ ଭାରତୀୟ ଗ୍ରାହକଙ୍କ ଚାହିଦାକୁ ପୂରଣ କରିବା ଲାଗି ସ୍କୋଡାର ଗୁଣବତ୍ତା ଭରି ରହିଛି। ଆଖି ଝଲସାଇଲା ଭଳି ଡିଜାଇନ, ପର୍ଯ୍ୟାପ୍ତ ସ୍ପେସ୍, ଅତୁଳନୀୟ ଆରାମ, ନିରାପତ୍ତା ଫିଚର, ଅତ୍ୟାଧୁନିକ ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ ଏବଂ ଦକ୍ଷ ଟିଏସ୍‌ଆଇ ଇଞ୍ଜିନ ରହିଛି। ମଡେଲଟି ସମ୍ପୂର୍ଣ୍ଣ ଭାବେ ଘରୋଇ ବଜାରରେ ପ୍ରସ୍ତୁତ କରାଯାଇଛି।

# ଏଏସ୍‌ବିଏମ୍‌ରେ ବିତ୍ତ ପରିଚାଳନା ସଂଗୋଷ୍ଠୀ

**ଭୁବନେଶ୍ୱର,୨୨।୩:** ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ବିତ୍ତ ପରିଚାଳନା ଏବଂ ଭବିଷ୍ୟତ ସ୍ଥିରତା ସମ୍ପର୍କିତ ଏକ ସଂଗୋଷ୍ଠୀ ତଥା ଆଲୋଚନାଚକ୍ର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆର୍‌ବିଆଇର ପୂର୍ବତନ ଡେପୁଟି ଗଭର୍ନର ହାରୁନ ରସିଦ ଖାନ ମୁଖ୍ୟ ଅତିଥି ଭାବେ ଅଂଶ ଗ୍ରହଣ କରିଥିଲେ। ଭବିଷ୍ୟତରେ ସ୍ଥିରତା ବଜାୟ ରଖିବା ଲାଗି ପର୍ଯ୍ୟାବରଣ, ସାମାଜିକ ଏବଂ ପ୍ରଶାସନିକ ବିକାଶ ବ୍ୟବସ୍ଥାକୁ ଶୃଙ୍ଖଳିତ ଏବଂ ପରିମାର୍ଜିତ କରିବାର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଥିଲେ। ଅନୁଷ୍ଠାନ ସଂସାଧନର ସୁରକ୍ଷା ସହ ତା'ର ଭବିଷ୍ୟତ କ୍ରୀୟାଶୀଳତା ତ୍ୱରାନ୍ୱିତ କରିବା ଦିଗରେ ଯତ୍ନବାନ ହେବା ଲାଗି ଉପଦେଶ ପ୍ରଦାନ କରିଥିଲେ। ନୀତିଗତ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ କାର୍ଯ୍ୟନିର୍ବାହ କରିବା ସହ ସାମ୍ବିଧାନିକ ବିଧି ବ୍ୟବସ୍ଥାର ଲକ୍ଷ୍ମଣରେଖାକୁ ଉଲ୍ଲଂଘନ କରିବା ଉଚିତ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏନ୍‌ଏମ୍‌ଡିସିର ବିତ୍ତ ନିର୍ଦ୍ଦେଶକ ଅମିତାଭ ମୁଖାର୍ଜୀ ଭବିଷ୍ୟତର ସ୍ଥିରତା ବଜାୟ ଲାଗି ବହୁ ସୂତ୍ରାବଳୀର ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ରାଜ୍ୟ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ପ୍ରମାଣ ଧର, ଏଏସ୍‌ବିଏମ୍‌ର କୁଳାଧିକ୍ଷ ଡ.ବିଶ୍ୱଜିତ ପଟ୍ଟନାୟକ, କୁଳପତି ଡ.କଲ୍ୟାଣ ଶଙ୍କର ରାଏ, ସ୍କୁଲ ଅଫ୍ ଆକାଉଣ୍ଟାନ୍ସିର ମୁଖ୍ୟ ପଦ୍ମନାଭ ମହାପାତ୍ର, ଡ.ରୂପସା ମହାପାତ୍ର ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ।

# ଦର ବଢ଼ାଇବ ମାରୁତି ସୁଜୁକି

**ନୂଆଦିଲ୍ଲୀ,୨୨।୩:** ଦେଶର ଅଗ୍ରଣୀ ଚାରି ଚକିଆ ଯାନ କମ୍ପାନୀ ମାରୁତି ସୁଜୁକି ଚଳିତ ବର୍ଷ ଏପ୍ରିଲ ମାସରୁ ଗାଡି ଦର ବୃଦ୍ଧି କରିବ। ସୋମବାର ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ କମ୍ପାନୀ ତାର ଉତ୍ପାଦ ଉପରେ ଦର ବୃଦ୍ଧି କରିନାହିଁ। ଫଳରେ ଏହା ପୁରୁଣା ଦରରେ କାରବାର ଜାରି ରଖିଛି। ଏହି ସମୟ ମଧ୍ୟରେ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ହୋଇଥିବା ସହ ଅନେକ ସମସ୍ୟା ଦେଇ କମ୍ପାନୀ ଗତି କରୁଛି। ଯାନ ଉତ୍ପାଦନ ପାଇଁ ବିଭିନ୍ନ ସାମଗ୍ରୀର ଆବଶ୍ୟକତା ରହିଛି। ଇନପୁଟ ମୂଲ୍ୟ ବୃଦ୍ଧିକୁ ନଜରରେ ରଖି କମ୍ପାନୀ ଆଗାମୀ ଏପ୍ରିଲଠାରୁ ଯାନ ଦର ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଥିବା ଷ୍ଟକ ଏକ୍ସଚେଞ୍ଜକୁ ସୋମବାର ଜଣାଇଛି। ବର୍ତ୍ତମାନ ସାରା ଦେଶରେ କମ୍ପାନୀର ୪୦୦୦ ଆଉଟଲେଟ ରହିଥିବା ବେଳେ ୧୯୮୯ ସହରରେ ନିଜର କାରବାର ଜାରି ରଖିଛି। ସେହିଭଳି ମହାମାରୀ ସମୟରେ କମ୍ପାନୀ ୨୦୮ଟି ସ୍ଥାନରେ ସର୍ଭିସ ୱାର୍କସପ ମଧ୍ୟ ସ୍ଥାପନ କରିଥିବା ଜଣାପଡିଛି।

# ଇମ୍ଫା ପକ୍ଷରୁ ସୋଲାର ପ୍ଲାଣ୍ଟ

**ଭୁବନେଶ୍ୱର,୨୨।୩ :** ସୌର ଶକ୍ତିର ସୁବିନିଯୋଗ ପାଇଁ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ୍ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ପକ୍ଷରୁ ଏହାର ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ ଏବଂ ମହାଗିରି କ୍ରୋମାଇଟ୍ ମାଇନ୍ସ ପରିସରରେ ଅଫ୍-ଗ୍ରିଡ୍ ରୁଫ୍‌ଟପ୍ ସୋଲାର୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଏଭଳି ପଦକ୍ଷେପ ଦ୍ୱାରା ଗ୍ରୀନ୍ ଇଣ୍ଡିଆ ମିଶନ୍ ପ୍ରତି ରହିଥିବା ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଥିବା କମ୍ପାନୀ କହିଛି। ସୁକିନ୍ଦା ମାଇନ୍ସ ପରିସରକୁ ଆଲୋକିତ କରିବା ସହ ଲାବୋରେଟୋରୀ ମଫଲ୍ ଫର୍ଣ୍ଣେସ୍ ତଥା ଓଭେନ୍ ଇତ୍ୟାଦି ଚଳାଇବା ପାଇଁ ଏହାର କ୍ୱାଲିଟି କଣ୍ଟ୍ରୋଲ୍ ତଥା ଲାବୋରେଟେରୀ ବିଲ୍ଡିଙ୍ଗ୍ ଉପରେ ୩୦ କିଲୋୱାଟ ବିଶିଷ୍ଟ ଏକ ସୋଲାର୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ସେହିଭଳି ମହାଗିରି ମାଇନ୍ସ ପରିସରକୁ ଆଲୋକିତ କରିବା ପାଇଁ ଏହାର ଆଡ୍‌ମିନିଷ୍ଟ୍ରେସନ୍ ତଥା ପିଟ୍ ହେଡ୍ କମ୍ପ୍ଲେକ୍ସ ଛାତ ଉପରେ ୪୦ କିଲୋୱାଟ ବିଶିଷ୍ଟ ଏକ ସୋଲାର ପ୍ଲାଣ୍ଟ ସ୍ଥାପନ ହୋଇଛି। କମ୍ପାନୀ ପକ୍ଷରୁ ଖଣି ଅଞ୍ଚଳରେ ଏଭଳି ସବୁଜ ପ୍ରୟାସ ହେଉଛି ପରିବେଶାନୁକୂଳ ଖନନ ଉଦ୍ୟମ ଦିଗରେ ଏକ ନିରନ୍ତର ପ୍ରକ୍ରିୟା ଏବଂ ଅକ୍ଷୟ ଶକ୍ତିର ଉପଯୋଗ କ୍ଷେତ୍ରରେ ଅଗ୍ରଣୀ ହେବା ଦିଗରେ ଏକ ମୂଳକ ପଦକ୍ଷେପ ବୋଲ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।


## COLLECTORATE, MALKANGIRI
(NIZARAT SECTION)

Letter No. 325/XVI-26/2021, Nizarat Date: 22.03.2021

**CORRIGENDUM**

This Office Letter No. 192 dated 26.02.2021 for tender call notice for supply of Desktop and Server etc. last date for submission of tender papers may be read as **31.03.2021** instead of **20.03.2021** to be opened on **05.04.2021**.
The details of tender along with terms & conditions is available in the District website i.e. **www.malkangiri.nic.in**.

**Sd./- Addl. District Magistrate, Malkangiri**

## ତହସିଲଦାରଙ୍କ କାର୍ଯ୍ୟାଳୟ, କଣ୍ଟାମାଳ
(ଦୀର୍ଘ ମିଆଦୀ ଲଘୁ ଖଣିଜ ଲିଜ୍ ନିମନ୍ତେ ନିଲାମ ବିଜ୍ଞପ୍ତି)

ବିଜ୍ଞାପନ ସଂଖ୍ୟା: ୧୦୦୧ ତାରିଖ: ୧୯।୦୩।୨୦୨୧

No. F-139: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ କଣ୍ଟାମାଳ ତହସିଲରେ ଥିବା ନିମ୍ନଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡ଼ିକୁ ୨୦୨୦-୨୧ ବର୍ଷଠାରୁ ୫ବର୍ଷ ପାଇଁ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules 2016 ପ୍ରକାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ "M" ତିନିକିତା ପୂରଣ କରି ଏଥି ସହିତ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦଦିଆ ଲଫାପାରେ ଲଫାପା ଉପରେ ଉତ୍ସର ନାମ ଲେଖା ଥାଇ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦିଷ୍ଟ ଟେଣ୍ଡର ବାକ୍ସରେ ଆସନ୍ତା ତା୨୩।୦୩।୨୦୨୧ରିଖଠାରୁ ତା୧୩।୦୪।୨୦୨୧ରିଖ ଅପରାହ୍ନ ୩.୦୦ଘ. ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଦିବସରେ ଆବଦେନପତ୍ର ଦାଖଲ କରିପାରିବେ। ଉପରୋକ୍ତ ଧାର୍ଯ୍ୟ ସମୟ ପରେ ପ୍ରାପ୍ତ କିମ୍ବା ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ପ୍ରାପ୍ତ ସମସ୍ତ ଦରଖାସ୍ତ ଗୁଡ଼ିକୁ ତା୧୩।୦୪।୨୦୨୧ରିଖ ଅପରାହ୍ନ ୪.୦୦ ଘ. ସମୟରେ ସମସ୍ତ ଦରଖାସ୍ତକାରୀ କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଜଉମୁଦଦିଆ ବାକ୍ସ ଓ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ ଓ ସର୍ବୋଚ୍ଚ ଦେୟ ରାଶି ପ୍ରଦତ୍ତ ଦରଖାସ୍ତକାରୀଙ୍କୁ ଲଘୁ ଖଣିଜ ଲିଜ୍ ପାଇଁ ଯୋଗ୍ୟ ବିବେଚନା କରାଯିବ।
କୌଣସି କ୍ଷେତ୍ରରେ ଆବେଦନକାରୀଙ୍କ ଦ୍ୱାରା ପ୍ରଦତ୍ତ ଅତିରିକ୍ତ ଦେୟ ରାଶି ରୟାଲ୍‌ଟିର ଶତକଡ଼ା ୫ ଭାଗରୁ କମ୍ ହେବ ନାହିଁ। ଆବେଦନକାରୀଙ୍କ ଦ୍ୱାରା ଉଲ୍ଲିଖିତ ସର୍ବୋଚ୍ଚ ଅତିରିକ୍ତ ଦେୟ ରାଶି ଭିତ୍ତିରେ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ଏକାଧିକ ଆବେଦନକାରୀ ଅନ୍ୟଥା ଯୋଗ୍ୟ ଥାଇ ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ଅତିରିକ୍ତ ଦେୟରାଶି ଦର୍ଶାଇଥିଲେ ଲଟେରୀ ଦ୍ୱାରା ଯୋଗ୍ୟ ଲିଜ୍‌ଧାରୀ ସ୍ଥିର କରାଯିବ। ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ବିବରଣୀ ତହସିଲଦାର, କଣ୍ଟାମାଳ ଓ ଏହି ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ବୌଦ୍ଧ ଜିଲ୍ଲା ୱେବସାଇଟ **(www.boudh.nic.in)**ରେ ଉପଲବ୍ଧ ହେବ। ଆବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ।

ସ୍ୱା./– ତହସିଲଦାର, କଣ୍ଟାମାଳ
OIPR-24118/11/0002/2021

## ODISHA PUBLIC SERVICE COMMISSION
Notice No. 2192/PSC Dt.22.03.21

**TIME TABLE FOR ODISHA CIVIL SERVICES (PRELIMINARY) EXAMINATION - 2020**

No. D-201: The Commission has decided to conduct the Odisha Civil Services (Preliminary) Examination - 2020 on **23.05.2021 (Sunday)** in five zones i.e. Balasore, Berhampur, Bhubaneswar, Cuttack & Sambalpur, pursuant to Advertisement No. 07 of 2020-21 as per the following time table.

| Date | Timings | Subject | No. of Objective type question with multiple choice answers |
|---|---|---|---|
| 23.05.2021 (Sunday) | 10.00 A.M. to 12.00 Noon | General Studies (Paper - I) | 100 |
| | 1.30 P.M. to 3.30 P.M. | General Studies (Paper - II) | 80 |

N.B.: All persons with disability (candidates) will be given 40 minutes extra in each sitting i.e. from 10.00 A.M. to 12.40 P.M. & 1.30 P.M. to 4.10 P.M.
2. **"Admission Certificate"** of the concerned eligible candidates and **"Instructions to candidates"** will be available in the website of OPSC later. The candidates are required to visit the website of the Commission frequently to download their "Admission Certificate" & "Instructions to Candidates".
3. The candidates are advised to visit the Website of the Commission at **http://opsc.gov.in**.

**Sd./- Secretary**
OIPR-12002/11/0090/2021

## OFFICE OF THE ROURKELA MUNICIPAL CORPORATION
UDITNAGAR, ROURKELA, ODISHA - 769012
E-mail ID: rourkelamunicipality@gmail.com

Tender Ref. No. 3144 Date: 22.03.21

**Tender Call Notice for Supply of Safety Equipments for Sanitation Activities**

No. C-746: Sealed tenders are invited from the Supplier/firm/Manufacturer/Agency for supply of Safety Equipments for Sanitation Activities to Rourkela Municipal Corporation. The items to be procured are 1 No. of Gas Detector (4 Gas Detector) and 4 Nos. Body harness. The details of the tender may be downloaded from the RMC website: **rmc.nic.in**.

**Sd./- Dy. Commissioner**
**Rourkela Municipal Corporation**
OIPR-13131/11/0009/2021

## GOVERNMENT OF ODISHA
## OFFICE OF THE SUPERINTENDING ENGINEER PHULBANI (R&B) CIRLCE, PHULBANI
B-837
Phone:- 06842 254004 | E-mail ID: sernbphulbani@gmail.com

**INVITATION FOR BIDS (IFB)**
**Bid Identification No. SE-(R&B)-PLB-07/2020-21**

No. 934 Dated: 17.03.2021

| | | | |
|---|---|---|---|
| 1 | The Superintending Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors. | | |
| 2 | Nature of Work | :- | Building work |
| 3 | No. of tenders | :- | 3 Nos. of Building works |
| 4 | Tender cost | :- | Rs. 10,000/- (through online) only. |
| 5 | Class of Contractor | :- | "B" & "A" Class |
| 6 | Date & Time of sale & receipt of bids | :- | 10.00 AM of 25.03.2021 to 5.00 PM of 08.04.2021 |
| 7 | Date of Opening of bid | :- | 11.00 AM of 09.04.2021 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Superintending Engineer, Phulbani (R&B) Circle, Phulbani**
OIPR-34129/11/0008/2021

## GOVERNMENT OF ODISHA
## HOUSING & URBAN DEVELOPMENT
## Office of the Executive Officer, NAC Barpali
E-mail Id - barpalinac@gmail.com

**BID IDENTIFICATION NO.- EOBRP/03/2020-21 DATED 19.03.2021**

No. C-749

| | | | |
|---|---|---|---|
| 1 | Type of the work | : | CIVIL WORKS |
| 2 | No. of works | : | 15 (Fifteen) Nos. |
| 3 | Class of contractor | : | "D" & "C" |
| 4 | Bid identification No. | : | EOBRP/03/2020-21 |
| 5 | Estimated cost | : | Rs.4,27,805/- to Rs.6,39,000/- |
| 6 | Period of completion | : | As per DTCN |
| 7 | Date and time of availability of bid documents in the portal | : | Dt. 23.03.2021 at 11.00 AM to Dt.31.03.2021 upto 5.00 PM |
| 8 | Last date/time for receipt of bids in the portal | : | Dt.31.03.2021 upto 5.00 PM |
| 9 | Date of opening of Bid | : | Dt.03.04.2021 at 11.00 AM |

1. Any addendum/corrigendum/cancellation/erratum of tender can also be seen in the said website.
2. Further details can be seen from Government Website- http://tenderodisha.gov.in

**Sd./- Executive Officer, NAC Barpali**
OIPR-13127/11/0003/2021

## ODISHA HYDRO POWER CORPORATION LTD.
OHPC
(A Gold Rated State PSU)
O/o. SR. GENERAL MANAGER, RENGALI HYDRO ELECTRIC PROJECT
P.O.: RENGALI DAM SITE, PIN- 759105, DIST.- ANGUL (ODISHA)
TEL.: 06760-277214, FAX: 06760-277324, email: sgmel500@gmail.com

No.: RHEP/C & P/PUR-III-33/1772 Date: 19.03.2021

**NOTICE INVITING TENDER No. RHEP-54/2020-21**

No.: CAD-1603: Sealed tenders are invited in two part i.e. (i) Techno Commercial Bid and (ii) Price Bid in separate sealed envelopes from reputed firm/agency/contractor.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Painting of Dam Top Gantry Crane, Repair & Painting of Draft Tube Gate Gantry Crane of Rengali Power House | Rs.4,720/- (Rs.4,000/- + GST @ 18%) | Rs.6,471/- | From Dtd.25.03.21 to Dtd.06.04.21 upto 04.00 P.M. | Dtd.06.04.21 upto 04.30 P.M. | Dt.07.04.21 at 04.30 P.M. |

For details and further correspondence/corrigendum, please visit our website **www.ohpcltd.com**.

OIPR-04005/11/0053/2021 **Sd./- C & P Head, RHEP, Rengali**

## GOVERNMENT OF ODISHA
## ST & SC DEVELOPMENT DEPARTMENT
## OFFICE OF THE PROJECT ADMINISTRATOR
INTEGRATED TRIBAL DEVELOPMENT AGENCY, RAIRANGPUR

**e-Procurement Notice**
**Bid Identification No. PA ITDA (Rairangpur) - 02//2020-21**

**No. 597/2021-ITDA Dated: 19.03.2021**

No.CAD-1600: Bid documents consisting of work, tender value, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **"www.tendersodisha.gov.in"**.

| | | | |
|---|---|---|---|
| 01 | Name of the work | : | Civil works as mentioned in DTCN |
| 02 | No. of works | : | 18 (Eighteen) Numbers only |
| 03 | Estimated Cost | : | Rs.4.00 lakhs to Rs.10.00 lakhs |
| 04 | Period of Completion | : | 1 (One) Month to 2 (Two) months as per work category |
| 05 | Date & time of Bidding | : | 22.03.2021 at 10.00 A.M. to 31.03.2021 17.00 hrs. |
| 06 | Last date & time receipt of bids in portal | : | 31.03.2021 till 17.00 hrs. |
| 07 | Bid received Online & Offline shall be opened on | : | 05.04.2021 at 11.00 hours onwards |
| 08 | Documents received through Speed Post/Registered Post | : | 23.03.2021 at 11.00 hours to 31.03.2021 upto 15.00 hrs. (Working days only) |
| 09 | Name and address of the Officer Inviting Bid | : | Project Administrator, I.T.D.A., Rairangpur |

Further details can be seen from the **"www.tendersodisha.gov.in"**.

**Sd./- Project Administrator**
**I.T.D.A., Rairangpur**
OIPR-19080/11/0002/2021

## GOVERNMENT OF ODISHA
## OFFICE OF THE SUPERINTENDING ENGINEER NORTHERN (R&B) CIRCLE, SAMBALPUR
No. B-839
Mail ID: sepwdsbp@rediffmail.com

**e-Procurement**
Bid Identification No. SENC (RAND B)/12/2020-21

No. 806 Dtd. 19.03.2021

1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Building works** as detailed in the DTCN from the eligible class of contractors.
2. No. of works : 01 (One) (Building - 01 No.)
3. Tender Cost : Rs.10,000/-
4. Class of Contractor : "B" Class & "A" Class
5. Date & time of availability in website & receipt of bids : From 30.03.2021 to 17.00 hrs. of 15.04.2021
6. Date of opening of Technical Bid : 16.04.2021 at 11.00 hrs.
7. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in**.
8. Any Corrigendum/Addendum will be displayed in the website **www.tendersodisha.gov.in**.

**Sd./- (S.N. Acharya)**
**Superintending Engineer**
**Northern (R&B) Circle, Sambalpur**
OIPR-34035/11/0013/2021

## DISTRICT RURAL DEVELOPMENT AGENCY, ANGUL
Panchayati Raj
Dist.: Angul, Odisha, PIN - 759122
Phone: 06764-230144, E-mail: ori-dangul@nic,in
drdaangul@gmail.com

**(Expression of Interest for District Ombudsman under MGNREGA)**

No. CAD-1602: As per instructions of Govt. in P.R. & D.W. Department vide Letter No. 2357, Dtd.04.02.2021, fresh expression of interest is invited from willing persons to be engaged as Ombudsman in Angul District for redressal of grievances and disposal of complaints relating to implementation of the MGNREGA Act for tenure of two years extendable not more than twice by one year each based on performance appraisal process or till the incumbent attainst the age of 68 years whichever is earlier. The Ombudsman shall be allowed compensation in the form of a fee of Rs.1000/- (One Thousand) only per sitting with maximum upper limit of Rs.20,000/- (Twenty thousand) only per month.

**Eligibility Criteria:**
1. Person of eminent standing and impeccable integrity with at least 10 years of experience in public administration/law/academic/social work/management.
2. Mandatory experience in working with people or community organization.
3. She/He should not be member of political party or a banned organization.
4. Must be physically active person and capable of conducting field tours, inspections and visit to remote rural areas in the district.

The willing persons fulfilling above criteria may submit their written expressions in the prescribed proforma along with copy of the required documents to the Collector-cum-DPC, MGNREGA on or before Dt.06.04.2021 through Regd. Post/Speed Post. The aplications received after due date, due to postal or any other delay will be rejected. For details visit District Rural Development Agency during office hours or **www.angul.nic.in**.

**Sd./- Project Director, DRDA, Angul**
OIPR-19067/11/0003/2021

Annexure - I
## OFFICE OF THE CHIEF RESEARCH OFFICER
HIRAKUD RESEARCH STATION, HIRAKUD
E-mail: cro_hrs@rocketmail.com

**QUOTATION CALL NOTICE No. 02/2020-21**

**No. 554 Date: 16.03.2021**

No. A-702: Sealed quotations are invited from interested reputed Travel Agencies/Tour Operators or Private individuals for providing 1 (One) No. of AC Petrol driven vehicles Tiago/Bolt/Celerio (Petrol) (BS-IV compliant Petrol Vehicle is preferable) having sitting capacity not more than five including driver, which shall conform to the terms and conditions (Annexure - II) for the official use in the O/o. THE DIRECTOR, RESEARCH & QUALITY CONTROL, BURLA on monthly rent basis.

1. The vehicle must be in Road worth condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid contract Carriage Permit, proof of uptodate Tax Payment, GST Registration etc. which are mandatory for plying of vehicle.
2. The Driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs.5000/- (Rupees Five thousand) shall be deposited by the intending bidders in shape of Term Deposit Receipt (TDR) pledged in favour of the (CHIEF RESEARCH OFFICER, HIRAKUD RESEARCH STATION, HIRAKUD) payable at SBI, Burla & submitted along with the tender as Security Deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fueld efficiency of 17 (Seventeen) Kms. per litre.
7. The details of the make and year of manufacture of the vehicle, registration no. mileage (Kms covered per litre) and name of the driver with Driving licence No. and period of validity should be specifically provided in the general bid information to be furnished with the Quotation (Annexure - III).
8. The quotation completed in all respect should reach the undersigned on or before 30.03.2021 by 5.00 P.M. and shall be opened on 31.03.2021 11 A.M. in the O/o. the Chief Research Officer, Hirakud Research Station, Hirakud in presence of the bidders or their authorized representatives.
9. The application form of quotation containing General Bid information & terms and conditions for hiring of vehicles etc. will be available with "CHIEF RESEARCH OFFICER, HIRAKUD RESEARCH STATION, HIRAKUD" on payment of Rs.2000/- (Rupees Two thousand) only from 24.03.2021 to 30.03.2021 or can be downloaded from Odisha govt. website: **www.odisha.gov.in** from 24.03.2021 to 30.03.2021. In case the application form is downloaded from Government website, the applicant shall furnish the Demand Draft for an amount of Rs.2000/- (Rupees Two thousand) only towards the cost of application along with the application.

**Sd./- Chief Research Officer**
**Hirakud Research Station, Hirakud**
OIPR-32244/11/0002/2021

**କୋଇଲା ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଗିରଫ**

କଟକ ଅଫିସ: ଜଗତ୍‌ପୁର ଥାନା ଅଧୀନ ଗୋଲେଇ ଛକ ନିକଟରୁ ସ୍ଥାନୀୟ ପୋଲିସ ସୋମବାର ଏକ କୋଇଲା ବୋଝେଇ ଟ୍ରକ ଜବତ କରିଛି। ଏହି ଘଟଣାରେ ଖୋର୍ଦ୍ଧା ଜିଲା ପାଟଣାବରା ଅଞ୍ଚଳର ଡ୍ରାଇଭର ବିଜୟ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ଟ୍ରକ୍ (ନଂ.ଓଆର୦୫ଏକ୍ସ-୯୦୯୫)ରେ କୋଇଲା ବୋଝେଇ ହୋଇ ଜଗତ୍‌ପୁର ଆଡକୁ ଯାଉଥିବାବେଳେ ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ତାହାକୁ ଅଟକାଇ ଯାଞ୍ଚ କରିଥିଲେ। ହେଲେ ଡ୍ରାଇଭର ଉକ୍ତ କୋଇଲା ସମ୍ବନ୍ଧରେ ଠିକ୍ ତଥ୍ୟ ଦେଇପାରି ନଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ନବନିଯୁକ୍ତ ମହିଳା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୨ା୩(ବ୍ୟୁରୋ): ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟିର ନବନିଯୁକ୍ତ ସଭାପତି ବନ୍ଦିତା ପରିଡ଼ାଙ୍କୁ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସୋମବାର ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନ ୧୧ଟାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ଶୁଭଶ୍ରୀ ପଣ୍ଡାଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ମହିଳା କଂଗ୍ରେସ କର୍ମକର୍ତ୍ତା ପରିଡ଼ାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି। ବୈଠକରେ ମୁଖ୍ୟ ଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଆଗାମୀ ଦିନରେ ମହିଳା କଂଗ୍ରେସ ସଙ୍ଗଠିତ ହୋଇ କାର୍ଯ୍ୟ କରିପାରିଲେ ଦଳ ସୁଦୃଢ଼ ହୋଇପାରିବ। ବର୍ତ୍ତମାନ ରାଜ୍ୟରେ ନାରୀ ନିର୍ଯାତନା, ଗଣବଳାତ୍କାର, ଶିଶୁ ନିର୍ଯାତନା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ସେହିପରି ରନ୍ଧନ ଗ୍ୟାସ୍‌ର ଅତ୍ୟଧିକ ମୂଲ୍ୟ ବୃଦ୍ଧି ମହିଳାଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇଛି। ଏସବୁ ଘଟଣାକୁ ମହିଳା କଂଗ୍ରେସ ଦୃଢ଼ ବିରୋଧକରି ରାଜରାସ୍ତାକୁ ଓହ୍ଲାଇବାକୁ ନିରଞ୍ଜନ ଆହ୍ୱାନ ଦେଇଛନ୍ତି। ଆଗାମୀ ଦିନରେ ମହିଳାଙ୍କୁ ତୃଣମୂଳ ସ୍ତରରୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ନବନିଯୁକ୍ତ ମହିଳା କଂଗ୍ରେସ ସଭାପତି ବନ୍ଦିତା ନିଜ ଅଭିଭାଷଣରେ କହିଲେ, ଆମ୍ଭମାନଙ୍କୁ ଆଗକୁ ବହୁ କାର୍ଯ୍ୟ କରିବାର ବାକି ଅଛି। ସେଥିପାଇଁ ଆମେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିପାରିଲେ ଦଳ ସଫଳତା ଲାଭ କରିବ ବୋଲି କହିଛନ୍ତି।

### ସି-ଶୋର୍ ଏମ୍‌ଡି ନବରଙ୍ଗପୁର କୋର୍ଟରେ ହାଜର

ନବରଙ୍ଗପୁର,୨୨ା୩(ବି.ପ୍ର.): ସି-ଶୋର ଚିଟ୍‌ଫଣ୍ଡ ମାମଲାରେ ନବରଙ୍ଗପୁର କୋର୍ଟରେ ସଂସ୍ଥାର ଏମ୍‌ଡି ପ୍ରଶାନ୍ତ ଦାସ ଓ ଏଜେଣ୍ଟ ପ୍ରମୋଦ ନାୟକ ସୋମବାର ହାଜର ହୋଇଛନ୍ତି। ପରେ କୋର୍ଟ ପକ୍ଷରୁ ଚାର୍ଜ ଫ୍ରେମ୍ ଲାଗୁ ହୋଇଛି। ସୂଚନା ଅନୁଯାୟୀ, ନବରଙ୍ଗପୁର ସହରର ଶରତ କୁମାର ଜକ୍ଷ ସି-ଶୋର ସଂସ୍ଥାରେ ୨ ପ୍ରତିଶତ ସୁଧରେ ୫ ଲକ୍ଷ ୩୨ ହଜାର, ସ୍ତ୍ରୀଙ୍କ ନାମରେ ୪ ଲକ୍ଷ ୨୩ ହଜାର ଓ ସମ୍ପର୍କୀୟଙ୍କ ନାମରେ ୧ ଲକ୍ଷ ଲେଖାଏ ୨ ଲକ୍ଷ ଟଙ୍କା ଜମା କରିଥିଲେ। ତାଙ୍କୁ ୨୦୧୨ ଜୁଲାଇ ପର୍ଯ୍ୟନ୍ତ ନିୟମିତ ସୁଧ ଆସିଥିଲା। ଏହାପରେ ସେ ସୁଧ କିମ୍ବା ମୂଳ ଅର୍ଥ ପାଇ ନ ଥିଲେ। ଶେଷରେ ନିରାଶ ହୋଇ ୨୦୧୩ ଜୁନ୍ ୨୩ରେ ନବରଙ୍ଗପୁର ଥାନାରେ ଏମ୍‌ଡି ଓ ଏଜେଣ୍ଟ ପ୍ରମୋଦ ନାୟକଙ୍କ ବିରୋଧରେ ଏତଲା ଦେଇଥିଲେ। ନବରଙ୍ଗପୁର ଥାନାରେ ୧୬୧/୧୩ ମାମଲା ରୁଜୁ ହୋଇଥିଲା। ସୋମବାର ସିଜେଏମ୍‌ଙ୍କ କୋର୍ଟରେ ଚାର୍ଜଫ୍ରେମ୍ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ ସନ୍ତୋଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।


### ୧୧୦ ଗ୍ରାମ ବ୍ରାଉନ୍ ସୁଗାର ଜବତ : ୨ ଗିରଫ

କଟକ ଅଫିସ, ୨୨ା୩: ବ୍ରାଉନ୍‌ସୁଗାର କିଣାବିକା ଘଟଣାରେ ମର୍କତନଗର ପୋଲିସ ୨ ଜଣଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ନୂଆଗାଁ ଅଞ୍ଚଳର ମନୋଜ ସାହୁ(୨୮) ଓ ମର୍କତନଗର ଥାନା ଇମାମପଡା ଅଞ୍ଚଳର ରାଜୁ ଜେନା(୨୮)। ସେମାନଙ୍କ ନିକଟରୁ ୧୧୦ ଗ୍ରାମ ବ୍ରାଉନସୁଗାର, ଦୁଇଟି ମୋବାଇଲ ଫୋନ୍, ଆଧାର କାର୍ଡ ଓ ଗୋଟିଏ ଏଟିଏମ୍ କାର୍ଡ ଜବତ କରାଯାଇଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ କହିଛନ୍ତି। ଡିସିପିଙ୍କ ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ କାଠଯୋଡି ନଦୀକୂଳ ମୁଣ୍ଡାସାହିରେ ବ୍ରାଉନ୍‌ସୁଗାର ବିକ୍ରି ହେଉଥିବା ମର୍କତନଗର ଥାନା ଅଧିକାରୀ ଖବର ପାଇଥିଲେ। ତୁରନ୍ତ ଥାନା ଅଧିକାରୀ ଏକ ଟିମ୍ ସହ ସେଠାରେ ଚଢ଼ାଉ କରିବା ସମୟରେ ଅନ୍ୟ ଅଭିଯୁକ୍ତମାନେ ଖସି ପଳାଇଥିଲେ। ହେଲେ ପୋଲିସ ମନୋଜ ଓ ରାଜୁଙ୍କୁ କାବୁ କରିଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଡିସିପି କହିଛନ୍ତି।

# ୩ ଓଡ଼ିଆ ଚଳଚ୍ଚିତ୍ରକୁ ଜାତୀୟ ପୁରସ୍କାର



'ଶଳାବୁଢ଼ାର ବଦ୍‌ଲା'



'କାଲିର ଅତୀତ'



'ଶ୍ରୀକ୍ଷେତ୍ରରୁ ସାହିଯାତ'

ଭୁବନେଶ୍ୱର,୨୨ା୩ (ବ୍ୟୁରୋ)

୬୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସୋମବାର ଘୋଷଣା ହୋଇଛି। ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ସବ୍ୟସାଚୀ ମହାପାତ୍ରଙ୍କ 'ଶଳାବୁଢ଼ାର ବଦ୍‌ଲା' ଓ ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ 'କାଲିର ଅତୀତ' ମନୋନୀତ ହୋଇଛି। ସେହିପରି କଳା ଓ ସଂସ୍କୃତିକୁ ନେଇ ଆଶୁତୋଷ ପଟ୍ଟନାୟକଙ୍କ ପ୍ରାମାଣିକ ଚଳଚ୍ଚିତ୍ର 'ଶ୍ରୀକ୍ଷେତ୍ରରୁ ସାହିଯାତ' ମଧ୍ୟ ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛି।

ପୂର୍ବରୁ ଏକାଧିକ ପୁରସ୍କାର ପାଇଥିବା 'ଶଳାବୁଢା'ର ସିକ୍ୱେଲ ହେଉଛି 'ଶଳାବୁଢାର ବଦ୍‌ଲା'। ସବ୍ୟସାଚୀଙ୍କ ନିର୍ଦ୍ଦେଶିତ ୧ ଘଣ୍ଟା ୪୯ ମିନିଟ୍‌ର ଏହି ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଛନ୍ତି ଅଟଳ ବିହାରୀ ପଣ୍ଡା, ଚନ୍ଦନ ସିଂ ଓ ଲୋଛାନୀ ବାଗ୍। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପଙ୍କଜ ଜାଲ୍। ଅନ୍ୟପକ୍ଷରେ ପରିବର୍ତ୍ତିତ ଜଳବାୟୁ ଉପରେ ପର୍ଯ୍ୟବସିତ 'କାଲିର ଅତୀତ'ରେ ସମୁଦ୍ରର ଜଳସ୍ତର ବୃଦ୍ଧି କାରଣରୁ ମନୁଷ୍ୟ ଓ ସମୁଦ୍ର ମଧ୍ୟରେ ଉପୁଜିଥିବା ସ୍ଥିତିକୁ ନିଚ୍ଛକ ଭାବେ ପ୍ରଦର୍ଶିତ କରିଛନ୍ତି ପଦ୍ମଶ୍ରୀ ପଣ୍ଡା। ୮୩ ମିନିଟ୍ ଅବଧିର ଏହି ଚଳଚ୍ଚିତ୍ରରେ ପୀତବାସ ତ୍ରିପାଠୀ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ର ମଧ୍ୟ ଓସ୍କାର ଦୌଡରେ ସାମିଲ ହୋଇଛି। ଏତଦ୍‌ବ୍ୟତୀତ ଆଶୁତୋଷଙ୍କ ପ୍ରାମାଣିକ ଚଳଚ୍ଚିତ୍ର 'ଶ୍ରୀକ୍ଷେତ୍ରରୁ ସାହିଯାତ'ରେ ପୁରୀର ପ୍ରାଚୀନ କଳା, ସଂସ୍କୃତି ଓ ପରମ୍ପରାକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ରାମ ଜନ୍ମଠାରୁ ରାମାଭିଷେକ ପର୍ଯ୍ୟନ୍ତ ସବୁକିଛି ଏହି ସାହିଯାତରେ ରହିଛି, ଯାହା ଏହି ଚଳଚ୍ଚିତ୍ର ମନୋନୟନବେଳେ ଜୁରିମାନଙ୍କୁ ବେଶ୍ ଆକୃଷ୍ଟ କରିଛି। ତେବେ ଜାତୀୟ ସ୍ତରରେ ୩ଟି ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହେବା ଓଡ଼ିଆ ଚଳଚ୍ଚିତ୍ର ଜଗତ ତଥା ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି।

### 'ଶଳାବୁଢ଼ାର ବଦ୍‌ଲା' ମୋ ବାପାଙ୍କ ଲିଖିତ କାହାଣୀ



ପୁରସ୍କାର ଖବର ପାଇବା ପରେ ମୋତେ ବହୁତ ଖୁସି ଲାଗୁଛି। 'ଶଳାବୁଢାର ବଦ୍‌ଲା' 'ଶଳାବୁଢା'ର ସିକ୍ୱେଲ। ଏସବୁ ବାପା କପିଳେଶ୍ୱର ପ୍ରସାଦ ମହାପାତ୍ରଙ୍କ ଲିଖିତ କାହାଣୀ ହୋଇଥିବାରୁ ଏହା ମୋ ପାଇଁ ଗୁରୁତ୍ୱ ବହନ କରେ। ବାପା ଜଣେ ଗାନ୍ଧୀବାଦୀ। ସେ ସବୁବେଳେ ମାନବଧର୍ମୀ କାହାଣୀ ଲେଖନ୍ତି, ଯାହାକି ସତ୍ୟ ଘଟଣା ଉପରେ ଆଧାରିତ ଥାଏ। ପୂର୍ବରୁ ନିର୍ମିତ 'ଶଳାବୁଢା' ମଧ ଜାତୀୟ ପୁରସ୍କାର ଲାଭ କରିଛି। ଆଗକୁ ବାପାଙ୍କ କାହାଣୀକୁ ନେଇ ଆହୁରି ବହୁତ କିଛି କରିବାକୁ ଯୋଜନା ରହିଛି। ଏହି ଚଳଚ୍ଚିତ୍ରର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏଥିରେ ମୋ ପୁଅ କ୍ୟାମେରାମ୍ୟାନ୍, ପ୍ରଯୋଜକ ଓ ଏଡିଟର। ସେହିଭଳି ମୋ ଦୁଇ ଝିଅ ଏହାର ସହପ୍ରଯୋଜକ ଅଛନ୍ତି। ତେବେ ନିର୍ଦ୍ଦେଶକମାନେ ଚଳଚ୍ଚିତ୍ର ନିର୍ମାଣ କଲାବେଳେ ସେଥିରେ ଓଡ଼ିଆତ୍ୱ ରଖିବାକୁ ଚେଷ୍ଟା କରନ୍ତୁ। ସେଥିରେ ଓଡ଼ିଆ ସଂସ୍କୃତି, ପରମ୍ପରା ସହ ଓଡ଼ିଆ ଗନ୍ଧ ରହିବା ଆବଶ୍ୟକ।

-ସବ୍ୟସାଚୀ ମହାପାତ୍ର, ନିର୍ଦ୍ଦେଶକ, 'ଶଳା ବୁଢ଼ାର ବଦ୍‌ଲା'

### ଏହା ଓଡ଼ିଶାବାସୀଙ୍କ ଭଲପାଇବା ଓ ଶ୍ରୀଜଗନ୍ନାଥଙ୍କ କୃପା



ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବି। ଏହା ଓଡ଼ିଶାବାସୀଙ୍କ ଭଲପାଇବା ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମ୍ଭବ ହୋଇପାରିଛି। ପୁରୀର ପୁରୁଣା ସଂସ୍କୃତି ହେଉଛି ଏହି ସାହିଯାତ। ଏହି ପରମ୍ପରାକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରକୁ ଏତେ ଆଦୃତି ମିଳିଛି ଜାଣିବା ପରେ ବହୁତ ଖୁସି ଲାଗୁଛି। ଚଳଚ୍ଚିତ୍ରରେ ରାମାୟଣର ବିଷୟବସ୍ତୁକୁ ଦର୍ଶାଯାଇଛି। ରାମଙ୍କ ଜନ୍ମଠାରୁ ରାବଣବଧ ଏବଂ ରାମଙ୍କ ରାଜ୍ୟାଭିଷେକ ରହିଛି। ବିଶ୍ୱପ୍ରସିଦ୍ଧ ପୁରୀର ଶ୍ରୀମନ୍ଦିର, ସ୍ୱର୍ଗଦ୍ୱାର ଏବଂ ସମୁଦ୍ର ସମ୍ପର୍କରେ ସୂଚନା ରହିଛି। ଆଗକୁ ଓଡ଼ିଶାର ଲୋକସଂସ୍କୃତି ଓ ପରମ୍ପରାକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯୋଜନା ରହିଛି

-ଆଶୁତୋଷ ପଟ୍ଟନାୟକ, ନିର୍ଦ୍ଦେଶକ, ପ୍ରଯୋଜକ ଓ ଲେଖକ, 'ଶ୍ରୀକ୍ଷେତ୍ରରୁ ସାହିଯାତ'

### ଏହା ଓଡ଼ିଆ ନିର୍ଦ୍ଦେଶକ, ପ୍ରଯୋଜକଙ୍କୁ ଉତ୍ସାହିତ କରିବ

ସବ୍ୟସାଚୀ ମହାପାତ୍ର ଓ ନୀଳମାଧବ ପଣ୍ଡା ଆମ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଏକ ସୁନ୍ଦର ଭେଟି ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। 'ଶଳାବୁଢାର ବଦ୍‌ଲା' ଏକ ଆଞ୍ଚଳିକ ଚଳଚ୍ଚିତ୍ର ଭାବେ ପୁରସ୍କାର ଲାଭ କରିବା ନିଶ୍ଚିତପକ୍ଷେ ପ୍ରଶଂସନୀୟ। ବାସ୍ତବଧର୍ମୀ ମୌଳିକ କଥାକୁ ନେଇ ନିର୍ଦ୍ଦେଶକମାନେ ଭଲ ଚଳଚ୍ଚିତ୍ର ନିର୍ମାଣ କଲେ ତାହା ନିଶ୍ଚିତ ସାମଗ୍ରିକ ଭାବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବଶାଳୀ ଭୂମିକା ନିର୍ବାହ କରିବ। ୮୩ ବର୍ଷର ଓଡ଼ିଆ ସିନେମା ଜଗତରେ ଏହି ଦୁଇଟି ଚଳଚ୍ଚିତ୍ର ଆଗାମୀ ଦିନରେ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଭିନ୍ନ ସିନେମା କରିବାରେ ଉତ୍ସାହିତ କରିବା ସହ ଦିଗ୍‌ଦର୍ଶନ ଦେବ।

-ଦିଲୀପ ହାଲି, ସିନେ ସମୀକ୍ଷକ

### ପୁରସ୍କାର ପାଇବା ମୋ ପାଇଁ ଗୌରବର ବିଷୟ



ଓଡ଼ିଆ ସିନେମା ଜାତୀୟ ସ୍ତରରେ ପୁରସ୍କାର ଲାଭ କରିବା ଆମ ସିନେମା ଜଗତ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ। ବିଶେଷକରି ମୋର ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ପୁରସ୍କାର ପାଇବା ପାଇଁ ମନୋନୀତ ହେବା ମୋ ପାଇଁ ଗୌରବର କଥା। ଏହା ମୋତେ ଆଗକୁ ଯିବା ପାଇଁ ପ୍ରେରଣା ଦେବ। ଚଳଚ୍ଚିତ୍ର ନିର୍ମାଣ ସମୟରେ ପୁରସ୍କାର ପାଇବି ବୋଲି ସେମିତି କିଛି ଚିନ୍ତା କରି ନ ଥିଲି। ତେବେ ଏହାର ବିଷୟବସ୍ତୁ ବିଚାରକମାନଙ୍କୁ ଭଲ ଲାଗିଥିବ, ଯେଉଁଥିପାଇଁ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ବିନା ସ୍କ୍ରିପ୍ଟରେ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ପ୍ରାୟ ଦେଢବର୍ଷ ସମୟ ଲାଗିଥିଲା ଏଥିପାଇଁ। ଆଗକୁ ଆଉ ଓଡ଼ିଆ ଚଳଚ୍ଚିତ୍ର କରିବାକୁ ଯୋଜନା ରହିଛି।

-ନୀଳମାଧବ ପଣ୍ଡା, ପ୍ରଯୋଜକ, 'ଶଳା ବୁଢ଼ାର ବଦ୍‌ଲା'

# ପଛୁଆବର୍ଗଙ୍କ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଚିଠି

ଭୁବନେଶ୍ୱର,୨୨ା୩(ବ୍ୟୁରୋ)

ସୁପ୍ରିମକୋର୍ଟ ଗତ ୧୮ ତାରିଖରୁ ଦେଶରେ ସରକାରୀ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାର ସୀମା ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ହେବା ସମ୍ପର୍କରେ ରାଜ୍ୟ ସରକାରଙ୍କ ମତାମତ ଲୋଡ଼ି ବିଚାର କରିବା ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଓଡ଼ିଶା ଦୃଷ୍ଟିଭଙ୍ଗୀ କ'ଣ ତାହା ସ୍ପଷ୍ଟ ହେବା ଉଚିତ ବୋଲି ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପଛୁଆବର୍ଗଙ୍କ ସଂରକ୍ଷଣ ଚିନ୍ତା ପାଇଁ ଅନୁରୋଧ କରି ଚିଠି ଲେଖିଛନ୍ତି।

ଶ୍ରୀକାନ୍ତ ଚିଠିରେ ଦର୍ଶାଇଛନ୍ତି, ରାଜ୍ୟ ସରକାର କାହିଁକି ସୁପ୍ରିମକୋର୍ଟଙ୍କ ନିକଟରେ ନିଜର ପକ୍ଷ ରଖିନାହାନ୍ତି। ରାଜ୍ୟରେ ପଛୁଆବର୍ଗର ପିଲାମାନେ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ପାଇବାରୁ ବଞ୍ଚିତ। ଓଡ଼ିଶା ହାଇକୋର୍ଟଙ୍କ ନିଷ୍ପତ୍ତି ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ହୋଇପାରିବ ନାହିଁ ବୋଲି ସରକାର ସର୍ବଦା ଯୁକ୍ତି ବାଢୁଛନ୍ତି। ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ କାହିଁକି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇନାହାନ୍ତି ବୋଲି ଜେନା ପ୍ରଶ୍ନ କରିଛନ୍ତି। ନିକଟରେ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବିଶେଷ ପରିସ୍ଥିତିରେ ୫୦ ପ୍ରତିଶତର ସଂରକ୍ଷଣ ସୀମା ବଢ଼ାଯାଇପାରିବ ବୋଲି କହିଥିଲେ। ରାଜ୍ୟର ଲୋକ ସଂଖ୍ୟାରେ ଆଦିବାସୀ ଓ ଦଳିତ ବର୍ଗଙ୍କ ସଂଖ୍ୟା ୩୮.୫ ପ୍ରତିଶତ ଯାହା ସର୍ବଭାରତୀୟ ସ୍ତରଠାରୁ ୧୬ ପ୍ରତିଶତ ଅଧିକ। ଏହା ହିଁ ବିଶେଷ ପରିସ୍ଥିତିର ମୂଳ ବିଷୟ। ରାଜ୍ୟ ସରକାର କେବଳ ଏହି ବିଷୟକୁ ଯଦି ସୁପ୍ରିମକୋର୍ଟଙ୍କ ଦୃଷ୍ଟିକୁ ଅତୀତରେ ଆଣିଥାଆନ୍ତେ ତେବେ ଓଡ଼ିଶାର ପଛୁଆବର୍ଗ ଯାହାଙ୍କ ଲୋକ ସଂଖ୍ୟା ୫୨ ପ୍ରତିଶତ ସେମାନେ ସମ୍ବିଧାନିକ ଅଧିକାରରୁ ଦୀର୍ଘବର୍ଷ ଧରି ବଞ୍ଚିତ ହୋଇ ନ ଥାଆନ୍ତେ। ଗତ ୧୫ ବର୍ଷ ହେଲା ସରକାର ଏହି ବର୍ଗଙ୍କ ପ୍ରତି ଘୋର ଅନ୍ୟାୟ କରିଛନ୍ତି। ଫଳରେ ଏହି ବର୍ଗର ପ୍ରାୟ ୨୦ ହଜାର ପିଲା ଗେଜେଟେଡ ଚାକିରିରୁ ବଞ୍ଚିତ ହୋଇଛନ୍ତି। ସରକାର ସୁପ୍ରିମକୋର୍ଟଙ୍କ ନିକଟରେ ନିଜ ପକ୍ଷ ରଖନ୍ତୁ ଓ ପଛୁଆବର୍ଗଙ୍କୁ ନ୍ୟାୟ ଦେବାରେ ସହାୟକ ହୁଅନ୍ତୁ ବୋଲି ଶ୍ରୀକାନ୍ତ ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ତେଲ ଟିକସ ଆଦାୟ ୬ ବର୍ଷରେ ୩୦୦% ବୃଦ୍ଧି

ନୂଆଦିଲ୍ଲୀ,୨୨ା୩

ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ଦର ସର୍ବାଧିକ ସ୍ତରରେ ରହିବା ଯୋଗୁ ଏହାକୁ ନେଇ ଖାଉଟି ଚିନ୍ତାରେ ଅଛନ୍ତି। ତେଲ ଉପରେ ଟିକସ ବଢ଼ିବା ଯୋଗୁ ଏହାର ଦରରେ ହ୍ରାସ ହେଉନାହିଁ। ଇନ୍ଧନ ଉପରେ ଲାଗୁ ହେଉଥିବା ଟିକସ ସରକାର ଯଦି କମାନ୍ତେ ତେବେ ଦର କିଛିଟା କମ୍ ହୁଅନ୍ତା ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଏପଟେ ଗତ ୬ ବର୍ଷରେ କେନ୍ଦ୍ର ସରକାରଙ୍କ ତେଲ ଟିକସ ବାବଦ ଆଦାୟ ୩୦୦% ବଢ଼ିଛି। ଉଭୟ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଟିକସ ବୃଦ୍ଧି ହେବା ଯୋଗୁ ଟିକସ ଆଦାୟରେ ଏଭଳି ବୃଦ୍ଧି ହୋଇଥିବା ସରକାର ସୋମବାର ଲୋକ ସଭାକୁ ସ୍ପଷ୍ଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୨୦୧୪-୧୫ରେ ପ୍ରଥମେ ଯେତେବେଳ କ୍ଷମତାକୁ ଆସିଥିଲା ସେତେବେଳେ କେନ୍ଦ୍ର ପେଟ୍ରୋଲ ଉପରେ ୨୯,୨୮୯ କୋଟି ଟଙ୍କା ଏବଂ ଡିଜେଲ ଉପରୁ ୪୨,୮୮୧ କୋଟି ଟଙ୍କା ଟିକସ ସଂଗ୍ରହ ହୋଇଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୦ ମାସରେ ଉଭୟ ଇନ୍ଧନ ଉପରେ ସରକାରଙ୍କ ଟିକସ ଆଦାୟ ୨.୯୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଥିବା କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ୨୦୧୪-୧୫ରେ ପ୍ରାକୃତିକ ବାଷ୍ପ ଉପରୁ ଉତ୍ପାଦ ଟିକସ ବାବଦ ୭୪,୧୫୮ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ଏହା ୨୦୨୦ ଏପ୍ରିଲ ଠାରୁ ୨୦୨୧ ଜାନୁୟାରୀ ମଧ୍ୟରେ ୨.୯୫ ଲକ୍ଷ କୋଟି ଟଙ୍କା ଛୁଇଁଛି। ୨୦୧୪-୧୫ରେ ସରକାରଙ୍କ ମୋଟ ଟିକସ ସଂଗ୍ରହରେ ଇନ୍ଧନ ଟିକସର ଅଂଶ ୪.୫% ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୧୨.୨%କୁ ବୃଦ୍ଧି ପାଇଛି। ୨୦୧୪ରେ ପେଟ୍ରୋଲ ଲିଟର ପିଛା ୯.୪୮ ଟଙ୍କାର ଉତ୍ପାଦ ଟିକସ ଲୋକମାନେ ଦେଉଥିଲେ, ଯାହା ବର୍ତ୍ତମାନ ୩୨.୨୦ ଟଙ୍କାକୁ ବଢ଼ିଛି। ସେହିଭଳି ଏହି ଅବଧିରେ ଡିଜେଲ ଉପରେ ଉତ୍ପାଦ ଟିକସ ୩.୫୬ ଟଙ୍କାରୁ ୩୧.୮୦ ଟଙ୍କାକୁ ବୃଦ୍ଧି ପାଇଛି। ନୂଆଦିଲ୍ଲୀରେ ଲିଟର ପିଛା ପେଟ୍ରୋଲର ରିଟେଲ ମୂଲ୍ୟରେ ଟିକସର ଅଂଶ ୬୦% ଥିବାବେଳେ ଡିଜେଲ ଉପରେ ଏହା ୫୩%। ୨୦୨୦ ମାର୍ଚ୍ଚ ୧୪ରେ ସରକାର ଉତ୍ପାଦ ଟିକସ ୩ ଟଙ୍କା ବଢ଼ାଇଥିଲେ। ସେହିବର୍ଷ ମେ ୬ରେ ପୁଣି ଥରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୦ ଏବଂ ୧୩ ଟଙ୍କା ଟିକସ ସରକାର ବଢାଇଥିବା ଠାକୁର ସ୍ପଷ୍ଟ କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସର ସୁଯୋଗ ନେଇ ସରକାର ଟିକସରେ ଏଭଳି ବୃଦ୍ଧି କରିଥିଲେ। ଗୋଟିଏ ପଟେ ସରକାରଙ୍କ ଟିକସ ସଂଗ୍ରହ ବଢ଼ିଥିବା ବେଳେ ଯେତେବେଳେ ବଜାର ସ୍ଥିତି ବଦଳିଲା ଖାଉଟିଙ୍କୁ ଦରବୃଦ୍ଧି ସହିବାକୁ ପଡୁଛି। ମୋଟ ୯ରୁ ଊର୍ଦ୍ଧ୍ୱ ଥରରେ ପେଟ୍ରୋଲ ଉପରେ ଟିକସ ୧୧.୭୭ ଟଙ୍କା ବଢ଼ିଛି। ସେହିଭଳି ୧୫ ମାସରେ ଡିଜେଲ ଉପରେ ଟିକସ ବୃଦ୍ଧି ୧୩.୪୭ ଟଙ୍କା ରହିଛି। ୨୦୧୭ ଅକ୍ଟୋବରରେ ସରକାର ୨ ଟଙ୍କା ଉତ୍ପାଦ ଟିକସ କମାଇଥିଲେ। ପରେ ଏଥିରେ ୧.୫୦ ଟଙ୍କା ହ୍ରାସ ହୋଇଥିଲା। ଜୁଲାଇ ୨୦୧୯ରେ ପୁଣି ଥରେ ଟିକସ ୨ଟଙ୍କା ବଢ଼ାଯାଇଥିଲା। କୌଣସି ସମୟର ଆର୍ଥିକ ସ୍ଥିତିକୁ ଦେଖି ଭିତ୍ତିଭୂମି ଏବଂ ଅନ୍ୟ ଉନ୍ନତୀକରଣ କାର୍ଯ୍ୟକ୍ରମ ଆଧାରରେ ସରକାର ଟିକସ ହ୍ରାସ ଏବଂ ବୃଦ୍ଧି ନିଷ୍ପତ୍ତି ନେଇଥାନ୍ତି ବୋଲି ମନ୍ତ୍ରୀ ଠାକୁର ମତ ପ୍ରକାଶ କରିଛନ୍ତି।



ସ୍ଥାୟୀ ନିଯୁକ୍ତି ଦାବିରେ ପାୱାର ଡିଷ୍ଟ୍ରିବ୍ୟୁଶନ ଫ୍ରାଞ୍ଚାଇଜ୍ କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇଡ୍‌କୋ ଟାୱାରସ୍ଥିତ ଟାଟା ଫ୍ରାଞ୍ଚାଇଜ୍‌ର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣା।

### ଲିବ୍ରାକାର୍ପେଟ ପରିସରରେ ଅଗ୍ନିକାଣ୍ଡ

ଚୌଦ୍ୱାର,୨୨ା୩(ଡି.ଏନ.ଏ.)

ଚୌଦ୍ୱାରଠାରେ ବନ୍ଦଥିବା ଲିର୍ବାକାର୍ପେଟ କମ୍ପାନୀ ପରିସରରେ ସୋମବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୁଇଟି ଦମକଳ ସହାୟତାରେ ଅପରାହ୍ନ ୪ଟା ସୁଦ୍ଧା ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କମ୍ପାନୀର କ୍ଷୟକ୍ଷତି ହୋଇ ନ ଥିବାବେଳେ କିଛି ଗଛ ପୋଡ଼ିଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କମ୍ପାନୀ ବନ୍ଦ ରହିଥିବାରୁ ଏହା ପରିସରରେ ଅନାବନା ଗଛ ଉଠି ଜଙ୍ଗଲରେ ପରିଣତ ହୋଇଗଲାଣି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ ଏ ନେଇ କମ୍ପାନୀ ପକ୍ଷରୁ ପ୍ରତିକ୍ରୀୟା ମିଳିପାରିନାହିଁ।

# ସିବିଓଏର ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର,୨୨ା୩

ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ସିବିଓଏ)ର ୩ୟ ବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ସ୍ଥାନୀୟ ସତ୍ୟନଗରର ଏକ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଅଶୋକ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ୟାଙ୍କର ବରିଷ୍ଠ କ୍ଷେତ୍ରୀୟ ପରିଚାଳକ ପ୍ରଦୀପ କୁମାର ସାମନ୍ତରାୟ, ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ପରିଚାଳକ ସୁକେଶ କୁମାର ଝା, ସର୍ବଭାରତୀୟ ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର ଫେଡେରେଶନର ସାଧାରଣ ସମ୍ପାଦକ ମନୋଜ ୱାଡନେକର, ରାଜ୍ୟ ଏଆଇବିଓସି ସମ୍ପାଦକ ସବ୍ୟସାଚୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କ ତଥା ରାଜ୍ୟର ଉନ୍ନତିରେ ଅଫିସର୍ସ ଆସୋସିଏଶନର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ବିପିନ ଚନ୍ଦ୍ର ଗନ୍ତାୟତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଂଘର ସାଧାରଣ ସମ୍ପାଦକ ଦାମୋଦର ନନ୍ଦ ଅତିଥି ପରିଚୟ ସହ କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ପ୍ରସ୍ତାବକୁ ଘୋର ବିରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟର ୪ଜଣ ବରିଷ୍ଠ ପ୍ରତିଭା ସମାଜସେବା ପାଇଁ ଲକ୍ଷ୍ମଣ ମହିପାଲ, ସାମ୍ବାଦିକତାରେ ପ୍ରଦୋଷ ପଟ୍ଟନାୟକ, ଭାଷାବିତ ପର୍ଶୁରାମ ଦ୍ୱିବେଦୀ ଏବଂ କ୍ରୀଡ଼ା ପାଇଁ କିଶୋର ମାଣିଆଙ୍କୁ ଏମିନେଣ୍ଟ ସିଟିଜେନ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ସେହିଭଳି ଡି.ଏସ୍.ପି. ମିଶ୍ର, ପ୍ରମୋଦ ମେକାପ, କମଳଜିତ ମହାପାତ୍ର, ଭବାନୀ ମିଶ୍ର ଓ ଅବସରପ୍ରାପ୍ତ ପଦାଧିକାରୀ ଗଣେଶ ମିଶ୍ର, ଏ.କେ. ମୋଟାୟତ, ବିଷ୍ଣୁ ମିଶ୍ର, ମନୋରଞ୍ଜନ ଦାସ, ସମ୍ବିତ ମିଶ୍ର ଏବଂ କ୍ଷମାନିଧି ମିଶ୍ର ପ୍ରମୁଖଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସୌମେନ୍ଦ୍ର କୁମାର ସାହୁ ଉପସ୍ଥିତ ସମସ୍ତ ବ୍ୟାଙ୍କର୍ସଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିରେ ବ୍ୟାଙ୍କର ବିଭିନ୍ନ ପ୍ରାନ୍ତରୁ ଅଧିକାରୀମାନେ ଯୋଗଦେଇଥିଲେ।

# ଗାନ୍ଧୀ ସ୍ମାରକୀ ରଥ ଶୁଭାରମ୍ଭ, ଲୋଗୋ ଉନ୍ମୋଚନ

ଭୁବନେଶ୍ୱର, ୨୨ା୩ (ବ୍ୟୁରୋ)

**ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ପାଳନ**



ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଓ ଅନ୍ୟମାନେ ଗାନ୍ଧୀ ସ୍ମାରକୀ ରଥର ଶୁଭାରମ୍ଭ କରୁଛନ୍ତି।

ମାର୍ଚ୍ଚ ୨୩ ଓଡ଼ିଶା ପାଇଁ ଏକ ଅବିସ୍ମରଣୀୟ ଦିବସ। ଏହିଦିନ ଗୋପବନ୍ଧୁ ଦାସଙ୍କ ଆମନ୍ତ୍ରଣ ରକ୍ଷା କରି ଜାତିର ଜନକ ମହାତ୍ମାଗାନ୍ଧୀ ପ୍ରଥମ କରି ଓଡ଼ିଶା ଆସିଥିଲେ। ସେହି ଐତିହାସିକ ଦିନକୁ ସ୍ମରଣୀୟ କରିବା ପାଇଁ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଓଡ଼ିଶା ମାଟିରେ ଗାନ୍ଧିଜୀଙ୍କ ପଦପାଦର ଶହେବର୍ଷ ପୂର୍ତ୍ତି ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏନେଇ ସୋମବାର ବୋର୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ସୂଚନା ଦେଇଛନ୍ତି। ଏହି ଅବସରରେ ଗାନ୍ଧୀ ସ୍ମାରକୀ ଲୋଗୋ ଉନ୍ମୋଚନ କରାଯିବା ସହ ଗାନ୍ଧୀ ସ୍ମାରକୀ ରଥ 'ଖଦୀ ଅନ୍ ହ୍ୱିଲ୍'ର ଶୁଭାରମ୍ଭ କରାଯାଇଛି। ଉକ୍ତ ଲୋଗୋରେ ସବୁଜ କ୍ଷେତ୍ର ପରିବେଶ ଉପଯୋଗୀ ଓ ଖଦିକୁ ସ୍ୱାବଲମ୍ବୀର ପ୍ରତୀକ ଭାବେ ଦର୍ଶାଯାଇଛି। ସେହିଭଳି ଗାନ୍ଧିଜୀଙ୍କ ବାର୍ତ୍ତା ଓ ଆଭିମୁଖ୍ୟ, ଗାନ୍ଧିକଥା ଓ ଗାନ୍ଧୀ ଚିନ୍ତନ ଓଡ଼ିଶାବାସୀଙ୍କ ନିକଟରେ ପହଞ୍ଚାଇବ ଗାନ୍ଧୀ ସ୍ମାରକୀ ରଥ। ବୋର୍ଡ ସଭାପତି ପାଇକରାୟ କହିଛନ୍ତି, ଗାନ୍ଧିଜୀ ୮ଥର ଓଡ଼ିଶା ଆସିବା ସହ ୬୯ ଦିନ ବିଭିନ୍ନ ପୁରପଲ୍ଲୀରେ ସମୟ ଅତିବାହିତ କରିଥିଲେ। ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ, ଖଦି ଉପରେ ତାଙ୍କର ଆଭିମୁଖ୍ୟ, ଖଦି ସପ୍ତାହକୁ ଥରେ (ଖଦି ୱାନ୍ ଇନ୍ ଏ ୱିକ୍) ଓ ରୋଜଗାର ସୃଜନ କାର୍ଯ୍ୟକ୍ରମ ସମ୍ପର୍କିତ ବୃତ୍ତଚିତ୍ର ରଥର ଏଲ୍ଇଡି ପରଦାରେ ପ୍ରଦର୍ଶିତ କରାଯିବ। ବୋର୍ଡ ପରିସରରୁ ଏହି ରଥ ବାହାରି ଗାନ୍ଧୀ ପରିଭ୍ରମଣ କରିଥିବା ଓଡ଼ିଶାର ବିଭିନ୍ନ ସ୍ଥାନରେ ପହଞ୍ଚି ଖଦି ଓ ଗ୍ରାମୋଦ୍ୟୋଗ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ କରିବ। ଏଥିସହ ବୋର୍ଡ ଦ୍ୱାରା କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଗାଁ ଗହଳିର ଗରିବ ବୁଣାକାର ଓ ବେକାର ଯୁବତୀ ଯୁବକଙ୍କୁ ସଚେତନ କରିବ। ସମ୍ମିଳନୀରେ ବୋର୍ଡର ସଦସ୍ୟା ଡ. ଅରୁନ୍ଧତୀ ଦେବୀ, ଦସସ୍ୟ ସଦାଶିବ ଜେନା, ସଚିବ ଅବଦୁଲ ଅଲିମ ଖାନ୍, ଉପସଚିବ ତ୍ରିଯୋଗୀ ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।








ବୋଲିଂ କୋଚ୍ ଭରତ ଅରୁଣଙ୍କ ତତ୍ତ୍ୱାବଧାନରେ କୁଲ୍‌ଦୀପ ଯାଦବ, କ୍ରୁନାଲ ପାଣ୍ଡା, ୱାଶିଂଟନ୍ ସୁନ୍ଦର, ଟି. ନଟରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଅଭ୍ୟାସ। ବ୍ୟାଟିଂ ପ୍ରାକ୍ଟିସ୍ କରୁଛନ୍ତି ଶାର୍ଦ୍ଦୂଳ ଠାକୁର।

# ଧାୱନଙ୍କ ଉପରେ ନଜର ରହିବ

ପୁଣେ, ୨୨।୩(ପି.ଟି.)

ଭାରତ ଓ ବିଶ୍ୱ ଚାମ୍ପିୟନ ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ ସିରିଜ ମଙ୍ଗଳବାର ଏଠାରେ ଆରମ୍ଭ ହେବ। ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚରେ ଭେଟେରାନ ଓପନର ଶିଖର ଧାୱନଙ୍କ ଉପରେ ନଜର ରହିବ। ଟେଷ୍ଟ ଓ ଟି୨୦ ସିରିଜ ହାରି ସାରିଥିବାରୁ ଇଂଲଣ୍ଡ ବିଜୟ ସହ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିବ। ଅନ୍ୟପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିବାକୁ ଭାରତ ଚେଷ୍ଟା କରିବ। ଏହି ସିରିଜ ୩୫ ବର୍ଷୀୟ ଧାୱନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଟି୨୦ ସିରିଜର ପ୍ରଥମ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରି ନ ପାରିବାରୁ ତାଙ୍କୁ ବାହାରେ ବସିବାକୁ ପଡ଼ିଲା। ଏହି ସିରିଜକୁ ଭାରତ ୩-୨ରେ ଜିତିଥିଲା। ଓପନିଂ ସ୍ଥାନ ପାଇଁ ଏବେ ଭାରତ ନିକଟରେ ପର୍ଯ୍ୟାପ୍ତ ବିକଳ୍ପ ରହିଛି। ଶୁବମନ ଗିଲ୍ ଦଳସହ ମହଜୁଦ ଥିବାବେଳେ ପୃଥ୍ୱୀ ଶ’ ଏବଂ ଦେବଦତ୍ତ ପଡିକାଲ ବାହାରେ ରହିଛନ୍ତି। ତେଣୁ ଗବ୍ବର (ଧାୱନ)ଙ୍କ ପାଇଁ ଏହା କଡ଼ା ପରୀକ୍ଷା ସଦୃଶ ହେବ।

ଫର୍ମରେ ଥିବା ରୋହିତ ଶର୍ମାଙ୍କ ସହ ଧାୱନ ଇନିଂସ ଓପନ କରିବା ସମ୍ଭାବନା ରହିଛି। ରୋହିତ ନିଜ ଟି୨୦ ଫର୍ମକୁ ଦିନିକିଆରେ ମଧ୍ୟ ଜାରି ରଖିବା ଆଶା କରାଯାଉଛି। ଦିନିକିଆ ଫର୍ମାଟରେ ଧାୱନ ନିଜ ଇନିଂସ ଗଢ଼ିବାକୁ ସମୟ ପାଇବେ। ଅଭିଜ୍ଞତା ଭରପୂର ଥିବାରୁ ଏହି ଦିଲ୍ଲୀ ବ୍ୟାଟ୍ସମ୍ୟାନ ଆଗାମୀ ମ୍ୟାଚରେ ଫର୍ମକୁ ଫେରିବା ଆଶା। ଚଳିତ ବର୍ଷ ଶେଷ ଭାଗରେ ଟି୨୦ ବିଶ୍ୱକପ ହେବ। ତେଣୁ ଏହି ସିରିଜ ବିଶ୍ୱକପ ପାଇଁ ପ୍ରସ୍ତୁତିର ଏକ ଅଂଶବିଶେଷ ହେବ। ୨୦୨୧ରେ ୫୦ ଓଭର ଫର୍ମାଟରେ ସେପରି କିଛି ବଡ଼ ଟୁର୍ନାମେଣ୍ଟ ନାହିଁ। ତେଣୁ ତେଣୁ ଚଳିତ ବର୍ଷ ପାଇଁ ଏହି ଫର୍ମାଟର ବିଶେଷ ଗୁରୁତ୍ୱ ନାହିଁ। ଅଧିନାୟକ ବିରାଟ କୋହଲି ଟି୨୦ ସିରିଜରେ ସର୍ବାଧିକ ସ୍କୋରର ରହିଥିଲେ। ଏହି ମୋମେଣ୍ଟମକୁ ସେ ଦିନିକିଆରେ ମଧ୍ୟ ଧରିରଖିବେ ବୋଲି ଆଶା ରହିଛି। ଦୀର୍ଘଦିନଧରି କୋହଲି ଏହି ଫର୍ମାଟରେ ଶତକ ହାସଲ କରି ନାହାନ୍ତି। ଶେଷଥରପାଇଁ ସେ ୨୦୧୯ ଅଗଷ୍ଟରେ ପୋର୍ଟ ଅଫ୍ ସ୍ପେନରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୧୪* ରନର ଇନିଂସ ଖେଳିଥିଲେ। ଏହା ତାଙ୍କ କ୍ୟାରିୟରର ୪୩ତମ ଶତକ ଥିଲା। ତେଣୁ ତାଙ୍କ ବ୍ୟାଟ୍‌ରୁ ଏକ ଶତକ ଆଶା କରାଯାଉଛି। ଟପ୍ ଅର୍ଡରରେ ଖେଳିବା ଯୋଜନାରେ ନ ଥିଲେ ହେଁ ଲୋକେଶ ରାହୁଲ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇପାରନ୍ତି। ନିକଟ ଅତୀତରେ ଭଲ ପ୍ରଦର୍ଶନ ଜାରି ରଖିଥିବାରୁ ରିଷଭ ପନ୍ତ ଖେଳିବା ନିଶ୍ଚିତ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ମିଡିଲ ଅର୍ଡରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ପାଇଁ ଶ୍ରେୟାସ ଆୟାର ଓ ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରେ ଟସ୍-ଅପ୍ ହୋଇପାରେ। ଟି୨୦ ସିରିଜରେ ଅନ୍ତର୍ଜାତୀୟ ପଦାର୍ପଣରେ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରି ସୂର୍ଯ୍ୟକୁମାର ନିଜକୁ ପ୍ରମାଣିତ କରି ସାରିଛନ୍ତି।

ଭୁବନେଶ୍ୱର କୁମାର ଭାରତୀୟ ବୋଲିଂ ବିଭାଗର ନେତୃତ୍ୱ ନେବେ। ତାଙ୍କ ସହ ଶାର୍ଦ୍ଦୁଳ ଠାକୁର ନୂଆ ବଲ୍ ଶେୟାର କରିପାରନ୍ତି। କୋହଲିଙ୍କ ନଜରରେ ରହିଥିବା ରକି ପେସର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସୁଯୋଗ ମିଳିପାରେ। ସେ ବିଜୟ ହଜାରେ ଟ୍ରଫିରେ କର୍ଣ୍ଣାଟକ ପକ୍ଷରୁ ଖେଳି ୭ ମ୍ୟାଚରୁ ୨୪.୪ ଆଭରେଜରେ ୧୪ଟି ଉଇକେଟ ହାସଲ କରିଛନ୍ତି। କ୍ରୁନାଲ ପାଣ୍ଡ୍ୟା ଓ କୁଲଦୀପ ଯାଦବଙ୍କୁ ପଛରେ ପକାଇ ୟୁଜବେନ୍ଦ୍ର ଚହଲ ଏବଂ ୱାଶିଂଟନ ସୁନ୍ଦର ଚୂଡ଼ାନ୍ତ ଦଳରେ ରହିପାରନ୍ତି। ତେବେ ହାର୍ଦ୍ଦିକ ପାଣ୍ଡ୍ୟା କେତେ ଓଭର ପକାଇ ପାରୁଛନ୍ତି ତା’ ଉପରେ ଟିମ୍ କମ୍ବିନେଶନ ନିର୍ଭର କରିବ।

ଅନ୍ୟପକ୍ଷରେ ଟେଷ୍ଟ ସିରିଜକୁ ୧-୩ ଓ ଟି୨୦କୁ ୨-୩ରେ ହାରି ସାରିଥିବା ଇଂଲଣ୍ଡ ଦିନିକିଆ ସିରିଜ ଜିତି ସମ୍ମାନର ସହ ସ୍ୱଦେଶ ଫେରିବାକୁ ଚାହିଁବ। ଏଥିପାଇଁ ଅଧିନାୟକ ଇଅନ ମୋର୍ଗାନଙ୍କୁ ଦକ୍ଷତା ଅନୁସାରେ ଖେଳିବାକୁ ହେବ। ଟପ୍ ଅର୍ଡରରେ ଜୋସ ବଟଲର ଏବଂ ମଧ୍ୟଭାଗରେ ବେନ୍ ଷ୍ଟୋକ୍ସଙ୍କୁ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ମାର୍କ ଉଡ୍ ନିଜ ପେସ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଟି୨୦ ସିରିଜରେ ଅସୁବିଧାରେ ପକାଇଥିଲେ। ତେଣୁ ଆହତ ଜୋଫ୍ରା ଆର୍ଚରଙ୍କ ଅନୁପସ୍ଥିତିରେ କ୍ରିସ୍ ଜୋର୍ଡାନ ଓ ଯୁବ ବୋଲର ସାମ୍ କୁରାନଙ୍କ ସହ ତାଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ଆଦିଲ ରଶିଦଙ୍କୁ ପଛରେ ପକାଇ ମୋଇନ ଅଲୀ ସ୍ପିନ୍-ହିଟରଭାବେ ଅଗ୍ରାଧିକାର ପାଇପାରନ୍ତି। ଭାରତରେ ପୁଣି କରୋନା ସଂକ୍ରମଣ ସଂଖ୍ୟା ବଢୁଥିବାରୁ ସମସ୍ତ ମ୍ୟାଚ ଏମ୍‌ସିଏ ଷ୍ଟାଡିୟମରେ ବିନା ଦର୍ଶକରେ ଅନୁଷ୍ଠିତ ହେବ।




ଅଭ୍ୟାସ ଅବସରରେ ଶିଖର ଧାୱନ।

### ପ୍ରଥମ ଦିନିକିଆ ଆଜି

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଶୁବମନ ଗିଲ୍, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ, ଲୋକେଶ ରାହୁଲ, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, କୃନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଟି. ନଟରାଜନ, ଭୁବନେଶ୍ୱର କୁମାର, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଶାର୍ଦ୍ଦୂଳ ଠାକୁର।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲୀ, ଜନି ବେୟାରଷ୍ଟୋ, ସାମ୍ ବିଲିଙ୍ଗ୍ସ, ଜେସ୍ ବଟଲର, ସାମ୍ କୁରାନ, ଟମ୍ କୁରାନ, ଲିଆମ ଲିଭିଂଷ୍ଟୋନ, ମ୍ୟାଟ୍ ପାର୍କିନସନ, ଆଡିଲ ରଶିଦ, ଜାସନ ରୟ, ବେନ୍ ଷ୍ଟୋକ୍ସ, ରିସି ଟୋପ୍‌ଲେ, ମାର୍କ ଉଡ୍। ରିଜର୍ଭ ଖେଳାଳି: ଜ୍ୟାକ୍ ବଲ୍, କ୍ରିସ୍ ଜୋର୍ଡାନ, ଡାୱିନ ମଲନ।

**ମ୍ୟାଚ ଆରମ୍ଭ: ଅପରାହ୍ନ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

# ଆଥଲେଟିକ ଆସୋସିଏଶନ କଟକ ଫାଇନାଲରେ

### ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ଆଳି, ୨୨।୩(ଡି.ଏନ.ଏ)

ଶରତ କୁମାର ଦେବ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆଳି ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଥଲେଟିକ ଆସୋସିଏଶନ କଟକ ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ମ୍ୟାଚ ହୋଇଥିଲା। ଖେଳର ପ୍ରଥମ ରାଉଣ୍ଡରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଖେଳର ଦ୍ୱିତୀୟ ରାଉଣ୍ଡରେ ଜିଲା ଆଥଲେଟିକ ଆସୋସିଏଶନ କଟକ ମଙ୍ଗଳା କ୍ଲବ କଟକକୁ ୨ ଗୋଲ ଦେଇଥିଲା। ମଙ୍ଗଳା କ୍ଲବ କୌଣସି ଗୋଲ ଦେଇ ପାରି ନ ଥିଲା। ମ୍ୟାଚକୁ ରେଫରୀ ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ, ସୁଦୀପ ଦାସ, ପ୍ରଦୀପ୍ତ ମହାନ୍ତି, ଦୈତାରୀ କାରୁଅ ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ଜିଲା ପରିଷଦ ସଭ୍ୟା ସତ୍ୟଭାମା ମଲିକ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ଜିଲା ଆଥଲେଟିକ ଆସୋସିଏଶନ କଟକର ମହମ୍ମଦ ଆକ୍ରମଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ଟ୍ରଷ୍ଟର ସମ୍ପାଦକ ଭୀଷ୍ମ ମହାନ୍ତି ଓ ସଭାପତି ମନୋରଞ୍ଜନ ସାମଲ, ନିର୍ମଳ ବେହେରା, ସୁବ୍ରତ ଦାଶ, ମନୋଜ ମହାନ୍ତି ଓ କୃଷ୍ଣଚନ୍ଦ୍ର ପରିଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ମହମ୍ମଦ ଆକ୍ରମ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସ ପାଇଁ ଭାରତରୁ ୫ ରେସ୍‌ଲର

ଲକ୍ଷ୍ନୌ, ୨୨।୩ (ପି.ଟି.)

କାଜାଖସ୍ତାନରେ ଏପ୍ରିଲ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଏସିଆନ ଅଲିମ୍ପିକ କ୍ୱାଲିଫାଇଙ୍ଗ ଇଭେଣ୍ଟ ଏବଂ ୨୦୨୧ ଏସିଆନ ସିନିୟର ରେସ୍‌ଲିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ହରିୟାଣାର ସୋନମ ମଲିକଙ୍କ ସମେତ ୫ ଭାରତୀୟ ରେସ୍‌ଲର ଭାଗ ନେବେ। ସୋନମଙ୍କ ବ୍ୟତୀତ ଅନ୍ୟ ୪ ରେସଲର ହେଲେ ସୀମା (୫୦କେଜି), ଅଂଶୁ ମଲିକ (୫୭କେଜି), ନିଶା (୬୮କେଜି) ଓ ପୂଜା (୭୬କେଜି)। ସୋମବାର ସ୍ଥାନୀୟ ଏସଟିସିଠାରେ ଏକ ସିଲେକ୍ସନ ଟ୍ରାଏଲ୍‌ରେ ୫ଟି ଅଲିମ୍ପିକ କାଟେଗୋରିରେ ଏମାନେ ମନୋନୀତ ହୋଇଛନ୍ତି। ରିଓ ଅଲିମ୍ପିକ ବ୍ରୋଞ୍ଜ ବିଜୟିନୀ ସାକ୍ଷୀ ମଲିକଙ୍କ ବିପକ୍ଷରେ ୧୮ ବର୍ଷୀୟା ସୋନମଙ୍କର ଏହା ହେଉଛି କ୍ରମାଗତ ୪ର୍ଥ ବିଜୟ। ଏସିଆନ ଚାମ୍ପିୟନଶିପ୍ ପାଇଁ ଅବଶିଷ୍ଟ ୪ ଓଜନ କାଟେଗୋରି ପାଇଁ ସିଲେକ୍ସନ ଟ୍ରାଏଲ ଚଳିତ ମାସ ୨୭ ତାରିଖରେ ହେବ ବୋଲି ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଆସିଷ୍ଟାଣ୍ଟ ସେକ୍ରେଟାରୀ ବିନୋଦ ତୋମାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଜାତୀୟ ଚାମ୍ପିୟନ ସନ୍ଦୀପ ସିଂ ମାନ୍ (୭୪କେଜି), ସତ୍ୟୱ୍ରତ କାଡିୟାନ (୯୭କେଜି) ଓ ସୁମିତ ମଲିକ (୧୨୫କେଜି) ମାର୍ଚ୍ଚ ୧୬ରେ ଆଇଜି ଷ୍ଟାଡିୟମରେ ଅନୁଷ୍ଠିତ ସିଲେଖ୍‌ଓଡ଼ ଟ୍ରାଏଲରେ ବିଜୟ ଲାଭ କରିସାରିଛନ୍ତି।

# ଓଡ଼ିଶା ପ୍ରତିଯୋଗୀଙ୍କୁ ୩୨ ପଦକ

ଭୁବନେଶ୍ୱର, ୨୨।୩(କ୍ରୀଡ଼ା ପ୍ରତିନିଧି)

ଜାମସେଦପୁରରେ ଶେଷ ହୋଇଥିବା ୩୮ତମ ମହିଳା ଓ ୪୬ତମ ପୁରୁଷ ଜାତୀୟ ସିନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୩୨ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୧୩ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୦ ବ୍ରୋଞ୍ଜ ପଦକ ସାମିଲ। ଓଡ଼ିଶାରୁ ମୋଟ ୫୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫୨ କେଜି ମହିଳ କାଟେଗୋରିରେ ପ୍ରିୟମ୍ବଦା ପରିଡ଼ା ସ୍କ୍ୱାଟ୍‌ରେ ୮୫, ବେଞ୍ଚ୍ ପ୍ରେସ୍‌ରେ ୪୭.୫ ଓ ଡେଡ୍‌ଲିଫ୍ଟରେ ୧୧୫ ଏହିପରି ମୋଟ ୨୪୭.୫ କେଜି ଶକ୍ତିଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହ ସେ ଷ୍ଟ୍ରଙ୍ଗ ଓମ୍ୟାନ ରନର୍ସଅପ୍ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ଉଭୟ ମହିଳା ଓ ପୁରୁଷ କାଟେଗୋରିରେ ଓଡ଼ିଶା ଦଳ ଓଭରଅଲ୍ ପ୍ରଥମ ରନର୍ସଅପ୍ ଟାଇଟଲ ପାଇଛି।




ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ ପୁରସ୍କାର ସହ।

### ଖେଲୋ ଇଣ୍ଡିଆ ସ୍କିମ୍ କାର୍ଯ୍ୟକାଳ ୨୦୨୫-୨୬କୁ ବୃଦ୍ଧି

ନୂଆଦିଲ୍ଲୀ, ୨୨।୩ (ପି.ଟି.): ଖେଲୋ ଇଣ୍ଡିଆ ସ୍କିମ୍ କାର୍ଯ୍ୟକାଳ ୨୦୨୫-୨୬କୁ ବୃଦ୍ଧି କରାଯାଇଥିବା କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ସୋମବାର ରାଜ୍ୟ ସଭାରେ ଘୋଷଣା କରିଛନ୍ତି। ନୂଆ ଖେଲୋ ଇଣ୍ଡିଆ ସ୍କିମ୍ (୨୦୨୧-୨୨ ରୁ ୨୦୨୫-୨୬)ରେ ୮,୭୫୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି। ଏହାର ଏକ ରିଠା ଅର୍ଥ ମନ୍ତ୍ରଣାଳୟର ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି (ଇଏଫ୍‌ସି) ନିକଟରେ ଉପସ୍ଥାପନ କରାଯାଇଛି। ଖେଲୋ ଇଣ୍ଡିଆ ସ୍କିମ୍ ଅଧୀନରେ ୨୦୨୧-୨୨ ବର୍ଷ ପାଇଁ ୬୫୭.୭୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ରାଜ୍ୟ ସଭାରେ କ୍ରୀଡ଼ାମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

# ଜିଲା ସିନିୟର ଆନ୍ତଃ କ୍ଲବ କ୍ରିକେଟ ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୨୨।୩

ବାଲେଶ୍ୱର ଜିଲା କ୍ରୀଡାସଂଘ ଓ ଓଡିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ପରମିଟ ପଡିଆ ଏବଂ ରେମୁଣା କଲେଜ ପଡିଆରେ ସୋମବାର ଜିଲା ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପରମିଟ ପଡିଆରେ ବାଲେଶ୍ୱର ଜିଲା କ୍ରୀଡାସଂଘର କାର୍ଯ୍ୟକାରୀ ସଭାପତି ଅଧିପ ଦାସ, ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଏବଂ ରେମୁଣା କଲେଜ ପଡିଆଠାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡା ଓ ରେମୁଣା କଲେଜ ଅଧକ୍ଷା ଜୟନ୍ତୀ ନାୟକ ଉଦ୍‌ଘାଟନ କରିଥିଲେ।

ଜିଲା ସିନିୟର ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତାରେ ମୋଟ ୧୮ଟି ଦଳକୁ ୩ ଭାଗରେ ବିଭକ୍ତ କରାଯାଇଛି। ତିନି ବିଭାଗ ଲିଗ୍‌ଭିତ୍ତିକ ମୋଟ ୪୫ଟି ମ୍ୟାଚ ଖେଳିବେ। ୨୨ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ଏପ୍ରିଲ୍ ୧୪ତାରିଖ ପର୍ଯ୍ୟନ୍ତ ଚାଲିବ । ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡାସଂଘର କ୍ରିକେଟ ଯୁଗ୍ମ ସମ୍ପାଦକ ସୁଜୟ ଆଚାର୍ଯ୍ୟ, ଉପସଭାପତି ବିରେନ୍ଦ୍ର କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ( ଭଲିବଲ) ଜଗଦୀଶ ବେହେରା, ସଞ୍ଜୟ ଲେଙ୍କ, ପ୍ରଦୀପ କୁମାର ଦାସ, କାର୍ତ୍ତିକ ଚନ୍ଦ୍ର ନାୟକ, ଅମର କୁମାର ମହାନ୍ତି, କ୍ରୀଡାବିତ୍ ଦିଲୀପ କୁମାର ଜେନା, ହରିହର ମହାରଣା, ସେକ ସୁଲତାନ ଅଲ୍ଲୀ, ବିପଦ ଭଞ୍ଜନ ରଥ ଏବଂ ବହୁ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ ।



ମ୍ୟାଚ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି।

# ଭାରତୀୟ ମହିଳା ଫୁଟ୍‌ବଲ ଦଳରେ ଜବାମଣୀ, ପ୍ୟାରୀ

ଭୁବନେଶ୍ୱର, ୨୨।୩(କ୍ରୀଡ଼ା ପ୍ରତିନିଧି)

ଆଗାମୀ ଏଏଫସି ମହିଳା ଏସିଆନ କପ୍ ୨୦୨୨ ପାଇଁ ପ୍ରସ୍ତୁତି ସ୍ୱରୂପ ଭାରତୀୟ ମହିଳା ଫୁଟବଲ ଦଳ ଉଜବେକିସ୍ତାନ ବିପକ୍ଷରେ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ଏହା ମାର୍ଚ୍ଚ ୨୬ରୁ ଏପ୍ରିଲ ୮ ମଧ୍ୟରେ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ ୨ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଜବାମଣୀ ଟୁଡୁ ଓ ପ୍ୟାରୀ ଖାଖା। ଏ ଦୁଇ ଖେଳାଳି ପୂର୍ବରୁ ଅନେକଥର ଭାରତୀୟ ଦଳର ସଦସ୍ୟ ରହି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ତେଣୁ ଏଥର ମଧ୍ୟ ସଫଳ ହେବା ଆଶା କରାଯାଉଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଅନ୍ୟ ସଦସ୍ୟମାନେ ଏ ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଜବାମଣୀ ଟୁଡୁ



ପ୍ୟାରୀ ଖାଖା

### ଲାଙ୍କାଶାୟାର ଦଳରୁ ଖେଳିବେ ଶ୍ରେୟାସ ଆୟାର

ମାଞ୍ଚେଷ୍ଟର, ୨୨।୩ (ପି.ଟି.): ରୟାଲ ଲଣ୍ଡନ କପ୍ ୨୦୨୧ ପାଇଁ ଭାରତୀୟ ବ୍ୟାଟ୍ସମ୍ୟାନ ଶେୟାସ ଆୟାର ଲାଙ୍କାଶାୟାର କ୍ରିକେଟ ଦଳରେ ଯୋଗ ଦେଇଛନ୍ତି। କାଉଣ୍ଟି କ୍ଲବ ତରଫରୁ ସୋମବାର ଘୋଷଣା କରାଯାଇଛି। ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଆୟାର ଜୁଲାଇ ୧୫ରେ ଏମିରେଟ୍ସ ଓଲ୍ଡ ଟ୍ରାଫୋର୍ଡରେ ପହଞ୍ଚିବେ। ସେଠାରେ ଏକ ସପ୍ତାହ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଖେଳିବେ। ପୂର୍ବରୁ ଏହି କ୍ଲବ ତରଫରୁ ଭାରତର ଫାରୁକ୍ ଇଞ୍ଜିନିୟର, ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କ ଭଳି ମହାନ୍ ଖେଳାଳି ପ୍ରତିନିଧିତ୍ୱ କରିଛନ୍ତି। ଆୟାରଙ୍କୁ ଭାରତର ଅନ୍ୟତମ ଉଦୀୟମାନ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ବୋଲି କହିଛନ୍ତି ଲାଙ୍କାଶାୟାର କ୍ରିକେଟ ନିର୍ଦ୍ଦେଶକ ପଲ୍ ଆଲଟ।

# କେସିସି କ୍ରିକେଟ: ଟେନିସ ଷ୍ଟାର୍ ଚାମ୍ପିୟନ

ଭୁବନେଶ୍ୱର, ୨୨।୩(କ୍ରୀଡ଼ା ପ୍ରତିନିଧି)

ଝାରପଡା ଗ୍ରାଉଣ୍ଡରେ କେସିସି ନବମ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଆୟୋଜକ କେସିସିକୁ ୮ ଉଇକେଟରେ ହରାଇ ଟେନିସ ଷ୍ଟାର ଏକାଦଶ ଚାମ୍ପିୟନ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କେସିସି ନିର୍ଦ୍ଧାରିତ ୬ ଓଭରରେ ୪୩ ରନ୍ କରିଥିଲା। ଦଳପକ୍ଷରୁ ପଙ୍କଜ ସର୍ବାଧିକ ୨୫ ରନ୍ କରିଥିଲେଦ୍। ୪୪ ରନର ବିଜୟ ଲକ୍ଷ୍ୟକୁ ଟେନିସ ଷ୍ଟାର ମାତ୍ର ୪.୨ ଓଭରରେ ହାସଲ କରି ନେଇଥିଲା। ଅନୁଭବ ଖଟୁଆ ମ୍ୟାଚ ବିଜୟୀ ବିସ୍ଫୋରକ ୨୮ ରନର ଇନିଂସ ଖେଳିଥିଲେ। ଟେନିସ ଷ୍ଟାର ଏକାଦଶର ବାପୁନି ମ୍ୟାନ ଅଫ୍ ଦ ମ୍ୟାଚ ଓ କେସିସିର ପଙ୍କଜ ଦାଶ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ପଙ୍କଜ ୩ ମ୍ୟାଚରୁ ସର୍ବାଧିକ ୧୦୩ ରନ କରିଥିଲେ। ଦିବାରାତ୍ର ମ୍ୟାଚରେ ଆକର୍ଷଣରେ ରହିଥିଲା ଏଲ୍‌ଇଡି ବଡ଼ ସ୍କୋର ବୋର୍ଡ। ଶର୍ଟ ଫର୍ମାଟର ଏହି କ୍ରିକେଟ ଖେଳରେ କେସିସି ଆୟୋଜନ କରିଥିଲା ଥାର୍ଡ ଅମ୍ପାୟର ସହିତ ରିପ୍ଲେ ବ୍ୟବସ୍ଥା। ସେମିଫାଇନାଲ ଓ ଫାଇନାଲର ଅନେକ ନିଷ୍ପତି ସଫଳତାର ସହିତ ଏହି ରିପ୍ଲେ ଜରିଆରେ ନିଆଯାଇଥିଲା, ଯାହାକି ସ୍ଥାନୀୟ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ଜଗନ୍ନାଥ ପ୍ରଧାନ, ସୁରେଶ ଜେନା, ସନ୍ତୋଷ ଜେନା, ଅମୃତ ପାଟଜୋଶୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ସଭାପତି ପ୍ରକାଶ ଜେନା, ଉପସଭାପତି ଅଭିଷେକ ମହାନ୍ତି, ସମ୍ପାଦକ ଅଭିଷେକ ବେହେରା, ଯୁଗ୍ମ ସମ୍ପାଦକ ଅଜୟ ସାହୁ, ସଦସ୍ୟ ଶୁଭେନ୍ଦୁ ଦାସ, ପ୍ରଭାସ ଜେନା, ଗୌରୀ ଶଙ୍କର ଉପସ୍ଥିତ ଥିଲେ।




ଚାମ୍ପିୟନ ଟେନିସ ଷ୍ଟାର ଏକାଦଶ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।



ହଲିଉଡ ଫିଲ୍ମ 'ପାଇରେଟ୍ସ ଅଫ ଦି କାରିବିଆନ'ରେ ନିଜର ସୁନ୍ଦର ଅଭିନୟ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତି ପାରିଥିବା ଅଭିନେତା ଜନି ଡେପଙ୍କ ଘରେ ନିକଟରେ ଜଣେ ଅଜଣା ବ୍ୟକ୍ତି ପଶିଯାଇଥିଲେ। ଜନିଙ୍କ ଘର ପଛରେ ଥିବା ସୁଇମିଙ୍ଗ ପୁଲ ନିକଟରେ ବ୍ୟକ୍ତି ଜଣକ ବୁଲୁଥିବା ପଡୋଶୀ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଏପରିକି ସେ ଜନିଙ୍କ ବାଥରୁମରେ ପଶି ଗାଧୋଇଥିଲେ। ପୋଲିସ ଗେଟ ଖୋଲିବାକୁ କହିବାରୁ ସେ ମନା କରିଦେଇଥିଲେ। ଫଳରେ ପୋଲିସ କବାଟ ଭାଙ୍ଗି ଭିତରେ ପଶିବା ସହ ଅଜଣା ବ୍ୟକ୍ତିଙ୍କୁ ବାହାର କରିଥିଲା। ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି।

# ସୌନ୍ଦର୍ଯ୍ୟମୟୀ ଆସାମ

**ଚା ହେଉ କି ଏକ ଶିଙ୍ଗିଆ ଗଣ୍ଡା ଅବା ବ୍ରହ୍ମପୁତ୍ର, ଏହି ସବୁ ଶବ୍ଦ ଉଚ୍ଚାରଣ ହେବା ମାତ୍ରକେ ମାନସପଟରେ ପ୍ରତିବିମ୍ବିତ ହୁଏ ଆସାମ। ଉତ୍ତର ପୂର୍ବ ଭାରତର ଏହି ରାଜ୍ୟ ଆୟତନ ଦୃଷ୍ଟିରୁ କ୍ଷୁଦ୍ର ହେଲେ ବି ଜୈବ ବିବିଧତା ଓ ନିଆରା ସଂସ୍କୃତି ଲାଗି ସ୍ୱତନ୍ତ୍ର। ଭାରତ-ବାଂଲାଦେଶ-ଭୁଟାନ ସୀମାକୁ ଲାଗି ରହିଥିବା ଏହି ରାଜ୍ୟ କେବଳ ଚା ପାଇଁ ନୁହେଁ, ଅଧିକନ୍ତୁ ଉତ୍ତମମାନର ରେଶମ, ତୈଳ ଉତ୍ପାଦନ ଲାଗି ମଧ ପ୍ରସିଦ୍ଧି ଅର୍ଜନ କରିଛି। ବିଧାନସଭା ନିର୍ବାଚନ ବିଗୁଲ୍ ବାଜିବା ପରେ ଆସାମ ରାଜନୀତି ସରଗରମ ହୋଇଉଠିଛି। ଠିକ୍ ଏତିକି ବେଳେ ଏହି ସୌନ୍ଦର୍ଯ୍ୟମୟୀ ରାଜ୍ୟର କଳା, କାରିଗରି, ସଂସ୍କୃତି କଥା ଦୋହରାଇବାରେ ଲାଗିପଡ଼ିଛନ୍ତି ରାଜନୈତିକ ଦଳ।**



**ନୂଆଦିଲ୍ଲୀ:** ଆସାମର ୧୨୬ ଆସନରେ ବିଧାନସଭା ନିର୍ବାଚନ ହେଉଛି। ୨୦୧୬ରେ ଅନୁଷ୍ଠିତ ଭୋଟରେ ଭାରତୀୟ ଜନତା ପାର୍ଟି (ଭାଜପା) ଏଠାରେ ସରକାର ଗଠନ କରିଥିଲା। ଚଳିତ ଥର ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେଉଛି। ନିର୍ବାଚନ ଆସିଲେ ଆସାମର ଗୁଣଗାନ ଆରମ୍ଭ ହୁଏ। ନିର୍ବାଚନ ସରିଗଲେ ଫିକା ପଡ଼ିଯାଏ ଅଧିକାଂଶ ପ୍ରସଙ୍ଗ। ସ୍ଥାନୀୟ ବାସିନ୍ଦା ଏବଂ ପଡ଼ୋଶୀ ରାଜ୍ୟକୁ ବାଦ୍ ଦେଲେ ଆସାମର ପ୍ରାଚୀନ ଐତିହ୍ୟ, ସଂସ୍କୃତି, ବିବିଧତା ମଧ୍ୟରେ ଏକତାକୁ ଠଉରାଇବା ଅନ୍ୟମାନଙ୍କ ପକ୍ଷେ ସହଜ ନୁହେଁ। ତଥାପି ନିଜ ଭିତରେ ଅନେକ ଅସମାହିତ ରହସ୍ୟକୁ ଜାବୁଡ଼ି ଧରିଥିବା ଆସାମ ପର୍ଯ୍ୟଟକଙ୍କ ପାଇଁ ସର୍ବଦା ସାଜିଛି ଆକର୍ଷଣର କେନ୍ଦ୍ରବିନ୍ଦୁ। ଅନ୍ୟପଟେ ଅନୁପ୍ରବେଶକାରୀଙ୍କ ଗଳାବାଟ ଭାବେ ଆସାମ ପରିଚିତ। ପଡ଼ୋଶୀ ଦେଶ ଭୁଟାନ ଏବଂ ବାଂଲାଦେଶ ସୀମାକୁ ଲାଗି ରହିଥିବାରୁ ଅନେକ ସମୟରେ ସେଠାକାର ନାଗରିକ ଆସାମ ଦେଇ ଭାରତରେ ପ୍ରବେଶ କରୁଛନ୍ତି। ସେମାନେ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ବିଶେଷ କରି ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ନେଇ ଏବେ ସମସ୍ୟା ବଢ଼ିବାରେ ଲାଗିଛି।

**ଚଉଡ଼ା ନଦୀ ବ୍ରହ୍ମପୁତ୍ର:** ଆସାମରେ ପ୍ରବାହିତ ବ୍ରହ୍ମପୁତ୍ର ପୃଥିବୀର ସୁନ୍ଦରତମ ନଦୀ ଭିତରୁ ଗୋଟିଏ। ଏହି ନଦୀ ତିବ୍ବତ, ଭାରତ ଏବଂ ବାଂଲାଦେଶ ଦେଇ ବଙ୍ଗୋପସାଗରରେ ପଡ଼ିଛି। ଭାରତର ସର୍ବବୃହତ୍ ଓସାରିଆ ନଦୀ ଭାବେ ପରିଚିତ ବ୍ରହ୍ମପୁତ୍ରର ଚଉଡ଼ା କେତେକ ସ୍ଥାନରେ ୧୦ କିଲୋମିଟରରୁ ଅଧିକ। ବ୍ରହ୍ମପୁତ୍ରର ଉପରି ଭାଗ ୧୮୦୦ ଶତାବ୍ଦୀରେ ଠାବ କରାଯାଇଥିଲା। ତେବେ ଏହାର ଅବଶିଷ୍ଟ ଅଂଶ ବିଷୟରେ ୧୯୦୦ ଶତାବ୍ଦୀ ବେଳକୁ ସବିଶେଷ ସୂଚନା ମିଳିଥିଲା।

**ନଦୀ ଦ୍ୱୀପ ମାଜୁଲି:** ନଦୀ ଭିତରେ ସୃଷ୍ଟି ହୋଇଥିବା ପୃଥିବୀର ସର୍ବବୃହତ୍ ଦ୍ୱୀପ ରହିଛି ଆସାମରେ, ଯାହାର ନାମ ମାଜୁଲି। ଡିବ୍ରୁଗଡ଼ ଏବଂ ଲଖିମପୁର ଜିଲା ମଧ୍ୟରେ ପ୍ରବାହିତ ବ୍ରହ୍ମପୁତ୍ର ନଦୀ ଦୁଇ ଶାଖାରେ ବିଭକ୍ତ ହୋଇଯାଇଛି। ଏହା ପରେ କିଛି ବାଟ ଗତି କରିବା ପରେ ଏହି ଦୁଇ ଶାଖା ମିଶିଯାଇଛନ୍ତି। ନଦୀ ବିଭକ୍ତ ଏବଂ ପୁନର୍ବାର ମିଶିବା ଭିତରେ ଯେଉଁ ବୃହତ୍ ଭୂଖଣ୍ଡ ରହିଛି ତାହା ହେଉଛି ମାଜୁଲି ବା ମାଜୋଲି। ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ଜଣେ ଅଧିକାରୀଙ୍କ ସର୍ବେକ୍ଷଣ ଅନୁଯାୟୀ ୧୮୫୩ରେ ଏହାର କ୍ଷେତ୍ରଫଳ ରହିଥିଲା ୧୨୪୬ ବର୍ଗ କିଲୋମିଟର। ତେବେ ପରିବର୍ତ୍ତିତ ସମୟରେ ଏହା ସଙ୍କୁଚିତ ହେବାରେ ଲାଗିଛି।



**ଦେଶର ପ୍ରଥମ ତୈଳ ଭଣ୍ଡାର:** ସାଧାରଣ ଜ୍ଞାନରେ ଅନେକ ସମୟରେ ଏକ ପ୍ରଶ୍ନ ଆସିଥାଏ 'ଭାରତର ପ୍ରଥମ ତୈଳ ଭଣ୍ଡାର କେଉଁ ସ୍ଥାନରୁ ଆବିଷ୍କୃତ ହୋଇଥିଲା। ଏହାର ଉତ୍ତର ଡିଗ୍‌ବୋଇ, ଯାହାର ଅବସ୍ଥିତି ଆସାମରେ। ଊନବିଂଶ ଶତାବ୍ଦୀରେ ଡିଗ୍‌ବୋଇ ଅଞ୍ଚଳରେ ତେଲ ଭଣ୍ଡାର ଠାବ କରାଯାଇଥିଲା। ୧୯୦୧ରେ ଏଠାରେ ଏସିଆର ପ୍ରଥମ ରିଫାଇନାରି ଆରମ୍ଭ ହୋଇଥିଲା। ଏହାକୁ ଆସାମର ତୈଳ ନଗରୀ ମଧ କୁହାଯାଏ।

**ଚା ବିନା ଅସମ୍ପୂର୍ଣ୍ଣ ପରିଚୟ:** ଚାକୁ ବାଦ୍ ଦେଲେ ଆସାମର ପରିଚୟ ଅସମ୍ପୂର୍ଣ୍ଣ। ଦେଶର ଚା ଉତ୍ପାଦନରେ ଅଗ୍ରଣୀ ଏହି ରାଜ୍ୟରେ ୮୦୦ରୁ ଊର୍ଦ୍ଧ୍ୱ ବୃହତ୍ ଏବଂ ୬୦୦୦ରୁ ଅଧିକ କ୍ଷୁଦ୍ର ବାଗାନ୍ ରହିଛି। ଏହି କ୍ଷେତ୍ର ଉପରେ ୨୦ ଲକ୍ଷ ଲୋକ ସିଧାସଳଖ ଜଡ଼ିତ। ବ୍ରହ୍ମପୁତ୍ର ଅବବାହିକାରେ ସର୍ବାଧିକ ଚା ବାଗାନ୍ ରହିଛି। ଆସାମର ଜୋରାହାଟ ବିଶ୍ୱର ଚା ରାଜଧାନୀ ଭାବେ ସୁନାମ ଅର୍ଜିଛି।

**ବିଶ୍ୱ ଐତିହ୍ୟ କାଜିରଙ୍ଗା:** ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନ ଏବଂ ମାନସ ୱାଇଲ୍ଡ ଲାଇଫ୍ ଅଭୟାରଣ୍ୟକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରାଯାଇଛି। ଗୋଲାଘାଟ ଏବଂ ନାଗାଁବ ଜିଲାରେ ପରିବ୍ୟାପ୍ତ କାଜିରଙ୍ଗା ଉଦ୍ୟାନ ଏକଶିଙ୍ଗିଆ ଗଣ୍ଡାଙ୍କ ସୁରକ୍ଷିତ ଆଶ୍ରୟସ୍ଥଳ ପାଲଟିଛି। ଏହିସ୍ଥାନ ମହାବଳ ବାଘ, ଜାତି ଜାତିକା ପକ୍ଷୀଙ୍କ ପ୍ରାକୃତିକ ଆବାସ ରୂପେ ପରିଚିତ। ପ୍ରତିବର୍ଷ ଭୟଙ୍କର ବନ୍ୟା ସମ୍ମୁଖୀନ ହେଉଥିବା କାଜିରଙ୍ଗା ପାର୍କର ସୁରକ୍ଷା ଏବେ ପ୍ରମୁଖ ପ୍ରସଙ୍ଗ ପାଲଟିଥିବାବେଳେ ଏହାର ସୁରକ୍ଷା ଲାଗି ବହୁବିଧ ପଦକ୍ଷେପ ନିଆଯାଉଛି।

**ଉତ୍କୃଷ୍ଟ ସିଲ୍କ:** ଆସାମରେ ଚା ବ୍ୟତିରେକେ ଉତ୍କୃଷ୍ଟ ଧରଣର ସିଲ୍କ ଉତ୍ପାଦନ ମଧ ହୋଇଥାଏ। ଏଠାକାର ଗୋଲ୍ଡେନ, ପାଟ ସିଲ୍କର ଚାହିଦା ଦେଶ ସମେତ ବିଦେଶରେ ମଧ ରହିଛି। କାମରୁପ ଜିଲାର ସୁଆଲକୁଚି ରାଜ୍ୟର ସିଲ୍କ କେନ୍ଦ୍ର ଭାବେ ବିବେଚିତ। ବ୍ରହ୍ମପୁତ୍ର ନଦୀର ଉତ୍ତର ପୂର୍ବ ତଟରେ ଅବସ୍ଥିତ ଏହି ସ୍ଥାନରେ ବିଭିନ୍ନ କିସମର ରେଶମ ଉତ୍ପାଦିତ ହୋଇଥାଏ।

**ରହସ୍ୟମୟ ସ୍ଥାନ ଜାଟିଙ୍ଗା:** ଆସାମରେ ରହିଛି ପୃଥିବୀର ଅନ୍ୟତମ ରହସ୍ୟମୟ ସ୍ଥାନ ଜାଟିଙ୍ଗା। ସ୍ଥାନୀୟ ଲୋକଙ୍କ ମତରେ ଏଠାରେ ଅତିଭୌତିକ ଶକ୍ତି କାମ କରୁଛି। କାରଣ ଏଠାକୁ ପ୍ରତିବର୍ଷ ହଜାର ହଜାର ପକ୍ଷୀ ଆତ୍ମହତ୍ୟା କରିବା ପାଇଁ ଆସନ୍ତି। ବଡ଼ ବଡ଼ କୋଠା, ଉଚ୍ଚତମ ସ୍ଥାନରେ ପିଟି ହୋଇ ସେମାନେ ଜୀବନ ହାରିଥାଆନ୍ତି। ବହୁ ଗବେଷଣା ସତ୍ତ୍ୱେ ଏହାର କାରଣ ଅଦ୍ୟାବଧି ଅସମାହିତ ହୋଇ ରହିଛି।




# ଏମିତି ପ୍ରେମରେ ପଡ଼ିଥିଲେ ଶିଳ୍ପା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ଶିଳ୍ପା ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ସହ ସୋସିଆଲ ମିଡିଆରେ ଅନେକ ଫଟୋ ଏବଂ ରୋମାଣ୍ଟିକ ଭିଡିଓ ମଧ ଶେୟାର କରିଛନ୍ତି। ଯାହାକୁ ପ୍ରଶଂସକମାନେ ବହୁତ ପସନ୍ଦ କରନ୍ତି। ଶିଳ୍ପା ରାଜ କୁନ୍ଦ୍ରାଙ୍କୁ ବିବାହ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ। ବର୍ତ୍ତମାନ ସେ ରାଜ କୁନ୍ଦ୍ରାଙ୍କ ସହ ଡେଟ କରିବା ସମୟର କିଛି କାହାଣୀ କହିଛନ୍ତି। ନିକଟରେ ଏକ ସଙ୍ଗୀତ ରିଆଲିଟି ଶୋ'ରେ ଜଣେ ପ୍ରତିଯୋଗୀ 'ଲାଇଫ ଇନ ଏ ମେଟ୍ରୋ' ଫିଲ୍ମର 'ଇନ ଦିନୋ ଦିଲ ମେରା' ଗୀତ ଗାଇଥିଲେ। ଏହି ଗୀତ ଶୁଣିବା ପରେ ଶିଳ୍ପା କହିଥିଲେ ଯେ, ଏହି ଗୀତ ତାଙ୍କ ପ୍ରେମ ଜୀବନ ସହିତ ଜଡିତ। ଶିଳ୍ପା କହିଛନ୍ତି, ଏହି ଫିଲ୍ମର ଶୁଟିଂ କରୁଥିଲି ଏବଂ ଲଣ୍ଡନ ମଧ ଯାଇଥିଲି। ମୁଁ ସେହି ସମୟରେ ରାଜଙ୍କୁ ଭେଟିଥିଲି। ସେ ଏହି ଗୀତକୁ ଭଲ ପାଉଥିଲେ। ମୁଁ ମଧ ଏହି ଗୀତକୁ ମୋର କଲରଟ୍ୟୁନ୍ ରଖିଥିଲି। ଯେତେବେଳେ ଏହି ଗୀତଟି ବାଜୁଥିଲା, ମୋ ମୁହଁରେ ହସ ଆସିଯାଉଥିଲା। ରାଜ ଏବଂ ଶିଳ୍ପା ପ୍ରଥମ ଥର ପାଇଁ ଦୁହେଁ ଦୁହିଁଙ୍କୁ ଲଣ୍ଡନରେ ଭେଟିଥିଲେ। ଏହା ପରେ ଶିଳ୍ପା ରାଜଙ୍କୁ ଡେଟ କରିବା ଆରମ୍ଭ କରିଥିଲେ, କିନ୍ତୁ ସେ ସେମାନଙ୍କ ଡେଟିଂ ଖବର ବାହାରକୁ ଆସିବାକୁ ଦେଇ ନ ଥିଲେ। ଶିଳ୍ପା ଏବଂ ରାଜ ୨୨ ନଭେମ୍ବର ୨୦୦୯ ରେ ବିବାହ କରି ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଥିଲେ।

# ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ଅଙ୍କିତା

**ମୁମ୍ବାଇ :** ସ୍ୱର୍ଗତ ବଲିଉଡ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ସହ ବ୍ରେକଅପ୍‌କୁ ନେଇ ମୁହଁ ଖୋଲିଛନ୍ତି ପୂର୍ବତନ ଗର୍ଲଫ୍ରେଣ୍ଡ ତଥା ବଲିଉଡ ଓ ସିରିଏଲର ଜଣାଶୁଣା ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ। ସୁଶାନ୍ତଙ୍କ ସହ ବ୍ରେକଅପ ପରେ ମନକୁ ଆତ୍ମହତ୍ୟା ଭଳି ଚିନ୍ତା ଆସୁଥିଲା ବୋଲି ଏକ ସାକ୍ଷାତକାରରେ କହିଛନ୍ତି ଅଙ୍କିତା। ମୁଁ ସୁଶାନ୍ତଙ୍କୁ ଛାଡ଼ିଛି ବୋଲି ଲୋକେ ମୋତେ କୁହନ୍ତି। ତୁମେ ଜାଣିଲ କେମିତି ? ମୋ କଥା କେହି ଜାଣି ନାହାନ୍ତି। ଏଥି ନେଇ ମୁଁ କାହାକୁ ଦୋଷ ଦେଉନାହିଁ। କ୍ୟାରିୟରକୁ ପ୍ରାଧାନ ଦେବା ସହ ରିଲେଶନଶିପ୍‌ରୁ ଚାଲି ଯାଇଥିଲେ ସୁଶାନ୍ତ। ଏହାପରେ ମୁଁ ପୂରା ଭାଙ୍ଗି ପଡ଼ିଥିଲି। କାହା ସହ କଥା ହେଉ ନ ଥିଲି। ସେତେବେଳେ ବୋଧ ହୁଏ ମୁଁ ଜୀବନ ଶେଷ କରିବାକୁ ଚାହୁଁଥିଲି ବୋଲି ଅଙ୍କିତା କହିଛନ୍ତି। ସୁଶାନ୍ତ ଓ ଅଙ୍କିତା ଲୋକପ୍ରିୟ ଟିଭି ଶୋ 'ପବିତ୍ର ରିସ୍ତା' ଶୁଟିଂବେଳେ ପରସ୍ପରକୁ ଭେଟିଥିଲେ। ଏକାଠି କାମ କଲାବେଳେ ପ୍ରେମରେ ପଡ଼ିଯାଇଥିଲେ ଦୁହେଁ। ୬ ବର୍ଷର ରିଲେଶନଶିପ ପରେ ୨୦୧୬ରେ ଅଲଗା ହୋଇଯାଇଥିଲା ଏହି ଲୋକପ୍ରିୟ ଯୋଡ଼ି। ଅଙ୍କିତା ଏବେ ବୟଫ୍ରେଣ୍ଡ ଭିକି ଜୈନଙ୍କୁ ଡେଟ କରୁଛନ୍ତି। ଆଉ କିଛି ମିଡିଆ ରିପୋର୍ଟ ଅନୁଯାୟୀ, ଅଙ୍କିତାଙ୍କୁ 'ପବିତ୍ର ରିସ୍ତା'ର ସିକ୍ୱେଲରେ ଦେଖିବାକୁ ମିଳିପାରେ।


K.G. Saraff Public School
Khariar Road, Dist- Nuapada

ADVERTISEMENT

Applications are invited for the admission of the eligible candidates in class-I under the RTE Act-(2009) for the session 2021-22 till 20-04-2021
Contact under mentioned phone numbers or apply through https://www.rteparadarshi.odisha.gov.in

Contact No.- 8018371030
8763102388

Principal
K.G. S.P. School,
Khariar Road


# ଘୁଷୁରି ଆଙ୍କୁଛି ଚିତ୍ର



ୱାଶିଂଟନ୍: ଚିତ୍ର ଆଙ୍କି ଚର୍ଚ୍ଚାକୁ ଆସିଛି ଏକ ଘୁଷୁରି। ଏହି ଘୁଷୁରି ବ୍ରିଟେନର ପ୍ରିନ୍ସ ହ୍ୟାରିଙ୍କ ଚିତ୍ର ଆଙ୍କିଥିଲା। ନିକଟରେ ପ୍ରିନ୍ସ ହ୍ୟାରିଙ୍କ ପେଣ୍ଟିଂ ସ୍ପେନର ଜଣେ ବ୍ୟକ୍ତି ୨.୩୬ ଲକ୍ଷ ଟଙ୍କାରେ କିଣିଛନ୍ତି। ଘୁଷୁରି ପିଗ୍‌କାସୋ ଆଙ୍କିଥିବା ଚିତ୍ରରୁ ମାଲିକ ଜୋନ୍ ଲେଫସନ୍ ଏପର୍ଯ୍ୟନ୍ତ ୫୦ ଲକ୍ଷ ୨୩ ହଜାର ଟଙ୍କା ରୋଜଗାର କରିଛନ୍ତି। ଏହି ଘୁଷୁରିର ମାଲିକର ନାମ ଜୋନ ଲେଫସନ। ପିଗ୍‌କାସୋ ଏବଂ ଜୋନ୍ ଲେଫସନ୍ ଦକ୍ଷିଣ ଆଫ୍ରିକାରେ ରୁହନ୍ତି। ଏକ ରିପୋର୍ଟ ଅନୁଯାୟୀ, ଘୁଷୁରି ଆଙ୍କୁଥିବା ଚିତ୍ରରୁ ଜୋନ ଯାହା ରୋଜଗାର କରନ୍ତି ଏଥିରେ ସେ ଅନ୍ୟ ପଶୁମାନଙ୍କର ଯତ୍ନ ନିଅନ୍ତି। ପିଗ୍‌କାସୋ ଏହା ପୂର୍ବରୁ ବ୍ରିଟେନର ରାଣୀ ଏଲିଜାବେଥ୍‌ଙ୍କ ଚିତ୍ର ମଧ ତିଆରି କରିଥିଲା। ଯାହାକି ୨ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲା। ଜୋନ ଲେଫସନ ପିଗ୍‌କାସୋକୁ ଏକ ଅବଟୋଏରରୁ ଘରକୁ ଆଣିଥିଲେ। ବହୁତ କମ ଲୋକ ଜାଣନ୍ତି ଯେ, ଘୁଷୁରି ସ୍ମାର୍ଟ ଏବଂ ବୁଦ୍ଧିମାନ ଗୃହପାଳିତ ପଶୁମାନଙ୍କ ମଧ୍ୟରୁ ଗୋଟିଏ। ଏହା ଏକ ଗୃହପାଳିତ ପଶୁ। ଯାହାକୁ ତାଲିମ ଦିଆଯାଇପାରିବ।

## ଦୁଃଖୀ ସ୍ୱାମୀଙ୍କୁ ଉପରକୁ ଡାକିଲେ ଭଗବାନ

ହର୍ଷ ଗୋୟେଙ୍କା ସୋସିଆଲ ମିଡିଆରେ ଏକ ମଜାଦାର ଭିଡିଓ ଶେୟାର କରିଛନ୍ତି। ଏଥିରେ ଜଣେ ବ୍ୟକ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ନିକଟରେ ମନ ଦୁଃଖରେ ବସି ପ୍ରାର୍ଥନା କରୁଛନ୍ତି। ଏହା ପରେ ଉପରୁ ଏମିତି ଶବ୍ଦ ଆସୁଛି ଯାହା ଶୁଣି ସେ ଭୟରେ ଦୌଡ଼ି ପଳାଉଛନ୍ତି। ହର୍ଷ ଶେୟାର କରିଥିବା ଭିଡିଓରେ ବ୍ୟକ୍ତି ଜଣକ ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ନିକଟରେ ବସି ହାତ ଯୋଡ଼ି କହୁଛନ୍ତି, ହେ ପ୍ରଭୁ, ବିମୁଦ୍ରୀକରଣରେ ବହୁ କ୍ଷତି ହେଲା, ଜିଏସ୍‌ଟିରେ ବହୁତ ଅସୁବିଧା, ପେଟ୍ରୋଲ ଦର ବି ବଢ଼ିଚାଲିଛି, ଶେୟାର ମାର୍କେଟ କ୍ଷତିରେ ଚାଲିଛି, ବିଦ୍ୟୁତ କର୍ମଚାରୀ ହଇରାଣ କରୁଛନ୍ତି, ଏବେ ପୁଣି ଲକ୍‌ଡାଉନ ଆରମ୍ଭ ହେଲାଣି ଏହି ସମୟରେ ସ୍ତ୍ରୀ ଘରେ ଝଗଡ଼ା କରୁଛନ୍ତି। ମୁଁ କ'ଣ କରିବି ପ୍ରଭୁ ? ଏହି ସମୟରେ କେହି ଜଣେ ଉପରୁ କହୁଛି: ଦେଖ ଭାଇ, ଏବେ କରୋନା ଚାଲିଛି, ଆସିବାର ଅଛି ତ ଉପରକୁ ଚାଲିଆ। ଏହା ଶୁଣି ବ୍ୟକ୍ତି ଜଣକ ଭୟରେ ଦୌଡ଼ି ପଳାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୧୫୦୦୦ ଲୋକ ଏହାକୁ ଦେଖିସାରିଲେଣି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଛତୁ ବହି
"ମୋ ଛତୁ ଚାଷ"
ପାଳଛତୁ ଏବଂ ଧିଙ୍ଗିରି ଛତୁ ଚାଷର ସମ୍ପୂର୍ଣ୍ଣ ପ୍ରଣାଳୀ, ରୋଗ ଲକ୍ଷଣ ଓ ତାର ସମାଧାନ, ପ୍ରଶ୍ନୋତ୍ତର ଏବଂ ମଞ୍ଜି ତିଆରିର ସମ୍ପୂର୍ଣ୍ଣ ତଥ୍ୟ ଏହି ବହିରେ ଦିଆଯାଇଅଛି।
Book Cost only Rs 300/-
7477040026
Contact / WhatsApp : 8249069673
Author : Mr. Sisir Kumar Singh
For FOGGER SYSTEM & HUMIDIFIER please contact with above number
Also available at AMAZON, type Mo Chhatu Chasa

ରାହୁଲ କର୍ପୋରେଶନ
4G ଏବଂ 5G ମୋବାଇଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ଛାତ/କ୍ଷେତ ଆବଶ୍ୟକ, ଅଗ୍ରିମ-65 ଲକ୍ଷ, ଭଡ଼ା 45000/-
କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
#9451882120

SRIRAM FINANCE
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 2% ସୁଧ ଓ 20% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8428798965

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଇପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand


ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, ଗଜପତି, ମାଲକାନଗିରି ଜିଲାର କେତେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ଆସିପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୮ | ୨୪.୦ |
| ଚାନ୍ଦବାଲି | ୩୮.୨ | ୨୩.୪ |
| କଟକ | ୩୯.୦ | ୨୩.୫ |
| ପାରାଦୀପ | ୩୪.୨ | ୨୫.୪ |
| ଭୁବନେଶ୍ୱର | ୪୦.୨ | ୨୫.୦ |
| ଗୋପାଳପୁର | ୩୪.୪ | ୨୪.୬ |
| ପୁରୀ | ୩୩.୦ | ୨୬.୪ |
| ଅନୁଗୋଳ | ୩୯.୫ | ୨୨.୬ |
| ବାରିପଦା | ୩୯.୪ | ୨୩.୦ |
| ଝାରସୁଗୁଡ଼ା | ୩୮.୬ | ୨୦.୪ |
| କେନ୍ଦୁଝର | ୩୭.୦ | ୨୧.୨ |
| ସମ୍ବଲପୁର | ୩୯.୮ | ୨୧.୩ |
| ସୁନ୍ଦରଗଡ଼ | ୩୭.୦ | ୧୯.୦ |
| ହୀରାକୁଦ | ୩୯.୪ | ୨୦.୩ |
| ତାଳଚେର | ୩୯.୪ | ୨୨.୫ |
| ଭବାନୀପାଟଣା | ୩୯.୦ | ୨୦.୨ |
| ବଲାଙ୍ଗୀର | ୩୮.୮ | ୨୧.୨ |
| କୋରାପୁଟ | ୩୫.୦ | ୧୮.୦ |
| ଫୁଲବାଣୀ | ୩୮.୦ | ୧୬.୫ |
| ଟିଟିଲାଗଡ଼ | ୩୯.୫ | ୨୨.୩ |
| ମାଲକାନଗିରି | ୩୯.୦ | ୨୨.୫ |
| ସୋନପୁର | ୩୮.୬ | ୨୧.୨ |
| ଦାରିଙ୍ଗିବାଡ଼ି | ୩୫.୦ | ୧୮.୦ |
| ନୟାଗଡ଼ | ୩୯.୬ | ୨୩.୦ |
| ବୌଦ୍ଧ | ୪୧.୦ | ୧୯.୦ |
| ଛତ୍ରପୁର | ୩୪.୫ | ୨୩.୦ |
| ପାରଳାଖେମୁଣ୍ଡି | ୩୫.୦ | ୨୩.୫ |
| ରାୟଗଡ଼ା | ୩୫.୮ | --- |

ଡିଗ୍ରୀ ସେଲ୍‌ସିୟସ୍


ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ମନୋରମା ନାୟକ
(ଶିକ୍ଷୟିତ୍ରୀ)
ରେମୁଁଆ, ତାଳଚେର
ଆବିର୍ଭାବ: ୧।୧।୧୯୬୬
ତିରୋଧାନ: ୨୭।୦୨।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୦୩୦୬

ଫ୍ୟାଶନ

# ଶିମରି ଟ୍ରେଣ୍ଡ୍

ପାର୍ଟିକୁ ଗଲାବେଳେ ସାଧାରଣତଃ କେଉଁଭଳି ଡ୍ରେସ୍ ପିନ୍ଧିବେ ସେଥିପାଇଁ ସମସ୍ତେ ଦ୍ୱନ୍ଦ୍ୱରେ ପଡିଥାନ୍ତି। ତେବେ ନାଇଟ୍ ପାର୍ଟି ଯାଉଥିଲେ ଆପଣ ଶିମରି ଡ୍ରେସ୍‌କୁ ଆପଣାଇ ପାରିବେ। ଆଜିକାଲିର ଫ୍ୟାଶନ ଟ୍ରେଣ୍ଡରେ ବିଭିନ୍ନ ପ୍ରକାରର ଶିମରି ଡ୍ରେସ୍ ଆଉ ଶାଢି ପିନ୍ଧିପାରିବେ।

**ଶିମରି ଗାଉନ–** ନାଇଟ୍ ପାର୍ଟି



ଯାଉଥିଲେ ଶିମରି ଗାଉନ ବହୁତ ସୁନ୍ଦର ଲାଗିବ। ବଡି ଫିଟ୍ ଶିମରି ଗାଉନ ପିନ୍ଧି ଆପଣ ପାର୍ଟିରେ ବେଶ୍ ସୁନ୍ଦର ଦେଖାଯାଇପାରିବେ।

**ଶିମରି ଶର୍ଟ ଡ୍ରେସ୍–** ଯଦି ଆପଣ ଲମ୍ବା ଗାଉନ ପିନ୍ଧିବାକୁ ଚାହୁଁନାହାନ୍ତି ତେବେ ଶିମରି ଶର୍ଟ ଡ୍ରେସ୍ ବି ପିନ୍ଧିପାରିବେ। ବିଭିନ୍ନ ରଙ୍ଗର ଆଉ ବିଭିନ୍ନ ରେଞ୍ଜରେ ଏହି ଶର୍ଟ ଡ୍ରେସ୍ ବଜାରରେ ମିଳିପାରୁଛି।

**ଶିମରି ସ୍କର୍ଟ–ଲେହେଙ୍ଗା–** ପାର୍ଟିରେ ଯଦି ଆପଣ ଇଣ୍ଡୋ–ୱେଷ୍ଟର୍ନ ପିନ୍ଧିବାକୁ ଚାହୁଁଛନ୍ତି ତେବେ ଶିମରି ଲେହେଙ୍ଗା କିମ୍ବା ଶିମରି ସ୍କର୍ଟ ପିନ୍ଧିପାରିବେ। ସିଙ୍ଗଲ କଲର ବ୍ଲାଉଜ ସହିତ ଏହି ଡ୍ରେସ୍ ବହୁତ ସୁନ୍ଦର ଲାଗିବ।

**ଶିମରି ଶାଢ଼ି–** ଶିମରି ଶାଢ଼ି ବି ଏବେ ପାର୍ଟିରେ ନୂଆ ଟ୍ରେଣ୍ଡ ହୋଇପାରିଛି। ସେଲିବ୍ରିଟିମାନେ ବି ଶିମରି ଶାଢ଼ି ପିନ୍ଧି ପାର୍ଟି ଯାଉଥିବା ଦେଖିବାକୁ ମିଳୁଛି। ତେଣୁ ଯେକୌଣସି ରଙ୍ଗର ଶିମରି ଶାଢ଼ି ପିନ୍ଧି ଆପଣ ଫ୍ୟାଶନ ଟ୍ରେଣ୍ଡରେ ନିଜକୁ ସାମିଲ କରିପାରିବେ।



ସୌନ୍ଦର୍ଯ୍ୟ

# ଘରେ କରନ୍ତୁ ପ୍ରାକୃତିକ ରଙ୍ଗ



ରାସାୟନିକ ରଙ୍ଗରେ ହୋଲି ଖେଳିରେ ତାହା ତ୍ୱଚାର ବହୁ କ୍ଷତି କରିଥାଏ। ତେଣୁ ପ୍ରାକୃତିକ ରଙ୍ଗରେ ହୋଲି ଖେଳନ୍ତୁ। ଆଉ ଏଥିପାଇଁ ନିଜେ ଘରେ ତିଆରି କରନ୍ତୁ ପ୍ରାକୃତିକ ରଙ୍ଗ।

**ହଳଦିଆ–**ପ୍ରାକୃତିକଭାବେ ହଳଦିଆ ରଙ୍ଗ ତିଆରି କରିବା ପାଇଁ ଏକ ଭାଗ ହଳଦୀରେ ଦୁଇ ଭାଗ ବେସନ ମିଶାଇ ଅବିର ଭଳି ରଙ୍ଗ ତିଆରି କରନ୍ତୁ। ଏହା ବ୍ୟତୀତ ଗେଣ୍ଡୁ ଫୁଲ ଏବଂ ଡାଲିଆ ଫୁଲକୁ ଭଲଭାବେ ଶୁଖାଇ ଗୁଣ୍ଡ କରି ହଳଦିଆ ରଙ୍ଗ ତିଆରି କରିପାରିବେ।

**ଲାଲ–**ମନ୍ଦାର ଫୁଲକୁ ଭଲ ଭାବେ ଶୁଖାଇ ଗୁଣ୍ଡ କରିଦେଲେ ଲାଲ ରଙ୍ଗ ହୋଇପାରିବ। ସେହିପରି ଚାଇନା ରୋଜ୍ ବ୍ୟବହାର କରି ବି ଲାଲ ରଙ୍ଗ କରିହେବ। ଲାଲ୍ ଚନ୍ଦନରେ ଚାଉଳ ଗୁଣ୍ଡ ମିଶାଇ ଲାଲ୍ ରଙ୍ଗ ପ୍ରସ୍ତୁତ କରିପାରିବେ। ଆପଣଙ୍କୁ ଯଦି ପାଣି ରଙ୍ଗ ପସନ୍ଦ ହୋଇଥାଏ ତେବେ ଡାଳିମ୍ବ ଚୋପାକୁ ସିଝାଇ ତାର ପାଣିକୁ ଲାଲ ରଙ୍ଗଭାବେ ବ୍ୟବହାର କରିପାରିବେ।

**ସବୁଜ–**ପାଳଙ୍ଗ, ନିମ୍ବ ଆଦି ବିଭିନ୍ନ ପ୍ରକାରର ସବୁଜ ପତ୍ରକୁ ଗୁଣ୍ଡ କରି ଏହି ରଙ୍ଗ ତିଆରି କରନ୍ତୁ। ମେହେନ୍ଦୀ ପାଉଡରରେ ମଧ୍ୟ ସବୁଜ ରଙ୍ଗ ତିଆରି କିରପାରିବେ।

**ମାଜେଣ୍ଟା–**ବିଟ୍‌କୁ ଛୋଟ ଛୋଟ କାଟି ତାକୁ ସାରା ରାତି ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ବିଟକୁ ଛାଣି ମାଜେଣ୍ଟା ରଙ୍ଗ ପାଇପାରିବେ।

ଖାଦ୍ୟ ରୁଚି

## ଓଟ୍‌ସ ଲଡୁ



**ଆବଶ୍ୟକ ସାମଗ୍ରୀ–**ବାଦାମ– ଅଧା କପ୍, ଓଟ୍‌ସ– ୧ କପ୍, ଗୁଡ଼– ଅଧାକପ୍, ରାଶି– ୧ ଚାମଚ

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ କଡ଼ାଇ ଗରମ କରି ସେଥିରେ ବାଦାମକୁ ଭାଜି ଦିଅନ୍ତୁ। ଭଲଭାବେ ବାଦାମ ଭାଜି ହୋଇଗଲା ପରେ ତାକୁ ଥଣ୍ଡା କରି ଚୋପା ଛଡ଼ାଇ ଦିଅନ୍ତୁ। ଏହାପରେ ବାଦାମକୁ ଗ୍ରାଇଣ୍ଡରରେ ଅଧା ଅଧା ଖଣ୍ଡ କରି ରଖନ୍ତୁ। ରାଶିକୁ ମଧ୍ୟ କଡେଇରେ ଭାଜି ଅଲଗା ରଖନ୍ତୁ। ଏବେ ଓଟ୍‌ସକୁ ମଧ୍ୟ ଅଳ୍ପ ବାଦାମୀ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏହାପରେ କଡେଇ ଗରମ କରି ସେଥିରେ ଗୁଡ଼ ଏବଂ ପାଣି ଢାଳନ୍ତୁ। ଗୁଡ଼ ଭଲଭାବେ ମିଶାଗଲା ପରେ ସେଥିରେ ସମସ୍ତ ସାମଗ୍ରୀ ପକାଇ ଭଲଭାବେ ଗୋଳାନ୍ତୁ। ସବୁ ସାମଗ୍ରୀ ଯେତେବେଳେ ପରସ୍ପର ସହ ମିଶି ଅଠାଳିଆ ହୋଇଯିବ ସେତେବେଳେ ମିଶ୍ରଣକୁ ଥାଳିକୁ ବାହାର କରି ଥଣ୍ଡା କରି ଦିଅନ୍ତୁ। ଏବେ ମିଶ୍ରଣକୁ ଲଡୁ ଭଳି ଆକାର ଦିଅନ୍ତୁ।



# ନାରୀ ଓ ରଙ୍ଗ



**ରଙ୍ଗ ଓ ଭାବକୁ ନେଇ ସାରା ଜୀବନ ଜିଏଁ ନାରୀଟିଏ। କେତେବେଳେ ସେ ରଙ୍ଗ ମୁହଁର ଅବିର ତ କେତେବେଳେ ସିନ୍ଥିର ସିନ୍ଦୂର। ପୁଣି କେତେବେଳେ ପାଦର ଅଳତା ତ ହାତର ବକ୍ରା। ମେହେନ୍ଦୀ ହେଉ କି ହଳଦୀ, ରଙ୍ଗ ବିନା ନାରୀ ପାଇଁ ସଂସାର ଫିକା...**

ଇତିହାସ କହେ ରଙ୍ଗଖେଳର ସୃଷ୍ଟି ନାରୀଙ୍କୁ ନେଇ। ବୃନ୍ଦାବନ କେଳିକୁଞ୍ଜରେ ସଖୀ ମାନଙ୍କୁ ରଙ୍ଗରେ ଜଡ଼ାଇ ପିଚକାରିରେ ଭିଜାଇ ମହାଭାବରେ ପ୍ଲାବିତ କରୁଥିଲେ ଭାବ ବିନୋଦିଆ। ଉଦ୍ଦେଶ୍ୟ ଥିଲା ପରିଚୟର ବନ୍ଧନକୁ ଡେଇଁ ସେ ଓ ମୁଁ ଏକ ବୋଲି ପ୍ରମାଣିତ କରିବା। ସେହି ରଙ୍ଗ ଓ ଭାବକୁ ନେଇ ସାରା ଜୀବନ ଜିଏଁ ନାରୀଟିଏ। କେତେବେଳେ ସେ ରଙ୍ଗ ମୁହଁର ଅବିର ତ କେତେବେଳେ ସିନ୍ଥିର ସିନ୍ଦୂର। ପୁଣି କେତେବେଳେ ପାଦର ଅଳତା ତ ହାତର ବକ୍ରା। ମେହେନ୍ଦୀ ହେଉ କି ହଳଦୀ, ରଙ୍ଗ ବିନା ନାରୀ ପାଇଁ ସଂସାର ଫିକା। ତେଣୁ ରଙ୍ଗର ମହୋତ୍ସବରେ ନାରୀଟିଏ ନିଜକୁ ନ ହଜେଇବ ବା କେମିତି ?

ଦିଗ୍‌ବଳୟରେ ନବପଲ୍ଲବର ସବୁଜିମା। ଦିଗନ୍ତରେ କୃଷ୍ଣଚୂଡ଼ାର ଲାଲିମା। ମୃଦୁମନ୍ଦ ପବନରେ ମଳୟର ଗନ୍ଧ। ସବୁରି ହୃଦୟରେ ବସନ୍ତର ପରଷ। ଏସବୁରୁ ଆଭାସ ମିଳୁଛି ଫଗୁଣ ଆସିଛି। ପରିବେଶର ଏତେସବୁ ରଙ୍ଗ ମନକୁ କରିଛି ରଙ୍ଗିନ। ତେଣୁ ଦେହ ବା ବାଦ୍ ଯିବ କିପରି! ଇଚ୍ଛା ହୁଏ ରଙ୍ଗ ଟିକେ ମାଖିବାକୁ, ମଖେଇ ହେବାକୁ। କାରଣ ଫଗୁଣର ଫଗୁରେ କେବଳ ରଙ୍ଗ ନ ଥାଏ ଭରିଥାଏ ଆତ୍ମୀୟତାର ସ୍ପର୍ଶ, ଭଲପାଇବାର ଭାବ ଆଉ ସମ୍ପର୍କର ମଧୁରତା। ରଙ୍ଗ ପରକୁ କରେ ଆପଣାର, ଅନ୍ୟକୁ କରେ ଅଭିନ୍ନ। ରଙ୍ଗ ଭୁଲାଇଦିଏ ପରିଚୟ, ହଜାଇଦିଏ ନିଜର ଅସ୍ତିତ୍ୱ। ସମସ୍ତଙ୍କ ଭିତରେ ନିଜକୁ ସାମିଲ କରି ଏକ ହୋଇଯିବାର ଭାବ ଆଣେ ଅବିର।

**ରଙ୍ଗର ବିଜ୍ଞାନ:** ସୌନ୍ଦର୍ଯ୍ୟ ପାଇଁ ନାରୀମାନେ ଅନେକ ପ୍ରକାରର ରଙ୍ଗ ବ୍ୟବହାର କରିଥାନ୍ତି। କେତେବେଳେ ତ୍ୱଚାର ବିଭିନ୍ନ ସମସ୍ୟା ଦୂର କରିବା ପାଇଁ ହଳଦୀ ବ୍ୟବହାର କରନ୍ତି ତ ପୁଣି ମେହେନ୍ଦୀରେ ବିଭିନ୍ନ ସୌନ୍ଦର୍ଯ୍ୟ ଉପଚାର କରିଥାନ୍ତି। ତେବେ ରଙ୍ଗ କରିବା ପାଇଁ ବ୍ୟବହାର ହେଉଥିବା ହଳଦୀ, ମେହେନ୍ଦୀ, ନିମ, ଅଳତା, ସିନ୍ଦୂର ଆଦି ବିଭିନ୍ନ ଦ୍ରବ୍ୟର ବୈଜ୍ଞାନିକ ଦୃଷ୍ଟିକୋଣ ବି ରହିଛି। ଏଇ ଯେମିତି ନାରୀମାନେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବା ପାଇଁ ହଳଦୀ ବ୍ୟବହାର କରିଥାନ୍ତି, କିନ୍ତୁ ହଳଦୀରେ ଆଣ୍ଟିବାୟୋଟିକ୍ ଗୁଣ ରହିଥିବାରୁ ତାହା ତ୍ୱଚାର ବିଭିନ୍ନ ଇନ୍‌ଫେକଶନ୍ ଦୂର କରିଥାଏ। ଠିକ୍ ସେହିପରି ମେହେନ୍ଦୀ ଲଗାଇବା ଦ୍ୱାରା ତ୍ୱଚା ଏବଂ କେଶର ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ପ୍ରାକୃତିକ ଉପାୟରେ ବିଭିନ୍ନ ସମୟରେ ଏଭଳି ଅନେକ ପ୍ରକାର ରଙ୍ଗ ରହିଛି, ଯାହାକୁ ବ୍ୟବହାର କରି ନାରୀମାନେ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ବିଭିନ୍ନ ରୋଗର ଚିକିତ୍ସା କରି ନିଜ ଜୀବନକୁ ବି ରଙ୍ଗିନ କରିଥାନ୍ତି।



**ରଙ୍ଗରେ ଆପଣାର କରେ:** ରଙ୍ଗ ଲଗାଇ ପରସ୍ପରର ସମ୍ପର୍କକୁ ନିବିଡ଼ କରିବା କ୍ଷେତ୍ରରେ ବି ନାରୀମାନେ ବିଶେଷ ଭୂମିକା ଗ୍ରହଣ କରିଥାନ୍ତି। ପରକୁ ଆପଣାର କରିବା ପାଇଁ ଆମ ସାମାଜିକ ଚଳଣିରେ ବିଭିନ୍ନ ପ୍ରକାର ରଙ୍ଗ ଲଗାଯାଇଥାଏ। ନାରୀମାନଙ୍କ ପର୍ବ ରଜ, କୁମାର ପୂର୍ଣ୍ଣମୀ ହେଉ ଅବା ବନ୍ଧୁଘରକୁ ବୁଲି ଆସିବାବେଳେ ହେଉ ପାଦରେ ଅଳତା ଲଗାଇବାର ଏକ ବିଶେଷ ପରମ୍ପରା ରହିଛି। ନୂଆ ବୋହୂଟିଏ ବନ୍ଧୁବାନ୍ଧବଙ୍କ ଠାରୁ ଆରମ୍ଭ କରି ସାହିପଡ଼ିଶାର ସମସ୍ତଙ୍କୁ ଅଳତା ଲଗାଇ ଆଶୀର୍ବାଦ ନେଇଥାଏ। ପାଦରେ ଅଳତା ଟିକିଏ ଲଗାଇ ଦେଇ ପରକୁ ଆପଣାର କରିବାର ଏକ ସୁଯୋଗ ପାଇଥାଏ। ବେଳେବେଳେ ଏହି ମାଧ୍ୟମରେ ଶତ୍ରୁକୁ ବି ଆପଣାର କରିହୁଏ। ତେଣୁ ପରକୁ ଆପଣାର କରିବା ଆଉ ମନର ବିଭେଦ ଦୂର କରିବା କ୍ଷେତ୍ରରେ ରଙ୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରଙ୍ଗର ପର୍ବ ହୋଲିରେ ବି ନୂଆବୋହୂଟିଏ ବିଭିନ୍ନ ସମ୍ପର୍କର ମଧୁରତାକୁ ଅନୁଭବ କରି ବିଭିନ୍ନ ରଙ୍ଗର ଅବିର ଖେଳ ଖେଳିଥାଏ।

**ପୂରା ପରିବାରକୁ ରଙ୍ଗିନ କରିପାରେ–**

ବିନା ରଙ୍ଗରେ ନାରୀ ଅଧୂରା। ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି ନାରୀ ଜୀବନ ସହ ରଙ୍ଗର ସମ୍ପର୍କ। କହିବାକୁ ଗଲେ ତା' ଜୀବନ ହିଁ ରଙ୍ଗିନ। ନାରୀଟିଏ ହିଁ ପୂରା ପରିବାରକୁ ବିଭିନ୍ନ ରୂପରେ ରଙ୍ଗିନ କରିଥାଏ। ସେଇଥିପାଇଁ ତ ତା' ଜୀବନ ଯେତେବେଳେ ଦୁଃଖମୟ ହୋଇଯାଏ କହନ୍ତି ଜୀବନ ରଙ୍ଗହୀନ ହୋଇଗଲା। ରଙ୍ଗ ସହ ତା'ର ଆବେଗର ବି ସମ୍ପର୍କ ରହିଛି। ସେଥିପାଇଁ ତ ନାରୀର ବେଶଭୂଷାକୁ ଦେଖିଲେ ହିଁ ଜଣା ପଡ଼ିଯାଏ କି କୌଣସି ପୂଜାପର୍ବରେ ସେ ସାମିଲ ହେଉଛି ଅବା କୌଣସି ସାଂସ୍କୃତିକ ଉତ୍ସବରେ। ସେ ଯେତେବେଳେ ଶୁଭକାମ କରେ ହଳଦୀ ରଙ୍ଗ ଟିକିଏ ଲଗାଇଥାଏ। ଠିକ୍ ସେମିତି ନାଲି ଅଳତା ଓ ସିନ୍ଦୂର ବି ତା' ପାଇଁ ସୌଭାଗ୍ୟର ସଙ୍କେତ ଦେଇଥାଏ। ଆଉ ସ୍ୱାଗତ କରିବା ପାଇଁ ସେ ବିଭିନ୍ନ ରଙ୍ଗର ଟିକା ଲଗାଇଥାଏ। ରଙ୍ଗ ସହିତ ତା'ର ଅନେକ ସ୍ମୃତି ରହିଥାଏ। ସେଥିପାଇଁ ତ ନାରୀର ମନ ରଙ୍ଗିନ ଥିଲେ ପୂରା ପରିବାର ବି ରଙ୍ଗିନ ହୋଇଥାଏ।

*– ଆସିଷ୍ଟାଣ୍ଟ ପ୍ରଫେସରକଳ୍ପନା ସାହୁ, ମନସ୍ତତ୍ତ୍ୱବିତ୍, ଜାଭିଅର ୟୁନିଭର୍ସିଟି*



ଆସିଷ୍ଟାଣ୍ଟ ପ୍ରଫେସର କଳ୍ପନା ସାହୁ
ମନସ୍ତତ୍ତ୍ୱବିତ୍



ସଂଯୁକ୍ତା ଦାସ, ଗୃହିଣୀ

**ସାବଧାନତା**


ରଙ୍ଗର ପର୍ବ ହେଉ ଅବା ଯେକୌଣସି ସମୟରେ ରଙ୍ଗ ବ୍ୟବହାର କରିବା ପୂର୍ବରୁ ବିଭିନ୍ନ ପ୍ରକାର ସାବଧାନତା ଅବଲମ୍ବନ କରନ୍ତୁ। ବିଶେଷକରି ପ୍ରାକୃତିକ ଉପାୟରେ ପ୍ରସ୍ତୁତ ରଙ୍ଗ ବ୍ୟବହାର କରନ୍ତୁ। ତେବେ ରାସାୟନିକ ରଙ୍ଗ ବ୍ୟବହାର କରିବା ପୂର୍ବରୁ ପ୍ରଥମେ ତାହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଅଛି କି ନାହିଁ ଭଲ ଭାବରେ ପରୀକ୍ଷା କରନ୍ତୁ।

**ପ୍ରାକୃତିକ ରଙ୍ଗ ବ୍ୟବହାର କରେ**

ମୁଁ ପିଲାମାନଙ୍କୁ ହୋଲି ଖେଳିବା ସମୟରେ କୌଣସି ରାସାୟନିକ ରଙ୍ଗ ବ୍ୟବହାର କରିବାକୁ ଦିଏନି ଏବଂ ଅନ୍ୟ ସମସ୍ତଙ୍କୁ ବି ଅବିରରେ ହୋଲି ଖେଳିବାକୁ ପରାମର୍ଶ ଦିଏ। ଛୋଟ ପିଲାମାନଙ୍କର ସ୍କିନ ଖରାପ ହେଇଯିବ, ସେଥିପାଇଁ ଘରକୁ କେବଳ ଅବିର ହିଁ କିଣା ହୋଇ ଆସେ। ଆମେ ସାଙ୍ଗମାନେ ବି ହୋଲି ଖେଳିବାକୁ ଗଲେ କେବଳ ଅବିର ହିଁ ବ୍ୟବହାର କରୁ। ତା'ଛଡ଼ା ଏବେ ପ୍ରାୟ ସମସ୍ତେ ସଚେତନ ହେଲେଣି। ସେଥିପାଇଁ ଆଉ କେହି ବୋଧହୁଏ ରାସାୟନିକ ରଙ୍ଗ ବ୍ୟବହାର କରୁନାହାନ୍ତି।

*–ସଂଯୁକ୍ତା ଦାସ, ଗୃହିଣୀ, ନୟାପଲ୍ଲୀ ବ୍ରିଟ କଲୋନୀ, ଭୁବନେଶ୍ୱର*





# ଭାବନାତ୍ମକ ବିକାଶ ଜରୁରୀ

**ପିଲାଙ୍କୁ ଇଣ୍ଟେଲିଜେଣ୍ଟ କରିବା ପାଇଁ ସମସ୍ତେ ଗୁରୁତ୍ୱ ଦେଇଥାନ୍ତି, କିନ୍ତୁ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଭାବନାତ୍ମକ ମୂଲ୍ୟବୋଧ ରହିବା ବି ଜରୁରୀ। ତେଣୁ ଏସବୁ ଦୃଷ୍ଟିରୁ ସେମାନଙ୍କୁ ଛୋଟବେଳୁ ବିଭିନ୍ନ ବିଷୟରେ ଶିକ୍ଷା ଦିଅନ୍ତୁ...**





- ଘରେ ବିଭିନ୍ନ ଗୃହପାଳିତ ପଶୁ ରଖନ୍ତୁ ଏବଂ ପିଲାଙ୍କୁ ସେମାନଙ୍କ ଯତ୍ନ ନେବାକୁ କୁହନ୍ତୁ। ପିଲାମାନେ ଖୁବ୍‌ଶୀଘ୍ର ପଶୁପକ୍ଷୀଙ୍କ ପ୍ରତି ଆକୃଷ୍ଟ ହୋଇଥାନ୍ତି। ତେଣୁ ସେମାନଙ୍କ ସମ୍ବେଦନଶୀଳତା ବୃଦ୍ଧି ପାଇଥାଏ।
- ବାଡିବଗିଚା କିମ୍ବା ବାଲ୍‌କୋନିରେ କିଛି ଗଛ ଲଗାଇ ପିଲାଙ୍କୁ ସେସବୁର ଯତ୍ନ ନେବା ପାଇଁ କୁହନ୍ତୁ। ନିଜ ହାତରେ ଲଗାଇଥିବା ଗଛ ଦେଖି ପିଲାମାନେ ଖୁସି ହେବା ସହିତ ପ୍ରକୃତିପ୍ରେମୀ ହୋଇପାରିବେ।
- ପିଲାଙ୍କ ମନରେ ଆସ୍ଥା ଓ ବିଶ୍ୱାସ ସୃଷ୍ଟି କରାନ୍ତୁ। ଈଶ୍ୱରଙ୍କ ପ୍ରତି ଆସ୍ଥା ରହିଲେ ପିଲାମାନଙ୍କ ମନରେ ସକାରାତ୍ମକ ଚିନ୍ତା ବୃଦ୍ଧି ପାଇବ। ଈଶ୍ୱର ସବୁ ଦେଖୁଛନ୍ତି ଭାବି ସେମାନେ ଭୁଲ୍ କାମ କରିବେ ନାହିଁ।
- ପିଲାଙ୍କୁ ବିଭିନ୍ନ ପ୍ରକାରର ପ୍ରେରଣାମୂଳକ ଗପ କୁହନ୍ତୁ। ଗପ ମାଧ୍ୟମରେ ପିଲାଙ୍କ ମନରେ ପ୍ରଭାବ ପଡିଥାଏ।
- ପିଲାଙ୍କୁ ଅଧିକାଂଶ ସମୟ ବୟସ୍କଙ୍କ ସହ ରହିବା ଶିଖାନ୍ତୁ। ସେମାନଙ୍କ ସହ ରହିବା ଫଳରେ ଜୀବନର ଅନେକ ଦିଗପ୍ରତି ସଚେତନ ରହିବା ସହିତ ସଂସ୍କାରମୂଳକ ଚିନ୍ତାଧାରା ସୃଷ୍ଟି କରିପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ମଙ୍ଗଳବାର, ମାର୍ଚ୍ଚ ୨୩/୨୦୨୧ Berhampur, Tuesday, March 23/ 2021

# ଭାରତକୁ ୨ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ


ପଦକ ବିଜୟୀ ଭାରତୀୟ ପ୍ରତିଯୋଗୀମାନେ।

## ଶୁଟିଂ ବିଶ୍ୱକପ୍

**ନୂଆଦିଲ୍ଲୀ, ୨୨।୩ (ପି.ଟି.)** ସ୍ଥାନୀୟ ଡକ୍ଟର କାର୍ନି ସିଂ ଶୁଟିଂ ରେଞ୍ଜରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଭାରତର ଯୁବ ଶୁଟରଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ସୋମବାର ସେମାନେ ଉଭୟ ୧୦ ମିଟର ଏୟାର ପିସ୍ତଲ ଓ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି। ସେନ୍‌ସେଶନାଲ ଯୋଡ଼ି ସୌରଭ ଚୌଧାରୀ ଓ ମନୁ ଭାକର ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫଳରେ ଆୟୋଜକ ଭାରତ ପଦକ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି। ଏହା ପୂର୍ବରୁ ଦିବ୍ୟାଂଶ ସିଂ ପନୱାର ଓ ଇଲାଭେନିଲ ଭାଲାରିଭାନ ପ୍ରଭାବୀ ପ୍ରଦର୍ଶନ ସହ ୧୦ ମିଟର ମିକ୍ସଡ ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତି ସାରିଥିଲେ। ୧୮ ବର୍ଷୀୟା ଚୌଧାରୀ ଓ ୧୯ ବର୍ଷୀୟ ଭାକର ଇରାନର ସେଭାତୋଲ୍ଲାହୀ ଓ ଜାଭେଦ ଫୋରୋଚିଙ୍କ ବିପକ୍ଷରେ ପ୍ରଥମେ ୦-୪ରେ ପଛୁଆ ଥାଇ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୧୬-୧୨ରେ ବିଜୟ ଲାଭ କରିଥିଲେ। ଏହାଥିଲା ଯୋଡ଼ିଙ୍କର ୫ମ ବିଶ୍ୱକପ୍ ମିକ୍ସଡ ଟିମ୍ ସ୍ୱର୍ଣ୍ଣ ପଦକ। ଏହି ଇଭେଣ୍ଟରେ ଭାରତର ଯଶସ୍ୱିନୀ ସିଂ ଦେଶୱାଲ ଓ ଅଭିଷେକ ବର୍ମା ବ୍ରୋଞ୍ଜ ପଦକ ଲାଭ କରିଥିଲେ। ସେମାନେ ତୁର୍କୀର ସେଭାଲ ଇଲେଡା ତରହାନ ଓ ଇସ୍‌ମାଇଲ କେଲେସଙ୍କୁ ୧୭-୧୩ରେ ପରାସ୍ତ କରିଥିଲେ। ପୂର୍ବରୁ ସକାଳେ ୨୧ ବର୍ଷୀୟା ଇଲାଭେନିଲ ଓ ୧୮ ବର୍ଷୀୟ ଦିବ୍ୟାଂଶ ୧୦ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ସ୍ୱର୍ଣ୍ଣ ଜିତିଥିଲେ। ସିନିୟର ସ୍ତରରେ ଇଲାଭେନିଲଙ୍କର ଏହା ପ୍ରଥମ ହୋଇଥିବାବେଳେ ସିନିୟର ବିଶ୍ୱକପ୍‌ରେ ଦିବ୍ୟାଂଶଙ୍କ ପାଇଁ ଏହା ଚତୁର୍ଥ ହୋଇଥିଲା। ସ୍ୱର୍ଣ୍ଣ ପଦକ ମ୍ୟାଚରେ ଭାରତ ୧୬ ପଏଣ୍ଟ ସ୍କୋର କରିଥିବାବେଳେ ବିଶ୍ୱର ନମ୍ବର ୱାନ ହଙ୍ଗେରିଆନ ଯୋଡ଼ି ଇସ୍ତଭାନ ପେନି ଓ ଇସ୍‌ଜର ଡେନିସ ୧୦ ସ୍କୋର କରିବାରେ ସମର୍ଥ ହୋଇଥିଲେ। ଅନ୍ୟପକ୍ଷରେ ପୋଲାଣ୍ଡର ଆନେଟା ଷ୍ଟାନକ୍ୱିଜ୍ ଏବଂ ତୋମାଜ୍ ବାର୍ଟନିକ୍ ଯୋଡ଼ିଙ୍କୁ ୧୭-୧୫ରେ ପରାସ୍ତ କରି ଆମେରିକାର ମେରି କାରୋଲିନ୍ ଓ ଲୁକାସ କୋଜେନସ୍କି ବ୍ରୋଞ୍ଜ ପଦକ ପାଇଥିଲେ।

# ସାଇ, ଜୟ ଭାରତର ବୃହତ୍ ବିଜୟ


ମଧ୍ୟପ୍ରଦେଶ ହକି ଏକାଡେମୀ ଓ ଅଲିମ୍ପିଆନ ବିବେକ ସିଂ ହକି ଏକାଡେମୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଜାତୀୟ ଏକାଡେମୀ ମହିଳା ହକି

**ଭୁବନେଶ୍ୱର, ୨୨।୩(କ୍ରୀଡ଼ା ପ୍ରତିନିଧି)** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ହକି ଇଣ୍ଡିଆ ଜାତୀୟ ଏକାଡେମୀ ମହିଳା ହକି ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ସବ୍‌ଜୁନିୟର ବିଭାଗ ମ୍ୟାଚରେ ସାଇ ଓ ଜୟଭାରତ ଏକାଡେମୀ ବୃହତ୍ ବିଜୟ ହାସଲ କରିଛନ୍ତି। ପୁଲ୍ 'ଏ' ମ୍ୟାଚରେ ସାଇ ୧୬-୦ ଗୋଲରେ ଧ୍ୟାନଚାନ୍ଦ ହକି ଏକାଡେମୀକୁ ପରାସ୍ତ କରିଛି। ଏହି ପୁଲ୍‌ର ଅନ୍ୟ ଏକ ମ୍ୟାଚରେ ରାଉଣ୍ଡ ଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀ ୫-୩ ଗୋଲରେ ମାର୍କଣ୍ଡେଶ୍ୱର ହକି ଏକାଡେମୀକୁ ହରାଇ ଦେଇଛି। ପୁଲ୍ 'ବି'ର ଏକ ମ୍ୟାଚରେ ଜୟ ଭାରତ ହକି ଏକାଡେମୀ ୧୨-୦ ଗୋଲରେ ତାମିଲନାଡୁ ହକି ଏକାଡେମୀକୁ ହରାଇଛି। ଏହି ପୁଲ୍‌ର ଅନ୍ୟ ଏକ ମ୍ୟାଚରେ ମଧ୍ୟପ୍ରଦେଶ ହକି ଏକାଡେମୀ ୫-୦ ଗୋଲରେ ଅଲିମ୍ପିଆନ ବିବେକ ସିଂ ହକିଏକାଡେମୀକୁ ପରାସ୍ତ କରିଛି। ଜୁନିୟର ବିଭାଗର ପୁଲ୍ 'ସି' ମ୍ୟାଚରେ ଅମୃତସରର ଖାଲ୍‌ସା ହକି ଏକାଡେମୀ ୧୫-୦ ଗୋଲରେ ରାଜା କରନ ହକି ଏକାଡେମୀକୁ ହରାଇଛି। ଏହି ପୁଲ୍‌ରେ ସାଲ୍ୟୁଟ ହକି ଏକାଡେମୀ ୫-୧ ଗୋଲରେ ଧ୍ୟାନ ଚାନ୍ଦ ହକି ଏକାଡେମୀକୁ ପରାସ୍ତ କରିଛି। ପୁଲ୍ 'ଡି' ମ୍ୟାଚରେ ସାଇ ଏକାଡେମୀ ୧୦-୦ ଗୋଲରେ ଘୁମାନହୀରା ରାଇଜର୍ସ ଏକାଡେମୀକୁ ଏବଂ ଜୟ ଭାରତ ହକି ଏକାଡେମୀ ୫-୧ ଗୋଲରେ ରାଉଣ୍ଡ ଗ୍ଲାସ ପଞ୍ଜାବ ହକି ଏକାଡେମୀକୁ ହରାଇ ଦେଇଛି।

# ଓଡ଼ିଶାରୁ ଭାଗନେବେ ୧୧ ପ୍ରତିଯୋଗୀ

**ଭୁବନେଶ୍ୱର, ୨୨।୩(କ୍ରୀଡ଼ା ପ୍ରତିନିଧି):** ଜାତୀୟ ପାରା ଆଥଲେଟିକ୍ସର ୧୯ତମ ସଂସ୍କରଣ ଚଳିତମାସ ୨୪ରୁ ୨୭ ପର୍ଯ୍ୟନ୍ତ ବେଙ୍ଗାଲୁରୁର କାନ୍ତିରଭା ଏବଂ ବିଦ୍ୟାନଗର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ୧୧ ଆଥଲେଟ୍‌ଙ୍କୁ ମିଶାଇ ୧୩ ଜଣିଆ ଓଡ଼ିଶା ଦଳ ସୋମବାର ଘୋଷଣା କରାଯାଇଛି। ଆଗାମୀ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଆଥଲେଟ୍‌ମାନେ ହେଲେ ଜୟନ୍ତି ବେହେରା, ଗୋବିନ୍ଦ ଦୁବେ, ପଙ୍କଜ ଭୁଏ, ସ୍ୱାଧୀନ ମାହାର, ନିରଞ୍ଜନ ସାହୁ, ସୁଖରାମ ମାଝି, ପୁନିଲ କୁମାର ମାନସିଂ, ଅକ୍ଷୟ କୁମାର ସାହୁ, ନିକଲାସ ପ୍ରଧାନ, ଅନିଲ କୁମାର ପରିଡ଼ା, ରାଜେଶ ସାହୁ। କୋଚ୍: ବିଷ୍ଣୁ ପ୍ରସାଦ ମିଶ୍ର, ମ୍ୟାନେଜର: ବଙ୍କିମ ଚନ୍ଦ୍ର ମହାନ୍ତି। ସୋମବାର ସନ୍ଧ୍ୟାରେ ଓଡ଼ିଶା ଦଳ ବେଙ୍ଗାଲୁରୁ ଯାତ୍ରା କରିଛି। ଏହା ପୂର୍ବରୁ ପାରା ସ୍ପୋର୍ଟସ୍ ଆସୋସିଏଶନ ସଭାପତି କମଳାକାନ୍ତ ରଥ, କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଶୁଭଦର୍ଶିନୀ ବାରିକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଜଣାଇଥିଲେ।



ଜାତୀୟ ପାରା ଆଥଲେଟିକ୍ସ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।

# ଶ୍ରୀଲଙ୍କା ପ୍ରଥମ ଇନିଂସ ୧୬୯ରେ ସୀମିତ

**ନର୍ଥପଏଣ୍ଟ (ଆଣ୍ଟିଗୁଆ), ୨୨।୩ (ଏପି):** ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଶ୍ରୀଲଙ୍କା ମାତ୍ର ୧୬୯ରନରେ ଅଲଆଉଟ ହୋଇଯାଇଛି। ଅଧିନାୟକ ଦାୟିତ୍ୱରୁ ମୁକ୍ତି ପାଇବା ପରେ ଜାସନ ହୋଲ୍ଡର ଚମତ୍କାର ବୋଲିଂ କରି ଘରୋଇ ଦଳ ବ୍ୟାଟିଂରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସେ ୨୭ ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ଚଳିତ ମାସ ପ୍ରାରମ୍ଭରେ ହୋଲ୍ଡରଙ୍କ ସ୍ଥାନରେ ଅଧିନାୟକ ଦାୟିତ୍ୱ ନେଇଥିବା କ୍ରେଗ୍ ବ୍ରାଥୱେଟ୍ ଟସ୍ ଜିତିବା ପରେ ବୋଲିଂ ନିଷ୍ପତ୍ତି ନେଇଥିଲେ। ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଏହାର ଯଥାର୍ଥତା ପ୍ରମାଣ କରିବାକୁ ଯାଇ ହୋଲ୍ଡର ତାଙ୍କ ୧୭.୪ ଓଭର ବୋଲିଂରେ ଅଷ୍ଟମଥର ୫ ଉଇକେଟ ସଫଳତା ହାସଲ କରିଥିଲେ। ସାଥୀ ଖେଳାଳି କେମର ରୋଚ୍‌ଙ୍କଠାରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଥିଲା। ରୋଚ୍‌ଙ୍କ ଆରମ୍ଭ ମନ୍ଥର ରହିଥିଲା। ଦ୍ୱିତୀୟ ସେସନରେ ସେ ତାଙ୍କ ଲାଇନ୍ ଲେଣ୍ଥ ଫେରିପାଇଥିଲେ। ସେ ୪୭ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଶ୍ରୀଲଙ୍କା ଦଳର ଟପ୍ ସ୍କୋରର ଲାହିରୁ ଥିରିମାନେ ୭୦ ରନ (୧୮୦ ବଲ୍, ୪ ଚୌକା) ଓ ନିରୋସାନ ଡିକ୍‌ୱେଲା-୩୨ ରନ କରିଥିଲେ। ସୋମବାର ପୂର୍ବଦିନର ସ୍କୋର ୧୩/୦ରୁ ଖେଳ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଦିବସ ମଧ୍ୟାହ୍ନ ଭୋଜନ ସୁଦ୍ଧା ୨ ଉଇକେଟରେ ୭୨ ରନ କରିଛି।



୫ ଉଇକେଟ ହାସଲକାରୀ ଜାସନ ହୋଲ୍ଡର।

# ୟୁନିୟନ ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ

## ପ୍ରାଚୀ ମେମୋରିଆଲ କ୍ରିକେଟ

**ଭୁବନେଶ୍ୱର, ୨୨।୩(କ୍ରୀଡ଼ା ପ୍ରତିନିଧି)** ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ମ୍ୟାଚରେ ବିଜୟୀ ହୋଇ ୟୁନିୟନ ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟର ଫାଇନାଲରେ ଏହି ଦଳ ୨୭ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ୟୁନିୟନ ସ୍ପୋର୍ଟିଂ ୨୯.୫ ଓଭରରେ ୧୧୧ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ରଶ୍ମିରଞ୍ଜନ ମହାନ୍ତି ସର୍ବାଧିକ ୨୪ ରନ କରିଥିଲେ। ବିପକ୍ଷ ଦଳର ପ୍ରତୀକ ସ୍ୱାଇଁ ୩ଟି ଏବଂ ପାର୍ଥ ସାରଥି ସାହୁ ଓ ଶୁଭକାନ୍ତ ପରିଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୧୨ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ରାମେଶ୍ୱର ୨୯ ଓଭରରେ ୮୪ ରନରେ ସମସ୍ତ ଉଇକେଟ ହରାଇଥିଲା। ପାର୍ଥ ସର୍ବାଧିକ ୧୭ ରନ କରିଥିଲେ। ବିଜୟୀ ଦଳର ରାଜୀବ ଲୋଚନ ସାହୁ ଓ ରାକେଶ ସାହୁ ୩ଟି ଲେଖାଏ ଉଇକେଟ ନେଇଥିଲେ। ବ୍ୟାଟିଂ ସମୟରେ ୧୮ ରନ ଏବଂ ବୋଲିଂରେ ୩ ଉଇକେଟ ନେଇଥିବା ରାଜୀବ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ଅସିତ କୁମାର ପାଲ ଓ ଦିଲୀପ କୁମାର ସାମଲ ମ୍ୟାଚ ପରିଚାଳନା କରିଥିଲେ। ଜୟଦେବ କଲେଜ ଭାଇସ୍ ପ୍ରିନ୍ସିପାଲ ଲକ୍ଷ୍ମୀକାନ୍ତ ରାୟ, ଅଧ୍ୟାପକ ହିମାଂଶୁ ନାୟକ, ପୂର୍ବରୁ ୨୩ ବର୍ଷରୁ କମ୍ ବୟସ ବର୍ଗରେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଥିବା ସୌରଭ ଗୁପ୍ତା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କଲେଜର ସ୍ପୋର୍ଟ୍ସ ଅଫିସର ଦକ୍ଷ ବ୍ରହ୍ମା ରାଉତରାୟ, ବଲ୍ଲଭ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରାଚୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ମ୍ୟାଚ୍ ପୂର୍ବରୁ ଖେଳାଳିମାନେ ଅତିଥିଙ୍କ ଗହଣରେ।

# ପାରା ଶୁଟର ଆଭାନୀଙ୍କୁ ରୌପ୍ୟ

**ଅଲ୍ ଏନ୍ (ୟୁଏଇ), ୨୨।୩(ପି.ଟି.)** ଏଠାରେ ଚାଲିଥିବା ଅଲ୍ ଏନ୍ ଶୁଟିଂ ପାରା ସ୍ପୋର୍ଟ୍ସ ବିଶ୍ୱକପରେ ଭାରତର ଆଭାନୀ ଲେଖାରା ଚମତ୍କାର ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଆର୨- ମହିଳା ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍ଏଚ୍୧ ଫାଇନାଲରେ ଲେଖାରା କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ୟୁକ୍ରେନର ଇରିନା ଶେଟ୍‌ନିକ୍ ମାତ୍ର ୦.୩ ପଏଣ୍ଟ ଅଧିକ ପାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଶେଟନିକ୍ ୨୪୯ ପଏଣ୍ଟ ପାଇଥିବାବେଳେ ଲେଖାରା ୨୪୮.୭ରେ ରହିଥିଲେ। ''ଦେଶର ଶୁଟିଂ ପାରା ସ୍ପୋର୍ଟ୍ସ ପାଇଁ ଏହା ଏକ ବଡ଼ ମୁହୂର୍ତ୍ତ। ଜାତୀୟ ଚାମ୍ପିୟନଶିପ୍ ପରେ ଅଲ୍ ଏନ୍‌ରେ ଭାରତୀୟ ଶୁଟରମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଆମେ ସେମାନଙ୍କ ସଫଳତା ପାଇଁ ଗର୍ବିତ'' ବୋଲି ଭାରତୀୟ ପାରାଲିମ୍ପିକ୍ କମିଟି ସଭାପତି ଦୀପା ମଲିକ ପ୍ରକାଶ କରିଛନ୍ତି। ଅଲ୍ ଏନ୍‌ରେ ପ୍ରତିଯୋଗିତାର ୫ ଦିନପରେ ୟୁକ୍ରେନ୍ ପଦକ ତାଲିକାରେ ଆଧିପତ୍ୟ ବିସ୍ତାର କରିଛି। ଏହି ଦଳ ୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ପାଇଛି। ଆୟୋଜକ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ୩ ସ୍ୱର୍ଣ୍ଣ, ୧ ରୌପ୍ୟ ସହ ଦ୍ୱିତୀୟ ଏବଂ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତି ତୃତୀୟ ସ୍ଥାନରେ ରହିଛି। ୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୨୪ ଦେଶରୁ ୧୨୦ ଆଥଲେଟ୍ ଅଲ୍ ଏନ୍ ଇକ୍ୱେଷ୍ଟ୍ରେନ, ଶୁଟିଂ ଓ ଗଲ୍ଫ କ୍ଲବରେ ଅଂଶଗ୍ରହଣ କରିଛନ୍ତି।




# ଟାଙ୍ଗିଆ ଭାଙ୍ଗିବାକୁ ପଡ଼ିବ

**ଭିଭିଏସ୍ ଲକ୍ଷ୍ମଣ**

ଶନିବାର ଇଂଲଣ୍ଡ ବିପକ୍ଷ ଟି୨୦ କ୍ରିକେଟ ସିରିଜର ନିର୍ଣ୍ଣାୟକ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ ସହ ଚମତ୍କାର ପ୍ରତ୍ୟାବର୍ତ୍ତନ କରିପାରିଛି ଭାରତ। ବିଶ୍ୱର ନମ୍ବର ୱାନ ଟି୨୦ ଦଳ ବିପକ୍ଷରେ ଯେପରିଭାବେ ସେମାନେ ୩-୨ରେ ବିଜୟ ଲାଭ କଲେ ତାହା ନିଶ୍ଚୟ ଗୌରବର ବିଷୟ। ଆଗରେ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ବିଶେଷ କରି ବ୍ୟାଟିଂ ଡିପାର୍ଟମେଣ୍ଟରେ ଯେପରି ପରୀକ୍ଷଣ ଚାଲିଛି ତାହା ସ୍ୱାଗତଯୋଗ୍ୟ। ବର୍ଷର ଏହି ସମୟରେ ମ୍ୟାଚରେ କାକରର ପ୍ରଭାବ ରହିଥାଏ। ଟସ୍‌ରେ ହାରି ମଧ୍ୟ ପଛକୁ ପଛ ଦୁଇଟି ମ୍ୟାଚରେ ବିଜୟ ହାସଲ କରିବା ସହଜ କଥା ନୁହେଁ। ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରୁଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ନବାଗତମାନେ ନିର୍ଭୟରେ ଖେଳୁଛନ୍ତି। ଏଥିରୁ ବୁଝାପଡୁଛି ଆଇପିଏଲରେ କେବଳ ଦକ୍ଷତା ନୁହେଁ ଖେଳାଳିଙ୍କ ଆତ୍ମବିଶ୍ୱାସ ଓ ସ୍ୱଭାବର ବୃଦ୍ଧି ଘଟିଛି, ଯାହାକି ଶିକ୍ଷାଦାନ କିମ୍ବା ନେଟ୍ସରେ ସମ୍ଭବ ନୁହେଁ। ନିର୍ଣ୍ଣାୟକ ମ୍ୟାଚରେ ଭାରତ ଉପଯୁକ୍ତ କମ୍ବିନେଶନ ନେଇ ଖେଳିଥିଲା। ଟି୨୦ରେ ପ୍ରଥମଥର ଓପନିଂ ଯୋଡ଼ି ଭାବେ ରୋହିତ ଓ ବିରାଟଙ୍କ ଖେଳ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଏହି ଦୁଇଜଣ ବିଶ୍ୱର ଶ୍ରେଷ୍ଠ ହ୍ୱାଇଟ୍‌ବଲ ବ୍ୟାଟ୍ସମ୍ୟାନ ଭାବେ ପରିଚିତ। ମୋ ମତରେ ଭାରତ ପାଇଁ ଏହି ଓପନିଂ କମ୍ବିନେଶନ ଠିକ୍ ରହିଛି। ଆରମ୍ଭରେ ଦଳର ମୂଳଦୁଆ ସୁଦୃଢ ହୋଇପାରିଲେ ଶକ୍ତିଶାଳୀ ମିଡଲ ଅର୍ଡର ଦଳର ସ୍କୋରକୁ ସହଜରେ ଆଗେଇ ନେଇପାରିବ। ଟି୨୦ ଫର୍ମାଟରେ ରିସ୍କ ନେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ୧୫ମାସ ବ୍ୟବଧାନରେ ଭୁବନେଶ୍ୱର କୁମାର ଚମତ୍କାର ପ୍ରତ୍ୟାବର୍ତ୍ତନ କରିପାରିଛନ୍ତି। ସେ ଟାଇଟଲ ବୋଲିଂ କରିବା ସହ ଗୁରୁତ୍ୱପୂର୍ଣ୍ଣ ଉଇକେଟମାନ ନେଉଛନ୍ତି। କହିବାକୁ ଗଲେ ସେ ଏକ ଅନଭିଜ୍ଞ ବୋଲିଂ ଆକ୍ରମଣରୁ ନେତୃତ୍ୱ ନେଉଛନ୍ତି। ଯଶପ୍ରୀତ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା ସିଲେକ୍ସନ ପାଇଁ ଉପଲବ୍ଧ ହେବାମାତ୍ରେ ଟି୨୦ ଦଳ ଅଧିକ ବିପଜ୍ଜନକ ରୂପ ନେବ। ବର୍ତ୍ତମାନ ୫୦ଓଭର ଫର୍ମାଟ ଖେଳାଯିବ। ବିଶ୍ୱ ଚାମ୍ପିୟନ ଇଂଲଣ୍ଡ ଏହି ଟୁର୍‌ରେ ପ୍ରତ୍ୟାବର୍ତ୍ତନ କରିବା ଲାଗି ଆପ୍ରାଣ ଉଦ୍ୟମ କରିବ। ଭାରତ ଏହି ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଥିବ ମଧ୍ୟ। ଭାରତ ଏହାର ଗତ ତିନୋଟି ସିରିଜରେ ପ୍ରଥମ ମ୍ୟାଚରେ ପରାଜିତ ହୋଇ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇଛି। ମଙ୍ଗଳବାର ପୁଣେଠାରେ ବିଜୟ ସହ ସିରିଜ ଆରମ୍ଭ କରି ଦଳ ଏହି ଧାରାକୁ ଭାଙ୍ଗିବାକୁ ଟାର୍ଗେଟ ରଖିଥିବ ବୋଲି ମୋର ବିଶ୍ୱାସ। -(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ